# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୯/୨୦୧୮ (୧୬ ପୃଷ୍ଠା) | Bhubaneswar, Friday, November 9/ 2018 | ★★★★

୪୪ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ମହିଳା, ପୁରୁଷଙ୍କୁ ସଚେତନ କରିଛି '# ମିଟୁ': ଆୟେଶା**
'# ମିଟୁ' ଆନ୍ଦୋଳନ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିବା ପ୍ରକାଶ କରିଛନ୍ତି ଅଭିନେତ୍ରୀ ଆୟେଶା ଚୋପ୍ରା । ୦୨

୧୩ **ଆର୍‌ବିଆଇ ଗଭର୍ନରଙ୍କଠାରୁ କେନ୍ଦ୍ର ଅର୍ଥ ମନ୍ତ୍ରୀ ବଡ଼**
ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କଠାରୁ ଅର୍ଥମନ୍ତ୍ରୀ ବଡ଼। ତାଙ୍କ ମତକୁ ଗଭର୍ନର ସମ୍ମାନ ଦେଇ କାର୍ଯ୍ୟ କରିବାକୁ ହେବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ କହିଛନ୍ତି।





DADLS - 167

"ଶ୍ୱାସ ରୋଗ ପାଇଁ ବଞ୍ଚିବା କଷ୍ଟକର ହୋଇ ପଡିଥିଲା । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସହାୟତାରେ ମାଗଣାରେ ଚିକିତ୍ସିତ ହୋଇପାରୁଛି ।"

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବିନା ଦେୟରେ ଚିକିତ୍ସା ସୁବିଧା ପାଉଥିବା ତେଲରାଇ, ମାଲ୍‌କାନଗିରିର ଜଣେ ହିତାଧିକାରୀ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'

ସମସ୍ତଙ୍କ ପାଇଁ ସବୁଠି ସମୁଚିତ ସ୍ୱାସ୍ଥ୍ୟ ସେବା

@Naveen_Odisha | CMO.Odisha | @CMO_Odisha

15001/13/0374/1819


# ଭାରତୀୟ ଦଳରେ ବୀରେନ୍ଦ୍ର, ଅମିତ



ବୀରେନ୍ଦ୍ର ଲାକ୍ରା



ଅମିତ ରୋହିଦାସ

**ହକି ବିଶ୍ୱକପ୍**

ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ହକି ପାଇଁ ବଡ଼ ଖବର। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଗୁରୁବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ବୀରେନ୍ଦ୍ରଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ ହେବାକୁ ଯାଉଥିବାବେଳେ ଅମିତଙ୍କ ପାଇଁ ପ୍ରଥମ ଅନୁଭୂତି ସାଉଁଟିବାର ସମୟ ଆସିଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଥିବା ୧୮ ଜଣିଆ ଦଳର ଅଧିନାୟକ ଦାୟିତ୍ୱ ମିଡ୍‌ଫିଲ୍ଡର ମନପ୍ରୀତ ସିଂଙ୍କ ଉପରେ ନ୍ୟସ୍ତ କରାଯାଇଛି। ଚିଙ୍ଗଲେନସାନା ସିଂ କାଙ୍ଗୁଜାମ୍ ଉପଅଧିନାୟକ ମନୋନୀତ ହୋଇଛନ୍ତି। ବୀରେନ୍ଦ୍ର ଓ ଅମିତ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଓଡ଼ିଶା ହକି ମହଲରେ ସ୍ୱାଭାବିକ ଭାବେ ଆନନ୍ଦର ଲହରି ଖେଳିଯାଇଛି। ପ୍ରକାଶ ଯୋଗ୍ୟ ଯେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଏବଂ ବିଶ୍ୱକପ କ୍ୟାମ୍ପ ପାଇଁ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା। ବୀରେନ୍ଦ୍ର ଆହତ ଥିବା ଦର୍ଶା ଯାଇଥିବାବେଳେ ଅମିତଙ୍କୁ ଅଣଦେଖା କରାଯାଇଥିଲା। ଏହାକୁ ନେଇ ଧରିତ୍ରୀ ସମେତ ଓଡ଼ିଶାର ଅନେକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଅମିତ କ୍ୟାମ୍ପରେ ଟ୍ରେନିଂ ନେଉଛନ୍ତି ବୋଲି କହି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସମସ୍ତଙ୍କୁ ବିସ୍ମିତ କରିଥିଲେ। ମାତ୍ର ଏସିଆନ ଚାମ୍ପିୟନ୍ସ ଟ୍ରଫି ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। କେବଳ କୋର୍ ଗ୍ରୁପ ଖେଳାଳି ହିଁ ଚୂଡ଼ାନ୍ତ ଦଳରେ ☞ପୃଷ୍ଠା-୪

# ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ




ପୁରୀ ଅଫିସ,୮।୧୧

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେବେଳେ ଭକ୍ତ ସେଲ୍‌ଫି ଉଠାଇ ପୋଷ୍ଟ କରୁଛନ୍ତି ତ ଆଉ କେତେବେଳେ ପୋଲିସ କର୍ମଚାରୀ। ଗୁରୁବାର ପୁଣି ଏକ ଭାଇରାଲ ପଦାକୁ ଆସିଛି। କେତେଜଣ ଇସ୍କନ ଭକ୍ତ କୋଇଲି ବୈକୁଣ୍ଠ, କୀର୍ତ୍ତନ ଚକଡ଼ା, ରୋଷଘର ଆଦିର ଫଟୋକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ହେଲେ ହିତେଶ ସୋନାନୀ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ ଆକାଉଣ୍ଟରେ ☞ପୃଷ୍ଠା-୪


ବିମୁଦ୍ରୀକରଣକୁ ପୂରିଲା ୨ବର୍ଷ
**ସଫଳତା କମ୍, ବିଫଳତା ବେଶି**
........୧୩........


**ଆଜିର ସମ୍ପାଦକୀୟ**

**ପୁନଃ ଆହ୍ୱାନ**

**ଆଜିର ମନ୍ତବ୍ୟ**

" ବିମୁଦ୍ରୀକରଣ ହେଉଛି ସବୁଠାରୁ ବଡ଼ ବିଫଳ ଅର୍ଥନୈତିକ ଗବେଷଣା ।
– ଅଜିତ ପାୱାର, ଏନ୍‌ସିପି ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ରପ୍ତାନିକାରୀଙ୍କ ୮୨,୭୭୫ କୋଟି ଟଙ୍କାର ଜିଏସ୍‌ଟି ରିଫଣ୍ଡ ପ୍ରଦାନ କରାଯାଇଛି।
– ଅର୍ଥ ମନ୍ତ୍ରଣାଳୟ

■ ଦାନ୍ତେୱାଡ଼ାରେ ଲାଲ୍ ଆତଙ୍କ

# ବିସ୍ଫୋରଣରେ ୫ ନିହତ

ରାୟପୁର/ମାଲକାନଗିରି, ୮।୧୧(ପି.ଟି./ଡି.ଏନ୍.ଏ.)

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ପୁଣିଥରେ ରକ୍ତର ହୋଲି ଖେଳିଛନ୍ତି ମାଓବାଦୀ। ସେମାନଙ୍କ ଆକ୍ରମଣରେ ଜଣେ ସିଆଇଏସ୍‌ଏଫ୍ ଯବାନ ଶହୀଦ ହୋଇଥିବାବେଳେ ୪ ସାଧାରଣ ନାଗରିକ ନିହତ ହୋଇଛନ୍ତି। ବିଧାନସଭା ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ମାଓବାଦୀମାନେ ଲାଲ ଆତଙ୍କ ଖେଳାଇ ସୁରକ୍ଷା ବଳକୁ ପୁଣି ଚ୍ୟାଲେଞ୍ଜ କରିଛନ୍ତି। ୧୫ ଦିନ ମଧ୍ୟରେ ରାଜ୍ୟରେ ଏହା ହେଉଛି ତୃତୀୟ ମାଓବାଦୀ ଆକ୍ରମଣ।



ମାଓବାଦୀଙ୍କ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବସ୍।

ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୧୮ ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାନ୍ତେୱାଡ଼ାରୁ ୧୦୦ କି.ମି. ଦୂର ଜଗଦଲପୁର ଜିଲାକୁ ଶୁକ୍ରବାର ଭାଜପା ପାଇଁ ନିର୍ବାଚନ ପ୍ରଚାରରେ ଯିବେ। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ବସ୍ତର ଅଞ୍ଚଳକୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସୁଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ ମାଓବାଦୀମାନେ ରାଜଧାନୀ ରାୟପୁରରୁ ୪୫୦ କି.ମି. ଦୂରରେ ଆଇଇଡି ବିସ୍ଫୋରଣ କରି ୫ ଜଣଙ୍କ ଜୀବନ ନେଇଛନ୍ତି। ମିଳିଥିବା ସୂଚନାନୁସାରେ, ☞ପୃଷ୍ଠା-୪

**୧୫ ଦିନରେ ତୃତୀୟ ଆକ୍ରମଣ**
- ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟାର୍ଗେଟ
- ଆଇଇଡି ବିସ୍ଫୋରଣରେ ଉଡିଗଲା ବସ୍
- ସିଆଇଏସ୍‌ଏଫ୍ ଯବାନ ଶହୀଦ
- ଅନ୍ୟ ୪ ଜଣଙ୍କ ମୃତ୍ୟୁ

# ବାଳକ ଦେହରୁ ଖାଦ୍ୟ ବାହାରୁଛି

ପଟ୍ଟାମୁଣ୍ଡାଇ, ୮।୧୧ (ସ୍ୱ.ପ୍ର)

ଜଣେ ୧୨ବର୍ଷର ବାଳକଙ୍କ ଦେହରୁ ସେ ଖାଉଥିବା ଖାଦ୍ୟ ଭୁରୁଭୁରୁ ହୋଇ ବାହାରୁଛି। ଦେଖଣାହାରୀଙ୍କୁ ଏହା ଚକିତ କରିଦେଇଛି। ଏହା ଦେଖିବା ପରେ ମାଆ ବାପା ଓ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡିଛନ୍ତି। ଡାକ୍ତରୀ ଚିକିତ୍ସାରେ ଏପରି ଘଟଣା କେବେ ଘଟି ନ ଥିବା ଡାକ୍ତରମାନେ ମତ ଦେଇଛନ୍ତି। ଦେହରୁ ଖାଦ୍ୟ ବାହାରିବା ଭଳି ବିରଳ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ତରିପାଟଣା ଗାଁରେ। ଏହି ଗ୍ରାମର ଭକ୍ତପ୍ରିୟ ପଣ୍ଡାଙ୍କ ପୁଅ ଜ୍ଞାନପ୍ରକାଶ ଭୁବନେଶ୍ୱରର ଭିଏସ୍‌ଏସ୍ ନଗରରେ ରହି ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ୨ବର୍ଷ ତଳେ ଜ୍ଞାନପ୍ରକାଶଙ୍କ ଦେହ ହଠାତ୍ ଫୁଲିଯିବା ସହିତ ଭୀଷଣ କୁଣ୍ଡେଇ ହେଉଥିଲା। ତାଙ୍କ ମାଆ ନଳିନୀପ୍ରଭା ଓ ବାପା ତାଙ୍କୁ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ସମସ୍ତ ପରୀକ୍ଷା କରାଯାଇଥିଲା। ହେଲେ ତାଙ୍କ ଦେହରେ କୌଣସି ରୋଗ ନ ଥିବା ରିପୋର୍ଟରେ ବାହାରିଥିଲା। ଜ୍ଞାନପ୍ରକାଶଙ୍କ ଦେହ କୁଣ୍ଡେଇ ହୋଇ ଘା ହୋଇଯିବା



ଜ୍ଞାନପ୍ରକାଶ ପଣ୍ଡା

ଏବଂ ସେ ଖାଉଥିବା ଭାତ, ବିସ୍କୁଟ, ସେଓ, ମାଗି, କ୍ଷୀର ଆଦି ଖାଦ୍ୟ ପରବର୍ତ୍ତୀ ସମୟରେ ମୁଣ୍ଡ, ହାତ ଆଙ୍ଗୁଳି ସନ୍ଧି, ପିଠି, ଛାତି, କାନ୍ଧରୁ ଭୁରୁଭୁରୁ ହୋଇ ଲସା ଭଳି ବାହାରୁଥିବା ତାଙ୍କ ମାଆ ନଳିନୀପ୍ରଭା ଡାକ୍ତରଙ୍କୁ କହିଛନ୍ତି। ତେବେ ଏହି ବାଳକଙ୍କୁ ହୋଇଥିବା ଅଚିହ୍ନା ☞ପୃଷ୍ଠା-୪

# ଯୁବକଙ୍କୁ ଦଳିଦେଲା ଯଶୋଦା

ବନ୍ତଳା, ୮।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରିବା ପାଇଁ ଚନ୍ଦକାରୁ ଆସିଥିବା କୁମକୀ ହାତୀ ଯଶୋଦା ଆକ୍ରମଣରେ ଗୁରୁବାର ପୁରୁଣାକୋଟ ଗ୍ରାମର ସୁଦୁର ପ୍ରଧାନ (୪୫)ଙ୍କ ମୃତ୍ୟୁ ହୋଇଛି।



ଘଟଣାରୁ ପ୍ରକାଶ, ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖ ନନ୍ଦିନୀ ନାଳ ନିକଟରେ ମାହୁନ୍ତ ଯଶୋଦାକୁ ନେଇ ବାଉଁଶ ଖାଇବା ପାଇଁ ବାନ୍ଧି ଆସିଥିଲେ। ସୁଦୁର ସେହି ନାଳରୁ ମାଛ ମାରିବା ପାଇଁ ଯାଇଥିବା ବେଳେ ଏକ କଦଳି ଗଛ ହାତୀକୁ ଖୁଆଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ହାତୀ ଶୁଣ୍ଢରେ ତାଙ୍କୁ କଚାଡି ଦେବାସହ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଆଇଆଇସି ବିଜୟ କୁମାର ହାଇବ୍ରୋ, ରେଞ୍ଜର ଗଜେନ୍ଦ୍ର ବେହେରା ପ୍ରମୁଖ ପହଞ୍ଚି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ସମ୍ପର୍କୀୟ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ଗଜେନ୍ଦ୍ର ବେହେରା କହିଛନ୍ତି, ଯଶୋଦା ପାଖକୁ ଯିବା ପାଇଁ ଲୋକମାନଙ୍କୁ ପୂର୍ବରୁ ବାରଣ କରାଯାଇଥିଲା।

# ରାଜସ୍ଥାନରେ ଭାଜପା ହାରିବ

■ ଏମ୍‌ପି, ଛତିଶଗଡ଼ରେ କଡ଼ା ଟକ୍କର

ନୂଆଦିଲ୍ଲୀ,୮।୧୧

୫ ରାଜ୍ୟରେ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ସମୀକରଣ ସେତିକି ବଦଳିବାରେ ଲାଗିଛି। ଭାଜପା ଶାସିତ ୩ ରାଜ୍ୟରେ ଏହି ଦଳର ସ୍ଥିତି ଟଳମଳ ଅବସ୍ଥାରେ। ରାଜସ୍ଥାନରେ ଭାଜପା ହରିବ। ମଧ୍ୟପ୍ରଦେଶ (ଏମ୍‌ପି) ଏବଂ ଛତିଶଗଡ଼ରେ ଗୈରିକ ଦଳକୁ କଡ଼ା ଟକ୍କର ଦେବ କଂଗ୍ରେସ। ଇଣ୍ଡିଆ ଟୁଡେର ପଲିଟିକାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ପିଏସ୍‌ଇ) ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରେ ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଗୈରିକ ଦଳର ଶିବିରରେ ନୈରାଶ୍ୟ ଖେଳିଯାଇଛି। ଏହାସତ୍ତ୍ୱେ ଭାଜପା ୩ ରାଜ୍ୟକୁ ପୁନଃ ଦଖଲ କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛି।

ପିଏସ୍‌ଇ ପକ୍ଷରୁ ଗୁରୁବାର ପ୍ରକାଶିତ ସର୍ଭେ ରିପୋର୍ଟ ଅନୁସାରେ ମଧ୍ୟପ୍ରଦେଶରେ ଭାଜପା ପୁନଃ କ୍ଷମତାସୀନ ହେବାର ୫୨% ସମ୍ଭାବନା ରହିଛି। ଏହି ରାଜ୍ୟରେ ଭାଜପାର ୧% ଓ ବିରୋଧୀ କଂଗ୍ରେସର ୩% ଭୋଟ ହାର ବଢ଼ିବ। ସହରାଞ୍ଚଳରେ ଭାଜପାକୁ ବଡ଼ ସଫଳତା ମିଳିବ। କିନ୍ତୁ ଗ୍ରାମାଞ୍ଚଳ ଭୋଟର ଗୈରିକ ଦଳକୁ ପ୍ରତ୍ୟାଖ୍ୟାନ କରିବେ। ଏଥର କଂଗ୍ରେସ-ବିଏସ୍‌ପି ମେଣ୍ଟକୁ କିଛିମାତ୍ରାରେ ସଫଳତା ମିଳିପାରେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲେ ଦଳ ଆଡ଼କୁ ଅଧିକ ଯୁବ ଭୋଟର ଆକର୍ଷିତ ହୋଇଥାଆନ୍ତେ। ୪୨% ଉତ୍ତରଦାତା ଶିବରାଜ ସିଂ ଚୌହାନଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଚାହୁଁଥିବାବେଳେ ୪୦% ସରକାର ବଦଳାଇବା ସପକ୍ଷରେ ଅଛନ୍ତି। ଏମ୍‌ପି ବିଧାନସଭା ନିର୍ବାଚନରେ ବେକାରି, କୃଷି ସମସ୍ୟା, ଦରଦାମ ବୃଦ୍ଧି, ପାନୀୟ ଜଳ ଆଦି ମୁଖ୍ୟ ପ୍ରସଙ୍ଗ ବୋଲି ୨୯ ସଂସଦୀୟ ଆସନର ୧୧,୭୧୨ ମତଦାତା ଟେଲିଫୋନ୍ ସାକ୍ଷାତ୍କାରରେ କହିଛନ୍ତି।

ପଡ଼ୋଶୀ ଛତିଶଗଡ଼ କଥା ଦେଖିଲେ ଏଠାରେ ମୁଖ୍ୟମନ୍ତ୍ରୀ ରମଣ ସିଂ ପୁଣି କ୍ଷମତା ଦଖଲ କରିବା ସମ୍ଭାବନା ୫୫%। ଅଜିତ୍ ଯୋଗୀଙ୍କ ଜନତା କଂଗ୍ରେସ ଛତିଶଗଡ଼ ଏବଂ ବିଏସ୍‌ପି ମେଣ୍ଟ ନିର୍ବାଚନରେ ଭାଜପା ପାଇଁ ସହାୟକ ହେଉଥିବା ଭଳି ମନେହେଉଛି। କାରଣ ଏହି ମେଣ୍ଟ ୭% ଭୋଟ ପାଇବ। ☞ପୃଷ୍ଠା-୪

**ଇଣ୍ଡିଆ ଟୁଡେ-ପିଏସ୍‌ଇ ସର୍ଭେ**



ଅଶୋକ ଗେହଲଟ

- ତେଲେଙ୍ଗାନାରେ ପୁଣି ଜିତିବେ କେସିଆର୍
- ରାଜସ୍ଥାନରେ ଅଶୋକ ଗେହଲଟ୍ ପ୍ରଥମ ପସନ୍ଦ
- ଶିବରାଜଙ୍କୁ ଚାହାନ୍ତି ୪୨% ମଧ୍ୟପ୍ରଦେଶ ଭୋଟର
- ରମଣ ସିଂଙ୍କ ପୁନଃ କ୍ଷମତା ଦଖଲ ସମ୍ଭାବନା ୫୫%



କେ.ଚନ୍ଦ୍ରଶେଖର ରାଓ


NECC NATIONAL EGG CO-ORDINATION COMMITTEE | 08.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 64 | 111 | 121 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers

ଧରିତ୍ରୀ
DHARITRI
ଶୁକ୍ରବାର, ୯ ନଭେମ୍ବର, ୨୦୧୮



“ରାଜ୍ୟଓ୍ୱାରି ମେଣ୍ଟ ହେଲେ କଂଗ୍ରେସକୁ ଅନେକ ଫାଇଦା ମିଳିବ । ଏଥିସହିତ ଭାଜପାକୁ ପରାଜିତ କରିବା ସହଜ ହୋଇଯିବ ।
- ପି. ଚିଦାବରମ୍, ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### କାଲିଫର୍ନିଆରେ ଗୁଳିକାଣ୍ଡ: ୧୨ ନିହତ

**ଥାଉଜେଣ୍ଡ ଓକ୍ସ,୮।୧୧(ପି.ଟି.)-** ଆମେରିକାର କାଲିଫର୍ନିଆରେ ଏକ ମ୍ୟୁଜିକ୍ ବାର୍‌ରେ ଘଟିଛି ନରସଂହାର। ବୁଧବାର ବିଳମ୍ବିତ ରାତିରେ କଲେଜ ଛାତ୍ରୀଛାତ୍ର ଜମାଥିବା ଏହି ବାର୍‌କୁ ଜଣେ ବନ୍ଧୁକଧାରୀ ପ୍ରବେଶ କରି ଆଖିବୁଜା ଗୁଳିମାଡ଼ କରିଛନ୍ତି। ଏଥିରେ ୧୨ ଜଣ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ପୋଲିସ ଅଫିସର ଅଛନ୍ତି। ଲସ୍ ଏଞ୍ଜେଲସ୍ ଉପକଣ୍ଠରେ ଥିବା ବର୍ଡରଲାଇନ୍ ବାର୍‌ରେ ଆକ୍ରମଣକାରୀଙ୍କ ମୃତଦେହ ମଧ୍ୟ ମିଳିଛି। ତେବେ ପୋଲିସ ଗୁଳିମାଡ଼ରେ ସେ ପ୍ରାଣ ହରାଇଛନ୍ତି କିମ୍ବା ନିଜେ ଗୁଳିକରି ଆତ୍ମହତ୍ୟା କରିଛନ୍ତି, ତାହା ଜଣାପଡ଼ିନାହିଁ। ଏହି ଗୁଳିକାଣ୍ଡରେ ୧୦ରୁ ଊର୍ଦ୍ଧ୍ୱ ମଧ୍ୟ ଆହତ ହୋଇଛନ୍ତି ବୋଲି ଗୁରୁବାର ପୋଲିସ ସୂଚନା ଦେଇଛି। ଏହି ଆକ୍ରମଣର ଉଦ୍ଦେଶ୍ୟ କ'ଣ ଏବଂ ଗୁଳିମାଡ଼କାରୀ କିଏ, ସେ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବୁଧବାର ରାତି ପ୍ରାୟ ୧୧ଟା ୨୦ରେ ବନ୍ଧୁକଧାରୀ ଉକ୍ତ ବାର୍‌କୁ ପ୍ରବେଶ କରି ଗୁଳି ଚଳାଇଥିଲେ।

### ଆଡଭାନୀଙ୍କୁ ୯୧



**ନୂଆଦିଲ୍ଲୀ,୮।୧୧(ପି.ଟି.)-** ବର୍ଷୀୟାନ ଭାଜପା ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ ଗୁରୁବାର ୯୧ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ତାଙ୍କ ଜନ୍ମଦିନ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଅଭିନନ୍ଦନ ଜଣାଇଛନ୍ତି। ଆଡଭାନୀ କେବଳ ଭାରତର ରାଜନୀତିକୁ ପ୍ରଭାବିତ କରିଛନ୍ତି ତାହା ନୁହେଁ, ବରଂ ନିଃସ୍ୱାର୍ଥପର ଭାବେ ଭାଜପାକୁ ସଙ୍ଗଠିତ କରିଛନ୍ତି ବୋଲି ମୋଦି ଟୁଇଟ୍ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଆଡଭାନୀଙ୍କୁ ଜଣେ ମହାନ୍ ରାଜନେତା ଭାବେ ଅଭିହିତ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

### ଜିମ୍ବାୱେରେ ବସ୍ ଦୁର୍ଘଟଣା: ୪୭ ମୃତ

**ହାରାରେ,୮।୧୧(ପି.ଟି.)-** ଜିମ୍ବାୱେ ରାଜଧାନୀ ହାରାରେ ଏବଂ ପୂର୍ବାଞ୍ଚଳ ସହ ରୁସାପେ ମଧ୍ୟରେ ଏକ ଜାତୀୟ ରାଜପଥରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଦୁଇଟି ବସ୍ ଧକ୍କା ହେବା ଫଳରେ ୪୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଦେଶର ସରକାରୀ କଳ ଦ୍ୱାରା ପରିଚାଳିତ ଖବରକାଗଜ 'ହେରାଲ୍ଡ' ରିପୋର୍ଟ ଅନୁଯାୟୀ ଦୁର୍ଘଟଣାସ୍ଥଳର ଚିତ୍ର ଅତି ଭୟଙ୍କର ଥିଲା। ପ୍ରକାଶ ଯେ, ଜିମ୍ବାୱେରେ ଟ୍ରାଫିକ୍ ସମସ୍ୟା ଯୋଗୁ ଦୁର୍ଘଟଣା ଘଟିବା ନିତିଦିନିଆ କଥା। ବର୍ଷ ବର୍ଷ ଧରି ମରାମତି ହେଉ ନ ଥିବାରୁ ରାସ୍ତା ସାରା ଖାଲ ସୃଷ୍ଟି ହୋଇଛି। ତେଣୁ ଅଧିକ ସଂଖ୍ୟାରେ ଦୁର୍ଘଟଣା ଘଟୁଛି।

## ଭାରତ ଉପରେ ଡ୍ରାଗନ୍ ଆଖି

# ଲୁଟିନେବ ପ୍ରତିରକ୍ଷା ତଥ୍ୟ

**ନୂଆଦିଲ୍ଲୀ,୮।୧୧**

ଭାରତର ପ୍ରତିରକ୍ଷା ତଥ୍ୟ ଉପରେ ଆଖି ପକାଇଛି ଡ୍ରାଗନ୍। ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ପାଇଁ ସାଇବର୍ ତଥ୍ୟ ଚୋରି କରୁଥିବା ସେନାର ୟୁନିଟ୍ ୬୧୩୯୮ ସାଇବର ଆକ୍ରମଣ କରି ଭାରତୀୟ ସେନାର ବହୁ ଗୋପନୀୟ ତଥ୍ୟ ହାତେଇବାକୁ ଷଡ଼ଯନ୍ତ୍ର ରଚିଛି। ଏହି ବିଷୟ ଜଣାପଡ଼ିବା ପରେ ଭାରତର ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ଆଲର୍ଟ ଜାରି କରାଯାଇଛି।

ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନାନୁସାରେ ଚାଇନାର କୁଖ୍ୟାତ୍ ସାମରିକ ୟୁନିଟ ୬୧୩୯୮ ଭାରତୀୟ ପ୍ରତିରକ୍ଷା ଘାଟିଗୁଡ଼ିକ ଉପରେ କଡ଼ା ନଜର ରଖିଛି। ୬୧୩୯୮ରେ କାର୍ଯ୍ୟରତ ସାଇବର ହ୍ୟାକର୍‌ମାନେ ସାଇବର୍ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେମାନେ ଭୂଅବସ୍ଥିତି ଗୋଇନ୍ଦା ତଥ୍ୟ ସଂଗ୍ରହ, ସାଇବର ସ୍ପେସ୍‌ରୁ

### ୟୁନିଟ୍ ୬୧୩୯୮ର ସାଇବର ଆକ୍ରମଣ ଷଡ଼ଯନ୍ତ୍ର



ସୂଚନା ଉତ୍ସ ଟ୍ରାକିଂ ବା ଠାବ କରିବା, ଇଣ୍ଟରସେପ୍‌ଶନ (ମଝିରେ ପ୍ରତିରୋଧ କରି ଛଡ଼ାଇନେବା) ଏବଂ ବିଶ୍ୱବ୍ୟାପୀ ଡିଜିଟାଲ ଯୋଗାଯୋଗକୁ ଆୟତ୍ତ କରି ତାକୁ ବୁଝିବା ଭଳି କାମରେ ସେମାନେ ବ୍ୟସ୍ତ ଅଛନ୍ତି। ୟୁନିଟ୍ ୬୧୩୯୮ର ମୁଖ୍ୟାଳୟ ସାଂଘାଇରେ ଅବସ୍ଥିତ। ଏହାର ହ୍ୟାକରମାନେ ଚାଇନା ଗୋଇନ୍ଦା ଅଧିକାରୀଙ୍କ ସହାୟତାରେ ଗୁପ୍ତଚରଗିରି କରୁଥିବା କୁହାଯାଉଛି। ସେମାନେ ବିଦେଶୀ ଶିଳ୍ପ ଓ ସରକାରୀ ସଂସ୍ଥାଗୁଡ଼ିକର ତଥ୍ୟ ଚୋରି କରିବା ପାଇଁ ଏପିଟି ସିଷ୍ଟମ୍‌କୁ ବ୍ୟବହାର କରିଥାନ୍ତି। ୟୁନିଟ୍ ୬୧୩୯୮ ତଥ୍ୟ ଲୁଟ୍ ପାଇଁ ଆଇସ୍ ବ୍ୟାଗ୍, ହିଡେନ୍ ଲିଙ୍କ୍ସ ଏବଂ ଏପିଟି ଭଳି କେତେକ ମାଲୱେର୍ ବ୍ୟବହାର କରୁଛି। ଏଭଳି ମାଲୱେର୍ ଜରିଆରେ ସେମାନେ ଭାରତୀୟ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଲୁଟ୍ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହା ଆମ ପାଇଁ ଚିନ୍ତାର ବିଷୟ ବୋଲି ପରିଚୟ ଗୋପନ ରଖିବା ସର୍ତ୍ତରେ ଜଣେ ଭାରତୀୟ ଗୋଇନ୍ଦା ଅଧିକାରୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ପିଏଲ୍ଏର ଜେନେରାଲ୍ ଷ୍ଟାଫ୍ ଡିପାର୍ଟମେଣ୍ଟକୁ ୟୁନିଟ୍ ୬୧୩୯୮ ନାମରେ ନାମିତ କରାଯାଇଛି। ଏହା ପିଏଲ୍ଏର ପ୍ରତିରକ୍ଷା ସହାୟକ ବଳ। ତେଣୁ ଏହାକୁ ପିଏଲ୍ଏଏସ୍ଏସ୍ଏଫ୍ କୁହାଯାଏ। ଏଠାରେ ଚାଇନାର ଜାତୀୟ ପ୍ରତିରକ୍ଷା ନାମରେ ସ୍ୱତନ୍ତ୍ର ଫାଇବର ଅପ୍ଟିକ୍ କମ୍ୟୁନିକେଶନ୍ ଭିତ୍ତିଭୂମି ମଧ୍ୟ ରହିଛି। ଏସବୁକୁ ବ୍ୟବହାର କରି ଚାଇନା ପୂର୍ବରୁ ମଧ୍ୟ ଆମେରିକାର କେତେକ ସମ୍ବେଦନଶୀଳ ତଥ୍ୟ ଚୋରି କରିବାରେ ସକ୍ଷମ ହୋଇଥିଲା। ଏବେ ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଏହି ୟୁନିଟ୍‌ର ନଜର ଥିବାରୁ ଦେଶରେ ସାଇବର ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି।

## ସିବିଆଇରେ ଅନ୍ତର୍କନ୍ଦଳ

# ସିଭିସିଙ୍କ ନିକଟରେ ହାଜର ବର୍ମା

**ନୂଆଦିଲ୍ଲୀ, ୮।୧୧(ପି.ଟି.)**

ଦୁଇ ମୁଖିଆଙ୍କ ମଧ୍ୟରେ ଅହମିକାର ଲଢ଼େଇ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଭିତିରି କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏତିକିବେଳେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଆଣିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଦେଇଛି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)। ଗୁରୁବାର କମିଶନର କେ.ଭି. ଚୌଧୁରୀଙ୍କ ଆଗରେ ହାଜର ହୋଇ ସଫେଇ ଦେଇଛନ୍ତି ବର୍ମା। ଅପରାହ୍ନରେ ସିଭିସି କାର୍ଯ୍ୟାଳୟରେ ପହଞ୍ଚି ଚୌଦ୍‌ରୀ ଏବଂ ଭିଜିଲାନ୍ସ କମିଶନର ଶରଦ କୁମାରଙ୍କ ନିକଟରେ ହାଜର ହେବା ପରେ ବର୍ମାଙ୍କୁ ୨ ଘଣ୍ଟା ପଚରାଉଚରା କରାଯାଇଥିଲା। କିନ୍ତୁ ତାଙ୍କ ବିରୋଧରେ ଅସ୍ଥାନା ଆଣିଥିବା ଲାଞ୍ଚ ଅଭିଯୋଗ ମିଥ୍ୟା ବୋଲି ବର୍ମା କହିଛନ୍ତି। ଅସ୍ଥାନା ମଧ୍ୟ ସିଭିସିଙ୍କୁ ଭେଟିଥିବା ଅଧିକାରୀମାନେ କହିଛନ୍ତି।

ସିବିଆଇର ନମ୍ବର ୧ ଏବଂ ୨ ଅଫିସର ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ପରେ ବିବାଦ ଘନୀଭୂତ ହେବାରୁ ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲା। ଏହି ଦୁର୍ନୀତି ମାମଲାର ତଦନ୍ତ ଦୁଇସପ୍ତାହ ମଧ୍ୟରେ ଶେଷ କରିବାକୁ ଗତ ଅକ୍ଟୋବର ୨୬ରେ ସିଭିସିକୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ। ବିବାଦ ବଢ଼ିବାରୁ ବର୍ମା ଏବଂ ଅସ୍ଥାନାଙ୍କୁ କାର୍ଯ୍ୟରୁ ନିବୃତ୍ତ କରିବା ଲାଗି ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି କେନ୍ଦ୍ର ସରକାର। ସିବିଆଇ ମୁଖ୍ୟଙ୍କ ନାଁରେ ଅସ୍ଥାନା ଲାଞ୍ଚ ଅଭିଯୋଗ ଆଣିବା ପରେ ଏହି ମାମଲାର ତଦନ୍ତ କରିଥିବା ସିବିଆଇ ଅଧିକାରୀମାନଙ୍କୁ ନିକଟରେ ଭିଜିଲାନ୍ସ କମିଶନ ପକ୍ଷରୁ ପଚରାଉଚରା କରାଯାଇଥିଲା। ସିବିଆଇର ଇନ୍ସପେକ୍ଟର ପାହ୍ୟାଠାରୁ ଆରମ୍ଭ କରି ଏସ୍‌ପି ପର୍ଯ୍ୟନ୍ତ ଅଧିକାରୀଙ୍କ ବୟାନ ରେକର୍ଡ କରାଯାଇଥିଲା।

ପ୍ରକାଶ ଯେ, ମାଂସ ରପ୍ତାନିକାରୀ ମୋଇନ୍ କୁରେଶୀଙ୍କ ନାଁରେ ଚାଲିଥିବା ମାମଲା ଚପାଇବା ଲାଗି ବ୍ୟବସାୟୀ ସାନା ସଥୀଶ ବାବୁ ଏବଂ ମଧ୍ୟସ୍ଥ ମନୋଜ ପ୍ରସାଦ ଓ ସୋମେଶ ପ୍ରସାଦଙ୍କ ଜରିଆରେ ଅସ୍ଥାନାଙ୍କୁ ୨ କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅକ୍ଟୋବର ୧୫ରେ ତାଙ୍କ ବିରୋଧରେ ମଧ୍ୟ ଏତଲା ହୋଇଥିଲା। ଅଗଷ୍ଟ ୨୪ରେ ଅସ୍ଥାନା ମଧ୍ୟ ବର୍ମାଙ୍କ ନାଁରେ ସମାନ ଅଭିଯୋଗ ଆଣିଥିଲେ। ସାନାଙ୍କୁ ଜେରାରୁ ଆଶ୍ୱସ୍ତି ଦେବା ଲାଗି ବର୍ମା ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ସେ ଦର୍ଶାଇଥିଲେ। ଏଭଳି ଆରୋପ ସିବିଆଇର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଅସ୍ଥାନା ଆଣିଥିବା ଅଭିଯୋଗ ମିଥ୍ୟା ବୋଲି କହିଲେ ସିବିଆଇ ମୁଖ୍ୟ



# ମହାମେଣ୍ଟ ପାଇଁ ଅଣ୍ଟା ଭିଡ଼ିଲେ ଚନ୍ଦ୍ରାବାବୁ ନାଇଡୁ

**ବାଙ୍ଗାଲୋର/କୋଲ୍‌କାତା, ୮।୧୧(ପି.ଟି.)**

୨୦ଲୋକ ସଭା ନିର୍ବାଚନରେ ଭାଜପାକୁ ପ୍ରତିହତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଅଣ୍ଟା ଭିଡ଼ିଲେଣି। ସମଭାବାପନ୍ନ ଦଳଗୁଡ଼ିକୁ ନେଇ ଭାଜପା-ବିରୋଧୀ ମେଣ୍ଟ କରିବା ଲାଗି ଏବେ ଅଣ୍ଟା ଭିଡ଼ିଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ। ଗୁରୁବାର ସେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କୁ ସେ ସାକ୍ଷାତ୍ କରିଛନ୍ତି। ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଏକ ମହାମେଣ୍ଟ ଗଠନ ହେବ ଏବଂ କଂଗ୍ରେସ ଏହାର ନେତୃତ୍ୱ ନେବ ବୋଲି ନାଇଡୁ କହିଛନ୍ତି।

### କୁମାରସ୍ୱାମୀ, ଦେବେଗୌଡ଼ାଙ୍କ ସହ ସାକ୍ଷାତ

### ଭାଜପା-ବିରୋଧୀ ମେଣ୍ଟର ନେତୃତ୍ୱ ନେବ କଂଗ୍ରେସ



କର୍ଣ୍ଣାଟକରେ ୩ ଲୋକ ସଭା ଏବଂ ୨ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଜେଡିଏସ୍-କଂଗ୍ରେସ ମେଣ୍ଟ ଭାଜପାକୁ ବାଜିମାତ୍ ଦେବାର ଦୁଇଦିନ ପରେ ଜେଡିଏସ୍‌ର ଦୁଇ ପ୍ରମୁଖ ନେତା କୁମାରସ୍ୱାମୀ ଏବଂ ଦେବେଗୌଡ଼ାଙ୍କ ସହ ନାଇଡୁଙ୍କ ସାକ୍ଷାତ୍ ହୋଇଛି। ଏହି ବୈଠକକୁ ନେଇ ଏବେ ଜୋର୍ ଧରିଛି ଚର୍ଚ୍ଚା। ବିରୋଧୀ ମେଣ୍ଟ ଗଠନ ଲାଗି ମଞ୍ଚ ପ୍ରସ୍ତୁତ କରି ନାଇଡୁ କହିଛନ୍ତି ଯେ, ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଉପରୁ ଦେଶବାସୀଙ୍କ ଆସ୍ଥା ତୁଟିଗଲାଣି। ତେଣୁ ଖୁବ୍‌ଶୀଘ୍ର ଆଞ୍ଚଳିକ ଦଳଗୁଡ଼ିକ ହାତ ମିଳାଇବେ। ମେଣ୍ଟ ଗଠନ ଲାଗି ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ସବୁକିଛି ସ୍ଥିର ହୋଇଯିବା ପରେ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ଗ୍ରହଣ ହେବ ବୋଲି ନାଇଡୁ ପ୍ରକାଶ କରିଛନ୍ତି।

# ଜେଲରେ ସଂଘର୍ଷ: ୨୨ ମୃତ

**ଦୁଶାନ୍‌ବେ,୮।୧୧(ଏ.ଏଫ୍.ପି.)-** କାଜାକ୍‌ସ୍ତାନର ଦ୍ୱିତୀୟ ବୃହତ୍ତମ ସହର ଖୁଜାନ୍ଦସ୍ଥିତ କଡ଼ା ସୁରକ୍ଷା ବଳୟରେ ଥିବା ଏକ ଜେଲ୍‌ରେ ଗୁରୁବାର କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୨୦ ବନ୍ଦୀ ଓ ୨ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ଖୁଜାନ୍ଦରେ ବହୁ ସଙ୍ଗିନ ଅପରାଧରେ ସମ୍ପୃକ୍ତ ଓ ଦୀର୍ଘ ସମୟ ଧରି ଦଣ୍ଡାଦେଶ ଭୋଗୁଥିବା ଜେଲ ରହିଛି। ଜେଲରେ ଥିବା ଏକ କର୍ମଶାଳାରେ ଧାରୁଆ ଅସ୍ତ୍ର ଜବତ ହେବା ପରେ ବୁଧବାର ରାତିରେ ଦୁଇ କଏଦୀ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଠାରେ ପୂର୍ବରୁ ମଧ୍ୟ ଏକାଧିକ ଥର ଏଭଳି ସଂଘର୍ଷ ଯୋଗୁ କଏଦୀମାନେ ଚମ୍ପଟ ମାରିଥିବା ଅନେକ ନଜିର ରହିଛି।

## ଫୁର୍‌ସତ

# କ୍ୟାନ୍‌ସର ସେଲ୍ ନଷ୍ଟ କରିବ କାର୍ବନ ନାନୋମ୍ୟାଟେରିଆଲ୍


**ନୂଆଦିଲ୍ଲୀ:**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍‌କୀର ଗବେଷକମାନେ ଏକ ଫ୍ଲୋରେସେଣ୍ଟ କାର୍ବନ ନାନୋଡଟ୍‌ସ ବିକାଶ କରିଛନ୍ତି। ଏହା କ୍ୟାନ୍‌ସର ଚିହ୍ନଟ କରିବା ସହିତ କ୍ୟାନସର ସେଲ୍‌କୁ ନଷ୍ଟ କରିଦେଇପାରିବ। ଗବେଷଣାର ନେତୃତ୍ୱ ନେଇଥିବା ପି. ଗୋପୀନାଥ କହନ୍ତି, କ୍ୟାନ୍‌ସର ନିରୋଧୀ ଚିକିତ୍ସା ପାଇଁ ଏହି ପଦ୍ଧତିକୁ ବ୍ୟବହାର କରାଯାଇ ପାରିବ। ଉକ୍ତ ଗବେଷଣା ପାଇଁ ଆଇଆଇଟି ଗବେଷକମାନଙ୍କୁ ସହାୟତା କରିଛନ୍ତି ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍ଇଆର୍‌ବି), ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି (ଡିବିଟି) ଏବଂ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ।

କ୍ୟାନ୍‌ସର ସେଲ୍ ଚିହ୍ନଟ ଏବଂ ନଷ୍ଟ କରିବା ଦୀର୍ଘ ଦଶନ୍ଧି ଧରି ଚିକିତ୍ସା କ୍ଷେତ୍ରରେ ଏକ ଚ୍ୟାଲେଞ୍ଜ ରୂପେ ଉଭା ହୋଇଛି। ତେବେ ଆଇଆଇଟି ଗବେଷକଙ୍କ ଗବେଷଣାମୂଳକ ଫଳାଫଳ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଏକ ବିପ୍ଳବ ଆଣିବ ବୋଲି ଗୋପୀନାଥ ପ୍ରକାଶ କରିଛନ୍ତି।

# ପଟେଲଙ୍କ ପ୍ରତିମୂର୍ତ୍ତି ପାଇଁ ବ୍ରିଟେନର ଦାନ

**ନୂଆଦିଲ୍ଲୀ/ଲଣ୍ଡନ:** ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ବୀରପୁଙ୍ଗବ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ କେନ୍ଦ୍ର ସରକାର ପ୍ରଚୁର ଅର୍ଥ ବ୍ୟୟ କରିଛନ୍ତି। ଅଥଚ ଏହି କାର୍ଯ୍ୟ ପାଇଁ ବ୍ରିଟେନ୍‌ର ଦାନ ପାଖାପାଖି ୧ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ବୋଲି ସୂଚନା ମିଳିଛି। ପଟେଲ୍‌ଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଉଚ୍ଚତା ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଚ୍ଚତାର ୨ଗୁଣ। ଦେଶର ଏହି ଗୌରବମୟ ପ୍ରତୀକକୁ ପ୍ରଧାନମନ୍ତ୍ରୀ କିଛିଦିନ ତଳେ ଉଦ୍‌ଘାଟନ କରିଛନ୍ତି। ଷ୍ଟାଚ୍ୟୁ ଅଫ୍ ୟୁନିଟିର ନିର୍ମାଣ କାର୍ଯ୍ୟ ୫୬ ମାସରେ ସମ୍ପନ୍ନ ହୋଇଥିଲା। ଏଥିପାଇଁ ୩୩୦ ମିଲିୟନ ପାଉଣ୍ଡ ଷ୍ଟର୍ଲିଂ ବ୍ୟୟ ହୋଇଥିବା ବେଳେ ବ୍ରିଟେନ୍‌ର କରଦାତାମାନେ ବୈଦେଶିକ ସହାୟତା ସ୍ୱରୂପ ଏଥିପାଇଁ



୧.୧୭ ବିଲିୟନ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିଲେ ବୋଲି ବ୍ରିଟେନ୍ ସରକାରୀ ସୂତ୍ରରୁ ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜସ୍ୱ ରାଜ୍ୟର ନର୍ମଦା ତଟରେ ଏହି ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏହି ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ୨୦୧୨ରେ ଆରମ୍ଭ ହୋଇଥିଲା। ବ୍ରିଟେନ୍ ଦାନ କରିଥିବା ଅର୍ଥ ଭାରତକୁ ୨୦୧୩, ୨୦୧୪ ଏବଂ ୨୦୧୫ ଏପରି ୩ଟି ପର୍ଯ୍ୟାୟରେ ପ୍ରଦାନ କରାଯାଇଥିଲା। ବ୍ରିଟେନ୍‌ରୁ ଆର୍ଥିକ ଅନୁଦାନର ପ୍ରବାହ ଘଟିବା ପରେ ଭାରତୀୟ କର୍ତ୍ତୃପକ୍ଷ ଏଥିପାଇଁ ଆଖିବୁଜା ଅର୍ଥ ବ୍ୟୟ କରିଥିଲେ। ଟୋରି ଏମ୍‌ପି ପିଟର ବୋନ୍‌ଙ୍କ କହିବାନୁଯାୟୀ, ବ୍ରିଟେନ୍‌ରୁ ଭାରତ ସହାୟତା ସ୍ୱରୂପ ୧.୧ ବିଲିୟନ୍ ପାଉଣ୍ଡ ଷ୍ଟର୍ଲିଂ ଦାନ କରିଥିବା ବେଳେ ଭାରତ ତହିଁରୁ ୩୩୦ ମିଲିୟନ୍ ଷ୍ଟାଚ୍ୟୁ ପାଇଁ ବ୍ୟୟ କରିବା ସମ୍ପୂର୍ଣ୍ଣ ଅଜ୍ଞାନତାର ପରିଚୟ ବୋଲି କୁହାଯାଇଛି।

## ଇତିହାସର ଆଇନାରେ

### ନଭେମ୍ବର ୯ର ପ୍ରମୁଖ ଘଟଣା

୧୯୪୭ ନଭେମ୍ବର ୯ରେ ପାକିସ୍ତାନଠାରୁ ଜୁନାଗଡ଼ ଛଡ଼ାଇ ଆଣିଥିଲା ଭାରତ। ବର୍ତ୍ତମାନ ଜନାଗଡ଼ ଗୁଜରାଟରେ ଅବସ୍ଥିତ ଏବଂ ଏହା ହେଉଛି ରାଜ୍ୟର ସପ୍ତମ ସର୍ବବୃହତ୍ ସହର। ଦେଶ ବିଭାଜନ ପରେ ଜୁନାଗଡ଼ ସ୍ୱତନ୍ତ୍ର ହୋଇ ରହିଥିଲା। ଭାରତ ଏବଂ ପାକିସ୍ତାନର ସୀମାକୁ ଲାଗିଥିଲେ ସୁଦ୍ଧା ଜୁନାଗଡ଼ର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥିଲା। କିନ୍ତୁ ସେଠାରେ ବିଦ୍ରୋହ ଦେଖାଦେଇଥିଲା।

୧୯୯୪ ନଭେମ୍ବର ୯ରେ ଡାର୍ମଷ୍ଟାଡ୍‌ଟିୟମ୍ ନାମକ ଏକ କେମିକାଲର ଉଦ୍ଭାବନ କରାଯାଇଥିଲା। ଜର୍ମାନୀର ଡାର୍ମଷ୍ଟାଡ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଭି ଆଇଅନ୍ ରିସର୍ଚ୍ଚଠାରେ ସିଗାର୍ଡ ହୋଫ୍‌ମ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ପିଟର୍ ଆର୍ମବିଷ୍ଟର୍ ଏବଂ ଗଟ୍‌ଫ୍ରାଇଡ୍ ମୁଜେନ୍‌ବର୍ଗ ଏହାକୁ ସୃଷ୍ଟି କରିଥିଲେ। ଡାର୍ମଷ୍ଟାଡ୍‌ଟିୟମ ହେଉଛି ଏକ ସିନ୍ଥେଟିକ୍ ରାସାୟନିକ ତତ୍ତ୍ୱ। ଏହାକୁ 'ଡିଏସ୍' ବିବେଚନା କରାଯାଉଥିବାବେଳେ ଏହାର ଆଟୋମିକ୍ ନମ୍ବର ହେଉଛି ୧୧୦। ଏହା ହେଉଛି ଏକ ଜଟିଳ ରେଡିଓଆକ୍ଟିଭ୍ ସିନ୍ଥେଟିକ ପଦାର୍ଥ।

# ସଚେତନ କରିଛି '# ମିଟୁ'




**ମୁମ୍ବାଇ:** '# ମିଟୁ' ଆନ୍ଦୋଳନ କର୍ମସ୍ଥଳରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛି ବୋଲି ଅଭିନେତ୍ରୀ ଆୟେଶା ଚୋପ୍ରା ପ୍ରକାଶ କରିଛନ୍ତି। ଯେଉଁ ମହିଳାମାନେ ସେମାନଙ୍କ ପ୍ରତି ହୋଇଥିବା ଯୌନ ଶୋଷଣ ବିରୋଧରେ ମୁହଁ ଖୋଲିଛନ୍ତି ସେମାନଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, '# ମିଟୁ' ଆନ୍ଦୋଳନ ସମସ୍ତଙ୍କ ମଧ୍ୟରେ ଏକ ସକାରାତ୍ମକ ସଚେତନତା ସୃଷ୍ଟି କରିପାରିଛି। ଏହାଦ୍ୱାରା କର୍ମସ୍ଥଳରେ ମହିଳାମାନେ ନିଜକୁ ନିରାପଦ ମଣିବେ ବୋଲି ସେ ପ୍ରକାଶ କରିଛନ୍ତି।

ହଲିଉଡ୍‌ରେ '# ମିଟୁ' ଆନ୍ଦୋଳନ ପରେ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ବିରୋଧରେ ବଲିଉଡ୍‌ର କେତେକ ଅଭିନେତ୍ରୀ ମୁହଁ ଖୋଲିବା ଆରମ୍ଭ କରିଥିଲେ। ଅଭିନେତ୍ରୀ ତନୁଶ୍ରୀ ଦତ୍ତ ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏହି ଆନ୍ଦୋଳନ ତ୍ୱରାନ୍ୱିତ ହୋଇଥିଲା। ଏହାପରେ ଅନେକ ଅଭିନେତ୍ରୀ ଯୌନ ନିର୍ଯାତନା ବିଷୟ ପଦାକୁ ଆଣିବା ପରେ ବଲିଉଡ୍ ସହ ଜଡ଼ିତ ସାଜିଦ ଖାନ୍, ଆଲୋକ ନାଥ, ରଜତ କପୁର ଏବଂ ବିକାଶ ବହଲଙ୍କ ଭଳି ବ୍ୟକ୍ତିବିଶେଷ ଚର୍ଚ୍ଚାର ପରିସରକୁ ଆସିଥିଲେ। ଏହି ଆନ୍ଦୋଳନ ମହିଳାଙ୍କ ନିମନ୍ତେ କାର୍ଯ୍ୟସ୍ଥଳ ନିରାପଦ କରିପାରିବ ବୋଲି ଆୟେଶା ବିଶ୍ୱାସ କରିଛନ୍ତି। ନୂତନ ପିଢ଼ିର ମହିଳା ବିଭିନ୍ନ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇ ପାତରଅନ୍ତର ବିରୋଧରେ ଛିଡା ହୁଅନ୍ତୁ ବୋଲି ଆୟେଶା ପ୍ରକାଶ କରିଛନ୍ତି। ଆୟେଶା 'ନୀର୍‌ଜା', 'ଆଲିଗଡ଼' ଫିଲ୍ମ ଏବଂ ଟେଲିଭିଜନ ଶୋ 'ପାଓ-ବନ୍ଦୀ ଯୁଦ୍ଧ କେ'ରେ ଅଭିନୟ ପାଇଁ ବେଶ୍ ପ୍ରଶଂସିତ।


## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୫ | ୧୯.୮ |
| ଚାନ୍ଦବାଲି | ୨୮.୨ | ୨୧.୯ |
| କଟକ | --- | ୨୦.୮ |
| ପାରାଦ୍ୱୀପ | ୩୦.୨ | ୨୨.୫ |
| ଭୁବନେଶ୍ୱର | ୩୧.୮ | ୨୨.୦ |
| ଗୋପାଳପୁର | ୩୩.୦ | ୨୩.୩ |
| ପୁରୀ | ୩୧.୦ | ୨୩.୪ |
| ଅନୁଗୋଳ | ୩୧.୯ | ୧୯.୬ |
| ବାରିପଦା | ୨୮.୨ | ୨୦.୪ |
| ଝାରସୁଗୁଡ଼ା | ୩୧.୪ | ୧୯.୪ |
| କେନ୍ଦୁଝର | ୨୮.୬ | ୧୮.୦ |
| ସମ୍ବଲପୁର | ୩୨.୨ | ୨୦.୯ |
| ସୁନ୍ଦରଗଡ଼ | --- | ୧୭.୦ |
| ହୀରାକୁଦ | ୩୧.୧ | ୨୧.୭ |
| ତାଲଚେର | ୩୫.୫ | ୨୦.୬ |
| ଭବାନୀପାଟଣା | ୩୨.୫ | ୨୦.୦ |
| ବଲାଙ୍ଗୀର | ୩୧.୦ | ୨୨.୦ |
| କୋରାପୁଟ | ୨୯.୬ | ୧୭.୦ |
| ଫୁଲବାଣୀ | ୩୧.୦ | ୧୫.୮ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୫.୨ | ୧୯.୬ |
| ଦାରିଙ୍ଗିବାଡ଼ି | ୨୮.୦ | ୧୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ସଂକ୍ଷେପରେ

### ୧୦୦ ଯୁକ୍ତ୨ ଛାତ୍ରୀଙ୍କୁ ଦିଆଯିବ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଭୁବନେଶ୍ୱର, ୮।୧୧(ବ୍ୟୁରୋ): ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ। ୭୮ ଜୁନିୟର କଲେଜ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟରୁ ପାଖାପାଖି ୧୦୦ ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଉତ୍କଳ କରାଟେ ସ୍କୁଲର ସମ୍ପାଦକଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଜଣାଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ କେତେକ ଜିଲାର ଜୁନିୟର କଲେଜ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟରୁ ୧୦୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବ। ଏହି ପ୍ରଶିକ୍ଷଣ ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଦିଆଯିବ।




# ବିବାଦ ଶେଷ କରିବାକୁ କୋହଲିଙ୍କ ସଫେଇ

ନୂଆଦିଲ୍ଲୀ, ୮।୧୧(ପି.ଟି.)



■ପ୍ରଶଂସକଙ୍କୁ କୋହଲିଙ୍କ ପ୍ରତ୍ୟୁତ୍ତର
■ଭାରତୀୟ ଖେଳାଳିଙ୍କୁ ଭଲ ନ ପାଇଲେ ବିଦେଶ ଯାଅ

ନିଜ ମନ୍ତବ୍ୟ ନେଇ ବିବାଦ ଓ ଝଡ଼ ସୃଷ୍ଟି ହେବାରୁ ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ଭାବମୂର୍ତ୍ତି ସୁଧାରିବାକୁ ଚେଷ୍ଟା କରିଛନ୍ତି। ଏ ସଂକ୍ରାନ୍ତରେ ସେ ନିଜର ମତ ରଖି ସଫେଇ ଦେଇଛନ୍ତି ଓ ବିବାଦ ସମାପ୍ତ କରିବାକୁ ପ୍ରୟାସ କରିଛନ୍ତି।

ପ୍ରକୃତରେ ବୁଧବାର ଘଟଣା ଆରମ୍ଭ ହୋଇଥିଲା ଜଣେ ପ୍ରଶଂସକଙ୍କ କମେଣ୍ଟରୁ। ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ କୋହଲି ଏକ ଭିଡିଓରେ ଜଣେ ପ୍ରଶଂସକଙ୍କ ମତ ଉପରେ ପ୍ରତିକ୍ରିୟା ରଖିଥିଲେ। ପ୍ରଶଂସକ ଜଣକ କୋହଲିଙ୍କୁ ଜଣେ ଓଭର ରେଟେଡ୍ ବା ବାସ୍ତବିକତାଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବ୍ୟାଟ୍ସମ୍ୟାନ ବୋଲି କମେଣ୍ଟରେ ଲେଖିଥିଲେ। କୋହଲିଙ୍କ ବ୍ୟାଟିଂରେ ସେଭଳି କିଛି ଖାସ୍ ନାହିଁ ବୋଲି ବ୍ୟକ୍ତିଗତ ଭାବେ ସେ ଚିନ୍ତା କରନ୍ତି ବୋଲି କହିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅପେକ୍ଷା ସେ ଇଂଲଣ୍ଡ ଓ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ବ୍ୟାଟିଂକୁ ଅଧିକ ଉପଭୋଗ କରିଥା'ନ୍ତି ବୋଲି ପ୍ରଶଂସକ ଜଣକ କମେଣ୍ଟରେ ଉଲ୍ଲେଖ କରିଥିଲେ। ତେବେ ଏହାର ଜବାବରେ ପ୍ରତିକ୍ରିୟା ରଖି କୋହଲି ବେଶ୍ ବିବାଦୀୟ ହୋଇଥିଲେ। ଆପଣ ଭାରତରେ ରହିବା ଉଚିତ ନୁହଁ ଓ ଦେଶ ଛାଡି ଚାଲିଯିବା ସହ ଅନ୍ୟସ୍ଥାନରେ ରହିବା ଦରକାର ବୋଲି କୋହଲି ଜବାବ ରଖିଥିଲେ। ଅନ୍ୟ ଦେଶର ଖେଳାଳିଙ୍କୁ ଭଲ ପାଉଥିବା ବେଳେ ଆମ ଦେଶରେ କାହିଁକି ରହୁଛ ବୋଲି କୋହଲି ସମ୍ପୃକ୍ତ ପ୍ରଶଂସକଙ୍କୁ ପ୍ରଶ୍ନ ପଚାରିଥିଲେ। ତମେ ମୋତେ ପସନ୍ଦ ନ କଲେ ମୁଁ କିଛି ଭାବୁ ନାହିଁ। କିନ୍ତୁ ତମେ ଆମ ଦେଶରେ ରହିବା ଉଚିତ ନୁହଁ । ପ୍ରଥମେ ତମେ କେଉଁଟାକୁ ପ୍ରାଥମିକତା ଦେଉଛି ତାହା ସ୍ପଷ୍ଟ କରିବା ଦରକାର ବୋଲି କୋହଲି ଜବାବରେ କହିଥିଲେ। ତେବେ ଏହା ପରେ ସୋସିଆଲ ମିଡିଆରେ କୋହଲି ଜବରଦସ୍ତ ସମାଲୋଚନା ତଥା ଟ୍ରୋଲ୍‌ର ସମ୍ମୁଖୀନ ହୋଇଥିଲେ। ଏପରିକି କୋହଲିଙ୍କ ମନ୍ତବ୍ୟକୁ କ୍ରିକେଟ ଭାଷ୍ୟକାର ହର୍ଷ ଭୋଗ୍‌ଲେ ନାପସନ୍ଦ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ କୋହଲିଙ୍କ ଏତାଦୃଶ ମନ୍ତବ୍ୟକୁ ନାପସନ୍ଦ କରିଛି। କୋହଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଗକୁ କୋହଲି ବୁଝି ବିଚାରି ମନ୍ତବ୍ୟ ଦେବା ଉଚିତ ବୋଲି ସେ ସତର୍କ କରାଇ ଦେଇଛନ୍ତି। ତେବେ ଏହା କୋହଲିଙ୍କ ବ୍ୟକ୍ତିଗତ ମନ୍ତବ୍ୟ। ଏଥିରେ ବିସିସିଆଇର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କମେଣ୍ଟରେ ପ୍ରଶଂସକ ଜଣକ 'ଜଣେ ଭାରତୀୟ' ବୋଲି ଉଲ୍ଲେଖ କରିଥିଲେ। ଏହାକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଥିଲି। କିଏ କାହାକୁ ପସନ୍ଦ କରିବ ଓ କାହାକୁ ନ କରିବ ତାହା ତା'ର ବ୍ୟକ୍ତିଗତ ସ୍ୱାଧୀନତା। ଏହାକୁ ସେ ମଧ୍ୟ ସମ୍ମାନ କରନ୍ତି ବୋଲି କୋହଲି କହିଛନ୍ତି। ତେବେ ଏହି ଘଟଣାକୁ ଅଧିକ ଗୁରୁତ୍ୱ ନ ଦେଇ ପାର୍ବଣ ଋତୁର ଆନନ୍ଦ ନେବାକୁ କୋହଲି ସମସ୍ତଙ୍କୁ କହିଛନ୍ତି। ଅବଶ୍ୟ ଏହି ଘଟଣାରେ ବିସିସିଆଇ ଅସନ୍ତୋଷ ଜାହିର କରିବା ପରେ କୋହଲି ଏଭଳି ସଫେଇ ଦେବାକୁ ପ୍ରୟାସ କରିଛନ୍ତି ବୋଲି କୁହାଯାଉଛି।

# ୧୬ରୁ ଯୁକ୍ତ୨ ଫର୍ମ ପୂରଣ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

୨୦୧୯ ଯୁକ୍ତ୨ ବାର୍ଷିକ ପରୀକ୍ଷା ନିମନ୍ତେ ରେଗୁଲାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗର ଛାତ୍ରୀଛାତ୍ର ନିଜ କଲେଜକୁ ଯାଇ ଫର୍ମ ପୂରଣ କରିବେ। ପ୍ରାକ୍ଟିକାଲ ପେପରକୁ ଛାଡ଼ି ଫର୍ମ ପୂରଣ ପାଇଁ ସାଧାରଣ ଦେୟ ୫୨୦ ଟଙ୍କା ରହିଛି। ଏହି ଫିକୁ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କଲାବେଳେ କଲେଜରେ ପଇଠ କରିବେ ବୋଲି ଉଚ୍ଚ ମାଧମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ବୁଧବାର ବିଜ୍ଞପ୍ତି ପ୍ରକାଶ କରିଛି।

ଫର୍ମ ପୂରଣ ୧୬ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାକ୍ଟିକାଲ ପେପର ପିଛା ଅତିରିକ୍ତ ୨୦ ଟଙ୍କା ପଇଠ କରିବାକୁ ହେବ। ଏହି ସମୟ ଭିତରେ ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରିବେ ତେବେ ସେମାନେ ୫୦ ଟଙ୍କା ଜରିମାନା ଦେଇ ଆସନ୍ତା ୨୭ରୁ ୩୦ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ। ଯଦି ଉକ୍ତ ସମୟ ମଧ୍ୟରେ କୌଣସି ପିଲା ଫର୍ମ ପୂରଣ କରି ନ ପାରନ୍ତି, ତେବେ ସେମାନେ ଅତିରିକ୍ତ ୩୫୦ ଟଙ୍କା ଜରିମାନା ଦେଇ ଡିସେମ୍ବର ୧ରୁ ୪ ମଧ୍ୟରେ ଫର୍ମ ପୂରଣ କରିପାରିବେ। ସିଏଚ୍‌ଏସ୍‌ଇ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଜୁନିୟର କଲେଜ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞପ୍ତି ମାଧମରେ ଅବଗତ କରାଇଛି। ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ ନ କରନ୍ତି, ତେବେ ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ସିଏଚ୍‌ଏସ୍‌ଇ ଦାୟୀ ରହିବ ନାହିଁ ବୋଲି କହିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ପ୍ରଥମ ସପ୍ତାହରେ ଯୁକ୍ତ ୨ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। କିନ୍ତୁ ଯଦି ଡିସେମ୍ବରରେ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ହୁଏ ତେବେ ମାର୍ଚ୍ଚ ମାସରେ ସାଧାରଣ ନିର୍ବାଚନ ହେବା ସମ୍ଭାବନା ଅଧିକ ରହିଛି। ଗୋଟିଏ ମାସରେ ନିର୍ବାଚନ ଏବଂ ଯୁକ୍ତ ୨ ପରୀକ୍ଷା ପରିଚାଳନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିବା ସମ୍ଭାବନା ରହିଛି। ଏ ନେଇ ସିଏଚ୍‌ଏସ୍‌ଇର ଡେପୁଟି ପରୀକ୍ଷା ନିୟନ୍ତ୍ରଣ ପ୍ରବୋଧ କୁମାର ପଣ୍ଡା କୁହନ୍ତି, ନିର୍ବାଚନ ତାରିଖ ଘୋଷଣା ହେଲେ ସେହି ଅନୁସାରେ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରାଯିବ।

### ଶୀତକୁ ରୋକୁଛି ପ୍ରଦୂଷଣ, ଜଳୀୟବାଷ୍ପ

# ଥାଇଲାଣ୍ଡ ଉପକୂଳରେ ଲଘୁଚାପ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ନଭେମ୍ବର ପ୍ରଥମ ସପ୍ତାହ ଟପିବାକୁ ବସିଲାଣି। ଦେହ ଥରାଇବା ଭଳି ଶୀତ ଅନୁଭୂତ ହେଉନାହିଁ। ସର୍ବନିମ୍ନ ତାପମାତ୍ରା ଆଭ୍ୟନ୍ତରୀଣ ଓଡ଼ିଶାରେ ୧୬ଡିଗ୍ରୀ ରହୁଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ୨୩ ଡିଗ୍ରୀ ମଧ୍ୟରେ ରହୁଛି। ପାହାନ୍ତିଆ ହାଲକା ଶୀତ ଲାଗୁ ଥିଲେ ମଧ୍ୟ ପ୍ରକୋପ ବଢୁନାହିଁ। ପାଣିପାଗ ବିଶେଷଜ୍ଞଙ୍କ କହିବା କଥା ହେଲା ରାଜ୍ୟରେ ଆକାଶ ଜଳୀୟବାଷ୍ପରେ ଭରି ରହୁଛି। ମେଘ ଖଣ୍ଡ ଦେଖାଦେଉଥିଲେ ମଧ୍ୟ ବର୍ଷା ହେଉ ନାହିଁ। ଏହାଛଡ଼ା ଉତ୍ତର ଭାରତରୁ ପ୍ରଦୂଷିତ ଜଳୀୟବାଷ୍ପ ବାୟୁମଣ୍ଡଳକୁ ଢାଙ୍କିଦେଉଛି। ଏଥିଯୋଗୁ ତାପମାତ୍ରା ତଳକୁ ଖସୁନାହିଁ। ଏଥିସହିତ ଥାଇଲାଣ୍ଡ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତିକରିବା ସମ୍ଭାବନା ରହିଛି। ଏହା ତାମିଲନାଡୁ କିମ୍ବା ଶ୍ରୀଲଙ୍କା ଆଡ଼କୁ ଯିବା ସମ୍ଭାବନା ରହିଛି। ଯଦି ଏହା ଊର୍ଦ୍ଧ୍ୱମୁହାଁ ହେବ ତେବେ ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟରେ ପାଗ ମେଘୁଆ ରହିବ। ଜଳୀୟବାଷ୍ପ ଅପସରି ନ ଯିବା ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୩୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସର୍ବନିମ୍ନ ୧୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

DSPL - 241



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପ୍ରତୀକ୍
ପରିବାରବର୍ଗ


ମାରୁତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified





## SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047




## SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

4000 sft. GA plot immediate sale Surya Nagar, Unit No.- 7, Bhubaneswar. Contact Deepak: 9937329999 (Conditions apply). D-64533

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Infocity-2 Campus frontରେ BDA yellow-zone plot sale urgent. 9938770157, 7008818182. D-64366

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9040307584, 9778832554. D-9258

Infocity-2 Campus ପାଖରେ 200' ରୋଡକୁ ଲାଗି ଘରବାରି plot ମିଳୁଅଛି। 9439864322. D-64369

Ready for booking/sale ! Duplex 1900 sqft. on land 1200 sqft. triplex 2800 sqft. on land 1200 sqft. at Saikutir, Santoshi Vihar, Canal Road, Laxmisagar, Bhubaneswar. Contact: Sabat Infrastructure Pvt. Ltd. Plot No.- 33/A, BJB Nagar. Mobile. 9861035662, 8270795532. D-58005

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

3BHK luxurious flats available for booking at BJB Nagar extension area (1.5km. from Kalpana Square) Price-65 lakhs to 72.50 lakhs. Please contact: 9439543532, 9861157958. D-9318

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

ପଟିଆ KIIT ପାଖରେ 40/30" road boundary, electric ସହିତ ଗୃହୋପଯୋଗି plot sqft. 1050/- କିଣନ୍ତୁ। 8018611122. D-64635

Gharabari boundary plot infront Krupajal Engineering College Bhubaneswar. 9090899282, 8908805482. D-65053

2000 sqft. plot (10 nos.) at Sankarpur, Vipul Garden backside, Bhubaneswar ( Electricity, supply water 30'road). 7381564227. D-65054




Construct your building in finished house contact: 9937064680. D-27282

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353




Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

2BHK house, 2nd floor and 600 sqft. office space at District Centre, Chandrasekharpur for rent: 8637263323. D-64740

Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298




Fully refreshed/ relaxed body massage by expert therapist, Shastrinagar. 7377994773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Manson professional massage. Contact Purple Orchid. 9776598888. D-65139

All type of full body massage by expert therapist. 7609005923. D-65151

Herbal full body massage by smart/ expert therapist. Contact: 8338067247. D-65152

Newly opening ayurvedic massage smart therapist, Shree herbal. 7750020754. D-65153

Singar massage club fully relaxed by expert lady also home service available. Contact: 9937637219. D-9199

Improving your health, skin care through expert therapist, excellent offer. 9668374480. D-65154

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Experience full body massage with us by expert Enquiry: 7377048581. D-65164

Contact for massage by expert therapist, home service available. 6371297112. D-65055

Physiotherapy and herbal massage by trained ladies/ gents therapy: 7008773793. D-65056

Newly open herbal full body massage with refreshment well trained therapist. 7381239385. D-64630

## AFFIDAVIT

I, Sashikanta Samal, S/o. Hemanta Samal, At/ Po. Amrutamanohi, Kendrapara, Odisha 754218, have changed my name to Aryan Samal by affidavit No. IN-KA56759698873211M dated 25.04.2014. D-9322


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ମାରୁତି)

**ଆଦିତ୍ୟନାଥ ବେହେରା**

**ଡେରିକି, ନାଉଗାଁ, ଜଗତ୍‌ସିଂହପୁର**

ପିତା- ଭଜମନ ବେହେରା,
ମାତା- କବିତା ବେହେରା
ଶୁଭେଚ୍ଛା ସହ: ଜେଜେବାପା, ମାମୁ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୩୪

## ଜନ୍ମଦିନ ଶୁଭେଚ୍ଛା



**ପ୍ରତୀକ୍ ପ୍ରୀତମ୍ ପୃଷ୍ଟି**

**ପ୍ଲଟ୍ ନଂ ୧୧୫, ବଡ଼ଗଡ଼ ବ୍ରୀଟ୍ କଲୋନୀ**

ଆଜି ତୁମର ପବିତ୍ର ସପ୍ତମ ସ୍ୱନକ୍ଷତ୍ର ଦିବସରେ ଜଗତ ଜନନୀ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ, ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ଅନାମ ଚରଣ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଅଙ୍କିତ, ପୂଜା, ବୁଟୁ, ବନ୍ଧୁ ଓ ପରିବାରବର୍ଗ। ଧ-୯୨୯୬


## ପ୍ରଥମ ପୃଷ୍ଠାରୁ...

## ରାଜସ୍ଥାନରେ ଭାଜପା...

ବିରୋଧୀ ଭୋଟ ବିଭାଜିତ ହେଲେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ କଂଗ୍ରେସର ଭୋଟ ବ୍ୟବଧାନ କମିବ। ରମଣ ସିଂଙ୍କ ସ୍ମାର୍ଟଫୋନ୍ ବଣ୍ଟନ ଯୋଜନାରୁ ଭାଜପା ଲାଭବାନ ହେବ। କିନ୍ତୁ ମାଓବାଦୀ ପ୍ରଭାବିତ ବସ୍ତର ଅଞ୍ଚଳରେ ଭାଜପାର ଲୋକପ୍ରିୟତା ହ୍ରାସ ପାଇଥିବା ସର୍ଭେରୁ ଜଣାପଡ଼ିଛି। ତେବେ ଯୋଗୀ, କଂଗ୍ରେସ ନେତା ଭୂପେଶ ଭାଗେଲଙ୍କ ତୁଳନାରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ରମଣ ସିଂ ଆଗରେ ରହିଛନ୍ତି। ନିର୍ବାଚନରେ ବେକାରି ସମସ୍ୟା ମୁଖ୍ୟ ପ୍ରସଙ୍ଗ ବୋଲି ୧୧ ଲୋକ ସଭା ନିର୍ବାଚନମଣ୍ଡଳୀର ୪,୪୮୬ ମତଦାତା ପ୍ରକାଶ କରିଛନ୍ତି। ହେଲେ ରାଜସ୍ଥାନରେ ବସୁନ୍ଧରା ରାଜେ ସିନ୍ଧିଆ ଆଉ ଥରେ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ୩୫%କୁ ଖସିଛି। କଂଗ୍ରେସ ବସୁନ୍ଧରା ସରକାରଙ୍କୁ ଧୂଳି ଚଟେଇ କ୍ଷମତା ଦଖଲ କରିବ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଏଠାରେ କଂଗ୍ରେସ ନେତା ଅଶୋକ ଗେହଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅଧିକାଂଶ ମତଦାତା ଦେଖିବାକୁ ଚାହାନ୍ତି। ଭାଜପା ବିରୋଧରେ ନିମ୍ନ ଜାତି ଓ ମୁସଲମାନ ସମ୍ପ୍ରଦାୟର ଭୋଟରଙ୍କ ମଧ୍ୟରେ ବଢ଼ିଚାଲିଥିବା କ୍ରୋଧ ଭାଜପା ସରକାରଙ୍କ ପତନର କାରଣ ସାଜିପାରେ। କାରଣ ଗୈରିକ ଦଳ ତା'ର ପାରମ୍ପରିକ ସହରାଞ୍ଚଳ ଭୋଟରଙ୍କ ଆସ୍ଥା ହରାଇଛି। ରାଜ୍ୟରେ ସରକାର ବିରୋଧୀ ହାୱା ବହୁଥିଲେ ହେଁ ନରେନ୍ଦ୍ର ମୋଦି ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ଏବେ ବି ଭୋଟରଙ୍କ ପ୍ରଥମ ପସନ୍ଦ। ମୁଖ୍ୟମନ୍ତ୍ରୀ ଚେହେରା ବଦଳାଯାଇଥିଲେ ନିର୍ବାଚନ ସମୀକରଣରେ ପରିବର୍ତ୍ତନ ଆସିଥାନ୍ତା। ଭାଜପା ଏବଂ କଂଗ୍ରେସ ମଧ୍ୟରେ ଭୋଟ ହାର ବ୍ୟବଧାନ ୩%ରୁ ୫% ମଧ୍ୟରେ ରହିବ ବୋଲି ଜଣାପଡ଼ିଛି। ୨୫ ଲୋକ ସଭା ଆସନର ୧୦,୧୩୬ ଭୋଟରଙ୍କୁ ନେଇ କରାଯାଇଥିବା ସର୍ଭେରେ ଜଣାପଡ଼ିଛି ଯେ, ବେକାରି ସମସ୍ୟା, କୃଷି ସମସ୍ୟା, ପାନୀୟ ଜଳ, ଦରଦାମ ବୃଦ୍ଧି ରାଜସ୍ଥାନ ମତଦାତାଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ପାଲଟିଛି।

ତେଲେଙ୍ଗାନାରେ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯିବ। ଏଠାରେ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସପକ୍ଷରେ ୭୫% ମତଦାତା ରହିଥିବାରୁ ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ (କେସିଆର୍) ପୁଣିଥରେ କ୍ଷମତା ଦଖଲ କରିପାରନ୍ତି। କାରଣ ଏଠାରେ ସରକାର ସପକ୍ଷରେ ହାୱା ବହୁଛି। କେସିଆର୍ ସବୁ ବର୍ଗର ଭୋଟରଙ୍କଠାରେ ନିଜ ଲୋକପ୍ରିୟତା ବଜାୟ ରଖିପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସାମାଜିକ-ମଙ୍ଗଳକାରୀ ଯୋଜନାଗୁଡ଼ିକ କେସିଆର୍‌ଙ୍କ ପାଇଁ ବୋନସ୍ ଭାବେ କାମ କରୁଛି। ସେହିପରି ରାଜ୍ୟ ବିଧାନସଭାକୁ ଆଗୁଆ ଭଙ୍ଗ କରିଦେବା ପଦକ୍ଷେପକୁ କେସିଆର୍‌ଙ୍କ ଏକ ମାଷ୍ଟରଷ୍ଟ୍ରୋକ୍ ଭାବେ ଦେଖୁଛନ୍ତି ଭୋଟର। କଂଗ୍ରେସ ଏବଂ ଟିଡିପି ମଧ୍ୟରେ ସଦ୍ୟ ହୋଇଥିବା ମେଣ୍ଟ ସଫଳ ହେବନାହିଁ ବୋଲି ସର୍ଭେରେ ଜଣାପଡ଼ିଛି। ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ହାଇଦ୍ରାବାଦ ଅଞ୍ଚଳରେ କଂଗ୍ରେସର ଭାଗ୍ୟ ବିଗାଡ଼ିପାରେ। ତେଲେଙ୍ଗାନାର ୧୭ ଲୋକ ସଭା ନିର୍ବାଚନମଣ୍ଡଳୀରେ କରାଯାଇଥିବା ଏହି ସର୍ଭେରେ ୬,୮୭୭ ମତଦାତା ଭାଗନେଇଥିଲେ।

## ପୁଣି ଶ୍ରୀମନ୍ଦିର ...

ଗୁରୁବାର ଶ୍ରୀମନ୍ଦିର ଭିତରର ଏକାଧିକ ଫଟୋ ପୋଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଏକାଧିକ ଇସ୍କନ ଭକ୍ତ ହାତରେ ମାଳି ଗଡାଉଥିବା ଫଟୋ ରହିଛି। ସେହିପରି ଶ୍ରୀମନ୍ଦିର ଭିତରେ ସେଲ୍‌ଫି ନେବାର ଫଟୋ ମଧ୍ୟ ହିତେଶଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ ହୋଇଛି। ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ ମୁତୟନ ରହିଛନ୍ତି। ଭକ୍ତଙ୍କୁ ଯାଞ୍ଚ କରି ଭିତରକୁ ଛାଡୁଛନ୍ତି। ତେବେ ଏମାନେ କିପରି ମୋବାଇଲ ଭିତରକୁ ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏହି ଘଟଣା ନୁହେଁ, ଏଭଳି ଘଟଣା ବାରମ୍ବାର ଘଟୁଛି। ଗତ ମାସକ ମଧ୍ୟରେ ୩ଟି ଘଟଣା ପଦାକୁ ଆସିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ କାହାର ଆନ୍ତରିକତା ନ ଥିବା ମନେହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲୁଛି। ନିକଟରେ ଗତମାସ ୮ ତାରିଖରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶ ପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ସେହିପରି ଗତ ୪ ତାରିଖରେ ବେଙ୍ଗାଲୁରୁର ମେଘା ଲୁଥ୍ରା ନାମ୍ନୀ ଜଣେ ମହିଳାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିରର ଫଟୋ ପୋଷ୍ଟ କରାଯାଇଥିବା ପଦାକୁ ଆସିଥିଲା।

## ଭାରତୀୟ ଦଳରେ ...

ସ୍ଥାନ ପାଇବାର ନିୟମ ଥିବାରୁ ସମ୍ଭବତଃ ଅମିତଙ୍କ ପାଇଁ ସୁଯୋଗ ନ ଥିଲା। ପରେ ବିଶ୍ୱକପ କୋର୍ ଗ୍ରୁପ ତାଲିକାରେ ଅମିତଙ୍କୁ ସାମିଲ କରାଯାଇଥିବା ଆନୁଷ୍ଠାନିକ ଘୋଷଣା ହୋଇଥିଲା। ଇତିମଧ୍ୟରେ ବୀରେନ୍ଦ୍ର ମଧ୍ୟ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି। ଫଳ ସ୍ୱରୂପ ବିଶ୍ୱକପ ଖେଳାଳି ତାଲିକାରେ ଉଭୟ ବୀରେନ୍ଦ୍ର ଓ ଅମିତଙ୍କୁ ସାମିଲ କରାଯାଇଛି। ବୀରେନ୍ଦ୍ର ପୂର୍ବରୁ ୨୦୧୪ ହକି ବିଶ୍ୱକପ ଖେଳିଥିଲେ। ଆଗାମୀ ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

## ବିସ୍ଫୋରଣରେ ୫...

ଦାନ୍ତେୱାଡ଼ାର ବୈଲାଡିଲା ଖଣି ଅଞ୍ଚଳରେ ନିର୍ବାଚନ କାର୍ଯ୍ୟ ପାଇଁ ସିଆଇଏସ୍‌ଏଫ୍ ଟିମ୍‌କୁ ଏକ ଘରୋଇ ବସ୍ ପ୍ରଦାନ କରାଯାଇଥିଲା। ଯବାନମାନେ ମାର୍କେଟରୁ ଜିନିଷପତ୍ର କିଣି ଉକ୍ତ ବସ୍‌ରେ ଆକାଶନଗର କ୍ୟାମ୍ପ୍‌କୁ ଫେରୁଥିଲେ। ସେମାନେ ବଚେଲିର ପାହାଡ଼ିଆ ଅଞ୍ଚଳ ଦେଇ ଆସୁଥିବାବେଳେ କର୍ଭ ନଂ. ୬ ନିକଟରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରିଥିଲେ। ଏଥିରେ ଜଣେ ସିଆଇଏସ୍‌ଏଫ୍ ହେଡ୍ କନ୍‌ଷ୍ଟେବଲ ଡି.ଇ. ମୁଖୋପାଧ୍ୟାୟ ଶହୀଦ ଓ ୨ ଆହତ ହୋଇଛନ୍ତି। ବସ୍ ଡ୍ରାଇଭର ରମେଶ ପାଟ୍‌କର, ହେଲ୍‌ପର ରମେଶ କୁମାର ସାହୁଙ୍କ ସମେତ ସୁଶିଲ ବାନାର୍ଜୀ ଓ ଜୋହନ ନାୟକ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାଓବାଦୀଙ୍କୁ ନିପାତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ଦାନ୍ତେୱାଡ଼ା ଏସ୍‌ପି ଅଭିଷେକ ପଲ୍ଲବ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅକ୍ଟୋବର ୩୦ରେ ଦାନ୍ତେୱାଡ଼ାର ଅରନପୁର ଅଞ୍ଚଳରେ ମାଓବାଦୀଙ୍କ ଆକ୍ରମଣରେ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ ନିହତ ହୋଇଥିବାବେଳେ ୩ ପୋଲିସ କର୍ମୀ ଶହୀଦ ହୋଇଥିଲେ। ଏହାର ୩ ଦିନ ପୂର୍ବରୁ ମାଓବାଦୀମାନେ ବିଜାପୁର ଜିଲାରେ ସିଆର୍‌ପିଏଫ୍‌କୁ ଟାର୍ଗେଟ କରିଥିଲେ। ଏଥିରେ ସୁରକ୍ଷା ବଳର ୪ ଯବାନ ଶହୀଦ ଓ ୨ ଆହତ ହୋଇଥିଲେ। ମାଓବାଦୀମାନେ ଭୋଟ ବର୍ଜନ ପାଇଁ ଆହ୍ୱାନ ଦେଇଥିବାବେଳେ ନିର୍ବାଚନ କରାଯାଉଥିବାରୁ ସେମାନେ ବାରମ୍ବାର ଏପରି ଟାର୍ଗେଟ କରୁଥିବା କୁହାଯାଉଛି। ଅବଶିଷ୍ଟ ୭୨ ଆସନ ପାଇଁ ଆସନ୍ତା ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଡିସେମ୍ବର ୧୧ରେ ଭୋଟ ଗଣତି କରାଯିବ।

## ବାଳକ ଦେହରୁ ...

ରୋଗ ଉପରେ ଗବେଷଣା କରାଗଲେ ସେ ଆରୋଗ୍ୟ ହୋଇପାରିବେ ବୋଲି ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଭାଗ ଡାକ୍ତର ନିରନ କର କହିଛନ୍ତି। କଟକ ବଡ ମେଡିକାଲରେ ରୋଗ ଚିହ୍ନଟ ହୋଇ ନ ପାରିବା କାରଣରୁ ଜ୍ଞାନପ୍ରକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିଗିଡିବାରେ ଲାଗିଛି। ଗତ କିଛି ଦିନ ହେବ ସେ ଅସ୍ୱାଭାବିକ ଆଚରଣ କରୁଛନ୍ତି। ଏଥିନେଇ ମାଆ ବାପା ଚିନ୍ତିତ ହୋଇ ପଡିଥିବାବେଳେ ପୁଅର ଆରୋଗ୍ୟ ପାଇଁ ତନ୍ତ୍ରମନ୍ତ୍ରର ଆଶ୍ରୟ ନେବାକୁ ମନସ୍ଥ କରିଛନ୍ତି। ଜ୍ୟୋତିର୍ବିତ୍‌ମାନଙ୍କୁ ମଧ୍ୟ ପଚାରି ପ୍ରତିକାର କରୁଛନ୍ତି। ଅନେକ ଏହା ତନ୍ତ୍ରମନ୍ତ୍ର ହୋଇପାରେ ବୋଲି କହୁଥିବାବେଳେ ଡାକ୍ତର କହୁଛନ୍ତି ଦେହ, ହାତଗୋଡ , ମୁଣ୍ଡରୁ ପାଣି ବାହାରିବା ଓ ରକ୍ତ ବାହାରିବା ଘଟଣା ଆମେ ଦେଖିଛୁ। କିନ୍ତୁ ବାଳକ ଜଣକ ଯାହା ଖାଉଛନ୍ତି, ତାହା ଦେହରୁ ବାହାରକୁ ଆସିବା ଚିକିତ୍ସା କ୍ଷେତ୍ରରେ ଆମେ ଦେଖିନାହୁଁ। ପୁଅକୁ ଚିକିତ୍ସା କରିବା ପାଇଁ ମାଆ ବାପା ଏଣେତେଣେ ବୁଲି ନୟାନ୍ତ ହୋଇ ପଡିଲେଣି । ଏଭଳି ଅବସ୍ଥାରେ ଚିକିତ୍ସା ବିଜ୍ଞାନ ଠିକ୍ ମାର୍ଗଦର୍ଶନ କରିପାରୁ ନ ଥିବାବେଳେ ଲୋକେ ଅନ୍ଧବିଶ୍ୱାସକୁ ଆପଣେଇ ନେବାକୁ ବାଧ୍ୟହୁଅନ୍ତି ବୋଲି ଆନ୍ତର୍ଜାତିକ ମାନବାଧିକାର କାଉନସିଲ୍ କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ପାଢୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜ୍ଞାନପ୍ରକାଶ ମାଆ ବାପାଙ୍କ ଏକମାତ୍ର ପୁଅ। ନଳିନୀପ୍ରଭା ବିବାହ କରିବାର ୯ ବର୍ଷ ପରେ ସେ ଜନ୍ମ ହୋଇଥିଲେ। ଜ୍ଞାନପ୍ରକାଶ ଏବେ ଗାଁରେ ରହୁଛନ୍ତି ।


# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସୁଧାଂଶୁବାଳା ରାୟ**

୧୯୪୦-୧୯୯୫
(କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା)
ସ୍ୱାମୀ: ସ୍ୱର୍ଗତ ସୁଧୀର କୁମାର ରାୟ
ବଗଲଗଡ଼
ଅମରାତ୍ମା ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି:
ବନ୍ଧୁ ଓ ପରିବାରବର୍ଗ। ଧ-୬୪୯୧୦

## ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ଦିବ୍ୟନାରାୟଣ ବାବୁ**

(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ସମ୍ବଲପୁର
ଆବିର୍ଭାବ: ୦୫।୧୨।୧୯୩୭
ତିରୋଧାନ: ୦୯।୧୧।୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିରପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛି। ଶୋକସନ୍ତପ୍ତ: ସ୍ତ୍ରୀ-ସଂଯୁକ୍ତା ବାବୁ, ପୁଅ-ସୌମିକ, ପୁତ୍ରବଧୂ-ପ୍ରତୀକ୍ଷା, ଝିଅ-ସ୍ୱରଲିପି, ଜ୍ୱାଇଁ-ଆନନ୍ଦ ଚନ୍ଦ୍ର ପତି, ନାତୁଣୀ ଅନୁଷ୍କା। ଧ-୬୨୪୫୭

## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସବିତା ମହାନ୍ତି**

ସ୍ୱାମୀ- ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି
ସୁକିନ୍ଦା, ମାଛଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୩୦।୦୫।୧୯୫୪
ତିରୋଧାନ: (ଗୋବର୍ଦ୍ଧନ ପୂଜା) ୨୪।୧୦।୨୦୧୪
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନ ପୂଜା ଦିନରେ ଛାଡି ଆରପାରିକୁ ଚାଲିଗଲ। ତୁମର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ମମତା ଓ ଭଲପାଇବା ଆମ ପାଇଁ ଚିରସ୍ମରଣୀୟ ଓ ପଥପ୍ରଦର୍ଶକ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏହା ହିଁ ଆମର କାମନା। ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି: ସ୍ୱାମୀ- ଶ୍ରୀକୃଷ୍ଣଚନ୍ଦ୍ର ମହାନ୍ତି, ପୁତ୍ର- ଶିବୁ ଓ ବୁବୁ, କନ୍ୟା- ରୁନି, ଝିଅ- ଝିଲି, ଶିଲି, ନିନି, ବୁନି, ଜ୍ୱାଇଁ- ବାପୁ, ରତନ, ବାପି, ବବ୍ଲୁ, ନାତି- ସୋମନାଥ, ନାତୁଣୀ- ଶ୍ୱେତଲିନା, ସୁଶ୍ରୀ, ଜୟଶ୍ରୀ। ଧ-୬୫୦୫୨

## ଦଶାହ ଉପଲକ୍ଷେ



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ର**

ତିରୋଧାନ: ୩୧।୧୦।୨୦୧୮
(କାର୍ତ୍ତିକ, କୃଷ୍ଣପକ୍ଷ, ସପ୍ତମୀ)
ଜନ୍ମସ୍ଥାନ: ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ
ବାସସ୍ଥାନ: ଶୈଳଶ୍ରୀ ବିହାର, ଭୁବନେଶ୍ୱର
ନନା, ତୁମେ ଚାଲିଯିବାର ଦଶଦିନ ହୋଇଯାଇଥିଲେ ମଧ୍ୟ ଆମ୍ଭର ବିଶ୍ୱାସ ହେଉନାହିଁ। ତୁମ ନୀତି, ଆଦର୍ଶ ଏବଂ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ଆମେ ଆଗକୁ ବଢିବାକୁ ଚେଷ୍ଟା କରୁଛୁ। ତୁମ ଆଶୀର୍ବାଦ ସର୍ବଦା ଆମ ସହିତ ରହିଥାଉ। ତୁମ ପବିତ୍ର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଏବଂ ନାତୁଣୀମାନେ। ଧ-୯୨୯୩


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଷ୍ଟମ ଭାବରେ ଗୁରୁଚାନ୍ଦ୍ରି ଯୋଗ ସମସ୍ୟା ମଧ୍ୟରେ ଅର୍ଥ ସମ୍ପଦ ପ୍ରାପ୍ତି କରାଇବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ଶୁଭଗ୍ରହମାନଙ୍କ ଦୃଷ୍ଟିପଥରେ ଆପଣଙ୍କ ରାଶିର ଶୁଭତ୍ୱ ବୃଦ୍ଧିପାଇବା ସହ ପ୍ରତ୍ୟେକ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ନିଜର ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ କିନ୍ତୁ ହଠାତ୍ କୌଣସି ଦୃଢ଼ ପଦକ୍ଷେପ ନେଲେ ଝମେଲା ବଢି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲାର ସମାଧାନ ଆଶା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ କୌଣସି ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପାଇଁ ବାଧ ହୋଇପାରନ୍ତି। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରେ। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ଦେଖାଦେବ।

**ସିଂହ** ମାନସିକ ଅସ୍ଥିରତା କାରଣରୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧିର ପୃଷ୍ଠଭୂମି ପାଲଟିଯିବ। ବାଧବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା** ଆଜିର ଗ୍ରହସମ୍ପର୍କ ପ୍ରଭାବରେ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସୀ ହୋଇଯିବ। ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ ତଥାପି ବୁଝିବିଚାରି କାମ କରନ୍ତୁ ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବନ୍ଧୁଙ୍କ ଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୃଙ୍ଖିଳା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବେ।

**ତୁଳା** ଆର୍ଥିକ ଅଭିବୃଦ୍ଧି ସହ କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ସୁନାମ ଅର୍ଜନ କରିପାରିବେ। ପରୋକ୍ଷ ଶତ୍ରୁତା କାରଣରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟିକ କିମ୍ବା ବିବାଦୀୟ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। ଫଳରେ ଦୂରଯାତ୍ରା କରିବାକୁ ପଡିପାରେ।

**ବିଛା** ଚନ୍ଦ୍ରଙ୍କ ପ୍ରତି ରାହୁଙ୍କ ଦୃଷ୍ଟି କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପ୍ରତ୍ୟେକ ସ୍ତରରେ ମତାନ୍ତର ଘଟିବ। କଳା, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପରିସ୍ଥିତିରେ ପଡି ବହୁତ୍ ଗୁଡିଏ ଟଙ୍କା ଖର୍ଚ୍ଚ କରିବାକୁ ବାଧ ହେବେ।

**ଧନୁ** ଅନ୍ୟମାନଙ୍କ ଘରୋଇ କଥାରେ ଆଲୋଚନା କରି ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କଲେ ଉପକୃତ ହେବେ। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**ମକର** ଆଜି ଆପଣଙ୍କ କୌଣସି କାମ ଅଟକିବ ନାହିଁ ଆନୁଷଙ୍ଗିକ ସାହାଯ୍ୟ ଲାଭକରି ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ** ଶନି ମୂଳା ନକ୍ଷତ୍ରରେ ରହିଥିବାରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ମୀନ** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହିତ ମାନସିକ ସ୍ତରରେ ଖୁସୀ ଅନୁଭବ କରିବେ। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଦୀର୍ଘଦିନରୁ ଚେଷ୍ଟା କରୁଥିବା ଆନୁଷ୍ଠାନିକ କାମରେ ଅବଶ୍ୟ ସଫଳତା ପାଇବେ।

କାର୍ତ୍ତିକ ଶୁକ୍ଳପକ୍ଷର ଯମ ଦ୍ୱିତୀୟା ଶୁକ୍ରବାର, ଶ୍ରୀକ୍ଷେତ୍ରେ ଯମେଶ୍ୱରଙ୍କ ଯାତ୍ରା, ନଭେମ୍ବର ୯ ତାରିଖ, ଜାତୀୟ ଆଇନ ସେବା ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୨୩ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୫୨ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୩ମି. ଗତେ ଘ୮।୪୬ମି. ମଧ୍ୟେ, ଘ୧୧।୩୬ମି. ଗତେ ଘ୧।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୬ମି. ଗତେ ଘ୧୧।୩୦ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ବୈଠକ

- ଛାତ୍ରୀଛାତ୍ରଙ୍କ ଟିକେଟରେ ୫୦ପ୍ରତିଶତ ରିହାତି
- ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ପରିଦର୍ଶନ ସୁବିଧା

ଭୁବନେଶ୍ୱର, ୮।୧୧(ବ୍ୟୁରୋ): କଟକସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଗ୍ରହାଳୟର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ କଟକ ସହରର ଏକ ଲୋକପ୍ରିୟ ଦର୍ଶନୀୟ ସ୍ଥାନଭାବେ ବିକଶିତ ହୋଇପାରିଛି। ସଂଗ୍ରହାଳୟକୁ ଆସୁଥିବା ଦର୍ଶକମାନଙ୍କ ସଂଖ୍ୟା ବୃଦ୍ଧି ଘଟୁଛି। ଏହି ସଂଗ୍ରହାଳୟ ଆମ ନୌବାଣିଜ୍ୟ ପରମ୍ପରାର ଗୌରବମୟ ସ୍ମୃତି ବହନ କରୁଛି। ଛାତ୍ରୀଛାତ୍ରମାନଙ୍କୁ ଏ ବାବଦରେ ସଚେତନତା କରିବା ପାଇଁ କଟକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟରେ ସୂଚନା ପତ୍ରିକା ବଣ୍ଟନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସଂଗ୍ରହାଳୟରେ ଥିବା ଏସ୍ଏଫ୍ଏକ୍ସ ଏବଂ ଆକ୍ୱାରିଅମ ପ୍ରଦର୍ଶନରେ ଆସୁଥିବା ୧୪ ବର୍ଷରୁ କମ୍ ବୟସ ଛାତ୍ରୀଛାତ୍ରଙ୍କୁ ଟିକେଟରେ ୫୦ପ୍ରତିଶତ ରିହାତି ମିଳିବ। ଏହାଛଡା ଦିବ୍ୟାଙ୍ଗମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପରିଦର୍ଶନ ସୁବିଧା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆକ୍ୱାରିଅମ ସମ୍ପ୍ରସାରଣ ଓ ମିରର୍ ମେଜ୍ ପ୍ରତିଷ୍ଠା କରାଯିବ। ଛୁଟିଦିନଗୁଡିକରେ ନୌବାଣିଜ୍ୟ ସଂଗ୍ରହାଳୟର କର୍ମଚାରୀମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ବର୍ଷକୁ ଅଧିକ ୨୧ଦିନର ଦରମା ଦିଆଯିବ। ଏହାସହ କର୍ମଚାରୀମାନଙ୍କ ଦରମା ପୁନଃନିର୍ଦ୍ଧାରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମୁଖରେ ମହାନଦୀ ତଟର ସ୍ୱତନ୍ତ୍ର ବିକାଶ ଓ ସୌନ୍ଦର୍ଯ୍ୟ କରିବାକୁ ବୈଠକରେ ଆଲୋଚନା କରାଯାଇଛି।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଖବରଦାତା ସମ୍ମିଳନୀରେ ଅତିଥିମାନଙ୍କ ସହ ମନ୍ତ୍ରୀ ଅନନ୍ତ ଦାସ(ବାମରୁ ଦ୍ୱିତୀୟ)।

- ଉଦ୍ୟୋଗୀଙ୍କ ପାଇଁ ସୁଯୋଗ
- ବିଜ୍‌ନେସ ଲିଡରଶିପ୍‌ରେ ମୁକେଶ ଅମ୍ବାନୀ ଦେବେ ଅଭିଭାଷଣ
- ଶିଳ୍ପ ସହ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହେବ
- ଦେଶର ହେବ ପ୍ରଥମ ବୃହତ୍ କନ୍‌କ୍ଲେଭ
- ପ୍ରଦର୍ଶିତ ହେବ ସଂସ୍କୃତି, କଳା, ପର୍ଯ୍ୟଟନ
- ପ୍ରଥମଥର ପାଇଁ ଓଡ଼ିଶା ସିଏସ୍ଆର୍ ପୁରସ୍କାର

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଆସନ୍ତା ୧୧ ତାରିଖରୁ ରାଜଧାନୀର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ। ଏହା ୧୫ ତାରିଖ ଯାଏ ଚାଲିବ। ଏ ନେଇ ରାଜ୍ୟ ସରକାର ପ୍ରସ୍ତୁତି ମଧ୍ୟ ଜୋରଦାର ଚଳାଇଛନ୍ତି। ଏହି କନ୍‌କ୍ଲେଭ ଓଡିଶାର ଶିଳ୍ପାୟନ ଯାତ୍ରାକୁ ତ୍ୱରାନ୍ୱିତ କରିବ। ଯାହାକି ପୂର୍ବରୁ କେବେ ଦେଖିବାକୁ ମିଳି ନାହିଁ। ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବ୍ୟବସାୟୀ ଗୋଷ୍ଠୀଙ୍କର ମୁଖ୍ୟଙ୍କୁ ଆମେ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରିଛୁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଥିରେ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ଦେଶର ସବୁଠାରୁ ବଡ଼ ବ୍ୟବସାୟିକ ଘଟଣା ହେବ। ଏଥିରେ ଭାରତରୁ ୧୫୦ ଜଣ ଏବଂ ଦେଶ ବାହାରୁ ଏପରି କି ଆମେରିକା, ଫ୍ରାନ୍ସ ଭଳି ଦେଶରୁ ପ୍ରତିନିଧିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ବିଭାଗର ମନ୍ତ୍ରୀ ଓ ସଚିବମାନେ ବ୍ୟକ୍ତିଗତ ସ୍ତରରେ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥିରେ ଭାବର ଆଦାନ ପ୍ରଦାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମେକ୍ ଇନ୍ ଓଡିଶା କନ୍‌କ୍ଲେଭ ୨୦୧୮କୁ ସଫଳତାର ସହ ପରିଚାଳନା କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୫ଟି ବିଭାଗ ୪ ଦିନ ଧରି ବିଭିନ୍ନ କ୍ଷେତ୍ର ଉପରେ ଅଧିବେଶନ ଆୟୋଜନ କରୁଛନ୍ତି। ଏହି କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟୱର୍କ ବୃଦ୍ଧି ଓ ଅଂଶୀଦାର ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି। ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ବର୍ତ୍ତମାନ ସମଗ୍ର ପୃଥିବୀ ଏକ ବିଶ୍ୱ ଗ୍ରାମରେ ପରିଣତ ହୋଇଛି। ଏହି କନ୍‌କ୍ଲେଭ କେବଳ ବଡ ବଡ ଶିଳ୍ପ ଯଥା ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ରସାୟନ ଶିଳ୍ପ କିମ୍ବା ପେଟ୍ରୋ କେମିକାଲ ଶିଳ୍ପ ମଧ୍ୟରେ ସୀମିତ ରହି ନାହିଁ। ରାଜ୍ୟର ଆର୍ଥିକ ବିକାଶ ଦିଗରେ ମଧ୍ୟ ଏହା ସହାୟକ ହେବ। କେବଳ ପୁଞ୍ଜିନିବେଶ ନୁହେଁ। ରାଜ୍ୟ ବିଷୟରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଏହାର ଲକ୍ଷ୍ୟ ବୋଲି ସଚିବ କହିଛନ୍ତି। ଓଡିଶା ବାହାରେ ରହୁଥିବା ଲୋକମାନେ ଓଡିଶାକୁ ଭଲ ଭାବରେ ଜାଣିନାହାନ୍ତି। ସୂଚନା ପ୍ରଦାନରେ ଦୂରତ୍ୱ ରହି ଯାଇଛି। ଓଡିଶା ବିଷୟରେ ଅନେକ ଭ୍ରାନ୍ତଧାରଣା ରହିଛି। ଏହାକୁ ଦୂର କରିବାରେ ଏହି କନ୍‌କ୍ଲେଭ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟିର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୬୫ ପ୍ରତିଶତ ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଛି। ନଭେମ୍ବର ୧୨ ତାରିଖରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଆଲୋଚନା ଚକ୍ରରେ ବିଜ୍‌ନେସ ଲିଡରଶିପ ସବ୍‌ମିଟ୍‌ରେ ମୁକେଶ ଅମ୍ବାନୀ ହେବେ ମୁଖ୍ୟବକ୍ତା।ଏଥିରେ ଆଗାମୀ ପିଢିର ନେତୃତ୍ୱଙ୍କୁ ପ୍ରେରଣା ଦେବା ସକାଶେ ଶିଳ୍ପ କ୍ୟାପଟେନମାନେ ଲିଡରଶିପ ଦିଗ ଉପରେ ଆଲୋଚନା କରିବେ। ଏଥିରେ ସ୍ଥାନୀୟ ଶିଳ୍ପପତି ଓ ଉଦ୍ୟୋଗପତିଙ୍କ ସମେତ ବହୁରାଷ୍ଟ୍ରୀୟ ଓ ସ୍ଥାନୀୟ ଶିଳ୍ପାନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ରାଜ୍ୟର ସମୃଦ୍ଧ ସଂସ୍କୃତି ଐତିହ୍ୟକୁ ଦର୍ଶକମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଏବଂ କଳାଭୂମି (ଓଡ଼ିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଜନା କରାଯାଇଛି। ନଭେମ୍ବର ୧୨ରେ ପ୍ଲେନାରୀ ଅଧିବେଶନ ବେଳେ ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଏବଂ ତାଙ୍କ ଟିମ୍‌ଙ୍କ ଦ୍ୱାରା ରାଜ୍ୟର ଇତିହାସ ଓ ସଂସ୍କୃତି ଉପରେ କଳାତ୍ମକ ଅନୁବାଦ ପ୍ରଦର୍ଶନ ହେବ। ରାଉରକେଲା ଜନ୍ମିତ ଏବଂ ଆମେରିକାର ପ୍ରଖ୍ୟାତ ଫ୍ୟାଶନ ଡିଜାଇନର ବିଭୁ ମହାପାତ୍ର କ୍ରିଏଟିଭ ଅର୍ଥନୀତି ଉପରେ ଏକ ଟେଡ୍ ଷ୍ଟାଇଲ ଅଭିଭାଷଣ ପ୍ରଦାନ କରିବେ।

ଏହାଛଡା ଷ୍ଟାର୍ଟଅପ ଟକ୍ ଏବଂ ଆକାଂକ୍ଷା ଉଦ୍ୟୋଗୀଙ୍କ ପାଇଁ ଏହା ଲକ୍ ପ୍ଲାଟଫର୍ମ ହେବ। ଏଥିରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ନିବେଶକ, ମେଣ୍ଟର ଓ ଉଦ୍ୟୋଗୀଙ୍କ ସହ ଆଲୋଚନା କରିବାର ସୁଯୋଗ ମିଳିବ। ଟେକ୍ ଟକ୍ କାର୍ଯ୍ୟକ୍ରମରେ ମିସ ୟେଭେତ କନୌଫ ଆମେରିକାର ପ୍ରଗତିଶୀଳ ଟେକ୍ନୋଲୋଜି ଉପରେ ଏକ ଅଭିଭାଷଣ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ଲାଗି ରାଜ୍ୟରେ ଓଡ଼ିଶା ସିଏସ୍ଆର୍ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟର ସାମଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ଦିଗରେ ଓଡ଼ିଶାରେ ଥିବା କମ୍ପାନୀଗୁଡିକର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଦିଆଯିବ। ନଭେମ୍ବର ୧୨ ତାରିଖରେ ୩ଟି ଶ୍ରେଷ୍ଠ କମ୍ପାନୀକୁ ଶ୍ରେଷ୍ଠ ଷ୍ଟଲ୍ ପାଇଁ ପୁରସ୍କୃତ କରାଯିବ। ଏଥିସହିତ ସୋସିଆଲ ମିଡିଆରେ 'ଆଇ ଆମ୍ ଓଡ଼ିଶା' ଅଭିଯାନ ସଫଳତା ପୂର୍ବକ ଶେଷ ହେବା ପରେ ଓଡିଶାଭିତ୍ତିକ ୭ ଜଣ ସଫଳ ଉଦ୍ୟୋଗୀ ସେମାନଙ୍କ କେସ୍ ଷ୍ଟଡି ପ୍ରଦାନ କରିବେ। ୩ ଜଣ ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଓଡିଶା ଗୌରବ' ଭାବେ ସମ୍ମାନିତ କରାଯିବ। ମେକ୍ ଇନ୍ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରି ପାର୍ଟନର ରହିଛି। ନଭେମ୍ବର ୧୨ରେ ଜାପାନ କମ୍ପାନୀଗୁଡିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି। ଏହି କର୍ମଶାଳାରେ ଜାପାନ କମ୍ପାନୀଗୁଡିକ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ। ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ। ଏଥିପାଇଁ ୨୯୩ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ୯୩ଟି ଟିମ୍‌ରେ ବିଭକ୍ତ କରାଯାଇଛି। ୩୬ ଘଣ୍ଟିଆ ସ୍ମାର୍ଟ ଓଡ଼ିଶା ହାକାଥନ ବିଜେତାଙ୍କୁ ନଭେମ୍ବର ୧୫ରେ ପୁରସ୍କୃତ କରାଯିବ। ଓଡ଼ିଶା ଥିମ ପାଭେଲିୟନ ହେବ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ।

# ନିଯୁକ୍ତି ରାଜନୀତି: ପିଏସ୍ୟୁ ସମ୍ମୁଖରେ ବିଜେଡିର ବିକ୍ଷୋଭ

### ପ୍ରତିକ୍ରିୟା ରଖିଲେ ବିରୋଧୀ


ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଓଡ଼ିଶାରୁ ବିପୁଳ ଖଣିଜ ସମ୍ପଦ ଉତ୍ତୋଳନ କରି ମଧ୍ୟ କେନ୍ଦ୍ର ଅନୁରୂପ ନିଯୁକ୍ତି ସୁଯୋଗ ଯୁବତୀଯୁବକଙ୍କୁ ଯୋଗାଇନାହିଁ । କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବର୍ଷକୁ ୨ କୋଟି ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହି ନ୍ୟାୟରେ ୪ ବର୍ଷ ୬ ମାସ ପରେ ୯ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା କଥା। ପରିସଂଖ୍ୟାନ ଦୃଷ୍ଟିରୁ ପ୍ରାୟ ୩୬ ଲକ୍ଷ ଚାକିରି ଓଡ଼ିଶା ଭାଗରେ ପଡିବା କଥା। ହେଲେ ତାହା ଯୋଗାଇବାରେ କେନ୍ଦ୍ର ବିଫଳ ହୋଇଥିବା ଅଭିଯୋଗ କରିଛି ବିଜେଡି। ଏହାର ପ୍ରତିବାଦରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କ୍ଷେତ୍ର ମଧ୍ୟରେ ଆସୁଥିବା ପବ୍ଲିକ ସେକ୍ଟର ୟୁନିଟ୍ (ପିଏସ୍ୟୁ) ସମ୍ମୁଖରେ ବିଜେଡି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ବିକ୍ଷୋଭରେ ଛାତ୍ର ଏବଂ ଯୁବ ବିଜେଡି ପକ୍ଷରୁ ଦଳର ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ରାଜଧାନୀରେ ଆୟୋଜିତ ପ୍ରତିବାଦ ସଭାରେ ଯୋଗଦେଇ ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ଦେଶ କୋଟି କୋଟି ନିଯୁକ୍ତି ସୁଯୋଗ ହରାଇଛି। ଓଡ଼ିଶାରେ ଶିଳ୍ପର ପ୍ରଗତି ପାଇଁ ଶିଳ୍ପ କରିଡର୍‌ର ଆବଶ୍ୟକତା ରହିଛି। କିନ୍ତୁ କେନ୍ଦ୍ର ସରକାର ରାଜ୍ୟକୁ ତାହା ଯୋଗାଇ ପାରିନାହିଁ। ରାଜ୍ୟରେ ୩୦ରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ପିଏସ୍ୟୁ ସଂସ୍ଥା ଥିଲାବେଳେ ଓଡ଼ିଆ ଯୁବତୀଯୁବକଙ୍କ ସେଥିରେ ନିଯୁକ୍ତି ସୁଯୋଗ ନାହିଁ। ସେହିପରି ବିଜେଡି ଛାତ୍ର-ଯୁବ ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡା ସମାଲୋଚନା କରାଯାଇଛି। ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ବିଗତ ୪ ବର୍ଷରେ କେତେ ଓଡ଼ିଆଙ୍କୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରେ ନିଯୁକ୍ତି ମିଳିଛି, ତାହାର ତାଲିକା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିପାରିବେ କି। ଯେଉଁ ପରିମାଣ ରାଜସ୍ୱ ଓଡ଼ିଶାରୁ କେନ୍ଦ୍ର ନେଉଛି, ସେହି ଅନୁପାତରେ ବିଭିନ୍ନ ଯୋଜନାରେ ଅନୁଦାନ ଆସୁନାହିଁ କାହିଁକି। ଯେଉଁ ଦିନଠାରୁ ଏନ୍‌ଡିଏ ସରକାର ଆସିଛି, ରାଜ୍ୟ ସରକାରଙ୍କ ପ୍ରାୟ ୮ଟି ଯୋଜନାକୁ ବନ୍ଦ କରାଯାଇଛି। ଦୁଇ ଡଜନରୁ ଅଧିକ ଯୋଜନାରେ ଅନୁଦାନ ହ୍ରାସ ପାଇଛି। ରୋଜଗାର ମାଗୁଥିବା ଯୁବକଙ୍କୁ ପକୁଡି ବିକିବାକୁ କହି ଯୁବବର୍ଗଙ୍କୁ କେନ୍ଦ୍ର ସରକାର ଠକି ଥିବା ଚିନ୍ମୟ କହିଛନ୍ତି। ବିଜେଡି ପକ୍ଷରୁ ଏମ୍‌ସିଏଲ୍, ଆଇଓସିଏଲ୍ , ପୂର୍ବତଟ-ରେଲୱେ ଏବଂ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ବିଜେଡିର ଆନ୍ଦୋଳନ ଡାକରାକୁ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟ ସରକାର ଶିଳ୍ପମାରଣ ନୀତି ଅବଲମ୍ବନ କରିଛନ୍ତି। ବିଜେଡି ଦେଇଥିବା ଲକ୍ଷ ଲକ୍ଷ ନିର୍ବାଚନୀ ପ୍ରତିଶ୍ରୁତି କୁଆଡେ ଗଲା। ଓଏମ୍‌ସି, ଇଡ୍‌କୋ, ଇପିକଲ୍ ଏବଂ ଯୋଗାଣ ନିଗମରେ କେତେ ସଂଖ୍ୟକ ପିଲା ନିଯକ୍ତ ହୋଇଛନ୍ତି। ଏନ୍‌ଟିପିସି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୦ ହଜାର କୋଟି ଟଙ୍କାର ଅନୁଦାନ ଦେଇ ସାରିଛନ୍ତି। ହେଲେ ରାଜ୍ୟ ସରକାର ଜମି ଅଧିଗ୍ରହଣ ନ କରି ଓଡ଼ିଆ ଯୁବକଙ୍କ ନିଯୁକ୍ତିରେ ବାଧକ ହୋଇଛନ୍ତି।

DSPL - 240



ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ୨ଗୋଟି
ନୂତନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+2 Science)ର
ଶୁଭ ଉଦ୍‌ଘାଟନ
ବଡ଼ଭରଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ନିଷାନହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଜିଲ୍ଲା - ନବରଙ୍ଗପୁର
ତା. ୯.୧୧.୨୦୧୮
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ, ମାନ୍ୟବର ମନ୍ତ୍ରୀ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଓଡ଼ିଶା
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ, ମାନ୍ୟବର ସାଂସଦ, ନବରଙ୍ଗପୁର
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ ତଥା ଅଧ୍ୟକ୍ଷ,
ଜିଲ୍ଲା ଯୋଜନା କମିଟି, ନବରଙ୍ଗପୁର
ଶ୍ରୀଯୁକ୍ତ ମୋତିରାମ ନାୟକ, ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ,
ନବରଙ୍ଗପୁର
ଶ୍ରୀମତୀ ଭଗବତୀ ଭତ୍ରା, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, ନବରଙ୍ଗପୁର
ଏହି ଉଦ୍‌ଘାଟନୀ ଉତ୍ସବରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା
26001/13/0013/1819

CLASSIFIED DISPLAY

SEIKO CLOCKS
125 years
CELEBRATION OF TIME WITH SEIKO CLOCKS
FLAT 20%*OFF
AUTHORISED DEALER
Khimji-K.D & Sons Pvt. Ltd.: Plot No.: 621/A, Janpath Saheeednagar, Bhubaneswar, PH : 07381065032
Lalchand Gem & Jewellers Pvt. Ltd.: 41/688, Machua Bazar, Cuttack, Ph : 7873121212
Lalchand Jewellers Pvt. Ltd.: 1, Lalchand Market Complex, Bhubaneswar, Ph : 9776002010
Nawab Khan Watch Co. : 91/92, Bapuji Nagar, Bhubaneswar, Ph : 0674-2597995/08908659789
New Samaya Bhawan : Plot No. - 394, Municipality Hospital Rd, Bhubaneswar, Ph : 8917262602

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

APOLLO HOSPITALS HYDERABAD
Apollo HOSPITALS
VASCULAR CLINIC
All vascular and endo-vascular conditions, like upper & lower limb edema management of varicose veins, creation of vascular access to kidney failure patients. lower limb bypass sugeries, lymphedema, abdominal aortic aneurysm, leg artery disease neuro stroke, thoracic aneurysm, pulmonary embolism, peripheral artery diseases etc (in Diabetic Patients.)
Dr. Nihar Ranjan Pradhan
MS. DNB (Vascular surgery), FVES(UK)
Consultant vascular & endovascular surgeon
SPECIALITY CLINICS PLOT NO:11A, BJB NAGAR, KALPANA AREA, BBSR DT-10.11.2018
MOB: 8480902909
SUPER SPECIALITY HOSPITAL CIVIL TOWNSHIP ROURKELA, DT- 09.11.2018,
CONTACT - 9861016907

LOOKING FOR INVESTORS / PARTNERS / LEASE FACILITY
For running Automobile Workshop having Servicing / Painting / Welding and Repairing 5000 sqft area with Shed / Office / Staff Qtrs 3 phase Electric, own water supply.
Mob : 8114721727

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୧% ସମାଧାନ ପାଆନ୍ତୁ
କାମ ନହେଲେ ପଇସା ଫେରସ୍ତ, କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନକରିବା ଘରେହେଉ ଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
9773820765-8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

# ପୁନଃ ଆହ୍ୱାନ

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଓ ତଜ୍ଜନିତ କୃଷକମାନଙ୍କ ଦୁର୍ଦ୍ଦଶା କିଛି ନୂଆ କଥା ନୁହେଁ। ରାଜ୍ୟର ତିନିଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାବେଳେ ରାଜ୍ୟର ଅର୍ଥନୀତି ପ୍ରକାରାନ୍ତରେ ପ୍ରକୃତିର ମର୍ଜି ଓ ଦୟା ଉପରେ ନିର୍ଭର କରିଥାଏ। ବାସ୍ତବରେ ସବୁଠାରୁ ଅଧିକ ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏପରି କ୍ୱଚିତ୍ ବର୍ଷ ଥିବ ଯେଉଁବର୍ଷ ଓଡ଼ିଶାର ଆଂଶିକ ବା ବ୍ୟାପକ ଅଂଶ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବିଧ୍ୱସ୍ତ ହୋଇ ନ ଥିବ। ଏମିତି ବି ଅନେକ ଉଦାହରଣ ଅଛି, ଯେତେବେଳେ ଗୋଟିଏ ବର୍ଷରେ ଉଭୟ ବର୍ଷାହୀନତା ଓ ବୃଷ୍ଟିବହୁଳତା ଦ୍ୱାରା ରାଜ୍ୟ କ୍ଷତିଗ୍ରସ୍ତ ହୋଇଛି। ଚଳିତବର୍ଷ ହେଉଛି ତା'ର ଏକ ଉଦାହରଣ। ଉପକୂଳ ଓ ଦକ୍ଷିଣ ଓଡ଼ିଶା ଏବେ ବି ବାତ୍ୟା ତିତ୍‌ଲିର ପରପ୍ରଭାବରୁ ମୁକ୍ତ ହେବାକୁ ସଂଘର୍ଷ କରୁଛନ୍ତି। ଅଥଚ ରାଜ୍ୟର ଅନ୍ୟ କିଛି ଅଂଶରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି।

ଅତୀତରେ ରାଜ୍ୟ ସରକାର ବାତ୍ୟାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ଅଧିକ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରି ଜୀବନହାନିର ଆଶଙ୍କାକୁ ହ୍ରାସ କରିପାରିଥିଲେ। ଏହା ଘଟିଥିଲା ଫାଇଲିନ୍ ଓ ହୁଦ୍‌ହୁଦ୍ ସମୟରେ। ତିତ୍‌ଲି ସମୟରେ ବି ସେପରି ପଦକ୍ଷେପ ନିଆଯାଇଥିଲା। ତେବେ ମରୁଡ଼ି ସମୟରେ ଏପରି କିଛି ଆଗୁଆ ପଦକ୍ଷେପ ନେବା ସମ୍ଭବ ହୋଇପାରିନି। ମରୁଡ଼ି ପରେ ସରକାର ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେଇଥାନ୍ତି। କିନ୍ତୁ ଏହା ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଯଥେଷ୍ଟ ହୋଇ ନ ଥାଏ। ମରୁଡ଼ି ବର୍ଷଗୁଡ଼ିକରେ ହଜାର ହଜାର କୃଷିଜୀବୀ ଘରଦ୍ୱାର ଛାଡ଼ି ବାହାର ରାଜ୍ୟକୁ ରୋଜଗାର ଉଦ୍ଦେଶ୍ୟରେ ଚାଲିଯିବାର ଦେଖାଯାଏ। ଏହି ପରିବାରଗୁଡ଼ିକ ସାଧାରଣତଃ ଏକକ ଉପାର୍ଜନକାରୀ ପରିବାର ହୋଇଥାନ୍ତି। ସରକାରଙ୍କ ସାହାଯ୍ୟ ସେମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପଣା ପରି ହୋଇଥାଏ। ଚଳିତବର୍ଷ ସରକାର ରାଜ୍ୟର ୯ଟି ଜିଲାକୁ ମରୁଡ଼ି ପ୍ରଭାବିତ ବୋଲି ଘୋଷଣା କରିବା ଏକ ସମୟୋଚିତ ପଦକ୍ଷେପ। ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ୨,୩୩,୧୭୪ ହେକ୍ଟର ଧାନଜମି ମରୁଡ଼ିପୀଡ଼ିତ ବୋଲି ସରକାର ଘୋଷଣା କରିଛନ୍ତି। ଏହିସବୁ ଅଞ୍ଚଳରେ କୃଷି ଉତ୍ପାଦନରେ ୩୩ ପ୍ରତିଶତ କ୍ଷତିହେବ ବୋଲି ଆକଳନ କରାଯାଇଛି। ତେବେ ଚଳିତବର୍ଷ ମରୁଡ଼ି-ପୀଡ଼ିତ ବୋଲି ଘୋଷଣା କରାଯାଇଥିବା ଅଧିକାଂଶ ଜିଲା ରାଜ୍ୟର ସବୁଠାରୁ ଧାନ ଅମଳକାରୀ ଜିଲା ଭାବେ ପରିଚିତ। ରାଜ୍ୟର ମୋଟ ଧାନ ଅମଳର ପ୍ରାୟ ଅଧା ଭାଗ ଏହି ୯ଟି ଜିଲା ଅମଳ କରିଥାନ୍ତି। ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ହେଉଛି ସବୁଠାରୁ ଅଧିକ ଧାନ ସଂଗ୍ରହ କରାଯାଉଥିବା ତିନୋଟି ଜିଲା।

## ଆଜିର ଅର୍ଥନୀତି

ଓଡ଼ିଶାର ବାହାର ରାଜ୍ୟକୁ ଯାଉଥିବା ଅଧିକାଂଶ ଦାଦନ ଶ୍ରମିକ ହେଉଛନ୍ତି ପଶ୍ଚିମ ଓଡ଼ିଶାର। ସବୁଠାରୁ ବେଶି ଶ୍ରମିକ ଯାଇଥାନ୍ତି ବଲାଙ୍ଗୀର ଓ ନୂଆପଡ଼ା ଜିଲାରୁ। ତେଣୁ ରାଜ୍ୟ ସରକାର ମରୁଡ଼ିପୀଡ଼ିତ ଘୋଷଣା କରି ତ୍ୱରିତ ଓ ସମୟଭିତ୍ତିକ ପଦକ୍ଷେପ ନେଇଛନ୍ତି। ସରକାର ଅଣଜଳସେଚିତ ଅଞ୍ଚଳ ପାଇଁ ହେକ୍ଟର ପିଛା ଟ୬,୮୦୦, ଜଳସେଚିତ ଅଞ୍ଚଳ ପାଇଁ ଟ୧୩,୫୦୦ ଏବଂ ସବୁ ଋତୁରେ ଚାଷ ହୋଇପାରୁଥିବା ଦୋଫସଲି ଜମି ପାଇଁ ଟ୧୮,୦୦୦ କ୍ଷତିପୂରଣ ଘୋଷଣା କରିଛନ୍ତି। ୨୦୧୬ ମସିହାରେ ବି ଏପରି ପରିସ୍ଥିତି ଉପୁଜିଥିଲା। ସେତେବେଳେ ସରକାର ଊଣା-ଅଧିକେ ଅନୁରୂପ ସାହାଯ୍ୟ ଘୋଷଣା କରିଥିଲେ। କିନ୍ତୁ ତାହା ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ପଳାୟନ କରିବାରୁ ଗରିବ ଶ୍ରମଜୀବୀ ଲୋକମାନଙ୍କୁ ରୋକିପାରି ନ ଥିଲା। ଗତବର୍ଷ ସମ୍ବଲପୁର ଜିଲାର ଜୁଜୁମୁରା ଓ ଜମନ୍‌କିରା ପରି ବ୍ଲକ୍ ଅଞ୍ଚଳରେ ଏପରି ଘଟଣା କିପରି ବ୍ୟାପକ ଭାବେ ଘଟିଥିଲା, ସେ ବିଷୟରେ ଧରିତ୍ରୀରେ ରିପୋର୍ଟ ପ୍ରକାଶ ପାଇଥିଲା। ସେତେବେଳେ ସରଳ କୃଷକ ଓ ଭାଗଚାଷୀମାନେ ମଧ୍ୟସ୍ଥ ଓ ଦଲାଲମାନଙ୍କ ଦ୍ୱାରା କିପରି ଠକାମିର ଶିକାର ହୋଇଥିଲେ ତାହା ଆମେ ଦେଖିଛୁ। ମରୁଡ଼ି ବର୍ଷଗୁଡ଼ିକରେ ଅନେକ କୃଷକ ଆତ୍ମହତ୍ୟା କରିବାର ମଧ୍ୟ ରିପୋର୍ଟ ପ୍ରକାଶ ପାଇଥାଏ। ଏଥର ପୁଣି ସେପରି ଆହ୍ୱାନ ଆସିଛି। ସମଗ୍ର ପଶ୍ଚିମ ଓଡ଼ିଶା ମରୁଡ଼ି-ପୀଡ଼ିତ ହୋଇଥିବାରୁ ଏହି ଅଞ୍ଚଳଗୁଡ଼ିକରୁ ଗରିବ ଲୋକମାନେ ଦାଦନ ଖଟିବାକୁ ବାହାରକୁ ଯିବାର ସମ୍ଭାବନା ରହିଛି। ଦଲାଲ ଓ ମଧ୍ୟସ୍ଥମାନେ ଏବେ ବି ସକ୍ରିୟ ଅଛନ୍ତି। ଏହା ଏକ ଆବର୍ତ୍ତୀ (ପୁନଃ ପୁନଃ ଘଟୁଥିବା) ଆହ୍ୱାନ, ଯାହାର ମୁକାବିଲା ପାଇଁ ସରକାର ସଚେତନ ରହି ପଦକ୍ଷେପ ନେବା ଆବଶ୍ୟକ।

### ଚିରନ୍ତନୀ

ସରଳ ମତି ସହଜ ଗତି
ନ ବୁଝି ଏ ନିଦାଘ ପଥେ
ଯା'ନ୍ତି ଚଳି ବାଳୀ
କି ରୂପରାଶି ଢାଳି।

(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆଇନର ଶାସନ: କିଛି କଥା, କିଛି ବ୍ୟଥା



ଗିରିଜାଶଙ୍କର ତରାସିଆ

ଦିନ ଥିଲା ଶାସକ ନିଜ ଇଚ୍ଛାରେ ଶାସନ କରୁଥିଲେ। ଏବେ କିନ୍ତୁ ଚାଲିଛି ଆଇନର ଶାସନ। ଏହାର ପରିଭାଷା ବ୍ୟାପକ ହେଲେ ମଧ୍ୟ ପରିସୀମା ଅସ୍ପଷ୍ଟ। କାରଣ ଥିଲାବାଲା ଏବଂ ନ ଥିଲାବାଲା କ'ଣ ସତରେ ଆଇନ ଆଗରେ ସମାନ? ଏହି ପ୍ରଶ୍ନଟି ଏବେ ମୋ ମନରେ ଜଟିଳ ରୂପ ଧାରଣ କରିଛି ଓକିଲାତି ପେସାରେ ପ୍ରାୟ ତେତିଶ ବର୍ଷ ବିତାଇବା ପରେ। ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ଷୋଳବର୍ଷ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଷ୍ଠା ଏବଂ ସାଧୁତାର ସହିତ କାର୍ଯ୍ୟ କରିବା ପରେ ଆମ୍ଭ ବିରୋଧରେ କୌଣସି ଅଭିଯୋଗ ନ ଥାଇ ବିନା ନୋଟିସରେ ଆମ୍ଭକୁ କାର୍ଯ୍ୟରୁ ଅପସାରିତ କରିବା ସହିତ ଆମ୍ଭଠାରୁ କନିଷ୍ଠ ଏବଂ ଅପେକ୍ଷାକୃତ ଅନଭିଜ୍ଞ ବ୍ୟକ୍ତିଙ୍କୁ ଆମ୍ଭ ସ୍ଥାନରେ ନିଯୁକ୍ତି ଦିଆଗଲା। କାହାକୁ ନିଯୁକ୍ତି ଦେବା ନ ଦେବା ସରକାରଙ୍କର ଇଚ୍ଛାଧୀନ ବ୍ୟାପାର। କିନ୍ତୁ ଆମ୍ଭଠାରୁ ବରିଷ୍ଠ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲେ ଆମ୍ଭର ଅସନ୍ତୋଷ ରହି ନ ଥାନ୍ତା। ବରିଷ୍ଠତାକୁ ସମ୍ମାନ ନ ଦେଇ ଭାରତର ଉଚ୍ଚତମ ନ୍ୟାୟାଳୟର ତତ୍କାଳୀନ ପୂର୍ବତନ ପ୍ରଧାନ ବିଚାରପତି କନିଷ୍ଠ ବିଚାରପତିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମା ବିଚାର କରିବାକୁ ସୁଯୋଗ ଦେଉଥିବାର ଅଭିଯୋଗ କରି ଉଚ୍ଚତମ ନ୍ୟାୟାଳୟର ଚାରିଜଣ ବରିଷ୍ଠ ବିଚାରପତି ଚେଲମେଶ୍ୱର, ରଞ୍ଜନ ଗୋଗୋଇ (ବର୍ତ୍ତମାନର ପ୍ରଧାନ ବିଚାରପତି), ଏମ୍.ବି. ଲୋକୁର ଏବଂ କୁରିଏନ୍ ଜୋସେଫ ୨୦୧୮ ଜାନୁୟାରୀ ୧୨ ତାରିଖରେ ଏକ ଅଭୂତପୂର୍ବ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଗଣତନ୍ତ୍ରର ସୁରକ୍ଷା ପାଇଁ ଏପରି କରିଥିବା କହିଥିଲେ।

ଆଇନ ଆଗରେ ସମସ୍ତେ ସମାନ ବୋଲି ଭାରତୀୟ ସମ୍ବିଧାନ ଘୋଷଣା କରିଥିଲେ ମଧ୍ୟ ଆଇନକୁ ଫାଙ୍କି ହଜାର ହଜାର କୋଟି ଟଙ୍କା ହଡ଼ପ କରି ବିଜୟ ମାଲ୍ୟାଙ୍କ ପରି ବ୍ୟକ୍ତି ବିଦେଶକୁ ପଳାଇଯାଇ ପାରୁଥିବା ବେଳେ ମାତ୍ର କେତେ ହଜାର ଟଙ୍କା ଋଣ ଶୁଝି ନ ପାରି ଚାଷୀଟିଏ ଆତ୍ମହତ୍ୟା କରୁଛି। ଏହାକୁ କ'ଣ ଆଇନର ସମାନତା ବୋଲି କୁହାଯିବ? ଆମେରିକା ସର୍ବୋଚ୍ଚ ନ୍ୟାୟାଳୟର ଜନୈକ ବିଚାରପତି ବ୍ରିନାନ୍ ଏକଦା ମତପୋଷଣ କରିଥିଲେ- Nothing rankles more in human heart than a brooding sense of injustice. ଆଇନର ଉତ୍ସ କୁହାଯାଉଥିବା ମାଗ୍‌ନାକାର୍ଟା ଚୁକ୍ତି ଇଂଲଣ୍ଡରୁ ଜନ୍ମଲାଭ କରିଥିଲା। ନ୍ୟାୟପୂର୍ଣ୍ଣ ତଥା ଶୃଙ୍ଖଳିତ ଜୀବନଯାପନ ନିମନ୍ତେ ଇଂଲଣ୍ଡର ରାଜା ଏବଂ ବ୍ୟାରନ୍‌ଙ୍କ ମଧ୍ୟରେ ତ୍ରୟୋଦଶ ଶତାବ୍ଦୀରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଲଣ୍ଡନର ପ୍ରସିଦ୍ଧ ଟେମ୍‌ସ ନଦୀକୂଳରେ ଅବସ୍ଥିତ ରୁନିମେଡ଼େ ମନୋରମ ଉଦ୍ୟାନରେ ୧୨୧୫ ଖ୍ରୀଷ୍ଟାବ୍ଦ ଜୁନ୍ ୧୫ ତାରିଖରେ ଇଂଲଣ୍ଡର ତତ୍କାଳୀନ ସମ୍ରାଟ ଜନ୍ ଐତିହାସିକ ମାଗ୍‌ନାକାର୍ଟା ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

## ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ

୧୯୪୯ ମସିହା ମାର୍ଚ୍ଚରେ ବମ୍ବେ ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଏନ୍.ଏଚ୍. ଭଗବତୀଙ୍କ ଅଧ୍ୟକ୍ଷତାରେ ସ୍ୱଳ୍ପ ଆୟକାରୀ ବ୍ୟକ୍ତି ତଥା ପଛୁଆବର୍ଗ ଲୋକଙ୍କୁ ଆଇନ ସହାୟତା ଯୋଗାଇଦେବା ନିମନ୍ତେ ବମ୍ବେ ସରକାର ଏକ କମିଟି ଗଠନ କଲେ। ଅନୁରୂପଭାବେ ସେହି ସମୟରେ ବଙ୍ଗଳା ସରକାର କଲିକତା ଉଚ୍ଚନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ବିଚାରପତି ସାର୍ ଆର୍ଥର ଟ୍ରେଭୋର ହାରିସ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଉଭୟ କମିଟି ନିଜ ନିଜ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ରଭାବେ ସେମାନଙ୍କର ସୁପାରିସ ପ୍ରଦାନ କରିଥିଲେ ମଧ୍ୟ ଏହି ରିପୋର୍ଟକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥିଲା। ଭାରତୀୟ ବିଚାର ବିଭାଗର ଦୁଇଜଣ ପ୍ରଚଣ୍ଡ ପ୍ରତିଭା ଜଷ୍ଟିସ୍ ପି.ଏନ୍. ଭଗବତୀ ଏବଂ ଜଷ୍ଟିସ ଭି.ଆର୍. କ୍ରିଷ୍ଣା ଆୟାର ଭିନ୍ନ ଭିନ୍ନ ଭାବେ ଆଇନ ସହାୟତା ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସେମାନଙ୍କର ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ଭି.ଆର୍. କ୍ରିଷ୍ଣା ଆୟାର ୧୯୭୩ ମସିହାରେ କରିଥିବା ସୁପାରିସକୁ ଗ୍ରହଣ କରି ତତ୍କାଳୀନ କେନ୍ଦ୍ର ସରକାର ୧୯୭୬ ମସିହା ୪୨ତମ ସମ୍ବିଧାନ ସଂଶୋଧନରେ ଧାରା ୩୯(କ) ସଂଯୋଗ କରାଇ ଗରିବମାନଙ୍କୁ ଆଇନ ସହାୟତା ଯୋଗାଇଦେବା ପାଇଁ ବ୍ୟବସ୍ଥା କଲେ। ସର୍ବୋଚ୍ଚ ନ୍ୟାୟାଳୟର ତଦାନୀନ୍ତନ ବିଚାରପତି ଜଷ୍ଟିସ୍ ଭଗବତୀଙ୍କ ଅଧ୍ୟକ୍ଷତାରେ ୧୯୮୦ ସେପ୍ଟେମ୍ବର ୨୬ ତାରିଖରେ ଏକ କମିଟି ଗଠନ କରାଯାଇଥିଲା। ସମଗ୍ର ଦେଶରେ ମାଗଣା ଆଇନ ସହାୟତା ଏବଂ ଉପଦେଶ ଦେବା ନିମନ୍ତେ ଏହି କମିଟି ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲା। କମିଟି ସୁପାରିସ ଅନୁଯାୟୀ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ସହାୟତା ଏବଂ ଉପଦେଷ୍ଟା ବୋର୍ଡମାନ ଗଠନ କଲେ। ଜଷ୍ଟିସ୍ ଭଗବତୀଙ୍କ ସୁପାରିସ ଆଧାରରେ ସଂସଦରେ ଆଇନସେବା ପ୍ରାଧିକରଣ ଆଇନ ୧୯୮୭ ଗୃହୀତ ହେବା ପରେ ସେହିବର୍ଷ ଅକ୍ଟୋବର ୧୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ତେବେ ଏହି ଆଇନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏଥିରେ କିଛି ସଂଶୋଧନ କରାଯାଇ ପୁନଃ ମହାମହିମ ରାଷ୍ଟ୍ରପତିଙ୍କ ସ୍ୱୀକୃତି ହାସଲ କରିବା ପରେ ଏହା ୧୯୭୫ ନଭେମ୍ବର ୯ ତାରିଖରୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେଲା ଏବଂ ସେହିବର୍ଷଠାରୁ ପ୍ରତିବର୍ଷ ନଭେମ୍ବର ୯ ତାରିଖକୁ ଜାତୀୟ ଆଇନସେବା ଦିବସ ଭାବେ ପାଳନ କରାଯାଉଛି।

୧୯୮୭ ଆଇନ ସେବା ପ୍ରାଧିକରଣ ଆଇନ ଅନୁଯାୟୀ ତାଲୁକ ସ୍ତରରୁ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଏହିସବୁ ମାଗଣା ଆଇନସେବା ଯୋଗାଇଦେବା କାର୍ଯ୍ୟରେ କ'ଣ ସବୁ ସ୍ଥଳରେ ଅଭିଜ୍ଞ, ଦକ୍ଷ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯାଉଛି? କେତେକ ସ୍ଥାନରେ ଗ୍ରାମାଞ୍ଚଳରେ ରୋଗୀଟିଏ ସରକାରୀ ଡାକ୍ତରଖାନାରୁ ମାଗଣାରେ ଔଷଧ ଆଣି ରୋଗ ଉପଶମ ନ ହେବା ଏବଂ ଥିଲାବାଲା ପଇସା ଖର୍ଚ୍ଚକରି ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିବା ପରି ମାଗଣା ଆଇନସେବା ଯୋଗାଇଦେବା ଅବସ୍ଥା ନ ହେଉ। ପରିସଂଖ୍ୟାନ ଦୃଷ୍ଟିରୁ ମାଗଣାରେ ବ୍ୟାପକ ଆଇନ ସେବା ଯୋଗାଇ ଦିଆଯାଉଛି ବୋଲି ଦାବି ନ କରି ଗୁଣାତ୍ମକ ଭାବେ ତାଲୁକ ସ୍ତରରୁ ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଦକ୍ଷ, ଅଭିଜ୍ଞ ଏବଂ ନିଷ୍ଠାବାନ୍ ଆଇନଜୀବୀଙ୍କୁ ନିୟୋଜିତ କରାଗଲେ ମାଗଣା ଆଇନସେବା ଯୋଗାଇଦେବାର ଲକ୍ଷ୍ୟ ସାଧିତ ହୋଇପାରିବ।

ଦେଶସେବା କରିବା ପାଇଁ ନିର୍ବାଚିତ ହୋଇଥିବା ସାଂସଦ ତଥା ବିଧାୟକମାନେ ଦିନ କେଇଟା ଦାୟିତ୍ୱ ତୁଲାଇବା ପରେ ଜୀବନସାରା ଅବସରକାଳୀନ ଭତ୍ତା ପାଇବାକୁ ଯୋଗ୍ୟ ହେଉଥିଲା ବେଳେ ସ୍ୱଳ୍ପ ପାରିଶ୍ରମିକରେ ଷୋଳବର୍ଷ ଧରି ସରକାରଙ୍କ ପକ୍ଷରୁ ଅଦାଲତରେ ମକଦ୍ଦମା ଲଢ଼ି ପରେ କୌଣସି ଆର୍ଥିକ ସହାୟତା ଏବଂ ପେନ୍‌ସନ୍ ପାଇବାର ସୁଯୋଗ ନ ପାଇ ରୋଗଶଯ୍ୟାରେ ପଡ଼ି ଛଟପଟ ହେଉଥିବା ଆମ୍ଭ ପରି ନାଗରିକଟିର ଦୁରବସ୍ଥା ଆଇନର ଅସମାନତାର ଶିକାର ହେଉଥିବା ହଜାର ହଜାର ଅସହାୟ ବ୍ୟକ୍ତିଙ୍କର ଏକ ଉଦାହରଣ ମାତ୍ର।

ମୋ- ୯୯୩୭୩୩୪୮୦୦

# ବିମୁଦ୍ରୀକରଣ ଓ ତା'ର ପ୍ରଭାବ



ଅରୁଣ ଜେଟ୍‌ଲୀ

ଆଜି ଆମେ ବିମୁଦ୍ରୀକରଣର ଦୁଇବର୍ଷ ପୂରଣ କରୁଛୁ। ଅର୍ଥବ୍ୟବସ୍ଥାକୁ ଔପଚାରିକ କରିବା ଦିଗରେ କେନ୍ଦ୍ର ସରକାର ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୃଙ୍ଖଳା ମଧ୍ୟରୁ ବିମୁଦ୍ରୀକରଣ ଏକ ପ୍ରମୁଖ ପଦକ୍ଷେପ। ସରକାର ପ୍ରଥମେ ଭାରତ ବାହାରେ ଥିବା କଳାଧନକୁ ଟାର୍ଗେଟ୍ କରିଥିଲେ। ଜରିମାନା ଟିକସ ପଇଠ କରି ଏହିସବୁ ସମ୍ପତ୍ତିକୁ ଦେଶ ଭିତରକୁ ଆଣିବା ଲାଗି ସମ୍ପତ୍ତିଧାରକମାନଙ୍କୁ କୁହାଯାଇଥିଲା। ଯେଉଁମାନେ ଏହା କରିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ କଳାଧନ ଆଇନ ଅଧୀନରେ ଦଣ୍ଡିତ କରାଯାଇଛି। ବିଦେଶରେ ଥିବା ଜମା ଏବଂ ସମ୍ପତ୍ତିର ବିବରଣୀ ଯାହା ସରକାରଙ୍କୁ ମିଳିଲା, ସେସବୁର ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଗଲା।

ରିଟର୍ନ ଦାଖଲ କରିବା ଏବଂ ଟିକସ ଆଧାରକୁ ସମ୍ପ୍ରସାରଣ କରିବାର ସୁବିଧା ପ୍ରଦାନ ଲାଗି ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ ପ୍ରଯୁକ୍ତିର ଉପଯୋଗ କରାଗଲା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାଦ୍ୱାରା ସମାଜର ଦୁର୍ବଳ ବର୍ଗର ଲୋକମାନେ ମଧ୍ୟ ଔପଚାରିକ ଅର୍ଥବ୍ୟବସ୍ଥାର ଅଂଶବିଶେଷ ହୋଇପାରିଲେ। ଜନଧନ ଜମାଖାତା ଦ୍ୱାରା ବହୁସଂଖ୍ୟକ ଲୋକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଯୋଡ଼ିହୋଇ ପାରିଲେ। ଆଧାର ଆଇନ ଦ୍ୱାରା ସରକାରଙ୍କ ସହାୟତା ବ୍ୟବସ୍ଥା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ସିଧାସଳଖ ହିତାଧିକାରୀଙ୍କ ଜମାଖାତାକୁ ପହଞ୍ଚିପାରିଲା। ପରୋକ୍ଷ ଟିକସ କ୍ଷେତ୍ରରେ ଜିଏସ୍‌ଟି ଦ୍ୱାରା ଟିକସ ପ୍ରକ୍ରିୟା ଆହୁରି ସରଳ ହୋଇପାରିଲା। ବର୍ତ୍ତମାନ ଟିକସ ଫାଙ୍କିବା ଦିନକୁ ଦିନ ଅଧିକ କଷ୍ଟକର ହୋଇପଡୁଛି।

ଭାରତ ଏକଦା ନଗଦଭିତ୍ତିକ ଅର୍ଥବ୍ୟବସ୍ଥା ଥିଲା। ନଗଦ ଦ୍ୱାରା ସନ୍ଦେହଜନକ କାରବାର ହେଉଥିଲା। ଏହା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଏଡ଼ାଇବା ସହିତ ଅଧିଗ୍ରହୀତାଙ୍କୁ ଟିକସ ଫାଙ୍କିବାର ସୁଯୋଗ ଦେଉଥିଲା। ବିମୁଦ୍ରୀକରଣ ଦ୍ୱାରା ନଗଦଧାରୀମାନେ ବ୍ୟାଙ୍କ୍‌ରେ ଟଙ୍କା ଜମା କରିବା ଲାଗି ବାଧ୍ୟ ହେଲେ। ବିପୁଳ ପରିମାଣର ଟଙ୍କା ଜମା ହେଲା ଏବଂ ଜମାକାରୀଙ୍କ ପରିଚୟ ମିଳିଲା। ୧୭.୪୨ ଲକ୍ଷ ଖାତାଧାରୀଙ୍କ କାରବାର ସନ୍ଦେହଜନକ ମନେହେବାରୁ ସେମାନଙ୍କଠାରୁ ଅନଲାଇନରେ ଜବାବ ଗ୍ରହଣ କରାଗଲା। ଉଲ୍ଲଂଘନକାରୀ ଦଣ୍ଡ ଭୋଗିଲେ। ଏହି ଟଙ୍କା ମଧ୍ୟରୁ ଅଧିକାଂଶ ପରବର୍ତ୍ତୀ ନିବେଶ ଲାଗି ମ୍ୟୁଚୁଆଲ ଫଣ୍ଡରେ ଉପଯୋଗ କରାଗଲା। ଏହା ଔପଚାରିକ ବ୍ୟବସ୍ଥାର ଅଂଶବିଶେଷ ହେଲା।

ବିମୁଦ୍ରୀକରଣ ବିରୋଧରେ ଏକ ତଥ୍ୟହୀନ ଅଭିଯୋଗ କରାଗଲା ଯେ ବ୍ୟାଙ୍କରେ ସବୁତକ ନଗଦ ଟଙ୍କା ଜମାଖାତାକୁ ଆସିଗଲା। ନଗଦ ଟଙ୍କା ଜବତ କରିବା ବିମୁଦ୍ରୀକରଣର ଲକ୍ଷ୍ୟ ନ ଥିଲା। ଏହା ପଛରେ ବଡ଼ ଲକ୍ଷ୍ୟଟି ଥିଲା ସବୁ ନଗଦ ଟଙ୍କାକୁ ଔପଚାରିକ ଅର୍ଥବ୍ୟବସ୍ଥା ଅଧୀନକୁ ଆଣିବା ଏବଂ ନଗଦଧାରୀମାନଙ୍କୁ ଟିକସ ଦେବା ଲାଗି ବାଧ୍ୟ କରିବା। ଭାରତକୁ ନଗଦରୁ ଡିଜିଟାଲ କାରବାରବିଶିଷ୍ଟ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ବ୍ୟବସ୍ଥାରେ ଏପରି ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ଥିଲା। ଉଚ୍ଚ ଟିକସ ରାଜସ୍ୱ ଏବଂ ଏକ ଉଚ୍ଚ ଟିକସ ଆଧାର ଉପରେ ଏହାର ପ୍ରଭାବ ନିଶ୍ଚିତ ଭାବେ ଥିଲା। ବ୍ୟକ୍ତିଗତ ଆୟକର ସଂଗ୍ରହରେ ବିମୁଦ୍ରୀକରଣର ପ୍ରଭାବ ଅନୁଭୂତ ହୋଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦୧୮-୧୯ରେ ଏହି ସଂଗ୍ରହ (୩୧।୧୦।୨୦୧୮ ସୁଦ୍ଧା) ୨୦.୨% ଅଧିକ ଥିଲା। ଏପରି କି କର୍ପୋରେଟ ଟିକସ ସଂଗ୍ରହ ମଧ୍ୟ ପୂର୍ବାପେକ୍ଷା ୧୯.୫% ଅଧିକ ଥିଲା। ବିମୁଦ୍ରୀକରଣ ପୂର୍ବ ଦୁଇବର୍ଷରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଯଥାକ୍ରମେ ୬.୬% ଏବଂ ୯% ବଢ଼ିଥିଲା। ବିମୁଦ୍ରୀକରଣ ପରବର୍ତ୍ତୀ ଦୁଇବର୍ଷରେ ଏହି ବୃଦ୍ଧି ୧୪.୫% ଏବଂ ୧୮% ରହିଛି। ସେହିପରି ୨୦୧୭-୧୮ରେ ଟିକସ ରିଟର୍ନ ସଂଖ୍ୟା ୬.୮୬ କୋଟିରେ ପହଞ୍ଚିଥିଲା, ଏହା ବିଗତ ବର୍ଷ ତୁଳନାରେ ୨୫% ଅଧିକ। ଚଳିତବର୍ଷ, ୩୧।୧୦।୨୦୧୮ ସୁଦ୍ଧା ୫.୯୯ କୋଟି ରିଟର୍ନ ଦାଖଲ ହୋଇସାରିଲାଣି, ଯାହାକି ଗତ ଆର୍ଥିକ ବର୍ଷ ତୁଳନାରେ ୫୪.୩୩% ଅଧିକ। ଚଳିତ ବର୍ଷ ଅତିରିକ୍ତ ୮୬.୩୫ ଲକ୍ଷ ଟିକସଦାତା ଯୋଡ଼ି ହୋଇଛନ୍ତି। ମେ ୨୦୧୪ରେ ବର୍ତ୍ତମାନର ସରକାର ଯେତେବେଳେ ନିର୍ବାଚିତ ହେଲେ, ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୩.୮ କୋଟି ଥିଲା। ଏ ସରକାରଙ୍କ ପ୍ରଥମ ଚାରିବର୍ଷରେ ଏହା ୬.୮୬ କୋଟିକୁ ବୃଦ୍ଧି ପାଇଛି।

ବିମୁଦ୍ରୀକରଣ ଏବଂ ଜିଏସ୍‌ଟିର କାର୍ଯ୍ୟାନ୍ୱୟନ ଦ୍ୱାରା ବ୍ୟାପକଭାବେ ନଗଦ କାରବାର ହ୍ରାସ ପାଇଛି। ଡିଜିଟାଲ କାରବାରରେ ବୃଦ୍ଧି ଘଟିଛି। ଅର୍ଥବ୍ୟବସ୍ଥାର ଏହି ଔପଚାରୀକରଣ ଫଳରେ ଟିକସଦାତାଙ୍କ ସଂଖ୍ୟାର ଆଧାର ଜିଏସଟି ଲାଗୁ ହେବା ପୂର୍ବରୁ ୬.୪ ମିଲିୟନ ଥିବା ବେଳେ ଜିଏସଟି ଲାଗୁ ହେବା ପରେ ବୃଦ୍ଧି ପାଇ ୧୨ ମିଲିୟନରେ ପହଞ୍ଚିଛି। ଏହା ଅର୍ଥବ୍ୟବସ୍ଥାରେ ପରୋକ୍ଷ ଟିକସ ବୃଦ୍ଧିକୁ ବ୍ୟାପକ କରିପାରିଛି। ଏହା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଲାଭାନ୍ୱିତ କରିଛି। କ୍ଷୁଦ୍ର ଟିକସଦାତାମାନଙ୍କୁ ୯୭,୦୦୦ କୋଟି ଟଙ୍କାର ଆୟକର ରିହାତି ଏବଂ ଜିଏସଟି ପ୍ରଦାନକାରୀମାନଙ୍କୁ ୮୦, ୦୦୦ କୋଟି ଟଙ୍କାର ରିହାତି ପ୍ରଦାନ କରିବା ସତ୍ତ୍ୱେ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଟିକସର ଦର, ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ, ହ୍ରାସ କରାଯାଇଛି, କିନ୍ତୁ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଟିକସ ଆଧାର ସମ୍ପ୍ରସାରିତ ହୋଇପାରିଛି।

ସରକାର ଏସବୁ ସମ୍ବଳକୁ ଉନ୍ନତ ଭିତ୍ତିଭୂମି ନିର୍ମାଣ, ସାମାଜିକ କ୍ଷେତ୍ର ଏବଂ ଗ୍ରାମୀଣ କ୍ଷେତ୍ରରେ ଉପଯୋଗ କରୁଛନ୍ତି। ଯାହା ହେଉ ଆମେ ଆଜି ଗାଁକୁ ସଂଯୋଗ କରୁଥିବା ରାସ୍ତା, ପ୍ରତି ଘରକୁ ବିଦ୍ୟୁତ୍ ସଂଯୋଗ, ଗ୍ରାମୀଣ ସ୍ୱଚ୍ଛତା ପ୍ରସାର ୯୨%କୁ ବୃଦ୍ଧି, ଏକ ସଫଳ ଆବାସ ଯୋଜନା, ୮ କୋଟି ଗରିବ ପରିବାରଙ୍କୁ ଗ୍ୟାସ୍ ସଂଯୋଗ ଦେଇପାରିଛୁ। ୧୦ କୋଟି ପରିବାରଙ୍କୁ ଆୟୁଷ୍ମାନ ଯୋଜନା ଅଧୀନରେ ସାମିଲ କରାଯାଇଛି, ସବ୍‌ସିଡିଯୁକ୍ତ ଖାଦ୍ୟ ପାଇଁ ୧,୬୨,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, କୃଷକମାନଙ୍କ ପାଇଁ ଏମ୍‌ଏସ୍‌ପିରେ ୫୦% ବୃଦ୍ଧି ଏବଂ ଏକ ସଫଳ ବୀମା ଯୋଜନା ପ୍ରଚଳନ କରାଯାଇଛି। ଅର୍ଥବ୍ୟବସ୍ଥାର ଔପଚାରୀକରଣ ଫଳରେ ୧୩ କୋଟି ଉଦ୍ୟୋଗୀଙ୍କୁ ମୁଦ୍ରା ଋଣ ଯୋଗାଇ ଦିଆଯାଇଛି। ମାତ୍ର କିଛି ସପ୍ତାହ ମଧ୍ୟରେ ସପ୍ତମ ବେତନ ଆୟୋଗ ଲାଗୁ କରାଯାଇଛି ଏବଂ ଶେଷରେ ଓଆରଓପି (ୱାନ୍ ର୍‍ୟାଙ୍କ୍ ୱାନ୍ ପେନ୍‌ସନ) ଲାଗୁ ହୋଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ, ଭାରତ

## ଏଇ ଭାରତରେ

ଟାଙ୍ଗୋ ବାଦ୍ୟ ଭାରତର ଏକ ପାରମ୍ପରିକ ବାଦ୍ୟ ହୋଇଥିବା ବେଳେ ଏହାକୁ ଲୋକେ ଭୁଲିଯିବାକୁ ବସିଲେଣି। କିନ୍ତୁ ଚଳିତବର୍ଷ ନଭେମ୍ବର ୧୧ ତାରିଖରେ ମହାରାଷ୍ଟ୍ରର ମୁମ୍ବାଇ ମହାନଗରୀରେ ଏକ ୩ ଦିନିଆ ଟାଙ୍ଗୋ ସଂଗୀତ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଆର୍ଜେଣ୍ଟିନାର କନ୍‌ସୁଲେଟ୍ ଜେନେରାଲଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉପସ୍ଥାପନ କରାଯିବ। ଟାଙ୍ଗୋ ବାଦ୍ୟ ଦ୍ୱାରା ଭାରତରେ ବିଦେଶୀ ଢାଞ୍ଚାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପ୍ରଥମ ଘଟଣା। 'ଭିଭୋ ଟାଙ୍ଗୋ ମିଲୋଙ୍ଗା' ନାମରେ ହେଉଥିବା ଏହି ଉତ୍ସବ ଲୋୟର ପାରେଲ୍‌ସ୍ଥିତ ହାଇଷ୍ଟ୍ରିଟ୍ ଫୋନିକ୍ସରେ ଉକ୍ତ ଦିନ ସଂଧ୍ୟା ୭ ଘଟିକାରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ପାରମ୍ପରିକ ଟାଙ୍ଗୋ ଯନ୍ତ୍ର ବାଦନ କରାଯିବ। ଏଥି ସହ ଆର୍ଜେଣ୍ଟିନୀୟ ସଂଗୀତ ଶୈଳୀରେ ସ୍ଥାନୀୟ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ନଭେମ୍ବର ୧୨ ତାରିଖରେ ପୃଥିବୀ ଥିଏଟରରେ ଇଣ୍ଡିଆ ଚାମ୍ବର ଅର୍କେଷ୍ଟ୍ରା ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ। ଏହା ପରଦିନ ଅର୍ଥାତ୍ ୧୩ ତାରିଖରେ ନ୍ୟାଶନାଲ୍ ସେଣ୍ଟର ଫର ପର୍‌ଫର୍ମିଙ୍ଗ୍ ଆର୍ଟସ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହା ପୂର୍ବରୁ ଆର୍ଜେଣ୍ଟିନୀୟ ଟାଙ୍ଗୋ ଦକ୍ଷିଣ, କେନ୍ଦ୍ରୀୟ ଓ ଉତ୍ତର ଆମେରିକା, ୟୁରୋପ ଏବଂ ଏସିଆରେ କାର୍ଯ୍ୟକ୍ରମ ପରିବେଷଣ କରି ପ୍ରଶଂସା ଅର୍ଜନ କରିପାରିଛି। ଏ ସମ୍ପର୍କରେ ମୁମ୍ବାଇସ୍ଥିତ ଆର୍ଜେଣ୍ଟିନାର କନସଲ ଜେନେରାଲ ଆଲେଜାଣ୍ଡ୍ରୋ ଜୋଥନର ମେୟିର କହନ୍ତି ଯେ, ଭାରତରେ ଆର୍ଜେଣ୍ଟିନୀୟ ସଂସ୍କୃତିର ପ୍ରସାର କରିବା ପାଇଁ ଏକ ସୁଯୋଗ ସୃଷ୍ଟି ହୋଇପାରିଛି। ବାସ୍ତବରେ ଭାରତୀୟ ପାରମ୍ପରିକ କଳା ଏବଂ ବିଦେଶୀ ସଂସ୍କୃତିର ଏହା ଏକ ମହାମିଳନ କହିଲେ ଅତ୍ୟୁକ୍ତି ହେବନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୩

- ରୁଷିଆ ଓ ଚାଇନା ମଧ୍ୟରେ ସାମରିକ ସହଯୋଗ ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଖ୍ୟାତନାମା ସାହିତ୍ୟିକ ମୁଲକ ରାଜ ଆନନ୍ଦ ୧୯୯୩ ମସିହାର ଉଇଲିୟମ କାରୋ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।
- ପ୍ରାୟ ଚାରି ଦଶନ୍ଧି ପରେ ଜୋର୍ଡାନରେ ପ୍ରଥମ ବହୁଦଳୀୟ ନିର୍ବାଚନ ଅନୁଷ୍ଠିତ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | 5 | 6 | A | | | 3 | | | | | |
| | | 3 | | 1 | | 0 | 8 | | | 5 | | | | 2 |
| | 4 | | | | B | | | 1 | 6 | D | 2 | E | | |
| | | | | | C | | | | | | | D | 7 | |
| 0 | 1 | C | 3 | | | B | 9 | | | | | | | A |
| | 6 | | | | | | 4 | | | | | | | 7 |
| | | 8 | | | | 3 | E | A | | 2 | | | | |
| B | | D | | E | | | 6 | | | | | | 5 | 9 |
| | A | | | | 5 | | | C | 9 | | | | | 6 |
| | | | 0 | 4 | 2 | 7 | | | E | | | | D | |
| | B | 9 | | 7 | 8 | | | | C | | | | | |
| | | 0 | 1 | | | 9 | 5 | | 4 | | | | | |
| | | A | C | 6 | 3 | | | E | | | B | 9 | | |
| 3 | | 1 | | | | D | A | B | | | 7 | | | 4 |
| | 5 | | | | A | | 7 | 2 | D | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | 6 | 1 | E | D | 9 | 0 | A | 4 | 5 | C | 8 | B | 7 |
| 5 | A | 1 | C | 0 | 9 | E | 7 | 2 | B | 8 | 3 | 4 | 6 | D |
| 0 | 9 | E | 6 | 2 | B | 8 | 4 | 3 | 7 | D | 1 | C | 5 | A |
| 8 | 7 | C | A | 4 | 5 | B | 1 | D | 2 | E | 6 | 0 | 3 | 9 |
| D | B | 4 | 3 | 7 | 8 | 6 | C | 5 | A | 9 | 0 | E | 1 | 2 |
| 7 | E | 3 | 0 | A | 1 | C | 6 | 4 | 5 | B | 9 | 2 | D | 8 |
| 4 | D | B | 9 | C | 2 | 0 | 3 | 1 | 6 | 7 | 8 | 5 | A | E |
| 1 | 6 | 5 | D | 3 | 4 | 2 | 8 | 7 | C | A | E | B | 9 | 0 |
| 2 | 8 | 9 | B | 5 | 7 | D | A | E | 0 | 1 | 4 | 6 | C | 3 |
| C | 0 | A | E | 8 | 6 | 5 | B | 9 | D | 3 | 2 | 7 | 4 | 1 |
| 9 | 5 | 8 | 4 | B | E | 7 | D | 0 | 3 | C | A | 1 | 2 | 6 |
| B | 3 | 2 | 8 | 1 | C | A | 9 | 6 | E | 4 | 7 | D | 0 | 5 |
| 6 | 1 | 7 | 2 | 9 | 3 | 4 | 5 | B | 8 | 0 | D | A | E | C |
| A | C | D | 5 | 6 | 0 | 1 | E | 8 | 9 | 2 | B | 3 | 7 | 4 |
| E | 4 | 0 | 7 | D | A | 3 | 2 | C | 1 | 6 | 5 | 9 | 8 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବରପୁତ୍ରମାନଙ୍କୁ ଅପମାନିତ କରା ନ ଯାଉ

ମହାଶୟ,

କିଛିବର୍ଷ ତଳେ ଆମ ରାଜ୍ୟ ସରକାର ଭୁବନେଶ୍ୱର ସହରର ଏକ ପ୍ରମୁଖ ରାସ୍ତାକୁ ଓଡ଼ିଆ ରୀତିଯୁଗୀୟ ସାହିତ୍ୟର ସୁଯୋଗ୍ୟ ବିନ୍ଧାଣି ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ କରିଥିଲେ। ମାତ୍ର ୨୦୧୬ ମସିହାରେ ସେହିରାସ୍ତାକୁ ପୁଣିଥରେ ମଦର ଟେରେସାଙ୍କ ନାମରେ ନାମିତ କରାଯାଇଛି, ଯାହା ଅଭିମନ୍ୟୁଙ୍କ ପ୍ରତି ଅପମାନ। ମଦର ଟେରେସାଙ୍କ ନାମରେ ନାମିତ କରିବା ପାଇଁ କ'ଣ ଭୁବନେଶ୍ୱର ସହରରେ ରାସ୍ତାର ଅଭାବ ଅଛି ? ଜଣେ ବରପୁତ୍ରଙ୍କ ନାମରେ ଥରେ ନାମିତ ହୋଇଥିବା ରାସ୍ତାକୁ ଅନ୍ୟ ଜଣଙ୍କ ନାମରେ ପୁନର୍ନାମିତ କରିବା କେତେଦୂର ଯୁକ୍ତିଯୁକ୍ତ ? କ'ଣ ଏଇ କେତେ ବର୍ଷ ଭିତରେ କବି ଅଭିମନ୍ୟୁଙ୍କ ପ୍ରତିଭା/ଅବଦାନ କମିଗଲା ? ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ଆନ୍ଦୋଳନ କରିଆସୁଥିବା ସଙ୍ଗଠନଗୁଡ଼ିକ ଏ ଦିଗରେ ନୀରବ କାହିଁକି ? ସେଇ ରାସ୍ତାକୁ ପୁଣିଥରେ ବିଦଗ୍ଧକବିଙ୍କ ନାମରେ ନାମିତ କରି ଭୁଲ୍‌ର ସଂଶୋଧନ କରାଯାଉ ଏବଂ ଅନ୍ୟ ଏକ ରାସ୍ତାକୁ ମଦର ଟେରେସାଙ୍କ ନାମରେ ନାମିତ କରାଯାଉ।

ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ସତ୍ୟବାଦୀର ସତ୍ୟ ଘଟଣା

ପବିତ୍ର ପୀଠ ସତ୍ୟବାଦୀର ଉନ୍ନତି ପାଇଁ ଏବେ ସମସ୍ତଙ୍କର ନଜର। କିନ୍ତୁ ରାଜକୋଷରୁ ଆସୁଥିବା ଅର୍ଥ ଏଠାରେ ସୁବିନିଯୋଗ ହେଉନାହିଁ। ସେ ସତ୍ୟବାଦୀ ଗୋଷ୍ଠୀର ସାଧକଗଣ ଆଉ ନାହାନ୍ତି, ଯେଉଁମାନେ ଅଖିଆ ପେଟରେ ଏ ଓଡିଆ ଜାତି ପାଇଁ ପ୍ରାଣ ଦେଇଥିଲେ। ଏବେ କିନ୍ତୁ ଏଠାରେ ନିଜ ସ୍ୱାର୍ଥ ପାଇଁ ଅନ୍ୟର ପ୍ରାଣ ନେବାକୁ ପଛାଉନାହାନ୍ତି। ଏଠି ଅନେକ ସମସ୍ୟା ରହିଛି। ଡାକ୍ତରଖାନାରେ ଡାକ୍ତର ଅଭାବ, ରେଳଷ୍ଟେଶନର ଅବସ୍ଥା ସେହିପରି, ସାକ୍ଷୀଗୋପାଳ କଲେଜ ସ୍ୱୟଂଶାସିତ ହେଲା ନାହିଁ। ବକୁଳବନର କୀର୍ତ୍ତି ଲିଭିଗଲାଣି। ସ୍ମୃତିପୀଠରେ ମଦ୍ୟପାନ ଓ ଖରାପ କାମ, ସାକ୍ଷୀଗୋପାଳ ମନ୍ଦିରର ଜରାଜୀର୍ଣ୍ଣ ଅବସ୍ଥା। ଯଦି ସରକାରଙ୍କ ତରଫରୁ ଉନ୍ନୟନ କର୍ତ୍ତୃପକ୍ଷ (ପରିଷଦ) ଗଠନ ହୁଅନ୍ତା, ତେବେ ଉନ୍ନତି ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ବିଜୟ କୁମାର ଛାଟୋଇ, ମହୁରା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ବାଣ ବଜାର

ମାର୍ଶାଘାଇ,୮।୧୧(ଡିଏନଏ):ବାଣ ବ୍ୟବସାୟୀଙ୍କ ସତର୍କତା ଏବଂ ତତ୍‌କ୍ଷଣାତ ପଦକ୍ଷେପ ଯୋଗୁ ମାର୍ଶାଘାଇରେ ହୋଇଥିବା ବାଣବଜାର ବଡଧରଣର ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛି।ପ୍ରକାଶ ଯେ, ଦୀପାବଳି ପାଇଁ ମାର୍ଶାଘାଇ ବଜାର ଦୁର୍ଗାମଣ୍ଡପ ନିକଟରେ ବାଣ ବଜାର ଖୋଲିଥିଲା। ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ସାତଟା ସମୟରେ ଆକାଶରେ ଉଡି ଉଡି ଯାଉଥିବା ଏକ ଆକାଶ ଦୀପ ବେଲୁନବାଣ ଗୋଟିଏ ବାଣ ଦୋକାନର ଷ୍ଟଲ୍ ଉପରେ ଗଳି ପଡିଥିଲା। ସେହି ସ୍ଥାନରେ ଫୁଲ ଝରଝରି ଏବଂ ସାପ ନଣ୍ଡି ଭଳି ବାଣ ଥିବାରୁ ନିଆଁ ଲାଗିବା ବିଳମ୍ବ ହୋଇଥିଲା। ଷ୍ଟଲ୍‌ରେ ଥିବା କର୍ମଚାରୀ ଭୟରେ ଷ୍ଟଲ ଛାଡି ବାହାରକୁ ଦୌଡି ପଳାଇଥିଲେ। ତେବେ ସତର୍କ ରହି ନଜର ରଖିଥିବା ସେହି ଷ୍ଟଲର କର୍ମଚାରୀ ମଣି ମହାପାତ୍ର ଏବଂ ଅନ୍ୟ ଏକ ବାଣ ଦୋକାନର କର୍ମଚାରୀ ଶ୍ରବଣ କୁମାର ବିଶ୍ୱାଳ ସଙ୍ଗେ ସଙ୍ଗେ ଅଗ୍ନି ନିର୍ବାପକ ଗ୍ୟାସ୍ ପ୍ରୟୋଗ କରିଥିଲେ। ଫଳରେ ନିଶ୍ଚିତ ଏକ ବଡ ଧରଣର ଦୁର୍ଘଟଣାରୁ ବାଣ ବଜାର ରକ୍ଷା ପାଇ ଯାଇଥିଲା।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ରାଜନଗର, ୮।୧୧(ଡି.ଏନ.ଏ.): ରାଜନଗର ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ ୬ ତାରିଖ ଅପରାହ୍ନ ୩ ଟା ସମୟରେ ନାବାଳିକା ଜଣଙ୍କ ଘର ବାହାରେ ଶୁଖା ହୋଇଥିବା ଲୁଗାପଟା ତୋଲୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କ ପାଟି ବନ୍ଦ କରି ଟେକି ନେଇ ବଳାତ୍କାର କରିଥିଲେ। ଏ ନେଇ ଘରେ କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ନାବାଳିକା ଘରେ କାନ୍ଦି କାନ୍ଦି ଏହା କହିବା ପରେ ବାପ ମାଆ ଘଟଣା ଘଟାଇଥିବା ଯୁବକଙ୍କ ଘରେ ପହଞ୍ଚି ପଚରା ଉଚୁରା କରିଥିଲେ । ମାତ୍ର ଯୁବକଙ୍କ ପରିବାର ଲୋକେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଝିଅ ପରି ତୁମର ଅବସ୍ଥା କରିବୁ ବୋଲି ଧମକ ଦେଇଥିବା ସଂପୃକ୍ତ ନାବାଳିକାଙ୍କ ମାଆ ଗୁରୁବାର ସନ୍ଧ୍ୟାରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଅଗ୍ନିକାଣ୍ଡରେ ୨ ବଖରା ଭସ୍ମ

ଡେରାବିଶ, ୮।୧୧ (ସ୍ୱ.ପ୍ର.): ଦୀପାବଳି ଅବସରରେ ଡେରାବିଶ ବ୍ଲକ ଅଧୀନ କୁସୁନୁପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ପ୍ରକାଶ ମହାପାତ୍ରଙ୍କ ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଘରର ବହୁ ଆସବାବପତ୍ର ଜଳି ଯାଇଥିବା ବେଳେ ଖାଦ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ଗ୍ରାମଲୋକଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ।

କାଳମୁଣ୍ଡି ପୋକ ଉପଦ୍ରବ

# ୫ ଶହ ଏକର ଜମିର ବିରି ଫସଲ ନଷ୍ଟ ଆଶଙ୍କା

ମାର୍ଶାଘାଇ,୮।୧୧(ଡିଏନଏ)



ପୋକ ମାରିବା ପାଇଁ ବିରି ଫସଲରେ କୀଟନାଶକ ସିଞ୍ଚନ କରାଯାଉଛି।

ବିରି ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ମାର୍ଶାଘାଇ ବ୍ଲକର ପରକୁଳା,ରାଘବପୁର, ଆଖୁଆଦକ୍ଷିଣୀ,ବଛରାଇ,ମେହେନ୍ଦିନଗର ପ୍ରଭୃତି ପଞ୍ଚାୟତର ଚାଷ ଜମିରେ ଏବେ କାଳମୁଣ୍ଡି ପୋକ ଉପଦ୍ରବ ଦେଖାଦେଇଛି। ଏହି ପୋକ ଗୋଟିଏ ଗୋଟିଏ ରାତିରେ ଏକର ଏକର ଚାଷଜମିର ବିରି ଗଛ ଖାଇ ଲଣ୍ଡା କରି ଦେଉଛନ୍ତି। ପ୍ରାୟ ଦୁଇ ଇଞ୍ଚ ଲମ୍ବ ବିଶିଷ୍ଟ ବଡ ବଡ କାଳମୁଣ୍ଡି ପୋକ ବହୁଳ ମାତ୍ରାରେ ବିରି ଗଛ ସବୁ ଖାଇ ଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଏହି ଅଞ୍ଚଳର ପ୍ରାୟ ୫୦୦ ଏକର ଚାଷ ଜମିରେ ବିରି ଫସଲ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଔଷଧ ପ୍ରୟୋଗ କଲେ ବି କାଳମୁଣ୍ଡି ପୋକ ସହଜରେ ମରୁନାହାନ୍ତି । ଗହଗା ପାଟ ରୂପେ ପରିଚିତ ଏହି ଅଞ୍ଚଳର ଚାଷ ଜମି ଲଗାଣ ବର୍ଷାରେ ବହୁ ଦିନ ଧରି ବୁଡି ରହିବାରୁ ଧାନ ଫସଲର ବ୍ୟାପକ କ୍ଷତି ଘଟିଥିଲା । ବିରି ଫସଲ କରି କିଛି ମାତ୍ରାରେ ଲାଭ କରିବାକୁ ଚାଷୀମାନେ ଆଶା ବାନ୍ଧି ଥିବା ବେଳେ କାଳମୁଣ୍ଡି ପୋକର ଦାଉ ଚାଷୀଙ୍କ ଆଶା ଧୂଳିସାତ୍ କରିଛି । ପାଖରେ ଥିବା ଆଉ କେତେକ ଜମି ଏହି କାଳମୁଣ୍ଡି ପୋକର ଆକ୍ରମଣରୁ ବର୍ତ୍ତିବା ପାଇଁ କୃଷି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ସୁଧାକର ବେହେରା,ବିଷ୍ଣୁ ଚରଣ ବେହେରା,କ୍ଷୀରୋଦ ଖଟୁଆ,ନିରଞ୍ଜନ ପଣ୍ଡା, ନିରଞ୍ଜନ ବେହେରା,ରବିନ୍ଦ୍ର ପଣ୍ଡା, ବଳରାମ ଦାସ,ନକୁଳ ଖଟୁଆ,ରଞ୍ଜିତ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ଏ ନେଇ ମାର୍ଶାଘାଇ କୃଷି ଜିଲା ଅଧିକାରୀ ଶରତ ଚନ୍ଦ୍ର ଦାସଙ୍କୁ ଯୋଗାଯୋଗ କରିବାରେ କହିଛନ୍ତି ଏ ସଂପର୍କରେ ସେ ଅବଗତ ଅଛନ୍ତି। ଏହି ପୋକ ଆକ୍ରମଣରୁ ରକ୍ଷା ପାଇବା ପାଇଁ ରିହାତି ଦରରେ ଔଷଧ ଯୋଗାଇ ଦିଆଯାଉଛି। ଚାଷୀମାନେ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟରୁ ଏହି ଔଷଧ ସଂଗ୍ରହ କରି କାଳମୁଣ୍ଡି ଲାଗିଥିବା ଜମିରେ ପ୍ରୟୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

କିରୋସିନ ବ୍ୟବସାୟରୁ ଯୁବକଙ୍କୁ ହତ୍ୟା ଅଭିଯୋଗ

# ୨୦ ଦିନ ପରେ ବି ଚୁପ୍ ହୋଇ ବସିଛି ପୋଲିସ

ରାଜନଗର,୮।୧୧(ଡି.ଏନ.ଏ.)

ଚୋରା କିରୋସିନୀ କାରବାରକୁ ନେଇ ରାଜନଗର ଅଞ୍ଚଳରେ ମାନବେନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ହତ୍ୟା କରା ଯାଇଥିବା ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ହେବାର ୨୦ ଦିନ ବିତିଥିଲେ ମଧ୍ୟ ପୋଲିସ ମାମଲା ନ କରି ହାତବାନ୍ଧି ବସିଛି। ପୋଲିସର ନୀରବତାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କୃଷ୍ଣନଗର ଗାଁର ଗୋଟିଏ ପରିବାରର ଦୁଇ ଭାଇ ଦୀର୍ଘ ବର୍ଷ ହେଲା ଚୋରା କିରୋସିନ ବ୍ୟବସାୟ କରି ଆସୁଛନ୍ତି । ସରକାର ଗରିବ ଲୋକଙ୍କୁ ଯୋଗାଇ ଦେଉଥିବା ସବ୍‌ସିଡି କିରୋସିନକୁ ଏହି ଦୁଇ ବ୍ୟବସାୟୀ ଆଣି ଟ୍ରଲର, ଭୁଟୁଭୁଟି ଓ ଚିଙ୍ଗୁଡି ଘେରି ମାଲିକଙ୍କୁ ଚଢା ଦରରେ ବିକ୍ରି କରିଥାନ୍ତି । ସେମାନେ ନିଜର ଭୁଟୁଭୁଟି ଯୋଗେ ରାଜକନିକା ଥାନା ଅନ୍ତର୍ଗତ ଚିରକୁଣ୍ଡିଆରୁ ଚୋରାରେ କିରୋସିନୀ ଆଣି ବିକ୍ରି କରିଥାନ୍ତି। ଅକ୍ଟୋବର ୧୨ ତାରିଖ ଦିନ ଭୁଟୁଭୁଟି ଚୋରା କିରୋସିନ ପାଇଁ ଚିରକୁଣ୍ଡିଆକୁ ଯାଇଥିଲା। ଏହି ଭୁଟୁଭୁଟିରେ ତାଳଚୁଆ ଅଞ୍ଚଳର ଦୁଇଜଣ ଯୁବକଙ୍କ ସହିତ କୃଷ୍ଣନଗର ଗାଁର କମଳାକାନ୍ତ ଦାସଙ୍କ ପୁଅ ମାନବେନ୍ଦ୍ର କିରୋସିନ ଆଣିବା ପାଇଁ ଯାଇଥିଲେ। ଚିରକୁଣ୍ଡିଆରୁ ୨ହଜାର ୫ଶହ ଲିଟର କିରୋସିନ ନେଇ ଭୁଟୁଭୁଟିରେ ଫେରୁଥିଲେ। ମାତ୍ର ଫେରିବା ବାଟରେ ନଦୀ ମଧ୍ୟରେ ମାନବେନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଗତମାସ ୧୪ ତାରିଖ ଦିନ ଅଭିଯୋଗ ହୋଇଛି। ମାନବେନ୍ଦ୍ରଙ୍କ ଶଳା ରାଜେନ୍ଦ୍ରନଗର ଗାଁର ପୁଷ୍ପେନ୍ଦୁ ମଣ୍ଡଳ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ସେ କରିଥିବା ଅଭିଯୋଗରେ ଚୋରା କିରୋସିନ କାରବାର କରୁଥିବା ଦୁଇଭାଇ ମାନବେନ୍ଦ୍ରଙ୍କୁ ଜୀବନରୁ ମାରିଦେଇ ମୃତଦେହକୁ ଲୁଚାଇ ଦେଇଥିବା ଉଲ୍ଲେଖ କରିଥିଲେ। ମାନବେନ୍ଦ୍ରଙ୍କ ମୃତଦେହ ଅଦ୍ୟାବଧି ମିଳି ନ ଥିବା ବେଳେ ତାଙ୍କ ପରିବାର ଲୋକେ ତାଙ୍କର ଦଶାହ କର୍ମ ସାରିଛନ୍ତି। ଏ ନେଇ ପୋଲିସ ମାମଲା ରୁଜୁ ନ କରିବା ଘଟଣା ନା ନା ସନ୍ଦେହ ସୃଷ୍ଟି କରିଛି । ଏ ସଂପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସୁକାନ୍ତ କୁମାର ପାତ୍ରଙ୍କୁ ପଚାରିବାରେ କହିଛନ୍ତି ଯେ, ମାନବେନ୍ଦ୍ରଙ୍କ ପତ୍ତା ଆଜି ପର୍ଯ୍ୟନ୍ତ ମିଳିନାହିଁ । ଘଟଣା ରାଜକନିକା ଥାନା ଅଞ୍ଚଳରେ ଘଟିଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ବିଚାର ବିମର୍ଷ କରାଯାଇ ସେ ନିଖୋଜ ଥିବା ନେଇ ଷ୍ଟେସନ ଡାଏରୀ କରାଯାଇଛି ବୋଲି କହିଛନ୍ତି ।

# ଅକ୍ଟୋବର ବିପ୍ଳବର ଶତବାର୍ଷିକୀ ପାଳିତ

କେନ୍ଦ୍ରାପଡା ଅଫିସ, ୮।୧୧

କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ସିପିଆଇ) ଏମ୍‌ର କେନ୍ଦ୍ରାପଡା ଜିଲା କମିଟି ପକ୍ଷରୁ ରୁଶିଆର ଜାର୍ ଶାସନ ବିରୋଧରେ ହୋଇଥିବା ଅକ୍ଟୋବର ବିପ୍ଳବର ୧୦୧ତମ ବାର୍ଷିକୀ କାର୍ଯ୍ୟାଳୟ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ ନେତା ଜଗଜ୍ଜୀବନ ଦାସ, ଅର୍ଜୁନ ମଣ୍ଡଳ, ମାଧବ ଦାସ, ଅସିତ ମିର୍ଦ୍ଧା, ଖଗେଶ୍ୱର ପ୍ରଧାନ, ରମେଶ ମଲ୍ଲିକ, ଅଞ୍ଜଳା ଅଧିକାରୀ ଯୋଗଦେଇ ଅକ୍ଟୋବର ବିପ୍ଳବର ଇତିହାସ ଦୋହରାଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ରୁଷିଆର ଜାର ଶାସନର ପତନ ଅକ୍ଟୋବର ବିପ୍ଳବ ଦ୍ୱାରା ସମ୍ଭବ ହୋଇଥିଲା। ଅତ୍ୟାଚାରିତ ଶ୍ରମିକ, କୃଷକ ଜାର ଶାସନର ପତନ ଘଟାଇ ସାମ୍ୟବାଦର ଧାରଣା ସାରା ପୃଥିବୀକୁ ଦେଇଥିଲେ। ଲେନିନ୍‌ଙ୍କ ନେତୃତ୍ୱରେ ଏହି ବିପ୍ଳବ ଫଳରେ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ଶ୍ରମିକ ଶ୍ରେଣୀ କ୍ଷମତା ଦଖଲ କରିଥିଲେ। ବିପ୍ଳବର ୧୦୦ ବର୍ଷ ପରେ ସେହି ଆନ୍ଦୋଳନକୁ ଆଗେଇ ନେବାର ଆବଶ୍ୟକତା ପଡିଛି। ଭାରତ ବର୍ଷରେ ଶ୍ରମିକ ଓ କୃଷକମାନଙ୍କ ଉପରେ ଅତ୍ୟାଚାର ବଢି ବଢିଚାଲିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ଶ୍ରମିକ, କୃଷକ, ଦୈନିକ ମଜୁରିଆ ଏକଜୁଟ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ସ୍ୱଚ୍ଛଭାରତ ଅଭିଯାନ

ପାଟକୁରା, ୮।୧୧ (ଡି.ଏନ୍.ଏ.)

ଗରଦପୁର ବ୍ଲକ ହରିଦାସପୁର ଗ୍ରାମରେ ଗୁରୁବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏଥିରେ ଭାଗନେଇ ସ୍ଥାନୀୟ ସତ୍ୟାନନ୍ଦ ମହାପୁରୁଷ ପୀଠଠାରୁ କ୍ଷେତ୍ରପାଳ ନଦୀବନ୍ଧ ପର୍ଯ୍ୟନ୍ତ ସଫେଇ କରିଥିଲେ। ଏଥିରେ ସ୍ୱଚ୍ଛଭାରତ ମୋଟିଭେଟର ଶୁଚିସ୍ମିତା ଲେଙ୍କା ଓ ଶାନ୍ତିମୈତ୍ରୀର ଭଗବାନ ଜେନା ସାମିଲ ହୋଇଥିଲେ।

ଭିତରକନିକା ଜାତୀୟ ଉଦ୍ୟାନ

# ବିଦେଶୀ ପକ୍ଷୀ ଉଦ୍ଧାର, ଦୁଇ ଶିକାରୀ ଗିରଫ

ରାଜନଗର, ୮।୧୧(ଡି.ଏନ.ଏ.)



ଉଦ୍ଧାର ହୋଇଥିବା ଦୁଇପକ୍ଷୀ।

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନକୁ ଏବେ ଦେଶ ବିଦେଶର ରଙ୍ଗବେରଙ୍ଗର ପକ୍ଷୀଙ୍କ ଆଗମନ ହୋଇଛି। ତେବେ ବନବିଭାଗ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ବୁଧବାର ଦୁଇ ଜଣ ଶିକାରୀ ଦୁଇଟି ବିଦେଶୀ ପକ୍ଷୀ ଧରି ବାହାରକୁ ଚାଲାଣ କରିବା ପୂର୍ବରୁ ଧରା ପଡିଛନ୍ତି। ଗୁରୁବାର ଦୁଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ପ୍ରକାଶ ଯେ, ଏବେ ଜାତୀୟ ଉଦ୍ୟାନର କଣ୍ଟିଆଖାଇ ସମୁଦ୍ର ମୁହାଣ ନିକଟରେ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ରାଜନଗର ବ୍ଲକ କେରୁଆଁପାଳ ଗାଁର ସୁକୁମାର ମାଇତି ଓ ମହାଦେବ ଡାକୁଆ ମୁହାଣ ନିକଟରେ ବେଆଇନ ଭାବେ ମାଛ ଧରୁଥିଲେ। ଏହି ସମୟରେ ମାଛ ଖାଇବାକୁ ଆସିଥିବା ସମୁଦ୍ର କୁଆ ଦୁଇଟିଙ୍କୁ ସେମାନେ ଜାଲ ମାଧ୍ୟମରେ ଧରିଥିଲେ। ରାତି ପ୍ରାୟ ୧୦ ଟା ସମୟରେ ସାଇକେଲରେ ଜାଲ ବାନ୍ଧି ବ୍ୟାଗ ମଧ୍ୟରେ ପକ୍ଷୀ ଦୁଇଟିକୁ ପୂରାଇ ଘରକୁ ଫେରୁଥିଲେ। ତାଳଚୁଆ ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ଡାଙ୍ଗମାଳ ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ପ୍ରଦୋଷ ମହାପାତ୍ର, ସୁନିଲ ରାଉତରାୟ, ରମାକାନ୍ତ ଦାସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହରେ ଦୁଇ ଶିକାରୀଙ୍କୁ ଅଟକାଇଥିଲେ। ସେମାନଙ୍କ ବ୍ୟାଗରୁ ଗୋଡବନ୍ଧା ଅବସ୍ଥାରେ ଦୁଇଟି ଜୀବନ୍ତ ବିଦେଶୀ ପକ୍ଷୀ ମିଳିଥିଲା। ଦୁଇଟି ପକ୍ଷୀର ଓଜନ ୩ କିଲୋ ହେବ। ବନ କର୍ମଚାରୀମାନେ ଦୁଇଟି ପକ୍ଷୀ ଉଦ୍ଧାର କରିବା ପରେ ଏହି ଘଟଣାରେ ୧୯୭୨ ବନ୍ୟପ୍ରାଣୀ ଆଇନ ୯, ୨୭, ୨୯ରେ ମାମଲା ରୁଜୁ ହୋଇଛି ।




# ୭୧ ବର୍ଷର କାନପୁର ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବ

ମାର୍ଶାଘାଇ,୮।୧୧(ଡିଏନଏ)

ସରକାର ବିଭିନ୍ନ ଆଳ ଦେଖାଇ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକୁ ବନ୍ଦ କରି ଚାଲିଛନ୍ତି। ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାରେ ଅନେକ ପୁରାତନ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ଉଚ୍ଚ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇ ସେହି ବିଦ୍ୟାଳୟର ନାମକୁ ଲିଭାଯାଉଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର ସଂଖ୍ୟା କମୁଥିବାରୁ ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ କାନପୁର ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାର ଆଶଙ୍କା ପ୍ରକାଶ ପାଇଛି । ୧୯୪୭ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ଅନେକ ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳରେ ଏହି ବିଦ୍ୟାଳୟର ସୁନାମ ମଧ୍ୟ ରହିଛି। ସଂପ୍ରତି ମାର୍ଶାଘାଇ ଅଞ୍ଚଳରେ ଛତୁ ଫୁଟିଲା ଭଳି ବେସରକାରୀ ବିଦ୍ୟାଳୟ ଗଢି ଉଠିଥିବା ବେଳେ ସରକାରୀ ବିଦ୍ୟାଳୟ ପ୍ରତି ଶିକ୍ଷା ବିଭାଗର ଅଧିକାରୀମାନଙ୍କ ଅବହେଳା ଯୋଗୁ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ ଦିନକୁ ଦିନ କମି ଚାଲିଛି। ଦୁଇବର୍ଷ ହେବ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଥିବା ବେଳେ ମାତ୍ର ୧୮ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏ ସଂପର୍କରେ ସେହି କ୍ଲଷ୍ଟରର ସିଆରସିସି ରାଜକିଶୋର ଦାସଙ୍କ ମତାମତ ନେବାରେ ସେ କୁହନ୍ତି ଯେ, ୨୦ରୁ କମ୍ ଛାତ୍ରୀଛାତ୍ର ଥିଲେ ବିଦ୍ୟାଳୟକୁ ବନ୍ଦ କରି ଦେବାର ନିୟମ ରହିଛି। ଏହି ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ନ ଥିବାରୁ ବିଦ୍ୟାଳୟକୁ ବନ୍ଦ କରିଦେବା ପାଇଁ ବିଭାଗକୁ ଚିଠି ଲେଖା ଯାଇଛି। ଆସନ୍ତା ବର୍ଷ ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ନ ଘଟିଲେ ବିଦ୍ୟାଳୟ ସବୁଦିନ ପାଇଁ ବନ୍ଦ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ଗ୍ରାମରେ ସଚେତନତା ସୃଷ୍ଟି କରି ପିଲା ସଂଖ୍ୟା ବୃଦ୍ଧି ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**TENDER NOTICE NO. : HWP/Tal/Admn/Welfare/2018/01**

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO. : Vikrampur, Dist. : Angul, Odisha - 759106, on behalf of the President of India from eligible ontractors for the work and details given below : **NIT No. : HWP/Tal/Admn/Welfare/2018/01, Name of the Work :** Annual Medical Examination of the employees of Heavy Water Plant, Talcher.. **Estimated Cost :** Rs. 4,93,000/-. **Earnest Money Deposit :** Rs.9,860/-. **Period of Completion :** 15 (Fifteen) Days. **Last Date and Time for receipt / opening of request for issue of Tender Documents:** 12.11.2018 (14:30 Hrs.). **Date of Sale of Tender :** 13.11.2018. **Last Date and Time of Submission of Tender :** 17.11.2018 (14:30Hrs). The detailed NIT can be obtained from the website **www.hwb.gov.in.**

**ପୂର୍ବ ତଟ ରେଳପଥ**

**ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା**

**ସଂ. SDCM/KUR/STBA/Phase-VII** **ତା. 29.10.2018ରିଖ**

ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଚଉଦ (14) ଗୋଟି 'E' ବର୍ଗର ଷ୍ଟେସନଗୁଡ଼ିକ ଠାରେ କମ୍ପ୍ୟୁଟରୀକୃତ **ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS)** ମାଧ୍ୟମରେ କମିଶନ ଭିତ୍ତିରେ **ଅସଂରକ୍ଷିତ ଟିକଟ** ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କ (STBA) ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍** ନିକଟକୁ ଆବେଦନ କରିପାରିବେ ।

**ଷ୍ଟେସନଗୁଡ଼ିକର ନାମ :**

**(1) ଚାରବାଟିଆ, (2) କାଇପଦର ରୋଡ୍, (3) ଝାଡୁପୁଡ଼ି, (4) ବରଙ୍ଗ, (5) ସୁମ୍ଭାଦେବୀ, (6) ବୀରପୁରୁଷୋତ୍ତମପୁର, (7) ଖୋର୍ଦ୍ଧା ଟାଉନ୍, (8) ବେଗୁନିଆ, (9) ବସନ୍ତପୁର, (10) ଶଗଡ଼ପଟା, (11) ଚିଲିକିଦରା, (12) ନିରାକାରପୁର, (13) ମାଳତୀପାଟପୁର ଏବଂ (14) ଭୁଷଣ୍ଡପୁର ।**

ଉପରୋକ୍ତ ଷ୍ଟେସନଗୁଡ଼ିକ ନିମନ୍ତେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.**10.12.2018** ରିଖ **1100** ଘଟିକା ମଧ୍ୟରେ କିମ୍ବା ଏହା ପୂର୍ବରୁ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ଙ୍କ** କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.10.12.2018 ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ ।

**ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା. 10.12.2018 ରିଖ 1100 ଘଟିକା**

**ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ : ତା. 10.12.2018 ରିଖ 1130 ଘଟିକା**

**କିପରି ଆବେଦନ କରିବେ :** ଉପରୋକ୍ତ ଯେକୌଣସି ଚଉଦ (14) ଗୋଟି "E" ବର୍ଗର ଷ୍ଟେସନଗୁଡ଼ିକ ନିମନ୍ତେ ବାସସ୍ଥାନକୁ ଦୃଷ୍ଟିରେ ରଖି ଯେଉଁ ଷ୍ଟେସନ ପାଇଁ ଯୋଗ୍ୟ, ପ୍ରାର୍ଥୀମାନେ ପୃଥକ ଭାବେ ଏକ ସାଧା କାଗଜରେ ନିମ୍ନଲିଖିତ ବିବରଣୀଗୁଡ଼ିକୁ ଉଲ୍ଲେଖ କରି **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ-752050**ଙ୍କୁ ଆବେଦନ କରିପାରିବେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ବନ୍ଦ ହେବା ତାରିଖ ଦିନ କିମ୍ବା ଏହା ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ପକାଇ ପାରିବେ । ଡାକ ସେବା କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଆସିଥିବା ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ । ଦରଖାସ୍ତଟି ପ୍ରଦତ୍ତ ଫର୍ମାଟ ଅନୁଯାୟୀ ହେବା ଉଚିତ :

**ଆବଶ୍ୟକୀୟ ତଥ୍ୟାବଳୀ ଏବଂ ନଥିପତ୍ର** (ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ/ସଂଲଗ୍ନ କରାଯିବ) :

(1) ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଦରଖାସ୍ତ (2) STBA ନିଯୁକ୍ତି ନିମନ୍ତେ ଷ୍ଟେସନର ନାମ (3) ବଡ଼ ଅକ୍ଷରରେ ନାମ, ଫଟୋଗ୍ରାଫ୍ (ଅଠା ଲଗାଯିବ), ପିତାଙ୍କ ନାମ ଏବଂ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ଡାକ ଠିକଣା (4) ଶିକ୍ଷାଗତ ଯୋଗ୍ୟତା (ନକଲ ସଂଲଗ୍ନ କରିବାକୁ ହେବ) (5) ଯେଉଁଠାରେ STBA ନିଯୁକ୍ତି ନିମନ୍ତେ ପ୍ରସ୍ତାବ ଅଛି, ସେହି ଷ୍ଟେସନର ସ୍ଥାନୀୟ ବ୍ଲକ/ତହସିଲ/ମଣ୍ଡଳ ନିକଟରୁ ଆବାସିକ ପ୍ରମାଣପତ୍ର (6) ପ୍ରାର୍ଥୀଙ୍କ ନିକଟସ୍ଥ ପୋଲିସ୍ ଷ୍ଟେସନର ନାମ ଓ ଠିକଣା । ପୋଲିସ୍ ଯାଞ୍ଚ ପ୍ରମାଣପତ୍ର (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା 05 କୁ ଅନୁଧ୍ୟାନ କରନ୍ତୁ) (7) ଟ. 2,000/- ଦୁଇ ହଜାରର ଅମାନତ ରାଶି (EMD)ର ସବିଶେଷ ବିବରଣୀ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା 06 କୁ ଅନୁଧ୍ୟାନ କରନ୍ତୁ) (8) ଘୋଷଣାନାମା ପ୍ରମାଣ ପତ୍ର ଦାଖଲ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା 08 କୁ ଅନୁଧ୍ୟାନ କରନ୍ତୁ) (9) ଦରଖାସ୍ତ ଫର୍ମରେ ଉପଲବ୍ଧ ଥିବା ଖାଲି ସ୍ଥାନରେ ଗୋଟିଏ ପାସପୋର୍ଟ ଆକାର ବିଶିଷ୍ଟ ଫଟୋଗ୍ରାଫ୍ ସଂଲଗ୍ନ କରାଯିବା ଆବଶ୍ୟକ (10) ପ୍ରାର୍ଥୀଙ୍କ ସ୍ୱାକ୍ଷର ଏବଂ ତାରିଖ (11) ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଦ୍ୱାରା ବିଧିବଦ୍ଧ ଭାବେ ପ୍ରମାଣିତ ହୋଇଥିବା ମାଣ୍ଡେଟ୍ ଫର୍ମ (Mandate form) ।

**ଅମାନତ ରାଶି (EMD) :** ଅମାନତ ରାଶି ବାବଦକୁ ''Principal Financial Advisor (PFA), ପୂର୍ବ ତଟ ରେଳପଥ, ଭୁବନେଶ୍ୱର''ଙ୍କ ନାମରେ ''ଭୁବନେଶ୍ୱର'' ଠାରେ ପରିଶୋଧନୀୟ ଟ. 2000/- (ଦୁଇ ହଜାର ଟଙ୍କା ମାତ୍ର)ର ଡିମାଣ୍ଡ ଡ୍ରାଫ୍ଟ ଦରଖାସ୍ତ ସହିତ ସଂଲଗ୍ନ କରିବା ଉଚିତ। EMD ବିନା ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ନାକଚ କରିଦିଆଯିବ।

ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବ ନାହିଁ। ଦରଖାସ୍ତଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ପରେ ଯଦି ଆବଶ୍ୟକ ହୁଏ ପ୍ରାର୍ଥୀମାନଙ୍କୁ ଚୟନ ତାରିଖ ସମ୍ବନ୍ଧରେ ଚୟନ କମିଟି ନିକଟରେ ଉପସ୍ଥିତ ହେବାପାଇଁ ଜଣାଇ ଦିଆଯିବ। କୌଣସି କାରଣ ନଦର୍ଶାଇ ଯେକୌଣସି ଦରଖାସ୍ତକୁ ଗ୍ରହଣ ବା ନାକଚ କରିବାର ଅଧିକାର ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ଅଟେ।

ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଏବଂ **http://tenders.gov.in** ଅବଲୋକନ କରନ୍ତୁ କିମ୍ବା **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୋଷ୍ଟ : ଜଟଣୀ, ପିନ୍ : 752050** ଙ୍କ ସହିତ ଯୋଗାଯୋଗ କରନ୍ତୁ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ଼

PR-379/J/18-19

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ପ୍ଲଟ୍ ନଂ: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩
ଶାଖା ଇ-ମେଲ : sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି ରୁଲ୍ ୮ (୬) ଦ୍ରଷ୍ଟବ୍ୟ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ର ସର୍ତ୍ତ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ଯାହା କିଛି ସେଠାରେ ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ **ତା୧୦.୧୨.୨୦୧୮** ରିଖରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯାହାକି ନିମ୍ନରେ ପ୍ରଦତ୍ତ ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୫.୧୨.୨୦୧୮ ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ ଅମାନତ ଜମା ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲ, ପ୍ଲଟ ନଂ.: ଏ/୬୦, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦, **ବିକଳ୍ପ ଠିକଣା:** ପ୍ଲଟ୍ ନଂ.: ଏ/୫୬, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦ । | **ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲଙ୍କ ନାମରେ ଥିବା ଏକ ୩ ବିଏଚ୍‌କେ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଜିଲ୍ଲା ସବ୍-ରେଜିଷ୍ଟ୍ରାର୍: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି ଏବଂ ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୧.୫୮ ଡିସିମିଲି ସହିତ **''ତ୍ରିଷ୍ଣା ଅରଚିଡ୍''** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ଦ୍ୱିତୀୟ ମହଲା, ୩ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ହସ୍ତାନ୍ତର କରାଯାଇଅଛି । | ୧୯.୧୧.୨୦୧୬ ସୁଦ୍ଧା ଟ.୪୭,୬୩,୭୩୭/- + ୨୦.୧୧.୨୦୧୬ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୧.୨୦୧୬ | ଟ.୪୧,୩୫,୦୦୦/- / ଟ.୪,୧୩,୫୦୦/- / ଟ.୧୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ,** ଉଭୟଙ୍କ ଠିକଣା : ସା : ବି-୧୯୩/୧୧, ସେକ୍ଟେର-୦୨, ନାଲକୋ ମାଇନ୍ସ, ଦାମନଜୋଡି, କୋରାପୁଟ - ୭୬୩୦୦୮ | **ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସଙ୍କ** ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଡିଏସଆରଓ : ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ସ୍ଥିତି-ସ୍ଥିତିବାନ, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୨.୭୧ ଡିସିମିଲି ସହିତ **''ତ୍ରିଷ୍ଣା ଅରଚିଡ୍''** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୧୧୦, ଟାଇପ୍-ଜେ, ପ୍ରଥମ ମହଲା, ୧୩୯୩ ବର୍ଗଫୁଟ ସ୍ଥାନରେ ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ଘର ଏବଂ କାର ପାର୍କିଂ ନିମନ୍ତେ ଛାତ ତଳ ୧୪ ନମ୍ବର ସ୍ଥାନ ହସ୍ତାନ୍ତର କରାଯାଇଅଛି । | ୦୫.୦୬.୨୦୧୭ ସୁଦ୍ଧା ଟ.୩୭,୯୯,୭୧୯/- + ୦୬.୦୬.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୦୬.୦୬.୨୦୧୭ | ଟ.୪୧,୭୫,୦୦୦/- / ଟ.୪,୧୭,୫୦୦/- / ଟ.୧୦,୦୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ଏସ୍.ଏସ୍. ଫୁଡ୍ସ, ସ୍ୱତ୍ତ୍ୱାଧିକାରୀ : ଶ୍ରୀମତୀ ରଶ୍ମୀ ପ୍ରଧାନ,** ସ୍ୱାମୀ : ଶ୍ରୀ ସତ୍ୟ ଗୋପାଳ ଧିର୍‌ବିଶୋଇ, ସା : ନୂଆପାଟଣା, ବୀରହରେକୃଷ୍ଣପୁର, ପୁରୀ, ଜିଲ୍ଲା : ପୁରୀ, **ବାସସ୍ଥାନ ଠିକଣା :** ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ, ଜିଲ୍ଲା : ପୁରୀ / **ଜାମିନଦାରମାନେ : ୧) ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ,** ସ୍ୱାମୀ : ଶ୍ୟାମଗୋପାଳ ଧିର୍‌ବିଶୋଇ, ସା : ସର୍ବୋଦୟ ନଗର, ପୁରୀ, ଓଡିଶା, ୨) ଶ୍ରୀ ରବିନାରାୟଣ ପ୍ରଧାନ | **ଶ୍ରୀମତୀ ରଶ୍ମୀ ପ୍ରଧାନ ଏବଂ ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବାଲୁଖଣ୍ଡ-୧୫୧, ତହସିଲ : ପୁରୀ, ଥାନା : ପୁରୀ ସଦର, ଜିଲ୍ଲା : ପୁରୀ, ମ୍ୟୁଟେଟେଡ୍ ଖାତା ନଂ.: ୫୨୧/୩୧୩୧, ମ୍ୟୁଟେଟେଡ ପ୍ଲଟ୍ ନଂ.: ୯୭୨/୮୦୧୮, କ୍ଷେତ୍ର : ଏକର୦.୦୫୮ ଡିସିମିଲି, କିସମ : ଘରବାରୀ | ୧୩.୧୨.୨୦୧୭ ସୁଦ୍ଧା ଟ.୪୩,୨୯,୦୫୯/- + ୧୪.୧୨.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୨.୨୦୧୭ | ଟ.୨୦,୩୮,୦୦୦/- / ଟ.୨,୦୩,୮୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ : ୦୩.୧୨.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା**

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର **website i.e https://sbi.auctiontiger.net** ରେ ଦେଖିପାରିବେ ।

ତାରିଖ :୦୮.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

**ଜଗତସିଂହପୁର ଅଫିସ,୮।୧୧:** ଜଗତସିଂହପୁର ଚର୍ଚ୍ଚିକା ବଜାରସ୍ଥିତ ନିରୋଦ ନଳିନୀ ଦାସଙ୍କ ଘରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୪ ବଖରା ଜଳିଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡି ନଷ୍ଟ ହୋଇଯାଇଛି ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ରାତି ପ୍ରାୟ ୧୧ଟା ବେଳେ ଆକସ୍ମିକ ଭାବେ ଦାସଙ୍କ ଘରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏଥିରେ ଘରର ସାମଗ୍ରୀ ସହ ଅନ୍ୟାନ୍ୟ ଆସବାବପତ୍ର ସବୁ ପୋଡିଯାଇଥିଲା। ଏନେଇ ପରିବାର ଲୋକେ ଜଗତସିଂହପୁର ପୋଲିସ ଓ ଅଗ୍ନିଶମ ସେବା ସଂସ୍ଥାରେ ଖବର ଦେଇଥିଲେ। ଖବରପାଇ ଏସପି ପ୍ରକାଶ ଆର ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ପୋଲିସ ଓ ସେବାସଂସ୍ଥା କର୍ମଚାରୀଙ୍କ ମିଳିତ ସହଯୋଗରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା।

### ୧୧ରେ ପେନ୍‌ସନ ଅଦାଲତ

**ଜଗତ୍‌ସିଂହପୁର ଅଫିସ, ୮।୧୧:** ଜଗତ୍‌ସିଂହପୁର ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ସଭାଗୃହରେ ପେନ୍‌ସନ ଅଦାଲତ ଅନୁଷ୍ଠିତ ହେବ। ଶିକ୍ଷା ବିଭାଗରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପ୍ରୋଭିଜନାଲ ପେନ୍‌ସନ ପ୍ରଦାନର ବ୍ୟବସ୍ଥା ଅଛି। ମାତ୍ର କର୍ମଚାରୀମାନେ ଅବସର ଗ୍ରହଣ ଦିନ ଫାଇନାଲ ପେନ୍‌ସନ କିଭଳି ପାଇବେ ସେଥିନିମନ୍ତେ ଆଗୁଆ ପଦକ୍ଷେପ ନେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏଭଳି ଅଦାଲତ ଆୟୋଜନ କରି ପେନ୍‌ସନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ପ୍ରସ୍ତୁତ ସହ ଫାଇନାଲ ପେନ୍‌ସନ ପାଇଁ ବିଭାଗ ଆଗୁଆ ପଦକ୍ଷେପ ନେଉଛି ବୋଲି ଜଇଲା ଶିକ୍ଷା ଅଧିକାରୀ ପତିଭା ମଞ୍ଜରୀ ଦାସ କହିଛନ୍ତି।

### ୫୪ତମ କାଳୀପୂଜା ଆରମ୍ଭ

**କୁଜଙ୍ଗ,୮।୧୧(ସ୍ୱ.ପ୍ର.):** କୁଜଙ୍ଗ ଦେବୀ ମଣ୍ଡପଠାରେ ୫୪ତମ ବାର୍ଷିକ କାଳୀପୂଜା ଆରମ୍ଭ ହୋଇଛି। ମଙ୍ଗଳବାର ରାତି ୧୦ଟାରେ କଳସ ଶୋଭାଯାତ୍ରା ହୋଇଥିଲା। କମିଟିର ସଭାପତି ଆଇନଜୀବୀ ଏ.ଏନ.ଡି. ଯାଦବ ସହ ସମସ୍ତ ସଭ୍ୟ ପରିଚାଳନା କରୁଛନ୍ତି। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ବ୍ୟବସ୍ଥା ହୋଇଛି। ଉପଦେଷ୍ଟା ଭାବେ ବାପି ସର୍ଖେଲ, ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସ, ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଭାବେ ଅଧୀର ପ୍ରଧାନ ପ୍ରମୁଖ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ କରିଚାଳନା କରିଛନ୍ତି। କମିଟିର ଉପସଭାପତି ପ୍ରଦ୍ୟୁମ୍ନ ପଟ୍ଟନାୟକ, ଦୁଷ୍ମନ୍ତ ମାଝୀ, ସହସମ୍ପାଦକ ବାବାଜୀ ଚରଣ ପରିଡ଼ା, କୋଷାଧକ୍ଷ ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

### କଂଗ୍ରେସର ଜନସମ୍ପର୍କ ଅଭିଯାନ

**କୁଜଙ୍ଗ,୮।୧୧(ସ୍ୱ.ପ୍ର.):** ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଏବେ କଂଗ୍ରେସ ନେତା ବାପି ସର୍ଖେଲ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଜନସମ୍ପର୍କ ଅଭିଯାନ ଆରମ୍ଭ କରିଛନ୍ତି। ଏହି ମର୍ମରେ ସେ ପ୍ରଥମେ ଅଗପାଳ ପଞ୍ଚାୟତରେ ସରପଞ୍ଚ ମେନକା ବେହେରାଙ୍କ ସହ ଅନ୍ୟ ଅନୁଗତଙ୍କୁ ନେଇ ଅଭିଯାନ କରିଥିଲେ। ବ୍ଲକ୍ କଂଗ୍ରେସ ସଭାପତି ରମେଶ ଦାସ, ପ୍ରଶାନ୍ତ ବେହେରା, ଗୁଣନିଧି ବାରିକ, ହିରଣ୍ୟ ଶଗଡିଆଙ୍କ ସହ ବହୁ ଅନୁଗତ ଉପସ୍ଥିତ ଥିଲେ।

## ବିଲୁଆଖାଇ ନଦୀ ବାମପାର୍ଶ୍ୱ ବନ୍ଧ ଦୁର୍ବଳ

# ସୁରକ୍ଷା ଦେଇପାରୁନି ବୁରୁଜ

**ବିରିଡ଼ି,୮।୧୧(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ବାଲିଆ ସବ୍‌ଡିଭିଜନ ଅଧୀନ ବିଲୁଆଖାଇ ନଦୀର ବ୍ଲକ ପଛପଟ ବନ୍ଧ ଦୁର୍ବଳ ହେବାରେ ଲାଗିଛି। ପ୍ରତିବର୍ଷ ନଦୀଜଳ ଓ ବର୍ଷାଜଳ ଉକ୍ତ ନଦୀବନ୍ଧକୁ ଦୁର୍ବଳ କରିଦେଉଛି। ଫଳରେ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟେ ଥିବା ଏହି ନଦୀବନ୍ଧରେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି। ବିରଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାଛଗାଁ କେନାଲର ୪ନଂ. ଶାଖା ନାଳ ପର୍ଯ୍ୟନ୍ତ ନଦୀବନ୍ଧ ପଠା ଖାଇ ବନ୍ଧ ଦୁର୍ବଳ ହୋଇଗଲାଣି। ଏହି ଅଂଶକୁ ସୁରକ୍ଷା ଦେବା ପାଇଁ ୪ଟି ସ୍ୱଳ୍ପ ଉଚ୍ଚର ବୁରୁଜ ନିର୍ମାଣ କରାଯାଇଥିଲା। ତେବେ ଏହି ଗୁରୁଜ ଆଉ ନଦୀବନ୍ଧକୁ ସୁରକ୍ଷା ଦେଇପାରୁନାହିଁ। ବନ୍ଧ ପାର୍ଶ୍ୱରେ ପଠା ଖାଇଯାଉଥିବାରୁ ବୁରୁଜର ପଥର ଭୁଶୁଡି ଗଲାଣି। ତେଣୁ ବନ୍ୟା ସମୟରେ ଏହି ସ୍ଥାନରେ ପ୍ରଖର ସ୍ରୋତ ହେଉଛି। ଅନ୍ୟପକ୍ଷରେ ନଦୀବନ୍ଧ ପାର୍ଶ୍ୱରେ ମାଛଗାଁ କେନାଲ ଯାଇଥିବାରୁ ବନ୍ୟାବେଳେ ଘଳିଆ ପଡୁଛି। ତେରୁ ଏହି ନଦୀବନ୍ଧର ସୁଦୃଢ଼ିକରଣ ସହ ଉଚ୍ଚ ବୁରୁଜ ନିର୍ମାଣ କରା ନ ଗଲେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି। ଏଠାରେ ଘାଇ ହେଲେ ସମଗ୍ର ଜଗତ୍‌ସିଂହପୁର ଜିଲା ବନ୍ୟା ପ୍ଲାବିତ ହେବ। ଏଣୁ ଜିଲାର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ନଦୀବନ୍ଧ ସୁଦୃଢ଼ିକରଣ କରିବା ନିହାତି ଜରୁରୀ। ବନ୍ଧର ନବୀକରଣ, ସୁଦୃଢ଼ିକରଣ, ପଥର ପ୍ୟାକିଙ୍ଗ ସହ ଏକ ବଡ଼ ଲମ୍ବା ବୁରୁଜ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି। ତେବେ ଏଥିପାଇଁ କୌଣସି ଆକଳନ କରାଯାଇନାହିଁ। କେବଳ ଗତ ବନ୍ୟା ଓ ବର୍ଷାରେ ଖାଇଯାଇଥିବା ସ୍ଥାନ ମରାମତି ପାଇଁ ଏକ ଆକଳନ ଦିଆଯାଇଛି ବୋଲି ବାଲିଆ ସେକ୍ସନର ସହକାରୀ ଯନ୍ତ୍ରୀ ଗୋବର୍ଦ୍ଧନ ପାଣିଗ୍ରାହୀ କହିଛନ୍ତି।



ନଦୀ ବନ୍ଧରେ ପଥର ପ୍ୟାକିଂ ଭୁଶୁଡ଼ି ପଡିଛି।

## ବିନାୟକ ୟୁଥ୍ କ୍ଲବ୍‌ର ଧନ୍ୱନ୍ତରି ପୂଜା ଉତ୍ସବ

**ରାହାମା,୮।୧୧(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ସରଣୀ ଛକ ଗଣେଶ ମଣ୍ଡପ ନିକଟରେ ଶ୍ରୀ ବିନାୟକ ୟୁଥ୍ କ୍ଲବ ପକ୍ଷରୁ ଧନ୍ୱନ୍ତରି ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କୁନି କଳାକାରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମଞ୍ଚରେ କଂଗ୍ରେସ ନେତା ପ୍ରମୋଦ କିଶୋର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ କୁନି କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ବିଚାରକ ଭାବେ ଅଧାପିକା ରାଜଶ୍ରୀ ସ୍ୱାଇଁ, ଶିକ୍ଷକ୍ ଜ୍ଞାନରଞ୍ଜନ ଦାସ, କଣ୍ଠଶିଳ୍ପୀ ମନୋରଞ୍ଜନ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କଂଗ୍ରେସ ନେତା ଜେନା ସହ କୁଜଙ୍ଗ ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ସନ୍ତୋଷ ଦାସ, କୋଳର ପଞ୍ଚାୟତର ସମିତି ସଭ୍ୟ ରଞ୍ଜିତ ପାଳ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ସାଇ ରତୁପର୍ଣ୍ଣା ପରିଡ଼ା, ସୁଶ୍ରୀ ସୁଭଶ୍ରୀ ସ୍ୱାଇଁ, ଆୟୁଷ ଶତପଥୀ, କୁମାରୀ ଦୃତିଦୀପାଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର ସଭାପତି ସୁକାନ୍ତ କୁମାର ବିଶ୍ୱାଳ, ଉପସଭାପତି ଦେବାଶିଷ ସାହୁ, ପବିତ୍ର ପ୍ରଧାନ, ଦେବେନ୍ଦ୍ର ମହାପାତ୍ର, ଅଶ୍ୱିନୀ ସ୍ୱାଇଁ, ସଂଗ୍ରାମ ପରିଡା, ଦୀପ୍ତିରଞ୍ଜନ ଦାସ, ଦୀପୁନ ଲେଙ୍କା, ସଞ୍ଜୟ ସାହୁ, ରଶ୍ମିରଞ୍ଜନ ମିଶ୍ର ପରିଚାଳନା କରିଥିଲେ।



ଉତ୍ସବରେ ଉପସ୍ଥିତ କୃତୀ ପ୍ରତିଯୋଗୀ, କଂଗ୍ରେସ ନେତା ଓ ଅନ୍ୟମାନେ।

## ଜାତୀୟ ଗ୍ରାମୀଣ ଜୀବିକା ମିଶନ ବୈଠକ

**ରଘୁନାଥପୁର,୮।୧୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ସଭାକକ୍ଷରେ ଗୁରୁବାର ଏସ୍‌ଏଚ୍‌ଜି ମହିଳା ଗୋଷ୍ଠିଙ୍କୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ(ଏନଆରଏଲଏମ) ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରାଣୀ ସମ୍ପଦ, ମତ୍ସ୍ୟ ପାଳନ ଓ ବିଭିନ୍ନ ବିଭାଗ ପକ୍ଷରୁ ବ୍ୟାଙ୍କ ଋଣ ନେଇ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଡିଓ ପଞ୍ଚାନନ ପଟ୍ଟାୟତ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଏପିଡି ଜୀବିକା ମିଶନ ସୌମ୍ୟରଞ୍ଜନ ବିଶ୍ୱାଳ, ପିଏ ଦେବାଶ୍ରୀତା ପରିଡା ପ୍ରମୁଖ ଉପସ୍ଥିତ ଥିବାବେଳେ ବିପିଏମ କଳ୍ପନା ଦଳେଇ ପରିଚାଳନା କରିଥିଲେ। ପଶୁ ସମ୍ପଦ ବିଭାଗର ଏଭିଏସ ସୌମ୍ୟରଞ୍ଜନ ମହାନ୍ତି ତାଙ୍କ ବିଭାଗ ପକ୍ଷରୁ ଛେଳି, ମେଣ୍ଢା ଓ କୁକୁଡା ପାଳନ ପାଇଁ ସରକାରଙ୍କ ଗାଇଡଲାଇନର ସୁବିଧା ସବୁ ମହିଳା ଗୋଷ୍ଠିଙ୍କୁ ବୁଝାଇଥିଲେ। ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ଅଭୟ ଦାସ ଏକ ଏକର ପୋଖରୀରେ ମତ୍ସ୍ୟ ପାଳନ ପାଇଁ ୬୦ହଜାର ଟଙ୍କା ଋଣ ଦିଆଯିବା ସହ ଏଥିରେ ୩୬ହଜାର ସବସିଡି ପାଇପାରିବେ ବୋଲି ପ୍ରକାଶ କରିଥିଲେ। ୨୦୧୮-୧୯ବର୍ଷରେ ବ୍ଲକର ୪୫୦ଏସଏଚଜି ଗୋଷ୍ଠି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୧୫ ଗୋଷ୍ଠି ବ୍ୟାଙ୍କ ଲିଙ୍କେଜ ଥିବାର ବିପିଏମ ଦଳେଇ କହିଥିଲେ। ଆଗକୁ ଅଧିକ ମହିଳା ଗୋଷ୍ଠି ଯେପରି ବ୍ୟାଙ୍କ ଋଣ ନେବେ ସେଥିପ୍ରତି ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ୟୁବିଆଇ ମ୍ୟାନେଜର ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ତରିକୁନ୍ଦ ଓ ତାରପୁର ଗ୍ରାମ୍ୟ ବ୍ୟାଙ୍କର ଅଧିକାରୀଗଣ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ରାହାମା,୮।୧୧(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଶାରଳା ରୋଡ ଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଏବଂ ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଭବ୍ୟସମ୍ବର୍ଦ୍ଧନା ଦିଆଯାଇଛି। ଦୁଇ ମନ୍ତ୍ରୀ ପାରାଦୀପ ଗସ୍ତରେ ଯାଉଥିବାବେଳେ ତିର୍ତ୍ତୋଲର ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶ୍ୱିନୀ ଦାସଙ୍କ ନେତୃତ୍ୱରେ ଯୁବ ସଂଗଠକ ତପନ କୁମାର ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରବୀର ରାୟ, ସୁଦର୍ଶନ ପଣ୍ଡା, ଅମରଜ୍ୟୋତି ସାହୁ, ନନ୍ଦନନ୍ଦନ ନାୟକ, ବାପି ସାମଲ, ଟୁଟୁ ମହାପାତ୍ର, ବାଦଲ ପରିଜାଙ୍କ ସମେତ ଶତାଧିକ କର୍ମୀ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଟା ମୃଦଙ୍ଗକୁ ଜଡ଼ା ଗାୟକ,**
**ତହିଁ କାଣୀ ଦାରୀ ନାଚୁଛି;**
**ଅବୁଝା ରାଜାକୁ କେମ୍ପେଇ ପାତର,**
**ଯାହା ଇଚ୍ଛା ତାହା ସବୁ ବୁଝୁଛି ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ମନଇଚ୍ଛା କାର୍ଯ୍ୟ କରିବସିବା ଫଳରେ ନାନା ବିଶୃଙ୍ଖଳା ଜାତ ହୋଇଥାଏ। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫଟା ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

ରସିକପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ

**ନାଉଗାଁ,୮।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଶିଖରଘାଟରେ ହେବାକୁଥିବା ବୋଇତ ବନ୍ଦାଣ ଉତ୍ସବ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନାଉଗାଁ ସାଂସ୍କୃତିକ ପରିଷଦ ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପାରାଦୀପ ପୋର୍ଟ ଟ୍ରଷ୍ଟି ପ୍ରତାପ ମିଶ୍ର, ଅଧାପକ ସରୋଜ କୁମାର ନାୟକଙ୍କ ସମେତ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଯୋଗଦେଇ ନିଜସ୍ୱ ମତ ରଖିଥିଲେ। ଚଳିତବର୍ଷ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଭାବେ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍ସବରେ ଆ କା ମା ବଇ ପତ୍ରିକା ଉନ୍ମୋଚିତ ହେବ ବୋଲି କୁହାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ବାଳବିକାଶ ଦିବସ ପାଳିତ



ଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**କୁଜଙ୍ଗ,୮।୧୧(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ପଙ୍କପାଳସ୍ଥିତ ଶ୍ରୀ ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟରେ ଶିଶୁ ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ ବାଳବିକାଶ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଭୟ କୁମାର ସାହୁଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପରିଚାଳନା ସମିତି ସଭାପତି ଗଗନ ବିହାରୀ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ତିର୍ତ୍ତୋଲ ସତ୍ୟସାଇ ସେବା ସମିତି ଆବାହକ ଶରତ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଅକ୍ଷୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କୁନିକୁନି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପଙ୍କଜ କୁମାର ଦାଶ, ଲିଲିମା ମହାପାତ୍ର, ଆଲ୍ପନା ଦାସ, ବିକାଶ ରଞ୍ଜନ ସେନାପତି, ଅଶୋକ ସିଂହ ପ୍ରମୁଖ ପରିଚାଳନା କରିଥିଲେ। ସାଇ ଅର୍ପିତା ସାହୁ, ଶୁଭ୍ରା ପ୍ରିୟଦର୍ଶନୀ, ସ୍ନିଗ୍ଧା ସ୍ୱୟଂ ପ୍ରଭା, ସିଦ୍ଧିକା ସାହୁ, ବିକାଶ ନାୟକ ପ୍ରମୁଖ ଏକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ପଙ୍କପାଳ ବଜାର ସଫେଇ ସହ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଂଗଠନର ଜିଲା ସଭାପତି ବିପିନ ପାଣିଗ୍ରାହୀ ଓ ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପ୍ରଶଂସା କରିଥିଲେ।

# ଛାତ୍ରୀଙ୍କୁ କ୍ରୀଡ଼ା ଶିକ୍ଷକଙ୍କ ଅସଦାଚରଣ

**ସ୍କୁଲ ପରିସରରେ ଗ୍ରାମବାସୀଙ୍କ ଭଙ୍ଗାରୁଜା**

**ମହାକାଳପଡ଼ା, ୮।୧୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ଏକ ଉଚ୍ଚବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ କ୍ରୀଡ଼ା ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ପୂର୍ବାହ୍ନରେ ସ୍କୁଲରେ ପଶି ଭଙ୍ଗାରୁଜା କରିଥିଲେ। ଏଥିସହ ପୀଡ଼ିତା ଛାତ୍ରୀଙ୍କ ବାପା ତନ୍ତିଆପାଳ ମେରାଇନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୩୨/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ପରିଡ଼ା ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୭ ତାରିଖରେ ରାଜଗଡ଼ ପଞ୍ଚାୟତ ଗୟାସପୁରସ୍ଥିତ ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭୀ-୨୦୧୮ ଅନୁଷ୍ଠିତ ହୋଇଥିଲା। ସମ୍ପୃକ୍ତା ଛାତ୍ରୀ ପ୍ରଧାନ ଶିକ୍ଷକଙ୍କ ସହ ନିଜ ବିଦ୍ୟାଳୟରୁ ସେଠାକୁ ଯାଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ତେଣୁ ଛାତ୍ରୀ ଜଣକ ନିଜ ସ୍କୁଲର କ୍ରୀଡ଼ା ଶିକ୍ଷକଙ୍କ ସହ ବାଇକରେ ଘରକୁ ଫେରିଥିଲେ। ବାଟରେ ଅନ୍ଧାର ଓ ନିରୋଳା ରାସ୍ତାର ସୁଯୋଗ ନେଇ କ୍ରୀଡ଼ା ଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ କାହା ଆଗରେ ପ୍ରକାଶ କଲେ ଏସିଡ୍ ପକାଇ ଦେବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୀଡ଼ିତା ଏ ନେଇ ଘରେ କହିବା ପରେ ଘଟଣାକୁ ଚପାଇ ଦେବା ପାଇଁ ପ୍ରଧାନ ଶିକ୍ଷକ ଛାତ୍ରୀଙ୍କ ପରିବାରକୁ ଟଙ୍କା ଲୋଭ ଦେଖାଇଥିବା ଅଭିଯୋଗ ହୋଇଛି। ଏପରିକି ଦୀର୍ଘ ୧୨ ଦିନ ଧରି ଘଟଣାର ଆପୋସ ସମାଧାନ କରିବାକୁ ଉଦ୍ୟମ ହୋଇଥିଲା। ମାତ୍ର କୌଣସି କାରଣରୁ ଗୁରୁବାର ଏହି ଘଟଣା ପଦାକୁ ଆସିଥିଲା। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପରିଡ଼ାଙ୍କୁ ପଚାରିବାରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ରାଉତଙ୍କୁ ପଚାରାଉଚରା କରାଯାଇଛି। ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ଦିଆଯିବା ପରେ ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ନିଜ ସ୍କୁଲଠାରୁ ବହୁ ଦୂରରେ କରାଯାଉଥିବାରୁ ପିଲାମାନେ ନାନା ଅସୁବିଧା ଭୋଗୁଛନ୍ତି। ଯିବାଆସିବା ପାଇଁ ପିଲାମାନେ ହଇରାଣ ହେଉଥିବା ବେଳେ ଛାତ୍ରୀମାନେ ଅସଦାଚରଣ ଭଳି ସମସ୍ୟାର ସମ୍ମୁଖୀନ ହେଉଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିଆ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

■ଟୁରିଷ୍ଟ ଭିଜା ଅବଧି ସରିଯିବାରୁ ଉଠାଇନେଲା ପୋଲିସ

# ମାଲେସିଆ ଜେଲରେ ଆଳି ଯୁବକ

ଆଳି, ୮।୧୧ (ଡି.ଏନ୍.ଏ.)

ଆଳି ଥାନା ବଡଆଙ୍କୋ ଗ୍ରାମର ଜନୈକ ଯୁବକ ପାଣି ପାଇପ୍ କାର୍ଯ୍ୟ କରିବାକୁ ମାଲେସିଆ ଯାଇଥିବା ବେଳେ ଭିଜା ସରିଯିବାରୁ ଅଢ଼େଇ ମାସ ହେବ ସେଠାରେ ବନ୍ଦୀ ଜୀବନ କାଟୁଛନ୍ତି। ତେବେ ପୁଅକୁ ମାଲେସିଆରୁ ଫେରାଇ ଆଣିବାକୁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକେ।

ବଡ଼ଆଙ୍କୋ ଗ୍ରାମର କୈଳାସ ମଲିକଙ୍କ ପୁଅ ଅଶୋକ(୩୦) ୨୦୧୭ ଡିସେମ୍ବରରେ ମାଲେସିଆକୁ ପାଣି ପାଇପ କାର୍ଯ୍ୟ କରିବାକୁ ଯାଇଥିଲେ। ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ସ୍ଥାନୀୟ ସିଙ୍ଗିରି ଗ୍ରାମର ରଙ୍ଗାଧର ଦାସ କୈଳାସଙ୍କଠାରୁ ୯୦ ହଜାର ଟଙ୍କା ନେଇ ଅଶୋକଙ୍କୁ ମାଲେସିଆ ପଠାଇଥିଲେ। ରଙ୍ଗାଧର ଅଶୋକଙ୍କୁ ଟୁରିଷ୍ଟ ଭିଜାରେ ସେଠାକୁ ପଠାଇଥିବା ବେଳେ ୩ମାସ ମଧ୍ୟରେ ସ୍ଥାୟୀ ଭିଜା ମିଳିଯିବ ବୋଲି କହିଥିଲେ। ମାତ୍ର ଏହା ମିଳି ନଥିବା ବେଳେ ଟୁରିଷ୍ଟ ଭିଜା ଅବଧି ଶେଷ ହୋଇଯାଇଥିବାରୁ ଗତ ଅଗଷ୍ଟ ୩୧ରୁ ମାଲେସିଆ ପୋଲିସ ଅଶୋକଙ୍କୁ ଗିରଫ କରିଛି। ପୁଅକୁ ଘରକୁ ଫେରାଇ ଆଣିବାକୁ ପରିବାର ଲୋକେ ଆଳି ଥାନା, କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଆକୁଳ ନିବେଦନ କରିଛନ୍ତି। କୈଳାସଙ୍କ କହିବାନୁଯାୟୀ, ଏଜେଣ୍ଟ



ଅଶୋକ

ରଙ୍ଗାଧର ମାଲେସିଆର ଏଜେଡ ଏକ୍ସପ୍ରେସ ରିସୋର୍ସ ଏସଡିଏନ ବିଏଚଡି ନାମକ ଏକ କମ୍ପାନୀରେ ପାଣି ପାଇପ କାର୍ଯ୍ୟ କରିବାକୁ ଅଶୋକଙ୍କୁ ପଠାଇଥିଲେ। ମାସିକ ୨୫ହଜାର ଟଙ୍କା ପାରିଶ୍ରମିକ ମିଳିବ ବୋଲି କଥା ହୋଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପରେ ତାଙ୍କୁ ଅଲଗା କାର୍ଯ୍ୟରେ ନିୟୋଜିତ କରାଯିବା ସହ ଖୁବ୍ କମ୍ ଦରମା ଦିଆଯାଉଥିଲା। ଫଳରେ ଅଶୋକ ସେଠାରେ ବହୁ କଷ୍ଟରେ ଚଳୁଥିବା ବେଳେ ସେଠାକାର ଠିକାଦାର ତାଙ୍କ ପାସ୍‌ପୋର୍ଟ ରଖି ଦେଇଥିବାରୁ ଘରକୁ ଫେରିବା ମଧ୍ୟ ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଥିଲା। ତେବେ ଟୁରିଷ୍ଟ ଭିଜାର ଅବଧି ଶେଷ ହୋଇଯିବାରୁ ମାଲେସିଆ ପୋଲିସ ଅଶୋକଙ୍କୁ ଅଢ଼େଇ ମାସ ହେଲା ଜେଲରେ ରଖିଛି। ଏ ନେଇ ପୂର୍ବରୁ ମଧ୍ୟ ଜିଲା ଓ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ କୌଣସି ସୁଫଳ ମିଳି ନଥିବା କୈଳାସ କହିଛନ୍ତି।

## ୩ବଖରା ଜଳିଗଲା, ୩ଛେଳି ଜୀବନ୍ତ ଦଗ୍ଧ

ମହାକାଳପଡ଼ା, ୮।୧୧ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ବଡଲକଣୀ ପଞ୍ଚାୟତ ଅଧୀନ ଅରୁଣନଗର ଗ୍ରାମରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ଖୁଣ୍ଟିଆଙ୍କ ୩ ବଖରା ଜଳିଯିବା ସହ ୩ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି।

## ମା' ଭଉଣୀଙ୍କ ସହ ଏସ୍‌ପିଙ୍କୁ ଭେଟିଲେ ଅଭିଯୋଗକାରୀ

କେନ୍ଦ୍ରାପଡା ଅଫିସ, ୮।୧୧

ଆଳି ଥାନା ଅଧୀନ ମୂଳସାହି ଗ୍ରାମର ବଳରାମ ବେହେରାଙ୍କ ପରିବାର ସଦସ୍ୟଙ୍କୁ ଗତ ବୁଧବାର ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ବଳରାମଙ୍କ ଝିଅ କବିତା ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ୧୭୫/୧୮ନଂ.ରେ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି। ଅଭିଯୋଗକୁ ୩ ଦିନ ବିତି ଯାଇଥିଲେ ବି ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଶୁକ୍ରବାର ମା' ଓ ଭଉଣୀଙ୍କ ସହ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି କବିତା। ଅଭିଯୋଗ ମୁତାବକ, ପାରିବାରିକ ଶତ୍ରୁତା ଯୋଗୁ ମା' ଓ ଦୁଇ ଭଉଣୀଙ୍କୁ ଆକ୍ରମଣ କରାଯାଇଥିଲା। ବଳରାମ ଜଣେ ମାନସିକ ରୋଗୀ ହୋଇଥିବାରୁ ପ୍ରତ୍ୟହ ଏଭଳି ଆକ୍ରମଣ ହେଉଛି। ତୁରନ୍ତ ଏହାର ସମାଧାନ ନହେଲେ ଆଗାମୀ ଦିନରେ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାର ସମ୍ଭାବନା ମଧ୍ୟ ରହିଛି ବୋଲି କବିତା କହିଛନ୍ତି। ତେବେ ଆଳି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ କବିତା ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ। ମାତ୍ର ଜିଲାପାଳଙ୍କ ଭେଟ ନ ମିଳିବାରୁ ସେ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨
ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: **ତା୦୭.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ :**
**ତା୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୩.୩୦ଘଟିକା ମଧ୍ୟରେ**

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩**

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ବିଦ୍ୟାଧରପୁର ଏଡିବି / ରଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ, ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / ଆକାଉଣ୍ଟ ନଂ.: ୩୦୦୧୭୨୯୯୩୩୮ | ଜାମିନ୍‌ଦାର: ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ: ୰ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାଫ୍ଲା, ଚାନ୍ଦନୀ ଚୌକ, କଟକ-୭୫୩୦୦୨ | ଶ୍ରୀ ଅରୁଣ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଟେଡ୍ ଖାତା ନଂ.: ୧୭/୮୦, ପ୍ଲଟ୍ ନଂ.: ୩୫୭(ଅଂଶ), ଅନୁରୂପ ମ୍ୟୁଟେଟେଡ୍ ପ୍ଲଟ୍ ନଂ.: ୩୫୭/୧୪୪୯, କ୍ଷେତ୍ର: ଏକର ୦.୦୫୬ଡିସିମିଲି (ଏକର୦.୦୮୦ଡିସିମିଲିରୁ), କିସମ: ଘରବାରି | ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮ | ଟ.୮୦,୩୩,୦୦୦/- / ଟ.୮,୦୩,୩୦୦/- / ଟ.୧,୦୦,୦୦୦/- |
| ୨. | ନୂଆପାଟଣା ଶାଖା / ରଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ, ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡ଼ିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨ | ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ, ପିତା: ୰ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜିଲ୍ଲା: କେନ୍ଦ୍ରାପଡ଼ା | କ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର ମୌଜା: ଭିରୁଡ଼ା, ତହସିଲ: ଟିଗିରିଆ, ଜିଲ୍ଲା: କଟକ, ଖାତା ନଂ.: ୧୨୮୯/୭୭୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨ଡିସିମିଲି, ପ୍ଲଟ୍ ନଂ.: ୬୭୭୭/୯୮୩୧, କ୍ଷେତ୍ର: ଏକର୧.୨୦ଡିସିମିଲି, କିସମ: ଘରବାରି<br>ଖ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ବରାଇଲୋ, ତହସିଲ: ଡେରାବିଶ, ଜିଲ୍ଲା: କେନ୍ଦ୍ରାପଡ଼ା, ଖାତା ନଂ.: ୧୦୧ (ନୂଆ ଖାତା ନଂ.: ୨୪୪/୯୧), ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲି, ଖାତା ନଂ.: ୨୪ (ନୂଆ ଖାତା ନଂ.: ୨୪୪/୯୦), ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ଡିସିମିଲି, ଖାତା ନଂ.: ୩ (ନୂଆ ଖାତା ନଂ.: ୨୪୪/୮୨), ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲି, କିସମ: ଘରବାରି | ଟ.୧,୧୮,୧୫,୦୬୦/- + ୨୫.୦୨.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୨୫.୦୨.୨୦୧୪ | କ) ଟ.୭୯,୧୦,୦୦୦/- ଟ.୭,୯୧,୦୦୦/- ଟ.୧,୦୦,୦୦୦/-<br>ଖ) ଟ.୨୬,୬୩,୦୦୦/- ଟ.୨,୬୬,୩୦୦/- ଟ.୫୦,୦୦୦/- |
| ୩. | ବାଣିଜ୍ୟିକ ଶାଖା, କଟକ / ରଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ | (କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ ଡିସିମିଲି, କିସମ: ଘରବାରି, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର୩.୧୫୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୪.୨୭୦ଡିସିମିଲି, କିସମ: ଘରବାରି, (୨) ମୌଜା: ସମପୁର, ତହସିଲ: କିସାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲ, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି<br>(ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରି | ଟ.୨,୩୬,୦୫,୨୧୪/- + ୦୫.୦୫.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪ | (କ) ଟ.୨,୫୯,୨୫,୦୦୦/- ଟ.୨୫,୯୨,୫୦୦/- ଟ.୧,୦୦,୦୦୦/-<br>(ଖ) ଟ.୧୮,୦୨,୦୦୦/- ଟ.୧,୮୦,୨୦୦/- ଟ.୫୦,୦୦୦/- |
| ୪. | ମାଲଗୋଦାମ ଶାଖା / ରଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଜେନେରାଲ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରେଖା ଅଗ୍ରୱାଲ, ସ୍ୱାମୀ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୦୨୪୫୪୦୭୯୧୨ | ଜାମିନ୍‌ଦାରମାନେ: ୧) ଶ୍ରୀ ମନୋରଞ୍ଜନ ନାୟକ, ପିତା: ୰ ପ୍ରାଣକୃଷ୍ଣ ନାୟକ, ଠିକଣା-୧: ସା/ପୋ: ପାଇକବାରବାଟି, ଥାନା: କାନପୁର, ଭାୟା: ନରସିଂହପୁର, ଜିଲ୍ଲା: କଟକ, ଠିକଣା-୨: ସା: ଷ୍ଟିୱାର୍ଟ ପାଟଣା, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ସେଲୁର ଛକ, ପୋ/ଥାନା: ବିଡାନାସୀ, କଟକ, ୨) ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ ନଂ.: ବି/୧୫୦୩, ସେକ୍ଟର-୬, ସିଡିଏ, ମର୍କତ ନଗର, କଟକ-୭୫୩୦୧୪ | ଶ୍ରୀ ମନୋରଞ୍ଜନ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଇକପଡ଼ା ପାଟଣା, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଖାତା ନଂ.: ୫୭୪/୧୫, ଅନୁରୂପ ପରିବର୍ତ୍ତିତ ଖାତା ନଂ.: ୫୭୪/୪୬୨, ପ୍ଲଟ୍ ନଂ.: ୧୪୦୭/୨୮୮୬, କ୍ଷେତ୍ର: ଏକର୦.୧୯୫ଡିସିମିଲି, କିସମ: ଘରବାରି | ଟ.୨୭,୯୮,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୪.୦୧.୨୦୧୭ | ଟ.୩୪,୪୩,୦୦୦/- / ଟ.୩,୪୪,୩୦୦/- / ଟ.୫୦,୦୦୦/- |
| ୫. | ଇଫ୍‌କୋ ଛକ ଶାଖା, ପାରାଦୀପ (ବର୍ତ୍ତମାନ- ପାରାଦୀପ ବଜାର ଶାଖା)/ ରଣଗ୍ରହୀତାମାନେ: ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲ, ପିତା: ଶ୍ରୀ ଇନ୍ଦ୍ରମଣି ସାମଲ, ସା: ଫତେପୁର, ପୋ: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ୬୨୨୧୫୧୫୨୦୫୨ | | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରି | ଟ.୨୧,୨୨,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୩.୦୨.୨୦୧୮ | ଟ.୩୫,୫୨,୦୦୦/- / ଟ.୩,୫୫,୨୦୦/- / ଟ.୫୦,୦୦୦/- |
| **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୁଧୀର କୁମାର ଲାକ୍ରା, ଇ-ମେଲ: sudhir.lakra@sbi.co.in, ମୋ: ୮୫୯୯୦୦୨୭୦୨** | | | | | |
| ୬. | ପିବିବି ମଙ୍ଗଳାବାଗ ଶାଖା / ରଣଗ୍ରହୀତାମାନେ: ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ା, ଉଭୟଙ୍କ ପିତା: ୰ ବିଦ୍ୟାଧର ପରିଡ଼ା, ସା: ଶଙ୍କରପୁର (ଡିହସାହି), ପୋ: ଅରୁଣୋଦୟ ମାର୍କେଟ, ଥାନା: ମଧୁପାଟଣା, କଟକ / ଆକାଉଣ୍ଟ ନଂ.: ୩୦୦୦୩୧୧୪୦୮୧ | ଜାମିନ୍‌ଦାର: ଶ୍ରୀ ଅମରେନ୍ଦ୍ର ସାମଲ, ପିତା: ଶ୍ରୀ ଚିତ୍ତରଞ୍ଜନ ସାମଲ, ସା: ସୂତାହାଟ, ପୋ: ବକ୍ସିବଜାର, ଜିଲ୍ଲା: କଟକ | ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.-୩୩ (ବିଶିନବର), ତହସିଲ/ଏସ୍‌ଆରଓ: କଟକ ସଦର, ଥାନା: ମଧୁପାଟଣା (ନଂ.-୩), ଜିଲ୍ଲା: କଟକ, ଖାତା ନଂ.: ୧୨୦୫/୭୫, ପ୍ଲଟ୍ ନଂ.: ୧୨୬୯/୩୨୦୭, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି | ଟ.୨୧,୫୮,୯୬୫/- + ୦୧.୦୬.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୭.୦୬.୨୦୧୪ | ଟ.୩୫,୦୦,୦୦୦/- / ଟ.୩,୫୦,୦୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: **୦୩.୧୨.୨୦୧୮ ଏବଂ ୦୪.୧୨.୨୦୧୮ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ **ତା୧୦.୧୨.୨୦୧୮ରିଖ**ରେ ଅସିମୀତ ପ୍ରତ୍ୟେକ ବର୍ଦ୍ଧିତ ୫ ମିନିଟ ସମୟ ସହିତ **ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା** ମଧ୍ୟରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ୍ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ରଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 33401288726, Name of the A/C.: AGM, SARB, NO LIEN Account, Name of the Beneficiary: State Bank of India A/c., IFSC Code No.: SBIN0009029** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ତାଲିକାଭୁକ୍ତ ବ୍ୟାଙ୍କରୁ **"Asst. General Manager, State Bank of India, SARB, Cuttack"**ଙ୍କ ସପକ୍ଷରେ କଟକ ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକ**ଙ୍କ ଠାରେ **ତା.୦୭.୧୨.୨୦୧୮ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକ**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର. ନଂ.: ୧ ରୁ ୫ ନିମନ୍ତେ: Mob.: 8599002703** ଏବଂ **ସମ୍ପତ୍ତି କ୍ର. ନଂ.: ୬ ନିମନ୍ତେ: Mob.: 8599002702** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ରଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୫) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୬) ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ ୨୦୦୨ର ୮(୬) ଅନୁଯାୟୀ ଉପରୋକ୍ତ ରଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ତାରିଖ : ୦୮.୧୧.୨୦୧୮, ସ୍ଥାନ : କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


# ନହୁଣିରେ ଗାୟତ୍ରୀ ପୂଜାର ରୌପ୍ୟ ଜୟନ୍ତୀ

ରାଜକନିକା, ୮।୧୧ (ଡି.ଏନ୍.ଏ.)

ରାଜକନିକା ବ୍ଲକସ୍ଥିତ ନହୁଣି ଗାୟତ୍ରୀ ପଡ଼ିଆରେ ଗାୟତ୍ରୀ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳିତ ହେଉଥିବା ବେଳେ ଗାୟତ୍ରୀ ପୂଜା ଓ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଆଜି ବିଧାୟକ ଦେବେନ୍ଦ୍ର ଶର୍ମା ଏଠାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଧର୍ମ ଧ୍ୱଜା ଉତ୍ତୋଳନ କରି ୧୦୮ ମଙ୍ଗଳ କଳସ ଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ଶ୍ରୀନିବାସ ପ୍ରଧାନ, ସମ୍ପାଦକ ବିଜୟ କୁମାର ମହାକୁଡ, ନିମାଇଁ ଚରଣ ଦାସ,ପ୍ରକାଶ ବାରିକ, ବିପିନ ନାୟକ, ଧନଞ୍ଜୟ ପରିଡା, ସରୋଜ ପଲାଇ, ଶୁଭମ୍ କୁମାର ଜେନା, ଅଭୟ ମଲିକ, ହରେନ୍ଦ୍ର ପରିଡ଼ା, ସଞ୍ଜୟ ନାୟକ, ଅକ୍ଷୟ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ରୌପ୍ୟ ଜୟନ୍ତୀ ଉପଲକ୍ଷେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଓ ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୧ତାରିଖରେ ଗାୟକ ବେଦ ବାଚସ୍ପତି ବିଚିତ୍ରାନନ୍ଦ ପଣ୍ଡା ପାଲା ପରିବେଷଣ କରିବେ। ୧୩ ତାରିଖରେ ଭୁବନେଶ୍ୱରସ୍ଥିତ ସାଇଡ୍ୟାନ୍ସ ଗ୍ରୁପ ଓ ରିଦିମ ରାଇଟ ପକ୍ଷରୁ ନୃତ୍ୟ ଓ ମେଲୋଡି ପରିବେଷଣ କରାଯିବ। ୧୪ ତାରିଖରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।



ଧର୍ମ ଧ୍ୱଜା ଉତ୍ତୋଳନ ବେଳେ ବିଧାୟକ ଦେବେନ୍ଦ୍ର ଶର୍ମା ଓ ଅନ୍ୟମାନେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ମହାକାଳପଡ଼ା, ୮।୧୧ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଆଡୋଇ ଗ୍ରାମର କାଉରୀ ସ୍ୱାଇଁଙ୍କ ଭଣଜା ସାଗର ରାଉତ (୭) ଗୁରୁବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସାଗର ପୋଖରୀ ପାର୍ଶ୍ୱରେ ଖେଳୁଥିବା ବେଳେ ପୋଖରୀ ଭିତରକୁ ଖସି ପଡ଼ିଥିଲେ। କିଛି ସମୟ ପରେ ମାମୁଁ ଘର ଲୋକେ ଖୋଜାଖୋଜି କରିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଗର ବରକନ୍ଧା ପଞ୍ଚାୟତ ବରକନ୍ଧା ଗ୍ରାମର ପ୍ରଫୁଲ୍ଲ ରାଉତଙ୍କ ପୁଅ । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଗୋଟିଏ ଦିନରେ ପାସ୍‌ବୁକରେ ଟଙ୍କା ପାଇବେ ଚାଷୀ

କେନ୍ଦ୍ରାପଡା ଅଫିସ, ୮।୧୧

ଚଳିତ ବର୍ଷ କେନ୍ଦ୍ରାପଡ଼ା ଜିଲାରେ ବଳକା ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟଠାରୁ କମିଛି। ଗତ ଆର୍ଥିକ ବର୍ଷରେ ଆରଏମସି ଅଧୀନରେ ୫୭୦୦୦.୭୪୮ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିଲା। ଚଳିତ ବର୍ଷ ଏହି ଧାନ ସଂଗ୍ରହ ଧାର୍ଯ୍ୟ ପରିମାଣ ୫୦୭୩୫ ମେଟ୍ରିକ ଟନ ହୋଇଛି। ଜିଲାର ୧୧୫ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ମାଧ୍ୟମରେ ଧାନ ସଂଗ୍ରହ ହେବାକୁ ଥିବା ବେଳେ ଦିନକ ମଧ୍ୟରେ ବିକ୍ରୟକାରୀ ଚାଷୀଙ୍କ ପାସ୍ ବୁକରେ ଟଙ୍କା ପହଞ୍ଚିବା ନେଇ ସ୍ଥିର ହୋଇଛି। ଏଥିରେ ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଦାଶରଥି ଶତପଥୀ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ବୈଠକରେ ଜିଲାପାଳ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏଡିଏମ୍ ବସନ୍ତ କୁମାର ରାଉତ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ବେସାମରିକ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ୨୦୧୭-୧୮ ଆର୍ଥିକ ବର୍ଷର ଲକ୍ଷ୍ୟ ଧାର୍ଯ୍ୟ ଓ ସଫଳତା ଉପରେ ଆଲୋଚନା କରାଯାଇଥିଲା। ପରେ ୨୦୧୮-୧୯ବର୍ଷ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ, ଜିଲାରେ ବଳକା ଧାନ ସଂଗ୍ରହ, ଚଳିତ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ଆବଣ୍ଟନ, ତହସିଲଦାରଙ୍କ ଦ୍ୱାରା କୃଷକ ପଞ୍ଜୀକରଣ ତଥ୍ୟ, ବ୍ୟାଙ୍କ ଆକାଉଣ୍ଟ ପଞ୍ଜୀକରଣ, ନିୟମିତ ଯାଞ୍ଚ, ଆରଏମସି ଓ ପଞ୍ଚାୟତସ୍ତରୀୟ ପ୍ୟାକ୍ସ ଓ ଲ୍ୟାମ୍ପସର ଆବଶ୍ୟକ ପାରିପାର୍ଶ୍ୱିକ ସମ୍ବଳ, ଧାନ ସଂଗ୍ରହର ତାରିଖ ଧାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। ଚଳିତବର୍ଷ ଡିସେମ୍ବର ୧୭ ଏପ୍ରିଲ ୩୦ ପର୍ଯ୍ୟନ୍ତ ଚାଷୀଙ୍କ ଠାରୁ ବଳକା ଧାନ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରତି ଏକର ଜଳସେଚିତ ଜମି ପାଇଁ ଜଣେ ଚାଷୀ ୧୯ କୁଇଣ୍ଟାଲ ଓ ପ୍ରତି ଏକର ଅଣ ଜଳସେଚିତ ଜମି ପାଇଁ ୧୩ କୁଇଣ୍ଟାଲ ଧାନ ବିକ୍ରୟ କରିପାରିବେ ବୋଲି ଏଠାରେ ସୂଚନା ଦିଆଯାଇଥିଲା। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଅଗ୍ରାଧିକାର ଭିତ୍ତିରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା। ସାଧାରଣ ଗ୍ରେଡ ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ଟଙ୍କା, ଏ ଗ୍ରେଡ ଧାନ ପାଇଁ କୁଇଣ୍ଟାଲ ପିଛା ୧୭୭୦ଟଙ୍କା ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ସୂଚନାଯୋଗ୍ୟଯେ, ଚଳିତବର୍ଷ ମୋଟ ୩୮,୨୮୫ ଜଣ ଚାଷୀ ବଳକା ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ବୈଠକରେ ଡିଆରସିଏସ କୁଳମଣି ପାଢୀ, ଏଆରସିଏସ ଲକ୍ଷ୍ମୀଧର ସୁବୁଦ୍ଧି, ଏସଆରସିଏସ ଅଶୋକ କୁମାର ବେହେରା, ଏମଆଇ ସଚ୍ଚିଦାନନ୍ଦ ଜେନା, ଆରଏମସି ସମ୍ପାଦକ ଅଜୟ କୁମାର ରାଉତ, ସମସ୍ତ ତହସିଲଦାର, ଚାଷୀ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ସଂସ୍କୃତ ବିଶାରଦଙ୍କ ସ୍ମୃତିସଭା

ଡେରାବିଶ, ୮।୧୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ଗ୍ରାମର ସଂସ୍କୃତ ବିଶାରଦ ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ମୃତିସଭା ଗୁରୁବାର ତାଙ୍କ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରଘୁନାଥ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ହଳଧର ଦାଶ, ବରିଷ୍ଠ ବିଜେଡ଼ି ନେତା ରବି ସାମଲ, ରାଜ୍ୟ ଖଦିବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ରଘୁନାଥ ମହାନ୍ତି, ପାର୍ଥ ଚକ୍ରବର୍ତ୍ତୀ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଭାଜପା ନେତା ମାନସ ମହାନ୍ତି ଓ ଉମାକାନ୍ତ ପଟ୍ଟନାୟକ ଓ ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ ଯୋଗଦେଇ ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କ ସ୍ମୃତିଚାରଣ କରିଥିଲେ। ଅନୁରୂପ ଭାବେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ଅଭିମନ୍ୟୁ ରାଉତ, କୈଳାସ ଚନ୍ଦ୍ର ଲେଙ୍କା, ନାରାୟଣ ଲେଙ୍କା, ଶିବପ୍ରସାଦ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଚକ୍ରବର୍ତ୍ତୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଭ୍ରଷ୍ଟାଚାର ବିରୋଧରେ ଗର୍ଜିଲା ଭାଜପା

ଡେରାବିଶ, ୮।୧୧ (ସ୍ୱ.ପ୍ର.)

ରାଜ୍ୟରେ ବିଜେଡି ସରକାରଙ୍କ ସମୟରେ ପିସି କାରବାର ବଢ଼ିଥିବା ବେଳେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯାଉଛି। ଏହି କ୍ରମରେ ଗୁରୁବାର ଡେରାବିଶ ବ୍ଲକ ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା।

ପାଟକୁରା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରଭାରୀ କରୁଣାକର ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ମହାନ୍ତି ଓ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେହିପରି ଜିଲା ସାଧାରଣ ସମ୍ପାଦିକା ଗୀତାଞ୍ଜଳି ସେଠୀ, ବରିଷ୍ଠ ନେତା ଅଶୋକ ତ୍ରିପାଠୀ, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିକ୍ରମ ରାଉତରାୟ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନାରେ ଅନୁଦାନ ଅର୍ଥ ହଡ଼ପ ହେଉଥିବା କହିଥିଲେ। ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ନିର୍ମାଣ ଓ ସୌଭାଗ୍ୟ ଯୋଜନାରେ ବ୍ୟାପକ ହେର୍‌ଫେର୍ ହେଉଥିବା ଭାଜପା ନେତୃବୃନ୍ଦ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ସରୋଜକାନ୍ତ ବିହାରୀ, ପ୍ରସନ୍ନ ପରିଡ଼ା, ୧୨ ନଂ. ଜୋନ ସଭାପତି ଦେବାଶିଷ ଗିରିଜାଭୂଷଣ ନାୟକ, ୧୩ ନଂ. ଜୋନ୍ ସଭାପତି ଅଶୋକ କୁମାର ସାହୁ, ୧୪ ନଂ. ଜୋନ୍ ସଭାପତି ଅମୀୟ ମିଶ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାୟକ, ସରପଞ୍ଚ ଲିଲିମା ପରିଡ଼ା, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ହରେକୃଷ୍ଣ ସ୍ୱାଇଁ, ଉର୍ମିଳା ସେଠୀ, ଲୋଭାବତୀ ସାହୁ, ଭାରତୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ପୂର୍ବାହ୍ନ ୧୦ଟାରେ ଚାନ୍ଦୋଳ କଲେଜ ଛକରୁ ଭାଜପା ନେତା ଗୌତମ ପରିଡ଼ାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲା। ଶୃଙ୍ଖଳା ରକ୍ଷା ପାଇଁ ସଦର ଥାନା ଏଏସ୍‌ଆଇ ରଙ୍ଗବଲ୍ଲଭ ସ୍ୱାଇଁ ଓ ଡେରାବିଶ ଥାନା ଏଏସ୍‌ଆଇ ଭାଗବତ ମାହାଲିଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ବିକ୍ଷୋଭ ସମାବେଶରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀମାନେ।

## ସଂକ୍ଷେପରେ

### ବାଣ ଫୁଟି ୩ ବଖରା ଜଳିଗଲା

**ପାରାଦୀପ,୮।୧୧ (ସ୍ୱ.ପ୍ର.):** ପାରାଦୀପ ଥାନା ଅନ୍ତର୍ଗତ ମଧୁବନ ଗୋପାଳଜୀଉ କଲୋନୀରେ ବୁଧବାର ରାତିରେ ବାଣ ନିଆଁରୁ ୩ ବଖରା ପୋଡିଯାଇଛି। ଏକ ପଲିଥିନ୍ ବାଣ ଉଡ଼ିଆସି ପଡ଼ିବାରୁ ପଞ୍ଚାନନ ଦଲେଇଙ୍କ ଘରେ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କର ୩ ବଖରା ପୋଡ଼ିଯାଇଛି। ଖବରପାଇ ପାରାଦୀପ ଦମକଳ ବାହିନୀ ପହଞ୍ଚିବାବେଳକୁ ସ୍ଥାନୀୟ ଲୋକେ ନିଆଁ ଲିଭାଇ ସାରିଥିଲେ। ଅଗ୍ନିକାଣ୍ଡରେ ପଞ୍ଚାନନଙ୍କ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ସେହିପରି ବଡ଼ପଡ଼ିଆ ସିନେମା ହଲ ପାଖ ବସ୍ତିରେ ବାଣ ନିଆଁ ପଡ଼ି ଜଣଙ୍କ ଘରେ ନିଆଁ ଲାଗିଯାଇଥିଲା। ତେବେ ବଡ଼ଧରଣର ଅଘଟଣ ପୂର୍ବରୁ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ପାରାଦୀପର ବିଭିନ୍ନ ସ୍ଥାନରେ ବାଣ ନିଆଁ ପ୍ରଭାବରେ ୫ରୁ ଅଧିକ ଲୋକ ଆହତ ହୋଇଥିବା ଜଣାଯାଇଛି।

### ଯୁବ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ପାରାଦୀପ, ୮।୧୧ (ସ୍ୱ.ପ୍ର.):** ପାରାଦୀପ ବନ୍ଦରରେ ଏକ ଠିକା ସଂସ୍ଥାରେ କାମ କରୁଥିବା ଜଣେ ଯୁବ ଯନ୍ତ୍ରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ତାମିଲନାଡୁର ଏଲ. ଶିବା। ସେ ବ୍ୟାଙ୍କ ଲେନ୍‌ରେ ଥିବା ଏକ ହୋଟେଲରେ ରହୁଥିଲେ। ଦେହ ଅସୁସ୍ଥ ହେବାରୁ ତାଙ୍କୁ କମ୍ପାନୀର ଅନ୍ୟ କର୍ମଚାରୀମାନେ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ କେତେଜଣ ସାଥି କର୍ମଚାରୀ ଏହାକୁ ଗ୍ରହଣ କରୁନାହାନ୍ତି। ମୃତଦେହ ସଂରକ୍ଷିତ ରଖାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ପରିବାର ଲୋକ ଆସିଲେ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି।

### ରୋଗପୋକ ସର୍ବେକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ



**ରଘୁନାଥପୁର,୮।୧୧(ଡି.ଏନ୍.ଏ.):** ରଘୁନାଥପୁର ବ୍ଳକ କୃଷି କାର୍ଯ୍ୟାଳୟ ସଭାକକ୍ଷରେ ଗୁରୁବାର ୫୦ଜଣ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ରୋଗପୋକ ସର୍ବେକ୍ଷଣ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି। ସହକାରୀ କୃଷି ଅଧିକାରିଣୀ ସୁଶ୍ରୀ ମନସ୍ୱନୀ ଲେଙ୍କାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଡିଡିଏ ରାମଚନ୍ଦ୍ର ନାୟକ ଓ ଡିବିଓ ଅଶୋକ କୁମାର ମହାନ୍ତି ଫସଲରେ ହେଉଥିବା ବିଭିନ୍ନ ରୋଗପୋକର ଚିହ୍ନଟ ଓ ନିରାକାରଣ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ତତ୍‌ସହ ବିଭିନ୍ନ ସମୟରେ ଧାନଗଛରେ ଲାଗୁଥିବା ପୋକରୁ ମୁକ୍ତ ରଖିବା ପାଇଁ ଭିନ୍ନ ଭିନ୍ନ ଔଷଧ ବ୍ୟବହାର ପାଇଁ ସୂଚାଇ ଥିଲେ। ଏହାଛଡା ଧାନଗଛରେ ରୋଗପୋକ ଦେଖିବା ମାତ୍ରେ ତୁରନ୍ତ କୃଷି ଅଧିକାରୀ ଅବା ଭିଏଡବ୍ଲୁଙ୍କ ସହ ପରାମର୍ଶ ନେବା ପାଇଁ ପ୍ରଶିକ୍ଷକ ଦ୍ୱୟ ଜଣାଇଥିଲେ। ଏନେଇ ଚାଷୀ ଦିଲୀପ କୁମାର ପରିଜା, ସୁବାସ ଚନ୍ଦ୍ର ସାହୁ, ଅଶୋକ କୁମାର ନାୟକ ଓ ନିମାଇ ବସ୍ତିଆ ଚାଷ ସମ୍ପର୍କରେ ପ୍ରଶ୍ନ କରି ବୁଝିଥିଲେ। ଭିଏଡବ୍ଲୁ ସଞ୍ଜୟ କୁମାର ନାୟକ, ଅମିୟ କୁମାର ପରିଜା, ପ୍ରଶାନ୍ତ ମଲ୍ଲିକ ଓ ଅନିତା ମଲ୍ଲିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାବଣପୋଡ଼ି ଉତ୍ସବ ଉଦ୍‌ଯାପିତ

**ବାଲିକୁଦା,୮।୧୧(ସ୍ୱ.ପ୍ର.):** ବାଲିକୁଦା ବ୍ଳକ ମୂଳୁଗାଁ ପଞ୍ଚାୟତର ସିଙ୍ଗିରିଠାରେ ଗତ ୫ ଦିନ ଧରି ଚାଲିଥିବା ରଘୁନାଥ ଜୀଉ ପୂଜା ଓ ରାବଣ ପୋଡି ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆଇନଜୀବୀ ବୀରପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାବଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରତିନିଧି ଅଚ୍ୟୁତାନନ୍ଦ ପରିଡା, ସମିତିସଭ୍ୟ ଦିଲୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମହେନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ ଓ ଅଜୟ ଦାସ ଧନ୍ୟବାଦ ଦେଇଥିଲେ। କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଏହି ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

# ତୈଳ ବିଶୋଧନାଗାର ଆଗରେ ବିଜେଡିର ବିକ୍ଷୋଭ

**ନିଯୁକ୍ତି ପ୍ରସଙ୍ଗରେ କେନ୍ଦ୍ରକୁ ଟାର୍ଗେଟ**

- ବିଶୋଦ୍‌ଗାର କଲେ ବରିଷ୍ଠ ନେତା
- ସିଏସ୍‌ଆର ଅର୍ଥ ବାହାର ରାଜ୍ୟରେ ଖର୍ଚ୍ଚ କରୁଛନ୍ତି ଧର୍ମେନ୍ଦ୍ର
- ନିଯୁକ୍ତି ପାଇଁ କେବେ ଶିଳ୍ପ ଆଗରେ ବିକ୍ଷୋଭ କରିନାହାନ୍ତି ଦାମ

**ପାରାଦୀପ, ୮।୧୧ (ସ୍ୱ.ପ୍ର.)**



ବିଜେଡିର ବିକ୍ଷୋଭ ସମାବେଶରେ ଉପସ୍ଥିତ ବରିଷ୍ଠ ନେତା ଓ ଅନ୍ୟମାନେ।

ବେକାରୀ ସମସ୍ୟା ଦୂରୀକରଣରେ ରାଜ୍ୟ ସରକାର ବିଫଳ ହୋଇଥିବା ଦର୍ଶାଇ ଗତ ୫ ତାରିଖରେ ଭାଜପା ରାଜ୍ୟର ସମସ୍ତ ନିୟୋଜନ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି କେନ୍ଦ୍ର ସରକାରଙ୍କ ବିରୋଧରେ ଗୁରୁବାର ପ୍ରତିବାଦ ଆରମ୍ଭ କରିଛି ବିଜେଡି। ଅର୍ଥାତ୍ ରାଜ୍ୟରେ ଥିବା ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଗରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବିଜେଡି ବିକ୍ଷୋଭ ସମାବେଶ କରିବ। ଏହି କ୍ରମରେ ଗୁରୁବାର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ପାରାଦୀପ ତୈଳ ବିଶୋଧନାଗାର ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସମାନ ନିଯୁକ୍ତି କଥା ଉଠାଇଛି ବିଜେଡି। ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କେତେ ଓଡ଼ିଆଙ୍କୁ ନିଯୁକ୍ତି ମିଳିଛି ତାହାର ତଥ୍ୟ ମାଗିଛି ଦଳ। ଏଥିରେ ନିଯୁକ୍ତି ପାଇଥିବା ଲୋକଙ୍କ ମଧ୍ୟରେ ଯଦି ଓଡ଼ିଶାର ୮୦ ପ୍ରତିଶତ ନ ଥିବେ, ତା' ହେଲେ ବିଶୋଧନାଗାର ବିରୋଧରେ ଜନ ଆନ୍ଦୋଳନ ଆହୁରି ଶାଣିତ କରାଯିବ ବୋଲି ବିଜେଡି ନେତାମାନେ ଚେତାବନୀ ଦେଇଛନ୍ତି। ଏଥିସହ ଦଳ ଅଭିଯୋଗ କରିଛି ଯେ ତୈଳ ବିଶୋଧନାଗାର ସିଏସ୍‌ଆର (କର୍ପୋରେଟ ସୋସିଆଲ ରେସପନ୍‌ସିବିଲିଟି) ବାବଦ ଅର୍ଥକୁ ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାହାର ରାଜ୍ୟରେ ଖର୍ଚ୍ଚ କରୁଛନ୍ତି। ସେହି ଅର୍ଥର ହିସାବକୁ ନେଇ ମଧ୍ୟ ଦଳ ବିଶୋଧନାଗାର କର୍ତ୍ତୃପକ୍ଷଙ୍କୁ ଟାର୍ଗେଟ କରିଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ଏମ୍‌ପି କୁଳମଣି ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳଙ୍କ ସମେତ ବହୁ ଆଗଧାଡ଼ିର କର୍ମୀ ସାମିଲ ହୋଇଥିଲେ। ବିଶୋଧନାଗାର ପ୍ରକଳ୍ପ ୪ନଂ. ଫାଟକ ତଥା ପ୍ରଶାସନିକ ଭବନ ପାଖରେ ଏହି ବିକ୍ଷୋଭ ସମାବେଶ ହୋଇଥିଲା। ରଙ୍ଗିଆଗଡ଼ଠାରୁ ବୈଠକ ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା ହୋଇଥିଲା। ସମସ୍ତ ବିଜେଡି ନେତା କେନ୍ଦ୍ରମନ୍ତ୍ରୀ ଓ ସରକାରଙ୍କୁ ଘେରିବା ସହ ସ୍ଥାନୀୟ ବିଧାୟକଙ୍କୁ କଟୁକ୍ତି କରିବାକୁ ଭୁଲି ନ ଥିଲେ। ସେମାନେ କହିଲେ ଯେ ସର୍ବଦା ନିଜକୁ ପାରାଦୀପର ଚୌକିଦାର କହୁଥିବା ଦାମୋଦର ରାଉତ କେବେ କୌଣସି ଶିଳ୍ପ ଆଗରେ ବିକ୍ଷୋଭ ପାଇଁ ଉଚିତ୍ ମଣନ୍ତି ନାହିଁ। କାରଣ ସେ ଶିଳ୍ପସଂସ୍ଥା ସହ ଭିତିରି ବୁଝାମଣା କରି ନିଜର ସ୍ୱାର୍ଥ ସାଧନ କରନ୍ତି। ଏଥିପାଇଁ ସ୍ଥାନୀୟ ବେକାରଙ୍କ ସ୍ଥାନରେ ବାହାର ରାଜ୍ୟର ଲୋକେ ଫାଇଦା ନେଲେ ବୋଲି ବିଜେଡି ନେତାମାନ ଅଭିଯୋଗ କରିଥିଲେ। ହେଲେ ଏବେ ଦଳ ଆଉ ସେପରି ଭୁଲ କରିବ ନାହିଁ। ସବୁ କମ୍ପାନୀକୁ ଏବେ ନିଯୁକ୍ତି ପ୍ରସଙ୍ଗରେ ହିସାବ ମଗାଯିବ ବୋଲି ସେମାନେ କହିଥିଲେ। ସ୍ୱର୍ଗତ ବିଜୁ ବାବୁଙ୍କ ପାଇଁ ପାରାଦୀପ ବନ୍ଦର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ବିଶୋଧନାଗାର ପ୍ରକଳ୍ପ ହୋଇଛି। ଏହା ସତ୍ତ୍ୱେ ଏଠି ଭାଜପାର ଠିକାଦାର ରାଜୁତି କରୁଛନ୍ତି। ଏହା ଆଉ ଗ୍ରହଣୀୟ ହେବ ନାହିଁ ବୋଲି ବୋଲି ସେମାନେ ଚେତାବନୀ ଦେଇଥିଲେ। ସଭାକୁ ପାରାଦୀପରୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଭୂତମୁଣ୍ଡାଇରୁ ସଞ୍ଜୟ ସ୍ୱାଇଁ ଓ ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ ପ୍ରମୁଖ ବହୁ ସଂଖ୍ୟାରେ ଲୋକ ଆଣି ଆସିଥିଲେ।




ନାଉଗାଁର ଡେରିକି, ଘୋଡାଂଶରେ ପୂଜା ପାଉଥିବା ଶ୍ୟାମାକାଳୀ।




ତିର୍ତ୍ତୋଲ ଶାରଳା ରୋଡ ଏବଂ କୁଜଙ୍ଗ ବ୍ଲକରେ ହୋଇଥିବା ପୂଜା ମଣ୍ଡପ।

# ବିଭିନ୍ନ ସ୍ଥାନରେ ଶ୍ୟାମାକାଳୀଙ୍କ ପୂଜା

**ପାରାଦୀପ, ୮।୧୧ (ସ୍ୱ.ପ୍ର.)**

ପାରାଦୀପର ଅଠରବାଙ୍କୀଠାରେ ମା' ଶ୍ୟାମାକାଳୀଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହେଉଛି। ଦୀର୍ଘ ୫୨ ବର୍ଷ ଧରି ହୋଇଆସୁଥିବା ଏହି ପୂଜା ପୂର୍ବ ବର୍ଷଗୁଡ଼ିକ ଭଳି ଚଳିତଥର ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଆୟୋଜକମାନେ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମଙ୍ଗଳବାର କଳସ ଶୋଭାଯାତ୍ରା ପରେ ମଧ୍ୟରାତ୍ର ୧୨ଟାରୁ ପୂଜା ଆରମ୍ଭ ହୋଇଥିଲା। ବୁଧବାର, ଗୁରୁବାର ଅନ୍ୟାନ୍ୟ ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଶୁକ୍ରବାର ଭସାଣି ଉତ୍ସବ ପାଳିତ ହେବ ବୋଲି ପୂଜାକମିଟି ପକ୍ଷରୁ କୁହାଯାଇଛି। କାଳୀପୂଜା କମିଟିର ପ୍ରମୁଖ ସଭ୍ୟ ଦୁଃଶାସନ ବାରିକ, ଭାସ୍କର ସାହୁ, ଶ୍ୟାମ ବେହେରା, ଅଞ୍ଜନ ସାମଲ ପ୍ରମୁଖ ପୂଜା ସମ୍ପାଦନ କରୁଛନ୍ତି।

**ନାଉଗାଁ,(ସ୍ୱ.ପ୍ର.):** ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ମା ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାରେଇକୂଳ, ବିଲିପଡା, ଶିଖର କାଳୀପୂଜା କମିଟି ପକ୍ଷରୁ ୩୨ତମ ପୂଜା ଉତ୍ସବ ହୋଇଥିଲା। ପୂଜା ମଣ୍ଡପକୁ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୂଜା କମିଟି ସଭାପତି ରଶ୍ମିରଞ୍ଜନ ରାଉତଙ୍କ ସମେତ ସମସ୍ତ ସଦସ୍ୟ ପୂଜା ପରିଚାଳନା କରିଥିଲେ। ସେହିପରି ଡେରିକି ମେଡିକାଲ ଛକ ନିକଟରେ ୩୦ତମ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ବିରଞ୍ଚି ବିଶ୍ୱାଳ ଓ ଅନ୍ୟ ସଦସ୍ୟଙ୍କ ସହାୟତାରେ ଏହି ପୂଜା ପାଳିତ ହୋଇଥିଲା। ଏହି ଉପଲକ୍ଷେ ଏଠାରେ ରକ୍ତଦାନ ଶିବିର ଓ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି। ଘୋଡାଂଶ, ପାଇକ ସାହିରେ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ପ୍ରତ୍ୟେହ ସନ୍ଧ୍ୟାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଉଛି।

**ବିରିଡି,(ଡି.ଏନ.ଏ.):** ବିରିଡ଼ି ବ୍ଲକ ୨୨ ମୌଜାର କମଳପୁର ଓ ମଙ୍ଗୁଳିର ମଧୁବାବାଙ୍କ ମଠ, ନୂଆପାରି ଓ ଚାନ୍ଦପୁରଠାରେ ଶ୍ୟାମାକାଳୀ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜନସାଧାରଣ ଉପସ୍ଥିତ ହୋଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଦିବସ ସାରା ଭଜନ କୀର୍ତ୍ତନ ହୋଇଥିଲା। ଏହି ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

**ରାହାମା/ତିର୍ତ୍ତୋଲ,(ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଶାରଳା ରୋଡ୍ ପୂଜା ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ପୂଜା ପାଳିତ ହୋଇଛି। ଗତ ୬ ତାରିଖଠାରୁ ଏହି ପୂଜା ଆରମ୍ଭ ହୋଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ଘୃତଯଜ୍ଞ, ଷୋଡଶ ଉପଚାର ପୂଜା କରାଯିବା ସହ ପ୍ରତ୍ୟେହ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ରଞ୍ଜିତ କୁମାର ମହାନ୍ତି, ଉପସଭାପତି ରଞ୍ଜିତ ବେହେରା, ସମ୍ପାଦକ ପ୍ରଦୀପ୍ତ ପରିଜା, ରାଜେଶ କୁମାର ସାହାଣୀ, ଶାରଳା ରୋଡ୍ ବଜାର କମିଟି ସଭାପତି ବିମଳ ଚନ୍ଦ୍ର ଦାସ, ଉପସଭାପତି ନନ୍ଦନନ୍ଦନ ନାୟକ, ସମ୍ପାଦକ ପପୁ ପରିଜା, ନାରଣ ଓଝା, ଦୀପକ ସାହୁ, କର୍ତ୍ତା ଗୋପାଳ ଚନ୍ଦ୍ର ମହାନ୍ତି, ପ୍ରଭୁ ଦର୍ଶନ ଚୌଧୁରୀ, ପ୍ରଗତି ରଞ୍ଜନ ପରିଜା ପ୍ରମୁଖ ପରିଚାଳନା କରୁଛନ୍ତି।

## ବାଇକ୍ ଚୋରି ଅଭିଯୁକ୍ତଙ୍କ ବୟାନ

# ପୋଲିସକୁ ଟଙ୍କା ଦେଇ ଚଢୁଥିଲେ ଚୋରା ବାଇକ୍

**ବାଲିକୁଦା,୮।୧୧(ସ୍ୱ.ପ୍ର.)**



ପଙ୍କଜ ନାୟକ।

ବନ୍ଦର ସାମୁଦ୍ରିକ ଥାନା ପୋଲିସ ମଙ୍ଗଳବାର ବାଇକ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଥିଲା। ସେ ହେଲେ ନହରଣା ଗାଁର ପଙ୍କଜ ନାୟକ(୩୨)। ପଚରାଉଚରା ସମୟରେ ସେ ବହୁ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ପଙ୍କଜ କହିଛନ୍ତି ଯେ ପୂର୍ବରୁ ସେ ଚଢୁଥିବା ଏକ ଚୋରା ବାଇକ୍ ପାଇଁ ପୂର୍ବତନ ଏଏସଆଇଙ୍କୁ ମାସକୁ ମାସ ଟଙ୍କା ଦେଉଥିଲେ। ତାଙ୍କ ବଦଳି ପରେ ବର୍ତ୍ତମାନର ଏଏସ୍‌ଆଇଙ୍କୁ ମଧ୍ୟ ଅନୁରୂପ ଭାବେ ବାରମ୍ବାର ଟଙ୍କା ଦେଇଥିଲେ। ତେବେ ଏଏସ୍‌ଆଇ ଏଠାରୁ ବଦଳି ହେବାକୁ ଥିବାରୁ ଚୋରା ବାଇକଟି ଡିସ୍‌ପୋଜ୍ କରିଦେବାକୁ ତାଙ୍କୁ କହିଥିଲେ। ଏପରିକି କିଛି ନ ହେଲେ ନଦୀକୁ ଫିଙ୍ଗିଦେବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ନଦୀରେ ଫିଙ୍ଗିଦେବା ଅପେକ୍ଷା ବିକ୍ରି କରିଦେଲେ କିଛି ପଇସା ମିଳିଯିବ ବୋଲି ପଙ୍କଜ ଚିନ୍ତା କରିଥିଲେ। ତେଣୁ ଓଷକଣାର ଏକ ଗ୍ୟାରେଜ୍‌ରେ ଗାଡ଼ି ଇଞ୍ଜିନ ଓ ବଡି ବିକ୍ରି କରିଦେଇଥିଲେ। ଚକା ଦୁଇଟି ଗାଁର ଜଣେ ଯୁବକଙ୍କୁ ବିକ୍ରି କରିଥିଲେ। ତାଙ୍କଠାରୁ ଏହା ଶୁଣିବା ପରେ ପୋଲିସ ଉକ୍ତ ଗ୍ୟାରେଜରେ ଚଢାଉ କରି ଗାଡି ଇଞ୍ଜିନ ଜବତ କରିଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ନହରଣା ଗାଁର ବିନୋଦ ମୁଦୁଲିଙ୍କ ବାଇକ୍ ତାଙ୍କ ଘର ବାରଣ୍ଡାରେ ରଖାଯାଇଥିଲା। ପଙ୍କଜ ସେହି ଗାଡି ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ କେହି ଜଣେ ବାହାରକୁ ଉଠିଥିଲେ। ସେ ପଙ୍କଜକୁ ଚିହ୍ନିପାରି ବିନୋଦଙ୍କୁ ଖବର ଦେଇଥିଲେ। ପଙ୍କଜ ସେଠାରୁ ଖସିଯାଇ ନିକଟସ୍ଥ ସ୍କୁଲ ବାରଣ୍ଡାରେ ଶୋଇଥିବାବେଳେ ବିନୋଦ ତାଙ୍କୁ ଏ ସମ୍ପର୍କରେ ପଚାରିଥିଲେ। କିନ୍ତୁ ପଙ୍କଜ ତାଙ୍କୁ ଗାଳିଗୁଲଜ କରିବାରୁ ସେ ଫେରିଯାଇଥିଲେ। ପରଦିନ ସକାଳେ ପଙ୍କଜ ଏକ ଦା ଧରି ବିନୋଦଙ୍କ ଘରକୁ ଆସି ଆକ୍ରମଣ ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ପଙ୍କଜଙ୍କୁ ଗିରଫ କରିଥିଲା। ପଙ୍କଜଙ୍କ କହିବା ଅନୁଯାୟୀ ତାଙ୍କ ଭାଇ ନିରଞ୍ଜନ ନାୟକ ଚେନାଇରୁ ଏକ ବାଇକ ଆଣି ତାଙ୍କୁ ଦେଇଥିଲେ। ତାହା ଏକ ଚୋରା ବାଇକ ବୋଲି ପୋଲିସକୁ ଜଣାଥିଲା। ଏ ସମ୍ପର୍କରେ ବନ୍ଦର ଥାନା ଏଏସଆଇ ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ ମୋ ନା କହି ନଥିବ ପୂର୍ବତନ ଏଏସଆଇଙ୍କ କଥା କହିଥିବ ବୋଲି କହିଛନ୍ତି। ଏଥିସହ ମୋ ମୁଣ୍ଡରେ ଦୋଷ ଲଦିବାକୁ ପଙ୍କଜ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। ଥାନା ଅଧିକାରୀ ସର୍ବେଶ୍ୱର ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ କରାଯାଉଛି। ପଙ୍କଜଠାରୁ ଏକ ଦା, ଓଷକଣାର ସେହି ଗ୍ୟାରେଜ୍‌ରୁ ଚୋରା ଗାଡିର ଇଞ୍ଜିନ ଜବତ ହୋଇଛି। ଏନେଇ ନଂ.୨୩/୧୮ରେ ମାମଲା ରୁଜୁ ହୋଇଛି।

# ୩ ବଖରା, ଦୋକାନ ପୋଡ଼ିଗଲା

**ବାଲିକୁଦା,୮।୧୧(ସ୍ୱ.ପ୍ର.)**

ଦୀପାବଳିରେ ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡ଼ିଯାଇଛି। ଏହି ବ୍ଲକ ନାଗପୁର ପଞ୍ଚାୟତର ବାଇଶିମୂଳ ଗ୍ରାମରେ ଗ୍ୟାସ ଟାଙ୍କି ଫାଟି ହସିନା ବିବିଙ୍କ ୨ ବଖରା ପୋଡିଯାଇଛି। ଏଥିସହ ହସିନା ପାଳିଥିବା ୨୨ଟି କୁକୁଡା ନିଆଁରେ ପୋଡ଼ି ମରିଯାଇଛନ୍ତି। ସୂଚନା ଅନୁଯାୟୀ, ସେଖ ସଜାଓର ଅଲ୍ଲିଙ୍କ ସ୍ତ୍ରୀ ହସିନା ରାତି ୮ଟାରେ ରୋଷେଇ କରୁଥିବା ବେଳେ କୌଣସି କାରଣ ବସତଃ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗିଯାଇଥିଲା। ପରେ ଟାଙ୍କିଟି ଜୋରରେ ଶବ୍ଦ କରି ଫାଟିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ୮ ବସ୍ତା ଚାଉଳ ସମେତ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ବାଲିକୁଦା ପଞ୍ଚାୟତ ଭାରିଓଦା (ମଙ୍ଗରାଜପୁର)ଗାଁରେ ବାଣ ପଡି ଗୋପାଳ ରାଉତଙ୍କ ଗୋଟିଏ ବଖରା ପୋଡ଼ିଯାଇଛି। ବାଲିକୁଦା ବଜାର କାଠଗୋଲା ଛକଠାରେ ଥିବା ଅକ୍ଷୟ ବାରିକଙ୍କ ପରିବା ଦୋକାନରେ ନିଆଁ ଲାଗିଯିବା ଫଳରେ ଦୋକାନର କିଛି ଅଂଶ ପୋଡ଼ିଯାଇଛି। ତାଙ୍କର ୨ଟି ମୂଲ୍ୟବାନ ଇଲେକ୍ଟ୍ରୋନିକ୍ ଓଜନ ମେଶିନ, କିଛି ପରିବା ଓ ଦୋକାନରେ ଥିବା ୨୦ ହଜାର ଟଙ୍କା ପୋଡ଼ି ନଷ୍ଟ ହୋଇଟାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅକ୍ଷୟ ପରିବା ବିକ୍ରି କରି ୨୦ ହଜାର ଟଙ୍କା ଆଣି ଦୋକାନରେ ରଖି ଘରକୁ ବଡବଢୁଆ ଡାକିବାକୁ ଯାଇଥିଲେ। ଘରେ ପହଞ୍ଚିବା ବେଳକୁ ଏପଟେ ଦୋକାନରେ ନିଆଁ ଲାଗିଥିବା ଶୁଣି ଫେରି ଆସିଥିଲେ। ସେତେବେଳକୁ ସବୁକିଛି ପୋଡି ସାରିଥିଲା।

# ବିଦ୍ୟାଳୟ ସମୂହ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



କ୍ରୀଡ଼ା ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

**ଜଗତ୍‌ସିଂହପୁର ଅଫିସ, ୮।୧୧**

ଜଗତ୍‌ସିଂହପୁର ଜିଲା ବିଦ୍ୟାଳୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ୨୬ତମ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନ ଉତ୍ସବରେ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ମୁଖ୍ୟବକ୍ତା, ବୃନ୍ଦାବନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ, କୁତାମଚଣ୍ଡୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଦିଗାମ୍ବର ରାଉତ ସ୍ୱାଗତ ଭାଷଣ ଓ ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ। ଶାରୀରିକ ଶିକ୍ଷା ପରିଦର୍ଶକ ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରଙ୍କ ମାର୍ଚ୍ଚ ପାଷ୍ଟ ପରିଚାଳନା କରିଥିଲେ କେଶବାନନ୍ଦ ସାହୁ। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ନାରାୟଣ ବାରିକ, ତ୍ରିଲୋଚନ ସାହୁ, ଚନ୍ଦନ କୁମାର ବେହେରା, ମାନସ କୁମାର ଖଣ୍ଡୁଆଳ, କୃତ୍ତିବାସ ରାଉତ, ସୁକଦେବ ଜେନା, ସୂଚିସ୍ମିତା ସ୍ୱାଇଁ, ପ୍ରତାପ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ରାଶନ କାର୍ଡ

# ବିଡିଓଙ୍କୁ ଫେରାଦ ହେଲେ ୬ ପରିବାର

**ଏରସମା,୮।୧୧(ସ୍ୱ.ପ୍ର.)**



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଏରସମା ବ୍ଲକ ଗୋଡ଼ା ପଞ୍ଚାୟତରେ ରାଶନ କାର୍ଡକୁ ନେଇ ଜନ ଅସନ୍ତୋଷ ଲାଗି ରହିଛି। ପ୍ରକୃତ ହିତାଧିକାରୀ ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ରାଶନ କାର୍ଡ ନ ପାଇ ହତାଶ ହେଲେଣି। କେତେକ ତଳସ୍ତରର ନେତା ଓ ନ୍ୟସ୍ତସ୍ୱାର୍ଥ କର୍ମଚାରୀ ସେମାନଙ୍କୁ ଲାଞ୍ଚ ମାଗି ହଇରାଣ କରୁଛନ୍ତି। ବାଧହୋଇ ଏହି ପଞ୍ଚାୟତର ୬ ପରିବାର ଗୁରୁବାର ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ଏହି ହିତାଧିକାରୀମାନେ ହେଲେ ଯଶାପୁର ଗ୍ରାମର ଅଶୋକଙ୍କ ସ୍ତ୍ରୀ ମଞ୍ଜୁଲତା, ଗୋଡାର ସ୍ୱର୍ଗତ ଜଟାଧାରୀ ଲେଙ୍କାଙ୍କ ସ୍ତ୍ରୀ ବେଙ୍ଗ, ଗୋଡା ବଙ୍ଗାଳି ସାହିର ଆଶିଷ ମାନ୍ନାଙ୍କ ସ୍ତ୍ରୀ ପୁଷ୍ପଲତା, ଦୋଳିଆ ସାହୁଙ୍କ ସ୍ତ୍ରୀ ଚାରୁଲତା, ବୈକୁଣ୍ଠ ପ୍ରଧାନଙ୍କ ସ୍ତ୍ରୀ ତନୁଜା, ସର୍ବେଶ୍ୱର ଗାଇଆଙ୍କ ସ୍ତ୍ରୀ ଲବଙ୍ଗ। ସେମାନେ ଆର୍ଥିକ ଅନଟନ ମଧ୍ୟରେ କାଳାତିପାତ କରୁଛନ୍ତି। ମଞ୍ଜୁଲତାଙ୍କୁ ୨ ବର୍ଷ ତଳେ ରାଶନ କାର୍ଡ ଦିଆଯାଇଥିଲା। ମାତ୍ର ପରେ କାଟିଦିଆଯାଇଛି। ବେଙ୍ଗ ଗତ ୧୦ ବର୍ଷ ହେଲା ବିଧବା ହେଲେଣି। ତାଙ୍କର ଏକ ଦିବ୍ୟାଙ୍ଗ ପୁଅ ସହିତ ୬ ପ୍ରାଣୀ କୁଟୁମ୍ବ। ତଥାପି ତାଙ୍କୁ ରାଶନ କାର୍ଡ ମିଳୁନାହିଁ। ପୁଷ୍ପଲତାଙ୍କ ସ୍ୱାମୀ ସମୁଦ୍ରରୁ ମାଛ ମାରି ପେଟ ପୋଷନ୍ତି । ଲବଙ୍ଗଙ୍କ ସ୍ୱାମୀ ଦିନ ମଜୁରିଆ। ସେମାନେ ରାଶନ କାର୍ଡ ପାଇଁ ବାରମ୍ବାର ଅବେଦନ କରିଥିଲେ ମଧ୍ୟ ପଞ୍ଚାୟତର କିଛି କୁଜି ନେତା ଓ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ କାର୍ଡ କରାଇ ଦେଉନଥିବା ଦୁଃଖର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ ଯଶୋବନ୍ତ ମଲ୍ଲିକଙ୍କୁ ପଚାରିବାରୁ ତଦନ୍ତ କରି ଦେଖିବି ବୋଲି କହିଥିଲେ। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ମୁଁ ତଦନ୍ତ ନିର୍ଦ୍ଦେଶ ଦେଇଛି। ୭ ଦିନ ମଧ୍ୟରେ ସେମାନଙ୍କ କଥା ବୁଝିବି ବୋଲି କହିଛନ୍ତି।

## ସଂକ୍ଷେପରେ

### ରେଭେନ୍ସା ଇକୋନୋମିକ୍ସ ଆଲୁମ୍ନିର ବାର୍ଷିକ ସମ୍ମିଳନୀ ୧୧ରେ

କଟକ ଅଫିସ, ୮।୧୧: ରେଭେନ୍ସା ବିଶ୍ୱବିଦ୍ୟାଳୟ ଇକୋନୋମିକ୍ସ ଆଲୁମ୍ନିନି ଆସୋସିଏଶନର ୫ମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ବିଭାଗର ସଦାନନ୍ଦ ସିହ୍ନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ଅର୍ଥଶାସ୍ତ୍ର ବିଭାଗର ପୁରାତନ ଛାତ୍ରୀଛାତ୍ର, ଅଧାପକ, ବର୍ତ୍ତମାନ କାର୍ଯ୍ୟରତ ଅଧାପକ ଓ ଗବେଷକମାନେ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ। ପୂର୍ବରୁ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅର୍ଥଶାସ୍ତ୍ର ବିଭାଗରେ ଦୁଇଟି ଗବେଷଣା ବୃତ୍ତି ଆରମ୍ଭ କରାଯାଇଥିବାବେଳେ ରେଭେନ୍ସା ଅର୍ଥନୀତି ବିଭାଗର ପ୍ରଥମ ସ୍ନାତକୋତ୍ତର ବ୍ୟାଚ୍‌ର ଛାତ୍ର ସ୍ୱର୍ଗତ ସଦାନନ୍ଦ ସିହ୍ନାଙ୍କ ପରିବାର ତରଫରୁ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷର ପ୍ରତିଷ୍ଠା କରାଯାଇଛି। ତେବେ ବିଭାଗ ପକ୍ଷରୁ ବିଦ୍ୟାର୍ଥୀମାନଙ୍କ ପାଇଁ ସାଧନ କେନ୍ଦ୍ର, ମେଧାବୃତ୍ତି, କର୍ମଶାଳା, ରାଜ୍ୟର ଆର୍ଥିକ ପରାମର୍ଶ କେନ୍ଦ୍ର ସ୍ଥାପନ ଆଦି ଲକ୍ଷ୍ୟ ରଖାଯାଇଥିବାରୁ ଏ ନେଇ ଆଗାମୀ ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରିବ ବୋଲି ଆସୋସିଏଶନ ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ କହିଛନ୍ତି। ତେଣୁ ସମ୍ମିଳନୀରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ ଅଧାପକମାନେ ଯୋଗଦେବାକୁ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୨ରୁ ଗଠିତ ରେଭେନ୍ସା ଇକୋନୋମିକ୍ସ ଆଲୁମ୍ନିନି ଆସୋସିଏଶନ ବିଶ୍ୱବିଦ୍ୟାଳୟ ଓ ଅର୍ଥଶାସ୍ତ୍ର ବିଭାଗର ବିକାଶ କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି।

## ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ 'ଓଡ଼ିଶା ପର୍ଯ୍ୟଟନ'

# ଲଣ୍ଡନରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର



ଭୁବନେଶ୍ୱର,୮।୧୧(ବ୍ୟୁରୋ)

ଓଡ଼ିଶା ହକି ବିଶ୍ୱକପ୍‌ର ଆୟୋଜକ ପାର୍ଟନର 'ଓଡ଼ିଶା ପର୍ଯ୍ୟଟନ' ନିକଟରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଅଂଶଗ୍ରହଣ କରି ସେଠାରେ ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର କରିଛି। ବିଶ୍ୱ ପର୍ଯ୍ୟଟନ ଶିଳ୍ପକୁ ଓଡ଼ିଶା ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଅବଗତ କରାଇବା ସହ ହକି ବିଶ୍ୱକପ୍‌ର ଆକର୍ଷଣ ସମ୍ପର୍କରେ ବିଦେଶୀ ଟୁର୍ ଅପରେଟର ଓ ଟ୍ରାଭେଲ ଏଜେଣ୍ଟମାନଙ୍କୁ କୁହାଯାଇଛି। ନଭେମ୍ବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ଏକ୍ସେଲ ଲଣ୍ଡନ ଏକ୍‌ଜିବିଶନ ସ୍ପେସ୍‌ରେ ଆୟୋଜିତ ଏହି ପର୍ଯ୍ୟଟନ ମେଳାରେ ପ୍ରଥମ ଥର ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଓଡ଼ିଶାର ପର୍ଯ୍ୟଟନ ସମ୍ବଳ ଏବଂ ବିଶ୍ୱସ୍ତରରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ କିଭଳି ନିଜର ସ୍ଥିତି ଜାହିର କରୁଛି, ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ସହନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ ଓ ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ ଏହି ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ସେଠାରେ ପୁଞ୍ଜି ନିବେଶକାରୀ ଓ ପର୍ଯ୍ୟଟନ ଅଧିକାରୀମାନଙ୍କ ସହ ବି୨ବି(b2b) ବୈଠକର ଆୟୋଜନ କରାଯାଇଥିଲା। ଟ୍ରାଭେଲ ମାର୍କେଟରେ ନିର୍ମିତ ଓଡ଼ିଶା ପର୍ଯ୍ୟଟନ ଷ୍ଟଲ୍ କୋଣାର୍କ ମନ୍ଦିର ଆକୃତିର ନିର୍ମିତ ହୋଇଥିଲା। ଏହାସହ 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍‌ର ବ୍ରାଣ୍ଡିଂ ମଧ୍ୟ କରାଯାଇଥିଲା।

## ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ପ୍ରସଙ୍ଗ

# ଆଜି ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ ଭାଜପା ଓ ବିଜେଡିକୁ ସମାଲୋଚନା କରିଛନ୍ତି। ବିଜେଡି ଓ ଭାଜପା ମୁଦ୍ରାର ଦୁଇପାର୍ଶ୍ୱ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଶୁକ୍ରବାର ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ରାତିଅଧିଆ ନିଷ୍ପତ୍ତି ନେବାରେ ଧୁରନ୍ଧର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣକୁ ନଭେମ୍ବର ୮ରେ ଦୁଇ ବର୍ଷ ପୂରଣ ହୋଇଛି। ୨୦୧୬ ନଭେମ୍ବର ୮ରେ ରାତି ଅଧରେ ଏକଚାଟିଆ ନିଷ୍ପତ୍ତି ନେଇ ମୋଦି ୫୦୦ ଓ ୧୦୦୦ଟଙ୍କିଆ ନୋଟ ପ୍ରଚଳନ ବନ୍ଦ କରିଥିଲେ। ଦେଶରେ କଳାଟଙ୍କା କାରବାରକୁ ରୋକିବା, ଜାଲ୍‌ନୋଟ ପ୍ରଚଳନ ବନ୍ଦ କରିବା ଏବଂ ବିଦେଶରେ ଥିବା କଳାଧନ ସ୍ୱଦେଶକୁ ଫେରାଇ ଆଣିବା ଲକ୍ଷ୍ୟରେ ମୋଦି ବିମୁଦ୍ରୀକରଣ କାର୍ଯ୍ୟକାରୀ କରିଥିଲେ। ହେଲେ ତାହା ଶୋଚନୀୟ ଭାବେ ବିଫଳ ହୋଇଥିବା ନିରଞ୍ଜନ ଅଭିଯୋଗ କରିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ହିସାବ ଅନୁଯାୟୀ ବିମୁଦ୍ରୀକରଣ ଘୋଷଣା କରାଯିବା ସମୟରେ ଦେଶରେ ୧୫.୪୧ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳିତ ଥିଲା। ବିମୁଦ୍ରୀକରଣ ପରେ ଆର୍‌ବିଆଇ ନିକଟକୁ ତାହାର ପାଖାପାଖି ୯୯.୩ପ୍ରତିଶତ ଅର୍ଥାତ ୧୫.୩୦ ଲକ୍ଷ କୋଟି ଟଙ୍କାର ନୋଟ୍ ଫେରିଲା। ଅବଶିଷ୍ଟ ୧୦,୭୨୦କୋଟି ଟଙ୍କାର ଅଯୋଗ୍ୟ ଘୋଷିତ ନୋଟ୍ ଜମା ହୋଇନାହିଁ। ତେବେ ବିମୁଦ୍ରୀକରଣର ୬ ମାସ ପରେ ବିଦେଶୀ ବ୍ୟାଙ୍କଗୁଡ଼ିକରେ ପାଖାପାଖି ୭ ହଜାର କୋଟି ଟଙ୍କା ଜମା କରାଯାଇଥିଲା ଏବଂ ତାହା କଳାଧନ ବୋଲି ଜାଣିବାକୁ ମିଳିଥିଲା ବୋଲି ନିରଞ୍ଜନ କହିଛନ୍ତି।

# ସୁନ୍ଦରୀକୁ ନନ୍ଦନକାନନ ମନା

**ସିଜେଡ୍‌ଏ ଚିଠିକୁ ନେଇ ଅଡୁଆରେ ବନ ବିଭାଗ**

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଆସିଥିବା ସୁନ୍ଦରୀ ବାଘୁଣୀକୁ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ଅଡୁଆରେ ପଡ଼ିଛି। ସୁନ୍ଦରୀକୁ ଜଙ୍ଗଲ ଭିତରେ ରଖିବାରେ ବିଫଳ ହେଉଥିବା ବନ ବିଭାଗ ନନ୍ଦନକାନନରେ ରଖିବାକୁ ନିଷ୍ପତ୍ତି ନେଇଥିଲା। ହେଲେ କେନ୍ଦ୍ର ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡ୍‌ଏ) ବାଘୁଣୀକୁ ନନ୍ଦନକାନନକୁ ସ୍ଥାନାନ୍ତର କରିବାକୁ ରୋକ୍‌ଠେକ୍ ମନା କରିଦେଇଛି। ଜାତୀୟ ଚିଡ଼ିଆଖାନା ନୀତି (ଏନ୍‌ଜେଡପି)ଅନୁଯାୟୀ କୌଣସି ସ୍ୱତନ୍ତ୍ର ପରିସ୍ଥିତି ନ ଉପୁଜିଲେ ବନ୍ୟ ପ୍ରାଣୀଙ୍କୁ ଜଙ୍ଗଲରୁ ସିଧାସଳଖ ଚିଡ଼ିଆଖାନାକୁ ନିଆଯାଇ ପାରିବ ନାହିଁ। ଏ ନେଇ ସିଜେଡଏ ମେମ୍ବର ସେକ୍ରେଟାରୀ ଡି.ଏନ. ସିଂ ରାଜ୍ୟ ସରକାରଙ୍କ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀଙ୍କୁ ଚିଠି ଲେଖି ଜଣାଇ ଦେଇଛନ୍ତି। ନ୍ୟାଶନାଲ ଜୁ ପଲିସି-୧୯୯୮ ଅନୁଯାୟୀ ପିଲା ଜନ୍ମ ଦେବାକୁ ଥିବା କିମ୍ବା ନୂତନ ବଂଶବିସ୍ତାର ପାଇଁ ରକ୍ତ ଦେବା ନିମନ୍ତେ ବଣରୁ ନନ୍ଦନକାନନକୁ ବନ୍ୟପ୍ରାଣୀମାନଙ୍କୁ ନିଆଯାଇ ପାରିବ। ଜଣେ ବନ୍ୟପ୍ରାଣୀ କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ଆଧାରରେ ସିଜେଡଏ ରାଜ୍ୟ ସରକାରଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଏନଜେଡପିକୁ ଆମୁଳଚୂଳ ଅଧ୍ୟୟନ କରି ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।


**JAWAHAR NAVODAYA VIDYALAYA, NAYAGARH**
**At: Nabaghanapur, Dist.: Nayagarh, PIN: 752070, Phone: 06753 - 253266**
**TENDER NOTICE No.04/2018-19**

Sealed tenders are invited from the registered and reputed firms for supply of 1. Electrical and Plumbing items, 2. Window glass and Labour charge for fixing of window glass, 3. Vegetable, 4. Sports items, 5. Laboratory items to Jawahar Navodaya Vidyalaya, Nabaghanapur, Nayagarh. The tender forms with all particulars and list of items can be obtained from the office of the undersigned on all working days w.e.f. **10.11.2018** to **27.11.2018** between **9.00 AM to 01.00 PM** on payment of Rs.200/- (non-refundable) for each item. The details can also be downloaded from the Vidyalaya website **www.jnvnayagarh.in** and the cost of the tender paper is to be remitted in shape of bank draft in favour of Principal JNV, Nayagarh, payable at Nayagarh or deposit in the Vidyalaya account and enclose the bank draft / counter foil along with the sealed tender. Last date and time for submission of sealed tender in the tender box kept at Office of the JNV, Nayagarh is at **10.30 AM** on **28.11.2018**. The vidyalaya purchase advisory sub committee meeting will be held on **28.11.2018** at **11.00 AM** in the chamber of the undersigned for opening and finalisation of the tenders. The Chairman PASC reserves the right to reject the tender in whole or in part without assigning any reason thereof. Any dispute in this regard will fall under Nayagarh jurisdiction only.

**Sd./- Principal, JNV, Nayagarh**

**Govt. of India**
**Office of the Principal Chief Commissioner of Income Tax, Odisha Region Aayakar Bhawan, Rajaswa Vihar, Bhubaneswar-751007**
**TENDER CALL NOTICE**
**Dated, Bhubaneswar the 8th November, 2018**

The Principal Chief Commissioner of Income Tax, Bhubaneswar invites sealed quotations from reputed Parties engaged in the business of printing and publishing books in Bhubaneswar for printing Information Hand Book and Table Calendar-2019 for the Income Tax Department, Odisha Region. The quotations in sealed covers should be submitted to the undersigned latest by 22.11.2018 (04.00 PM), as per the format in the tender document available with the ACIT(Hqrs.) (Admn. & Vig.), O/o. Pr. CCIT, Bhubaneswar which can also downloaded from the Departmental Website: www.incometaxindia.gov.in. Interested parties may collect the sample and other information from the undersigned on any working day of the Income Tax Department from 9th November, 2018 onwards between 10.30 A.M to 04.00 PM.

**Sd./- (Arijit Chakraborty)**
**Assistant Commissioner of Income Tax (Hqrs.) (Admn & Vig.)**
**Office of the Pr. Chief Commissioner of Income Tax, Odisha, Aayakarbhawan, RajaswaVihar Bhubaneswar-754007, Tel. No.: 0674-2589466, Mobile No.: 08902198290**

**OFFICE OF THE CHIEF DISTRICT MEDICAL cum PUBLIC HEALTH OFFICER, CUTTACK**
**Department of Health & Family Welfare, Government of Odisha**
Phone/Fax: 0671-2300777
Adv. No.- 13944 Date: 06.11.2018

**Tender Call Notice for Procurement of Drugs, Equipments, Instruments & Consumables**

Sealed tenders are invited from the registered Manufacturer / Authorized Dealer / Authorized Supplier / agencies having valid Drug License certificate, valid GSTIN, PAN clearance for the supply of Drugs, Equipments, Instruments & Consumables to the Office of the CDMO, Cuttack. The tenders shall be received by the undersigned by Speed Post / Courier during the office hour on or before 22.11.2018 by 2.30PM. Any application received beyond the stipulated date & time will not be entertained. The quotations will be opened on 22.11.2018 at 3.30PM. Interested firms / agencies should submit their offer price in the prescribed format in a separate sealed envelope. The details of the tender along with the application form and other terms & conditions are available in the website www.cuttack.nic.in.

The authority reserves the right to cancel / reject all or any tender without assigning any reason thereof.

*Sd./- Chief District Medical cum Public Health Officer, Cuttack*

**BERHAMPUR MUNICIPAL CORPORATION**
No. 18321/X1-H2-3/2018 Date: 06.11.18

**TENDER CALL NOTICE**

No. 334-C: Sealed tenders are invited to reach by Speed Post / Registered Post only from advertising Firms / Company for **"Auction of Advertisement space and cleaning of solar powered Bus stop"**. The detailed terms & conditions are available at our office website **www.berhampur.gov.in**. The last date of receipt of tenders in this office by **17.11.2018, 5.00 PM** and will be opened on **19.11.2018 at 11.00 AM** in the office of undersigned.

The authority reserves the right to accept or reject any tender without assigning any reason thereof.

**Sd./- Commissioner**
13035/11/0146/1819 **Berhampur Municipal Corporation**

**DIRECTORATE OF MEDICAL EDUCATION & TRAINING ODISHA**
**WALK-IN-INTERVIEW FOR JUNIOR RESIDENTS**
No. 15411 Dt.06.11.2018

No.551-E: Elligible candidates are invited to Walk-in-Interview for recruitment for the posts of Junior Residents in Govt. Medical Colleges on contractual / deployment basis. The details of Posts, Mode of Selection, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in** in recruitment to Govt. Medical Colleges section.

10016/11/0046/1819 **Sd./- Jt. DMET, Odisha**

**OFFICE OF THE EXECUTIVE ENGINEER RWSS DIVISION, KEONJHAR**
**INVITATION FOR BIDS**
Eerwss22keonjhar@gmail.com
**Identification No. 30 RWSS/KJR 2018-19**

No. 980-O: The Executive Engineer, RWSS Division, Keonjhar on behalf of Governor of Odisha, invites percentage rate bids in conformity with detailed tender call notice to be eventually drawn in P-1 contract of Govt. of Odisha for the following works from the eligible contractors, registered with State Govt. & contractor of equivalent Grade / class registered with Central Govt. / Railways for execution of following works. The bidders may submit bids for any or all of the following works having experience in similar type of work.

| | | | |
|---|---|---|---|
| 1. | Nature of work | : | External Electrification for Rural Piped Water Schemes in Keonjhar Dist. |
| 2. | No. of tenders | : | 3 (Three) |
| 3. | Cost of tender | : | Rs.4000.00 per each |
| 4. | Value of work | : | Rs.5.15 lakhs to Rs.6.37 lakhs |
| 5. | Class of contractor | : | H.T Licence holder |
| 6. | Last date and time of sale & receipt of tender paper | : | Upto 4.00 PM of 20.11.2018 |
| 7. | Date & time of opening of tender | : | At 4.30 PM of 20.11.2018 |
| 8. | Time of completion of work | : | (As mentioned in DTCN) |

**Sd./- Executive Engineer, RWSS, Keonjhar**
25023/11/0016/1819

**GOVERNMENT OF ODISHA**
**STEEL & MINES DEPARTMENT**
**DIRECTORATE OF GEOLOGY, ODISHA**
**BHU-BIGYAN BHAWAN, BHUBANESWAR-751001**
Phone : 06742392374, Fax : 06742391776
E-mail : directorgeology_odisha@yahoo.in

**AUCTION SALE NOTICE**

No.09-G: Sealed quotations are invited for disposal of un-serviceable store articles such as G.I. Bucket, G.I. Water Drum, Steel Folding Table, Steel Folding Chair, Camp Cot, Measuring Tapes, Durry, Tarpaulins, Kabuli Pal Tents, Swiss Cottage Tents etc. relating to Prospecting store (Hqrs.) on as is where is basis, in the office premises of Directorate of Geology, Odisha; Bhubaneswar, by auction.

The intending bidders may inspect the articles stored inside the prospecting store for making their own assessment on any working day between **11.00AM to 4.00PM, till 04.12.2018**.

The Auction bid document shall be available on payment of Rs 118.00 (Rupees one hundred eighteen) only in cash at the cash counter of this Directorate from **13.11.2018 to 04.12.2018 up to 4.00PM** or can be downloaded from the Govt. Website **http://www.orissaminerals.gov.in** and submit along with a non-refundable auction fee of Rs. 118/- (Rupees one hundred eighteen) including GST of Rs.18.00 @18%, in shape of DD/ Pay Order drawn on any Scheduled/ Nationalized Bank in favour of Director of Geology, Odisha payable at Bhubaneswar.

**Last date of receipt of the Bids : 05.12.2018 up-to 4.00PM**
**The date of opening of the Bids : 07.12.2018 at 11.30AM.**

30003/11/0003/1819 **DIRECTOR OF GEOLOGY, ODISHA**

**INTEGRATED TRIBAL DEVELOPMENT AGENCY, NABARANGPUR**
**No. 5893/2018** **Date: 06.11.2018**

**e-Procurement Notice**
**Bid Identification No.ITDANBG-03/18-19**

Bids are invited from the eligible Contractors for Construction of Class Room, Staff Quarter, Dining Hall, Community Center, Hostel Building, Check Dam (12 Nos. of projects) through e-tender process. The details of the tender are available in the website: **https://tendersodisha.gov.in** from 15.00 hours of 06.11.2018 to 17.00 hours of 22.11.2018 for online bidding. The bids received online shall be opened on 11.00 hours of 28.11.2018 in this office. The original bid security, Demand Draft towards cost of bid, GST Certificate and affidavit in original shall be submiteed in this office on or before 17.00 hours of 27.11.2018 by Regd. Post / Speed Post only during office hours.

**Sd./- P.A., ITDA, Nabarangpur**

**Divisional Engineer Telecom, Telecom Project,**
**At.: Bamper, P.O: Ghutur, Keonjhar-2,**
**Cell No: 9437960944**
No: DSK/Q-33/53 Dated at Keonjhar, 08.11.2018

**NOTICE**

Notice is issued to **Shri Naresh Kumar Mahakud, Asst Telecom Technician**, office of the Divisional Engineer Telecom, Telecom Project, Keonjhar, son of Shri Chitrasen Mahakud, Village- Dhaladhi, PO/PS- Champua, Dist. Keonjhar for his long unauthorized absence from his place of duty without permission or sufficient cause.

It is hereby notified that Shri Naresh Kumar Mahakud who was working as Asst Telecom Technician is found absent in his appointed place of work since 26.10.2013 without permission or sufficient cause.

Accordingly he was asked to resume in his duty in his available address, but to no avail.

Thereby this notice is issued through daily newspaper for his information to resume his duty on or before 29.11.2018 positively failing which appropriate major departmental action would be initiated against him under provision of Rules for violating Rule-5 of BSNL conduct, Disciplinary and Appeal Rules 2006.

**Sd./- DET, Telecom Project, Keonjhar**

**OFFICE OF THE EXECUTIVE ENGINEER**
**Rayagada (R&B) Division No-I, Rayagada, Pin – 765001**
**Phone/Fax:(06856)222149, e-Mail: eepwd765001@gmail.com**
**Quotation Call Notice No. RC(R&B) RGD : 09/2018-19 Dated 05.11.2018**
**No.: 813-B** **No. 4589 Dated.05.11.2018**

1. The Executive Engineer, Rayagada (R&B) Division No-I, Rayagada on behalf of Governor of Odisha invites Sealed quotation in prescribed schedule from the interested reputed Travel Agencies/Tour Operators or private individuals having valid GSTIN and PAN in the name of the firm for providing 1 (One) No. AC / Non-AC bolero or a similar type Diesel driven vehicle having sitting capacity not more than ten including driver, which shall conform to the Terms and conditions of Detailed Quotation Call Notice for the use in the following offices on Monthly rent basis for individual offices.

| Sl. No. | Vehicle Use in the Office | Security Deposit |
|---|---|---|
| 1 | Office of the Superintending Engineer, Rayagada (R&B) Circle, Rayagada | Rs.5000/- |
| 2 | Office of the Executive Engineer, Rayagada (R&B) Division No.-I, Rayagada | Rs.5000/- |

2. The Detailed quotation call notice containing specifications, all other term and conditions can be obtained from the office of the Executive Engineer, Rayagada (R&B) Division on payment of Rs. 100/- (Rupees One hundred) only from 11.00 hours of dt.15.11.2018 to 16.30 hours of dt. 30.11.2018.
3. Quotationers will be provided individually for each vehicle for the above offices.
4. The quotation completed in all respect should be delivered in the tender box having quotation No. RC(R&B)RGD-09/2018-19.
5. The quotation received shall be opened at 11.00 AM of 01.12.2018 in the office of the Executive Engineer, Rayagada (R&B) Division No-I at Rayagada.
6. A sum of Rs 5000/- (Rupees five thousand ) only shall be deposited by the intending bidders in shape of Term Deposit Receipt drawn in favour of the Executive Engineer, Rayagada (R&B) Division No-I, Rayagada payable at Rayagada and submitted along with the tender as security deposit. After completion of tender process, the amount will be refunded to unsuccessful bidders.
7. The other details can be seen in the Detailed Quotation call notice.
8. The authority reserves the right to accept or cancel the above quotation without assigning any reason thereof.

**Executive Engineer**
**Rayagada (R&B) Division No-I**
34040/11/0041/1819

**OFFICE OF THE NAC, DHARAMGARH**
**Ph. No. 06672 - 242037**
**E-mail: nacdharamgarh@gmail.com**
No.: 1650/NAC(DHM) Dated: 06.11.2018

**"E" PROCUREMENT NOTICE**
**BID IDENTIFICATION No.:- DHARAMGARH/ NAC/01/2018-19**

Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in**.

| | | | |
|---|---|---|---|
| 1. | Nature of the work | : | Civil construction work as per DTCN |
| 2. | No. of works | : | 22 Nos. |
| 3. | Estimated cost | : | Rs.1,00,000/- to Rs.7,50,000/- |
| 4. | Period of completion | : | As per DTCN |
| 5. | Date & time of availability of bid documents in the portal | : | From 10.00 hour of 12.11.2018 to 17.00 hour of 22.11.2018 |
| 6. | Last date / time for receipt of bids in the portal | : | 21.11.2018, 17.00 hrs. |
| 7. | Last date of submission of hard copies only via Regd. Post / Speed Post (Not through in private courier / by in hand) | : | 24.11.2018 upto 17.00 hrs. |
| 8. | Bids received online shall be opened | : | 26.11.2018 at 11.00 hour on |
| 9. | Name & address of the officer inviting bid | : | Executive Officer, Dharamgarh NAC |
| 10. | Any addendum / corrigendum /cancellation of tender also be seen only in the portal | | |
| | Further details can be seen from the procurement portal | | www.tenderorissa.gov.in |

**Sd./- Executive Officer Dharamgarh NAC**

**ଓଡିଶା ରାଜ୍ୟ ଅର୍ଥ ନିଗମ**
**ଓ.ଏମ.ପି. ଛକ, କଟକ-୭୫୩୦୦୩**

ବିଜ୍ଞାପନ ନଂ DDAC/୦୬/୧୮-୧୯ **ବିକ୍ରୟ ବିଜ୍ଞାପନ** ତା.୦୮.୧୧.୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୨୬.୧୧.୨୦୧୮ ସମୟ ଦିବା ୧୧.୦୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯାଳୟ, ଓ.ଏମ୍.ପି ଛକ, କଟକ-୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସମ୍ପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି। ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିଶଦବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ। ଟେଣ୍ଡର ଫର୍ମକୁ ସଠିକ୍ ଭାବେ ପୂରଣ କରି ତା ୨୪.୧୧.୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ। କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ DDAC ରେ ଉପସ୍ଥିତ ହେବେ ଏବଂ ଯୋଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୁର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ ପେ ଅର୍ଡର/ ବ୍ୟାଙ୍କର ଚେକ୍ / ନଗଦଟଙ୍କା ଜମା ଭାବେ ଦେବାକୁ ହେବ। ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ। ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ। ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ ନିଗମ ବ୍ୟାଜ୍ୟାପ୍ତି କରିପାରିବ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ।

**ବିକ୍ରୟ ସମ୍ପତ୍ତିର ବିବରଣୀ**

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ / ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧. | ମେସର୍ସ ଆଖଣ୍ଡଳମଣୀ ଟେକ୍ସଟାଇଲ୍‌ସ, ଗ୍ରାମ-ସୁକଳ, ପୋଷ୍ଟ-ମନ୍ଧାରୀ, ଥାନା-ବରୀ, ଯାଜପୁର(ଜ.), ସଂ.ମୂ-ଟ.୪.୪୩ ଲକ୍ଷ (ପାରାଦୀପ ଶାଖା) | ୨୨,୨୦୦/- |
| ୦୨. | ଶ୍ରୀ ଉମାକାନ୍ତ ସାହୁ ଙ୍କ Tractor & Trolley Regd. No.OR-04-B-8385. Model-2001 (kept at Central garage Cuttack), ସଂ.ମୂ-ଟ.୦.୭୫ ଲକ୍ଷ (ପାରାଦୀପ ଶାଖା) | ୩,୮୦୦/- |
| ୦୩. | ମେସର୍ସ ମା କାଳୀ ରାଇସ୍ ମିଲ୍, ଅରଖପୁର, ପୁରୁଷୋତ୍ତମପୁର, ଗଞ୍ଜାମ (ଜ.ଗୃ), ସଂ.ମୂ-ଟ.୪,୬୧ ଲକ୍ଷ, (ବ୍ରହ୍ମପୁର ଶାଖା) | ୨୩,୧୦୦/- |
| ୦୪. | ମେସର୍ସ ପଦ୍ମାବତୀ ମଡର୍ଣ୍ଣ ରାଇସ୍ ମିଲ୍, ମୌ-କାଲିମେଳା, ମାଲକାନାଗିରି ଙ୍କ ସ୍ଥାବର ସଂପତ୍ତି (Collateral Security), (ଜ.ଗୃ), ସଂ.ମୂ-ଟ.୯.୨୫ ଲକ୍ଷ, (ବ୍ରହ୍ମପୁର ଶାଖା) | ୪୬,୩୦୦/- |

ଋଣ ଗ୍ରହିତା/ ଜାମିନ ଦାତା/ ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତିପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ। ସେ ମଧ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗଡ କରି ଓ ଉପର ବିହିତ ମାଧମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ। ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବ ଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ। ନିଗମ ଋଣ ଗ୍ରହିତା / ଜାମିନ ଦାତା / ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ।

ବି.ଦ୍ର- ବିକ୍ରୟ ବିଜ୍ଞାପନ ଏବଂ ୱେବ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜନୀୟ।

ଜ.ଗୃ.କ.- ଜମି, ଗୃହ ଓ କଳକବ୍‌ଜା
ସଂ.ମୂ- ସଂରକ୍ଷିତ ମୂଲ୍ୟ

**ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ**
**ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ)**
**ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ-୩**



ନିର୍ମଳ କୁମାର ମିଶ୍ର




# ମହିଳା ଟି୨୦ ବିଶ୍ୱକପ୍

**ମହିଳା ଟି୨୦ ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ଏଥର ୱେଷ୍ଟଇଣ୍ଡିଜରେ ଖେଳାଯିବ। ଶୁକ୍ରବାରଠାରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ବିଶ୍ୱକପ୍‌ରେ ୩ଥର ଚାମ୍ପିୟନ ହୋଇ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଛି। ଏଥିରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ତେବେ ଏଥର ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପୂର୍ବ ବିଫଳତାକୁ ପଛରେ ପକାଇ ବାଜି ମାରିବା ଲକ୍ଷ୍ୟରେ ରହିଛି..**





ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍। ବିଶ୍ୱକପ୍‌ର ଷଷ୍ଠ ସଂସ୍କରଣ ୱେଷ୍ଟଇଣ୍ଡିଜଠାରେ ଖେଳାଯିବ। ଚଳିତ ମାସ ୯ ତାରିଖରେ ଆରମ୍ଭ ହୋଇ ଏହା ୨୪ ତାରିଖରେ ଶେଷ ହେବ। ୧୫ ଦିନ ଧରି ଚାଲିବାକୁଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୪ ତାରିଖରେ ଖେଳାଯିବ। ପ୍ରତି ୨ବର୍ଷରେ ଥରେ ଖେଳାଯାଉଥିବା ଏହି ମହିଳା ଟି୨୦ ବିଶ୍ୱକପ୍ ୨୦୦୯ରେ ପ୍ରଥମ ଥର ପାଇଁ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଥର ପାଇଁ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ଏଥର ଆୟୋଜନ କରିବାକୁ ଯାଉଛି। ଆଇସିସି ଦ୍ୱାରା ମଧ୍ୟ ଏହି ମେଗା ଆୟୋଜନ ହେବାକୁ ଅନୁମୋଦିତ ହୋଇଛି। ଆଇସିସି ଏବଂ ଡବ୍ଲୁଆଇସିବିର ମିଳିତ ଆୟୋଜନରେ ଏହା ଖେଳାଯିବ। ମିଳିତ ବାର୍ଷିକ କନ୍‌ଫରେନ୍ସରେ ୨୦୧୩ରେ ଏହି ମେଗା ଇଭେଣ୍ଟ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୫ ମସିହାରେ ଆଇସିସି ଏହି ମହିଳା ବିଶ୍ୱକପ୍ ପାଇଁ ତାରିଖ ଘୋଷଣା କରିଥିଲା। ଏହା ପରେ ୨୦୧୭ ମସିହା ଫେବୃୟାରୀ ମାସରେ ଆଇସିସିର ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ପୁରୁଷ ବିଶ୍ୱକପ୍ ପରି ଏଥିରେ ମଧ୍ୟ ଅମ୍ପାୟର ଡିସିସନ୍ ରିଭ୍ୟୁ ସିଷ୍ଟମକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କ୍ରିକେଟକୁ ଅଧିକ ଲୋକାଭିମୁଖୀ ଓ ଏହାକୁ ସୁଦୂରପ୍ରସାରୀ କରିବା ଆଇସିସିର ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରାଯାଇଛି। ସମସ୍ତ ଅନୁବନ୍ଧିତ ଦେଶ ମଧ୍ୟ ଆଇସିସିର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ମହିଳା କ୍ରିକେଟ ପ୍ରେମୀମାନଙ୍କ ଦ୍ୱାରା ଏହା ଆଦୃତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କୁହାଯାଇଛି। ବିଶ୍ୱକପ୍‌ର ଏହି ସଂସ୍କରଣରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟରେ ମୋଟ ୨୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଗ୍ରୁପ ପର୍ଯ୍ୟାୟ ଏବଂ ନକ ଆଉଟ୍ ଏମିତି ଦୁଇଟି ପର୍ଯ୍ୟାୟ ଭିତ୍ତିରେ ଏହି ଟୁର୍ନାମେଣ୍ଟ ଖେଳାଯିବ।

ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି ଦେଶ ଅଂଶଗ୍ରହଣ କରିବେ। ଆଇସିସି ଟି-୨୦ ମହିଳା ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ସ୍ଥାନରେ ଥିବା ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ନେଦରଲାଣ୍ଡରେ ଅନୁଷ୍ଠିତ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ବାଂଲାଦେଶ ଏବଂ ଆୟର୍ଲାଣ୍ଡ ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଗ୍ରୁପ୍ ଏ' ରେ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଏବଂ ବାଂଲାଦେଶ ସ୍ଥାନ ପାଇଥିବା ବେଳେ ଗ୍ରୁପ ବି'ରେ ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୬ରେ ଭାରତରେ ଏହି ବିଶ୍ୱକପ୍‌ର ଗତ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ବିଶ୍ୱକପ୍‌ର ଏହି ପଞ୍ଚମ ସଂସ୍କରଣରେ ୱେଷ୍ଟଇଣ୍ଡିଜ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୮ ଉଇକେଟ୍‌ରେ ହରାଇ ପ୍ରଥମ ଥର ପାଇଁ ଟାଇଟଲ ହାସଲ କରିଥିଲା। ପୂର୍ବରୁ ୨୦୦୯ ମସିହାରୁ ଆରମ୍ଭ ହୋଇଥିବା ଏହି ଟି-୨୦ ବିଶ୍ୱକପରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସର୍ବାଧିକ ୩ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ୨୦୦୯ ମସିହାରେ ଇଂଲଣ୍ଡ ଚାମ୍ପିୟନ ହୋଇଥିବା ବେଳେ ୨୦୧୦, ୨୦୧୨, ୨୦୧୪ ମସିହାରେ ଅଷ୍ଟ୍ରେଲିଆ ଟାଇଟଲ ଜିତିଛି। ସେହିପରି ୨୦୧୬ରେ ୱେଷ୍ଟଇଣ୍ଡିଜ ବାଜି ମାରିଥିଲା। ତେବେ ଏହି ୫ଟି ଯାକ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ରହିନାହିଁ। ବିଶ୍ୱକପ୍‌ର ମ୍ୟାଚଗୁଡିକ ୱେଷ୍ଟଇଣ୍ଡିଜର ୩ଟି ମୁଖ୍ୟ ଷ୍ଟାଡିୟମରେ ଖେଳାଯିବ। ଗୁୟାନା ନ୍ୟାଶନାଲ ଷ୍ଟାଡିୟମରେ ମୋଟ ୧୧ଟି ମ୍ୟାଚ୍ ଖେଳାଯିବ। ସେହିପରି ଡାରେନ୍ ସାମି ଷ୍ଟାଡିୟମରେ ୯ଟି ମ୍ୟାଚ ଏବଂ ସାର ଭିଭିଆନ ରିଚାର୍ଡ ଷ୍ଟାଡିୟମ୍‌ରେ ୩ଟି ମ୍ୟାଚ୍ ଆୟୋଜନ ହେବ। ଏଥିପାଇଁ ଆଇସିସି ପକ୍ଷରୁ ୧୨ଜଣିଆ ଅମ୍ପାୟର ତାଲିକା ଘୋଷଣା କରାଯାଇଛି। ୨ଜଣ ମ୍ୟାଚ୍ ରେଫରିଙ୍କୁ ନିୟୋଜିତ କରାଯାଇଛି। ଭାରତ ପକ୍ଷରୁ ଏକମାତ୍ର ଅମ୍ପାୟର ରୂପେ ନୀତୀନ ମେନନ୍ ମ୍ୟାଚ୍ ପରିଚାଳନା କରିବେ ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି।

୨୦୧୬ରେ ଭାରତରେ ଅନୁଷ୍ଠିତ ହୋଇଥିବା ଏହାର ୫ମ ସଂସ୍କରଣ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ସହିତ ଏକା ସଙ୍ଗେ ବିଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୱେଷ୍ଟଇଣ୍ଡିଜ ଅଷ୍ଟ୍ରେଲିଆକୁ ଫାଇନାଲରେ ହରାଇ ତାର ପ୍ରଥମ ଟାଇଟଲ ହାସଲ କରିଥିଲା। ୱେଷ୍ଟଇଣ୍ଡିଜର ଷ୍ଟାଫେନ୍ ଟେଲର୍ ୬ଟି ମ୍ୟାଚ୍‌ରୁ ୨୪୬ ରନ୍ (୨ଟି ଅର୍ଦ୍ଧଶତକ) କରିବା ସହିତ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ହେବା ସହିତ ଲେଗ୍ କାସପେରେକ୍ ୫ଟି ମ୍ୟାଚ ଖେଳି ୯ଟି ଉଇକେଟ୍ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଭାରତର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନ ଥିଲା। ଭାରତ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେବା ସହିତ ୪ଟି ମ୍ୟାଚ ଖେଳି ମାତ୍ର ୨ ପଏଣ୍ଟ ସହିତ ଗ୍ରୁପ 'ବି'ର ୪ର୍ଥ ସ୍ଥାନରେ ରହିଥିଲା। ଭାରତ ଏକମାତ୍ର ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୭୨ ରନ୍‌ରେ ଜିତିଥିବା ବେଳେ ଡକୱର୍ଥ ଲୁଇସ୍ ନିୟମରେ ପାକିସ୍ତାନଠାରୁ ୨ରନ୍‌ରେ ହାରିଥିଲା। ଇଂଲଣ୍ଡଠାରୁ ୨ ଉଇକେଟ୍‌ରେ ପରାସ୍ତ ହେବା ସହିତ ଚମ୍ପିୟନ ୱେଷ୍ଟଇଣ୍ଡିଜଠାରୁ ମାତ୍ର ୩ ରନ୍‌ରେ ପରାସ୍ତ ହୋଇଥିଲା। ଭାରତୀୟ ମହିଳା ଦଳ ୩ଟି ନିଶ୍ଚିତ ଜିତିବା ମ୍ୟାଚ୍‌କୁ ଅଳ୍ପ ବ୍ୟବଧାନରେ ହାରିବା ଯୋଗୁ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ମାତ୍ର ଦଳ ପକ୍ଷରୁ ହରମନ୍‌ପ୍ରୀତ୍ କୌର, ଏକତା ବିଷ୍ଟ, ମିଥାଲି ରାଜ, ବେଦା କ୍ରିଷ୍ଣମୂର୍ତ୍ତିଙ୍କ ପ୍ରଦର୍ଶନ ବେଶ୍ ସନ୍ତୋଷଜନକ ରହିଥିଲା।

ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ଭାରତୀୟ ଦଳ ଘୋଷଣା କରାଯାଇଛି। ବିସିସିଆଇର କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧୁରୀ ଏବଂ ଚୟନକର୍ତ୍ତାମାନଙ୍କ ଦ୍ୱାରା ହରମନ୍‌ପ୍ରୀତ୍ କୌରଙ୍କ ଅଧିନାୟକତ୍ୱରେ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ବ୍ୟାଟିଂ, ଉଭୟ ପେସ୍ ଏବଂ ସ୍ପିନ ବୋଲିଂକୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ଦଳ ଗଠନ କରାଯାଇଛି। ଚଳିତ ୬ଷ୍ଠ ସଂସ୍କରଣରେ ଭାରତ ଭଲ ପ୍ରଦର୍ଶନ କରି ଟାଇଟଲ ହାସଲ କରିବାକୁ ପ୍ରୟାସ କରିବ ବୋଲି ଆଶା କରାଯାଇଛି। ଭାରତ ତା'ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଭେଟିବ। ଗ୍ରୁପ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିଲେ ଭାରତ ସେମିଫାଇନାଲକୁ ଉଠିବ।

### ଭାରତର କାର୍ଯ୍ୟସୂଚୀ

| ମ୍ୟାଚ୍ ନଂ | ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|---|
| ୧ | ୯.୧୧.୨୦୧୮ | ଭାରତ- ନ୍ୟୁଜିଲାଣ୍ଡ | ଗୁୟାନା |
| ୨ | ୧୧.୧୧.୨୦୧୮ | ଭାରତ-ପାକିସ୍ତାନ | ଗୁୟାନା |
| ୩ | ୧୫.୧୧.୨୦୧୮ | ଭାରତ-ଆୟର୍ଲାଣ୍ଡ | ଗୁୟାନା |
| ୪ | ୧୭.୧୧.୨୦୧୮ | ଭାରତ-ଅଷ୍ଟ୍ରେଲିଆ | ଗୁୟାନା |

ଗ୍ରୁପ୍ ଏ: ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ।
ଗ୍ରୁପ୍ ବି: ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆୟର୍ଲାଣ୍ଡ।

### ଭାରତୀୟ ଦଳ

ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ପୂଜା ବସ୍ତ୍ରାକର, ସ୍ମୃତି ମନ୍ଧାନା,(ଉପ-ଅଧିନାୟିକା),ତାନ୍ୟା ଭାଟିଆ (ଉଇକେଟ କିପର), ଅନୁଜା ପାଟିଲ, ମିଥାଲି ରାଜ, ପୁନମ ଯାଦବ, ଅରୁନ୍ଧତୀ ରେଡ୍ଡୀ, ଜେମିମା ରୋଡ୍ରିଗୁଏଜ, ରାଧା ଯାଦବ, ବେଦା କ୍ରିଷ୍ଣାମୂର୍ତ୍ତି, ଏକତା ବିଷ୍ଟ, ଡି. ହେମଲତା, ମାନସୀ ଯୋଶୀ।

---



ସୌଭାଗ୍ୟ କୁମାର ରଥ

# ମାରାଥନ- ଏକ ବୈପ୍ଳବିକ ଜୀବନଶୈଳୀ




**ଶୀତ ଋତୁ ଆସିଲାଣି । ସକାଳୁ ମଧ୍ୟ କାକର ପଡିଲାଣି । ହାଲୁକା କୁହୁଡିର ଚାଦର ଦେହକୁ ଏକ ଶୀତଳ ଅନୁଭୂତି ପ୍ରଦାନ କରିଛି । ଗଳି ରାସ୍ତାରେ, ଛାତ ଉପରେ ବ୍ୟାଡମିଣ୍ଟନ, କ୍ୟାରମ୍ ଖେଳର ଆସର ଜମିବ । ଶୀତୁଆ ସକାଳ ଲାଗି ଏବେ ମାରାଥନର ମଧ୍ୟ ଅନେକ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି । ଏହା ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଭାରତର ବିଭିନ୍ନ ସହରରେ ଅନୁଷ୍ଠିତ ହେବ...**

ଖ୍ରୀଷ୍ଟପୂର୍ବ ୪୯୦ରେ ପର୍ସିଆ (ଆଧୁନିକ ଇରାନ) ଗ୍ରୀସ୍ ଆକ୍ରମଣ କରିଥିଲା। ଗ୍ରୀସ୍ ସେନା ପର୍ସିଆ ସେନାକୁ ମାରାଥନ ସହର ନିକଟରେ ଅଟକାଇଥିଲା। ଏହି ଯୁଦ୍ଧରେ ପର୍ସିଆ ପରାସ୍ତ ହୋଇଥିଲା। ବିଜୟର ବାର୍ତ୍ତା ନେଇ ଯୁଦ୍ଧ କ୍ଷେତ୍ରରୁ ଦୌଡି ଦୌଡି ଫିଡିପିଡେସ୍ ନାମକ ସୈନିକ ଆସିଥିଲେ ଗ୍ରୀସ୍‌ର ରାଜଧାନୀ ଏଥେନ୍ସକୁ। ମାରାଥନ ସହରରୁ ଏଥେନ୍ସର ଦୂରତା ପ୍ରାୟ ୨୬ ମାଇଲ ବା ୪୨.୧୯୫ କି.ମି. ଥିଲା। ତେବେ ଉତ୍କଣ୍ଠିତ ଗ୍ରାମବାସୀଙ୍କୁ ଏହି ଖୁସି ଖବର ଜଣାଇବାର ଅଳ୍ପ ସମୟ ପରେ ଫିଡିପିଡେସଙ୍କର ମୃତ୍ୟୁ ଘଟିଥିଲା। ଏହି ବୀର ସୈନିକଙ୍କ ସ୍ମୃତି ରକ୍ଷାକରି ଗ୍ରୀସ୍‌ରେ ତା' ପରବର୍ଷଠାରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅଲିମ୍ପିକ୍ସରେ ମାରାଥନ ପ୍ରତିଯୋଗିତାକୁ ସାମିଲ କରାଯାଇଥିଲା। ପ୍ରଥମ ମାରାଥନ ପ୍ରତିଯୋଗିତାରେ ୨୫ଜଣ ଭାଗ ନେଇଥିବା ବେଳେ ଏଥିରେ ସ୍ପିରିଡିନ୍ ନାମକ ଜଣେ ଡାକକର୍ମଚାରୀ ବିଜୟୀ ହୋଇଥିଲେ। ସେହିବର୍ଷଠାରୁ ଗ୍ରୀସ୍‌ରେ ଏହି କ୍ରୀଡ଼ା ଆୟୋଜନ ହୋଇଆସୁଛି। ଆଧୁନିକ ଯୁଗରେ ମଧ୍ୟ ମାରାଥନ ଦୌଡକୁ ଅଲିମ୍ପିକ୍ସରେ ସାମିଲ କରାଯାଇଛି।

ମାରାଥନକୁ ଲୋକାଭିମୁଖୀ କରିବା ପାଇଁ ଆଜିକାଲି ପୃଥିବୀର ବିଭିନ୍ନ ସହରରେ ଅଲଗା ଅଲଗା ଉପାୟରେ ଏହା ଅନୁଷ୍ଠିତ ହେଉଛି। ଆମ ଦେଶରେ ମଧ୍ୟ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ପୁଣେ, ବେଙ୍ଗାଲୁରୁ, ହାଇଦ୍ରାବାଦରେ ମାରାଥନ ଅତି ଉତ୍ସାହରେ ଅନୁଷ୍ଠିତ ହେଉଛି। ଏପରି କି ସମୁଦ୍ରପତ୍ତନର ୧୧,୫୦୦ ଫୁଟ୍ ଉଚ୍ଚ ଲଦାଖରେ ପୃଥିବୀର ସର୍ବୋଚ୍ଚ ମାରାଥନ, ମହାରାଷ୍ଟ୍ରର ସତାରାଠାରେ ରାତ୍ରିକାଳୀନ ମାରାଥନ, କାବେରୀ ନଦୀ କୂଳେ କୂଳେ ନଦୀ-ମାରାଥନ, ନୀଳଗିରି ଏବଂ ମହାବଳେଶ୍ୱର ଦୁର୍ଗମ ରାସ୍ତାରେ ହିଲ୍-ମାରାଥନ, ରାଜସ୍ଥାନର ଜୟପୁରଠାରେ ଗ୍ରୀଷ୍ମକାଳୀନ ମାରାଥନ ଆୟୋଜନ କରି ମାରାଥନକୁ ନୂଆ ରୂପ ଦେବାରେ କରାଯାଉଥିବା ପ୍ରୟାସ ବେଶ୍ ସଫଳ ହୋଇଛି। ଏହି ମାରାଥନଗୁଡିକ ଅଧିକ ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ହୋଇପାରୁଛି।

ଏଥିରେ ଦେଶ ବିଦେଶରୁ ହଜାର ହଜାର ଧାବକ ଅଂଶଗ୍ରହଣ କରୁଛନ୍ତି। ମାରାଥନର ବିବିଧତା ଗୋଟିଏ ସହରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହେଉଛି। ପଶ୍ଚିମ ଓ ଦକ୍ଷିଣ ଭାରତର ବିଭିନ୍ନ ସହରରେ ପ୍ରାୟ ପ୍ରତ୍ୟେକ ସପ୍ତାହରେ ମାରାଥନ ଅନୁଷ୍ଠିତ ହେଉଥିବା ବେଳେ ଆମ ସ୍ମାର୍ଟ ସହର ଭୁବନେଶ୍ୱରରେ କେବଳ ହାଫ୍ ମାରାଥନ (୨୧ କି.ମି.) ଏବଂ ଅଳ୍ପ ଦୂରତାବିଶିଷ୍ଟ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ଅଧିକାଂଶ ମାରାଥନ ବଡ଼ ଓ ଛୋଟ ଅନୁଷ୍ଠାନ ତଥା କମ୍ପାନୀମାନେ ଆୟୋଜନ କରିଥାନ୍ତି। ଏଥିରେ ଆବାଳ ବୃଦ୍ଧ ବନିତା ଅଂଶଗ୍ରହଣ କରିଥାନ୍ତି। ତେବେ ୪୨ କି.ମି. ଦୌଡିବା ଏତେ ସହଜ ନୁହଁ। ସେଥିପାଇଁ ଦୀର୍ଘଦିନର ଅଭ୍ୟାସ ଦରକାର। ଆମ ମଧ୍ୟରୁ ଅଧିକାଂଶ ଲୋକ ଗୋଟିଏ କିଲୋମିଟର ବି ଦୌଡିପାରିବେ ନାହିଁ। ତେଣୁ ମାରାଥନ ପାଇଁ ଦୌଡକୁ ଏକ ଅଭ୍ୟାସରେ ପରିଣତ କରିବାକୁ ହେବ। ଧୀରେ ଧୀରେ ୫ ମିନିଟ୍, ୧୦ ମିନିଟ, ୩୦ ମିନିଟ, ୧ ଘଣ୍ଟା ଓ ତଦୂର୍ଦ୍ଧ୍ୱ ସମୟ ଦୌଡିବା ଅଭ୍ୟାସ ଦ୍ୱାରା ହିଁ ସମ୍ଭବ। ଶୀତର ସକାଳ ଏଥିପାଇଁ ପ୍ରକୃଷ୍ଟ। ସେହି ବେଗରେ ମାରାଥନ ଦୌଡିବା ଉଚିତ, ଯେଉଁଥିରେ ଜଣେ ଲୋକ ଧଇଁସଇଁ ହେବନି ଓ କଥା ମଧ୍ୟ କହିପାରୁଥିବେ।

ସପ୍ତାହେ ଅଭ୍ୟାସ କଲେ ନିଜର ପ୍ରକୃତ ବେଗ ଜଣେ ନିଜେ ଜାଣିପାରିବ। ଏଥିପାଇଁ ହାଲୁକା ସୂତାବସ୍ତ୍ର ଏବଂ ରବର ଜୋତା ପିନ୍ଧି ପଡିଆ କିମ୍ବା ରାସ୍ତାରେ ବାହାରିଯିବା ଉଚିତ୍। ଏକୁଟିଆ କିମ୍ବା ଛୋଟ ଦଳରେ ଦୌଡିଲେ ଧ୍ୟାନ କେବଳ ଦୌଡ ଉପରେ ସ୍ଥିର ରହିବ। ଏଥିପାଇଁ ବୟସ, ଓଜନ କିମ୍ବା ଲିଙ୍ଗଗତ କୌଣସି ବାଧା ରହିବା ଉଚିତ୍ ନୁହଁ। କାରଣ ସମସ୍ତଙ୍କ ଶରୀର ବୟସଗତ ତଥା ଜୀବନଶୈଳୀଗତ ରୋଗ ଏକ ସାଧାରଣ ସମସ୍ୟା ରୂପେ ଦେଖା ଗଲାଣି। ହାତ ପାହାନ୍ତାରେ ପାଣି, ଖାଦ୍ୟ, ଗାଡ଼ି ଓ ଆରାମ ମିଳୁପାରୁଥିବାରୁ ଆଉ କାହାକୁ ଝାଳ ବୁହାଇବାକୁ ପଡିବ ନାହିଁ। ତେବେ ଶରୀର ପ୍ରତି ଦୈନିକ ସାମାନ୍ୟ ଧ୍ୟାନ ଦେଲେ ଜୀବନ ନୀରୋଗ ଓ ସୁଖୀ ହୋଇପାରିବ। ଅନେକ ଲୋକଙ୍କୁ ୪୦ ବର୍ଷ ପରେ ଡାକ୍ତରୀ ପରାମର୍ଶ ଅନୁଯାୟୀ ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟରଲ, ଥାଇରଏଡ ପ୍ରଭୃତି ରୋଗର ନିଦାନ ସ୍ୱରୂପ ଅଳ୍ପ ଚାଲିବାକୁ ବାଧ କରାଯାଉଛି। ଆମେ ଯଦି ବେଳହୁଁ ସାବଧାନ ହେବା, ତେବେ ଏସବୁ ରୋଗ ପାଖ ମାଡିବ ନାହିଁ। ଏହାର ଏକ ସରଳ ଉପାୟ ହେଲା- ଦୌଡିବା, ଧୀରେ ଧୀରେ ଦୌଡିବା, ସବୁଦିନ ଦୌଡିବା। କାରଣ ଏହା ନିଃ ଶୁଳ୍କ ଓ ଅତ୍ୟନ୍ତ ଲାଭଦାୟକ, ଏଥିରେ ଆଣ୍ଠୁ ବା ଦେହ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ।

ତେବେ ଏଠି ପ୍ରଶ୍ନ ଉଠେ ଯେ, ଆମେ ଦୌଡବା ଯାଏଁ ଠିକ୍ ଅଛି। ମାରାଥନ ପ୍ରତିଯୋଗିତାରେ ଭାଗନେବା କାହିଁକି? ଏହାର ସରଳ ଉତ୍ତର ହେଲା ମାରାଥନ ପାଇଁ ପ୍ରସ୍ତୁତି ୩ ମାସ ଆଗରୁ ଆରମ୍ଭ ହୁଏ। ନିଜକୁ ନିଜେ ଆହ୍ୱାନ ଦେଇ ଧୀରେ ଧୀରେ ଆମେ ୫ କି.ମି. ବା ୧୦ କି.ମି. ଦୂରତାର ଲକ୍ଷ୍ୟ ହାସଲ କରିପାରିବା। ଏହି ପ୍ରତିଯୋଗିତାରେ ଆଜିକାଲି ଅନେକ ଲୋକ ଅଂଶଗ୍ରହଣ କଲେଣି। ପ୍ରତ୍ୟେକ ବ୍ୟକ୍ତି ଯିଏ, ଧାର୍ଯ୍ୟ ସମୟ ମଧ୍ୟରେ ମାରାଥନ ଦୂରତା ଅତିକ୍ରମ କରନ୍ତି, ସେମାନେ ଜଣେ ଜଣେ ବିଜେତା। କାରଣ ମାରାଥନର କଷ୍ଟସାଧ୍ୟ ଦୌଡ ପରେ ଏକ ଅନନ୍ୟ ଆତ୍ମସନ୍ତୋଷ ମିଳିଥାଏ। ତେବେ ଏ ଶୀତ ଋତୁରେ ଆମେ ଏକ ମାରାଥନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜେ ନୀରୋଗ ରହିବାକୁ ପ୍ରୟାସ କରିବା।



---

## ହାଇ ଥିଙ୍କିଙ୍ଗ୍



ଟିମ୍ ଇଣ୍ଡିଆର ରାଜା ଯିଏ ଥିଲା
ଦେଖୁଥା ଫକୀର ସାଜି
ଆହୁଜା ମାଇକ୍ ପରି ବାଜୁଥିଲା
ଫମ୍ପା ଶବ୍ଦ ତା'ର ଆଜି
ବାରଟି ମ୍ୟାଚ୍‌ରେ ପାଜି
ଦୁଇଶ ବାଉନ ଆଭରେଜ୍‌ରେ ସେମ୍
ରନ୍ କରିଛି ଗର୍ଜି ।।।୧

ହକି ଉଦ୍‌ଘାଟନୀ ସମାରୋହ ପାଇଁ
ଆଠଶହ କଳାକାର
ଏ.ଆର. ରହମାନ ନେତା ମନ୍ତ୍ରୀ ଯନ୍ତ୍ରୀ
ହିରୋଇନ୍ ପୁଣି ହିରୋ
ହକି ୱାର୍ଲ୍ଡ କପ୍ ଜ୍ୱର
ଶହେଚାରି ଡିଗ୍ରୀ ଭାଇରାଲ ବାସେ
ରାଜ୍ୟ ରାଜଧାନୀ ମୋର ।।।୨

କ୍ରିକେଟ ପରିକା ନ୍ୟାଶନାଲ କ୍ରୀଡ଼ା
ହକି ପପୁଲାର ହେବ
ରାଇଜର କ୍ରୀଡ଼ା, କଳା ଓ ସାହିତ୍ୟ
ମଉକାରେ ଚହଟିବ
ହାଇ ଥିଙ୍କିଙ୍ଗରେ ନାବ
ଇଣ୍ଡିଭିଜୁଆଲ ସହ ଦେଶ ଜାତି
ଶୀର୍ଷରେ ପହଞ୍ଚେ ଭାବ ।।।୩

-ସୁବାସ ଚନ୍ଦ୍ର ପ୍ରଧାନ

## ସଂକ୍ଷେପରେ

### ଆର୍‌ବିଆଇ- କେନ୍ଦ୍ର ବିବାଦ ଅର୍ଥ ମନ୍ତ୍ରୀଙ୍କୁ ଗଭର୍ନର ଅଣଦେଖା କରିପାରିବେନି: ମନମୋହନ ସିଂ

ନୂଆଦିଲ୍ଲୀ,୮-୧୧: ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ରିଜର୍ଭ ବ୍ୟାଙ୍କର ବିବାଦ ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂ ସରକାରଙ୍କ ସପକ୍ଷରେ ମତପ୍ରକାଶ କରିଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରୀ ସର୍ବଦା ବଡ଼, ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ତାଙ୍କୁ ଅଣଦେଖା କରିପାରିବେନି ବୋଲି ସେ ମତ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କକୁ ତାଙ୍କ କଥା ଶୁଣିବାକୁ ହେବ ବୋଲି ସେ କହିଛନ୍ତି। ନିଜ କନ୍ୟା ଦାମନ ସିଂଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଷ୍ଟ୍ରିକ୍‌ଲି ପର୍ସନାଲ:ମନମୋହନ ଆଣ୍ଡ୍ ଗୁରଶରଣ'ର ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ସେ କହିଛନ୍ତି ଯେ, ସର୍ବଦା ଦେବା ନେବାର ନୀତି ଆପଣାଇବାକୁ ପଡିବ। ଯେକୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାରଙ୍କୁ ଆଗୁଆ କହିବାକୁ ହେବ ଏବଂ ତାଙ୍କର ବିଶ୍ୱାସ ଅର୍ଜନ କରିବାକୁ ହେବ। ରିଜର୍ଭ ବ୍ୟାଙ୍କର ଗଭର୍ନର କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କଠାରୁ ବଡ଼ ନୁହନ୍ତି। ଅର୍ଥମନ୍ତ୍ରୀ ଚାହୁଁଥିଲେ ଏହାକୁ ଗଭର୍ନର ମନା କରିପାରିବେନି। ସରକାରଙ୍କ ଇଚ୍ଛାକୁ ନ ମାନିଲେ ତାଙ୍କୁ ନିଜ ପଦରୁ ଇସ୍ତଫା ଦେବାକୁ ପଡିବ। ସେ ଗଭର୍ନର ଥିବା ବେଳେ କେନ୍ଦ୍ର ସରକାରଙ୍କ ସହ ତାଙ୍କର କଥୋପକଥନକୁ ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ସହ ମତଭେଦ କାରଣରୁ ଡ.ସିଂ ଥରେ ଇସ୍ତଫା ଦେବାକୁ ଚିନ୍ତା କରିଥିଲେ ବୋଲି ବହିରେ ଉଲ୍ଲେଖ କରାଯାଇଛି।

### ଦେଶ ହିତରେ ମତଭେଦ ଦୂର ହେଉ:ପାନଗାରିୟା

ନୂଆଦିଲ୍ଲୀ,୮-୧୧: ରାଷ୍ଟ୍ର ହିତରେ ଉଭୟ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ନରମ ମନୋଭାବ ପୋଷଣ କରନ୍ତୁ ଏବଂ ମତଭେଦକୁ ଦୂର କରନ୍ତୁ ବୋଲି ନୀତି ଆୟୋଗର ପୂର୍ବତନ ଉପାଧକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ସେ କହିଛନ୍ତି ଯେ, ଆଇନଗତ ଭାବେ ଆମେରିକାର ଫେଡେରାଲ ବ୍ୟାଙ୍କ ତୁଳନାରେ ଭାରତୀୟ ରିଜର୍ଭ ବ୍ୟାଙ୍କ କମ୍ ସ୍ୱାଧୀନ। ତେବେ ପ୍ରଭାବ ଦୃଷ୍ଟିରୁ ଦେଖିଲେ ଦୁହେଁ ସମାନ ସ୍ତରରେ ରହିଛନ୍ତି। ତେବେ ଦେଶ ହିତରେ ମତଭେଦକୁ ତୁରନ୍ତ ଦୂର କରି ଏକାଠି କାମ କରିବାକୁ ହେବ ବୋଲି ସେ କହିଛନ୍ତି।

### ସିପେଟ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର, ୮-୧୧: ସିପେଟ୍ ସିଏସ୍‌ଟିଏସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ମଞ୍ଚନାଥଦେବ ହାଇସ୍କୁଲର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିପେଟ୍ ସିଏସ୍‌ଟିଏସ୍‌ର କେନ୍ଦ୍ର ପରିଚାଳିକା ସୁଶ୍ରୀ ନିହାରିକା ପରିଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଲ୍ କୁମାର ପରିଡା, ସିପେଟ୍ ସିଏସ୍‌ଟିଏସ୍‌ର ଗ୍ୱାଲିୟର କେନ୍ଦ୍ର ପ୍ରଭାରୀ ସଞ୍ଜୟ କୁମାର ଚୌଧୁରୀ, କର୍ପୋରେଟର ନିର୍ମଳ ଚନ୍ଦ୍ର ରାଉତ ଏବଂ ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୮-୧୧: ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଚଳିତ ବର୍ଷ ଦେଶ ଗଠନ ଲାଗି ଦୁର୍ନୀତିର ମୂଳୋତ୍ପାଟନ ଥିମ୍‌ରେ ଏହି ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ।

### ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ଭୁବନେଶ୍ୱର,୮-୧୧: ୟୁକୋ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କ କର୍ମଚାରୀଙ୍କ ଡିଏ, ପେନଶନ ପୁନଃ ନିର୍ଦ୍ଧାରଣ, ପରିବାର ପେନଶନ, ସର୍ବୋଚ୍ଚ ନ୍ୟାୟାଳୟରେ ଥିବା ମାମଲା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଏଥିରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଅବସରରେ ସ୍ୱରୂପ ଚନ୍ଦ୍ର ଦାସ, ବି.କେ ଦାଶ, ମହେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ନାଥ ରାଉତ, ଇ.ଈଶ୍ୱରୀ ପ୍ରଶାଦ, ଗୋକୁଳ ଦାସ ପ୍ରମୁଖ ଅଂଶ ଉପସ୍ଥିତ ଥିଲେ।

---

"ଆସନ୍ତାବର୍ଷ ଟେସ୍‌ଲା କମ୍ପାନୀ ଭାରତରେ ଆଂଶିକ ଭାବେ ପ୍ରବେଶ କରିବ। ଉତ୍ତର ଆମେରିକା, ଚାଇନା ଏବଂ ୟୁରୋପ ବଜାର ପରେ ଅନ୍ୟ ଦେଶରେ କମ୍ପାନୀର ବିସ୍ତାର ପାଇଁ ନିର୍ଦ୍ଦେଶ ଦିଆଯାଇଛି।
– ଏଲନ ମସ୍କ, ସିଇଓ, ଟେସ୍‌ଲା ମୋଟର୍ସ



"ଚାଇନା ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହୋଇଛି। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ସେମାନଙ୍କ ପାଇଁ ଟିକସ କୋହଳ କରିବେ। ଏହାଛଡା ସେମାନଙ୍କୁ ଅଧିକ ପାଣ୍ଠି ଯୋଗାଇ ଦିଆଯିବ।
–ସି. ଜିନପିଙ୍ଗ, ରାଷ୍ଟ୍ରପତି, ଚାଇନା



---

■ ବିମୁଦ୍ରୀକରଣକୁ ପୂରିଲା ୨ ବର୍ଷ

# ସଫଳତା କମ୍, ବିଫଳତା ବେଶି

ନୂଆଦିଲ୍ଲୀ,୮-୧୧





ଗୁରୁବାର ବିମୁଦ୍ରୀକରଣକୁ ୨ ବର୍ଷ ପୂରିଲା। ଦେଶବାସୀ ଏଥିଯୋଗୁ କ'ଣ ପାଇଲେ ଅବା ହରେଇଲେ ତାହା ସମୟ କହିବ। ତେବେ ବିମୁଦ୍ରୀକରଣର ଦ୍ୱିତୀୟ ବର୍ଷ ପାଳନ ଅବସରରେ ହିସାବ କଲେ ସଫଳତା କମ୍ ବିଫଳତା ଅଧିକ ବୋଲି ଜଣାପଡୁଛି। ଦୁଇ ବର୍ଷ ପୂର୍ବେ ଆଜିର ଦିନରେ କେନ୍ଦ୍ର ସରକାର ଏହାକୁ ଘୋଷଣା କରିଥିଲେ। ଏହାଦ୍ୱାରା ଦେଶର ଅର୍ଥନୀତିରୁ କଳାଧନ ଦୂରେଇ ଯିବ, ଆତଙ୍କବାଦୀଙ୍କୁ ମିଳୁଥିବା ଟଙ୍କା ଆସିବା ବନ୍ଦ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା ଯୁକ୍ତି ବାଢ଼ିଥିଲେ, ତାହା ସଫଳ ହୋଇ ନାହିଁ। ଆଜି ମଧ୍ୟ କଳାଧନ ସୃଷ୍ଟି ହୋଇଚାଲିଛି ଏବଂ ଟେରର ଫଣ୍ଡିଂ ବା ଆତଙ୍କବାଦୀଙ୍କୁ ଯଥାରୀତି ଅର୍ଥ ମିଳୁଛି। ଫଳସ୍ୱରୂପ ଜମ୍ମୁ-କଶ୍ମୀରରେ ପଥରଫିଙ୍ଗିବା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଦ୍ୱିଗୁଣିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ରିଜର୍ଭ ବ୍ୟାଙ୍କର ତଥ୍ୟରୁ ଜଣାପଡେ ଯେ, ବିମୁଦ୍ରୀକରଣ ପରେ ୯୯.୩% ଅଚଳ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରି ଆସିଛି। ଅର୍ଥାତ୍ ସ୍ୱଳ୍ପ ପରିମାଣ ଜାଲ୍ ନୋଟ୍, କଳାଧନ ଫେରିନି। ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ଯୋଗୁ ଦେଶରେ ନଗଦ ଅର୍ଥ ସଙ୍କଟ ସୃଷ୍ଟି ହେଲା। ଲୋକେ ନିଜର ସଞ୍ଚିତ ଅର୍ଥ ଜମା କରିବାକୁ ଘଣ୍ଟା ଘଣ୍ଟା ଧରି ଭୋକ ଉପାସରେ ବ୍ୟାଙ୍କ ଆଗରେ ଧାଡିବାନ୍ଧି ଛିଡା ହେବାକୁ ବାଧ୍ୟ ହେଲେ। କାମଧନ୍ଦା ବନ୍ଦ ହୋଇଗଲା। କାରଖାନା, ଉଦ୍ୟୋଗ ଜଗତ ସ୍ଥାଣୁ ପାଲଟିଲା। ଫଳସ୍ୱରୂପ ଜିଡିପି ବା ଆର୍ଥିକ ଅଭିବୃଦ୍ଧି ୧.୫% ହ୍ରାସ ପାଇଲା। ବିମୁଦ୍ରୀକରଣ ପ୍ରଭାବରେ କ୍ଷୁଦ୍ର ଶିଳ୍ପ, ଛୋଟ ଉଦ୍ୟୋଗ ଅଚାନକ ବନ୍ଦ ହେଲା। ଏହି ସମୟରେ ପ୍ରାୟ ୧୧୫ ଜଣଙ୍କ ମୃତ୍ୟୁ ହେଲା। ବିବାହ, ବ୍ରତ, ଯାନିଯାତ ସବୁ ବନ୍ଦ ହୋଇଗଲା। ଲୋକେ ତ୍ରାହି ତ୍ରାହି ଡାକିଲେ। ନଗଦ ଅର୍ଥ ସଙ୍କଟ ଦୂର କରିବାକୁ କେନ୍ଦ୍ର ସରକାର ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ବଜାରକୁ ଛାଡିଲେ। ଏହି ନୂଆ ନୋଟ୍ ପାଇଁ ଏଟିଏମ୍‌ଗୁଡିକୁ ସଜଡା ନ ଯିବାରୁ ଲୋକେ ତାହା ମଧ୍ୟ ପାଇବାରେ ଅସୁବିଧା ଭୋଗିଲେ। ନୂଆ ନୋଟ୍ ପାଇଁ ମଧ୍ୟ ବ୍ୟାଙ୍କରେ ଲମ୍ୱାଧାଡି ଦେଖିବାକୁ ମିଳିଲା। ସରକାର କଳାଧନ ସୃଷ୍ଟିକୁ ବନ୍ଦ କରିବା ପାଇଁ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ। କିନ୍ତୁ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନ କଲେ। ଏହାକୁ ବହୁ ଅର୍ଥନୀତିଜ୍ଞ ସମାଲୋଚନା କଲେ। କାରଣ କଳାଧନ ମହଜୁଦକାରୀଙ୍କୁ ବଡ଼ ନୋଟ୍ ରଖିବା ସୁବିଧା ହେବ ବୋଲି ସେମାନେ ଯୁକ୍ତି ଦର୍ଶାଇଲେ। ବିମୁଦ୍ରୀକରଣକୁ ସଫଳ କରିବାକୁ ଯାଇ ନୂଆ ନୋଟ୍ ଛାପିବା ତଥା ଏହାକୁ ବ୍ୟାଙ୍କରେ ପହଞ୍ଚାଇବା ପାଇଁ ରିଜର୍ଭ ବ୍ୟାଙ୍କ ପ୍ରାୟ ୧୩ ହଜାର କୋଟି ଟଙ୍କା ବ୍ୟୟ କଲା। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି ପକ୍ଷରୁ କୁହାଯାଇଛି ଯେ, ବିମୁଦ୍ରୀକରଣ ପରେ ୧୫ ଲକ୍ଷ କର୍ମଚାରୀ ନିଯୁକ୍ତି ହରାଇଲେ।

ଅନ୍ୟପକ୍ଷରେ ବିମୁଦ୍ରୀକରଣ ସଫଳ ହୋଇଛି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଯୁକ୍ତି ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଖାଦ୍ୟ ପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ହ୍ରାସ ପାଇବା ଯୋଗୁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ମନି ଲଣ୍ଡରିଂ ପ୍ରାୟତଃ ହ୍ରାସ ପାଇଛି ଏବଂ ଏହା ଉପରେ ସରକାର ତୀକ୍ଷ୍ଣ ନଜର ରଖିପାରୁଛନ୍ତି। ବିମୁଦ୍ରୀକରଣର ଦୁଇ ବର୍ଷ ପରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାର ସଫଳତା ସମ୍ପର୍କରେ ଜଣାଇଛନ୍ତି। ବିମୁଦ୍ରୀକରଣ ଜରିଆରେ ନଗଦକୁ ଜବତ କରିବା ନୁହେଁ ବରଂ ଏହାକୁ ଦେଶର ଅର୍ଥନୀତିରେ ସାମିଲ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ଥିଲା। ଦେଶର ଅର୍ଥନୀତିକୁ ଠିକ୍ ରାସ୍ତାରେ ଆଣିବା ଲାଗି ସରକାର ନେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭିତରେ ଏହା ଅନ୍ୟତମ ଥିଲା। ନଗଦ ଅର୍ଥକୁ ଜବତ କରିବା ବଦଳରେ ଅଧିକ ଟିକସ ଆଦାୟ ସରକାରଙ୍କ ଉଦ୍ଦେଶ୍ୟ ଥିଲା। ବିମୁଦ୍ରୀକରଣ ପରେ ଟିକସ ଫାଙ୍କିବା ଏବେ କଷ୍ଟକର ହୋଇପଡିଛି ବୋଲି ସେ କହିଛନ୍ତି। ଲୋକେ ଘରେ ସାଇତି ରଖିଥିବା ଟଙ୍କାକୁ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେଲେ। ଫଳସ୍ୱରୂପ ୧୭.୪୨ ଲକ୍ଷ ସନ୍ଦେହଜନକ ଆକାଉଣ୍ଟ ସମ୍ପର୍କରେ ସରକାର ଜାଣିପାରିଲେ। ବ୍ୟାଙ୍କରେ ବଡ଼ ସଂଖ୍ୟାରେ ଟଙ୍କା ଜମା ହେବା କାରଣରୁ ସେମାନେ ଅଧିକ ମାତ୍ରାରେ ଋଣ ଦେବାକୁ ଅର୍ଥ ପାଇଲେ। ଖାଲି ଏତିକି ନୁହେଁ ଏଥିଯୋଗୁ ଦେଶରେ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହନ ମିଳିଛି। ଆର୍ଥିକ ବର୍ଷ ୨୦୧୮-୧୯(୩୧ ଅକ୍ଟୋବର, ୨୦୧୮ପର୍ଯ୍ୟନ୍ତ) ଗତ ବର୍ଷ ଅପେକ୍ଷା ୨୦.୨% ଅଧିକ ଆୟକର ଆଦାୟ ହୋଇଛି। ସେହିପରି କର୍ପୋରେଟ୍ ଟିକସ ଆଦାୟ ମଧ୍ୟ ୧୯.୫% ବଢ଼ିଛି। ଅନ୍ୟପକ୍ଷରେ ୨୦୧୪ରେ ପ୍ରତ୍ୟକ୍ଷ ଟିକସ ଆଦାୟ ୬.୬% ଏବଂ ୨୦୧୫ରେ ଏହା ୯% ଥିଲା। ଦେଶ ଏବେ ଡିଜିଟାଲ ଆଡକୁ ଅଗ୍ରସର ହେଉଥିବାରୁ କଳାଧନ ସୃଷ୍ଟି ହେବା ମାତ୍ରେ ସରକାର ତୁରନ୍ତ ଏହା ଜାଣିପାରୁଛନ୍ତି।

## କେଉଁ କ୍ଷେତ୍ରରେ କ'ଣ ପ୍ରଭାବ...

ବିମୁଦ୍ରୀକରଣକୁ ଏହା ମଧ୍ୟରେ ଦୁଇ ବର୍ଷ ପୂରଣ ହୋଇଛି। ଏହା ସଫଳତା ଏବଂ ବିଫଳତାକୁ ନେଇ ଅନେକ ତର୍କ ବିତର୍କ ଦେଖା ଦେଇଥିଲା। ବଜାର ସ୍ଥିତିରେ ଏବେ ସୁଧାର ଆସିଥିବା ବେଳେ ଗତ ଦୁଇ ବର୍ଷ ମଧ୍ୟରେ ବିମୁଦ୍ରୀକରଣ ପରେ ପ୍ରଭାବ ତଥା ପରିବର୍ତ୍ତନ କ'ଣ ରହିଛି ସେ ସମ୍ପର୍କରେ କିଛି ତଥ୍ୟ...

### ୫ଲକ୍ଷ ଜାଲ ନୋଟ ଧରାପଡ଼ିଛି

ରିଜର୍ଭ ବ୍ୟାଙ୍କ ତଥ୍ୟ ମୁତାବକ ୨୦୧୭-୧୮ରେ ବ୍ୟାଙ୍କ ବ୍ୟବସ୍ଥାରେ ୫,୨୨,୭୮୩ ମୂଲ୍ୟର ଜାଲ ନୋଟ ଧରା ପଡିଛି। ୨୦୧୬-୧୭ରେ ଧରା ପଡିଥିବା ଜାଲ ନୋଟ୍ ପରିମାଣ ୪.୩% ଥିବା ବେଳେ ଏହା ୨୦୧୭-୧୮ରେ ୩୬.୧%କୁ ବୃଦ୍ଧି ଘଟିଛି।

### ଡିଜିଟାଲ ନେଣଦେଣ ଧାରା


ବିମୁଦ୍ରୀକରଣ ପରେ ଡିଜିଟାଲ କାରବାରରେ ବିଶେଷ ପରିବର୍ତ୍ତନ ଦେଖା ଯାଇଛି।୨୦୧୮ ସେପ୍ଟେମ୍ବର ସୁଦ୍ଧା ଭୀମ ଆପ୍ଲିକେଶନର ଆଣ୍ଡ୍ରଏଡ ଭର୍ସନ ୩.୫୫ କୋଟି ଡାଉନଲୋଡ ଟପିଥିଲା। ଏହି ସମୟରେ ଆଇଓଏସ ପ୍ଲାଟଫର୍ମରେ ଏହା ୧୭ ଲକ୍ଷ ରହିଥିଲା। ୨୦୧୮ ଅକ୍ଟୋବର ତଥ୍ୟ ମୁତାବକ ଭୀମ ଆପରେ ୧୮.୨୭ ଲକ୍ଷ ନେଣଦେଣ ଦ୍ୱାରା ୮,୨୦୬ କୋଟି କାରବାର ହୋଇଛି।

### ରୂପେ କାର୍ଡ

୨୦୧୨ ରେ ରୂପେ ଏକ ସ୍ୱଦେଶୀ କାର୍ଡ ଭାବେ ବଜାରକୁ ଆସିଥିଲା। ଏହାକୁ ନ୍ୟାଶନାଲ ପେମେଣ୍ଟ କାଉନସିଲ ଅଫ ଇଣ୍ଡିଆ( ଏନ୍‌ପିସିଆଇ) ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଏହା ଦ୍ୱାରା ଆମେରିକାର ମାଷ୍ଟରକାର୍ଡ ଏବଂ ଭିଜା କାର୍ଡର ବଜାର ଅଂଶରେ ହ୍ରାସ ହୋଇଛି। ଏହି କାର୍ଡ ବିଦେଶୀ କମ୍ପାନୀଙ୍କ ସହ କଡା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଶେଷ ଭାବେ ସକ୍ଷମ ହୋଇଛି।

### ୟୁପିଆଇର ଆଦୃତି

୧୦ ବର୍ଷ ତଳେ ଦେଶରେ ୧ କୋଟି ୪୦ ଲକ୍ଷ ଡେବିଟ କାର୍ଡ ରହିଥିଲା। ଏହା ବର୍ତ୍ତମାନ ୧୦୦ କୋଟି ଛୁଇଁଛି। ସେହିଭଳି ଏନପିସିଆଇ ନିଜର ଏକ ଅଲଗା ପେମେଣ୍ଟ ସିଷ୍ଟମ ୟୁପିଆଇ ଆଣିଛି। ଚଳିତ ବର୍ଷ ଅଗଷ୍ଟ ମାସରେ ୩୧ କୋଟି ୩୦ ଲକ୍ଷ ଥର ଏହି ମୋଡରେ ଟ୍ରାଞ୍ଜାକଶନ ହୋଇଛି। ଏହାର ଲୋକପ୍ରିୟତା ବୃଦ୍ଧି ହେଉଥିବା ଦେଖାଯାଇଛି।



### ଟିକସ ଚୋରି ଉପରେ କାର୍ଯ୍ୟାନୁଷ୍ଠାନ

୨୦୧୭-୧୮ ଆୟକର ରିଟର୍ନ ତଥ୍ୟ ମୁତାବକ ଏଥିରେ ୭୧% ବୃଦ୍ଧି ଘଟି ୫.୪୨ କୋଟିକୁ ବଢ଼ିଛି।୨୦୧୭ ଅଗଷ୍ଟରେ ଏହା ୩.୧୭ କୋଟି ରହିଥିଲା। ୨୦୧୭-୧୮ରେ ଟିକସ ସଂଗ୍ରହରେ ବୃଦ୍ଧି ଘଟି ୧୦.୦୩ ଲକ୍ଷ କୋଟି ଛୁଇଁଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ତଥ୍ୟ ପ୍ରଦାନ କରିଛି।

## ଏବେବି ଦେଖିବାକୁ ମିଳୁଛି ପ୍ରଭାବ



"ବିମୁଦ୍ରୀକରଣ ଭଳି ବିପର୍ଯ୍ୟୟର ପ୍ରଭାବ ଏବେ ସୁଦ୍ଧା ଦେଖିବାକୁ ମିଳୁଛି। ଏହାର ପ୍ରଭାବ ସ୍ପଷ୍ଟ ହୋଇଛି ଏବଂ ଦେଶର ପ୍ରତ୍ୟେକ ବ୍ୟକ୍ତି ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ତ୍ରୁଟିପୂର୍ଣ୍ଣ ଢ଼ଙ୍ଗରେ ଓ ଠିକ୍ ଭାବେ ବିଚାର ନ କରି କେନ୍ଦ୍ର ସରକାର ଏହାକୁ ଲାଗୁ କଲେ।
-ମନମୋହନ ସିଂ,ପୂର୍ବତନ ପ୍ରଧାନମନ୍ତ୍ରୀ

## ବିମୁଦ୍ରୀକରଣ ଏକ ବିପର୍ଯ୍ୟୟ



"ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିମୁଦ୍ରୀକରଣକୁ ଏକ ବିପର୍ଯ୍ୟୟ ସହ ତୁଳନା କରିଛନ୍ତି। ସରକାର ଏହାକୁ ଘୋଷଣା କରିବା ଦିନଠାରୁ ସେ ଏହାକୁ ଦେଶ ପାଇଁ କଳାଦିନ ବୋଲି କହିଆସୁଛନ୍ତି। ଯାହା ସତ ହୋଇଛି।
- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଭାବିଚିନ୍ତି ଷଡ଼ଯନ୍ତ୍ର ହୋଇଥିଲା



"କେନ୍ଦ୍ର ସରକାର ବହୁ ଭାବିଚିନ୍ତି ଏଭଳି ଏକ ଷଡ଼ଯନ୍ତ୍ର କରିଛନ୍ତି। ସୁଟ୍-ବୁଟ୍‌ର ବନ୍ଧୁମାନଙ୍କ କଳାଧନକୁ ସରକାର ଏହାଦ୍ୱାରା ଧଳା କରିଦେଲେ। ଏହାକୁ ବଡ଼ ଦୁର୍ନୀତି ଛଡ଼ା ଅନ୍ୟ କିଛି କୁହାଯାଇପାରିବ ନାହିଁ। ବିମୁଦ୍ରୀକରଣରୁ ଆମକୁ କିଛି ଫାଇଦା ମିଳିନାହିଁ।
- ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି




"ବିମୁଦ୍ରୀକରଣ ଯୋଗୁ ଦେଶବିରୋଧୀଙ୍କ ମେରୁଦଣ୍ଡ ଭାଙ୍ଗିଛି। ଏଥିଯୋଗୁ ଆତଙ୍କବାଦକୁ ମିଳୁଥିବା ପାଣ୍ଠି ଆସିବା ବନ୍ଦ ହୋଇଛି।
- ମୁକ୍ତାର ଆବାସ ନକଭି, କେନ୍ଦ୍ର ମନ୍ତ୍ରୀ

## ଅର୍ଥନୀତି ପାଇଁ ଗଭୀର କ୍ଷତ



"ବିମୁଦ୍ରୀକରଣକୁ ଦେଶର ଅର୍ଥନୀତି ପ୍ରତି ଏକ ଗଭୀର କ୍ଷତ। ଏହି ନିଷ୍ପତ୍ତି କାହିଁକି ନିଆଗଲା ତାହା ଦୁଇ ବର୍ଷ ପରେ ମଧ୍ୟ ଜଣାପଡିଲାନି ବୋଲି ସେ କହିଛନ୍ତି।
- ଅରବିନ୍ଦ କେଜରିୱାଲ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ

## ଅର୍ଥ ବ୍ୟବସ୍ଥା ଲାଗି କଳାଦିନ



"ବିମୁଦ୍ରୀକରଣ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଏକ କଳାଦିନ ଭାବେ ମନେ ରହିବ। ସାରା ଦେଶର ଅର୍ଥ ବ୍ୟବସ୍ଥାକୁ ଗୋଟିଏ ଘୋଷଣା ଦ୍ୱାରା ସରକାର ଗଭୀର ପ୍ରଭାବିତ କରିଛନ୍ତି। ଅନେକ ଲୋକ ଏହା ଦ୍ୱାରା ନାହିଁ ନ ଥିବା ହଇରାଣ ହେବା ସହ ମୃତ୍ୟୁବରଣ ମଧ କରିଛନ୍ତି। ଏହାକୁ ନେଇ ସରକାର କୌଣସି ଅନୁଶୋଚନା ମଧ କରିନାହାନ୍ତି।
-ଜନାର୍ଦ୍ଦନ ପତି, ସିପିଏମ୍ ନେତା

## ଡିଜିଟାଲ ଅର୍ଥନୀତିର ବାସ୍ତବତା ଏବେ ବି ଭିନ୍ନ



"ଅର୍ଥନୀତିରୁ ନଗଦ କାରବାର ହଟାଇ ଦେଲେ ଯେ କେବଳ ସମସ୍ତେ ଡିଜିଟାଲ ନେଣଦେଣ କରିବେ ଏହା ଭାବିବା ଭୁଲ। ଡିଜିଟାଲ ଧାରାକୁ ଆପଣାଇବା କୌଣସି ବ୍ୟକ୍ତି ବିଶେଷଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ। ସରକାର ବିମୁଦ୍ରୀକରଣ ଦ୍ୱାରା ନୋଟଗୁଡିକୁ ଅଚଳ କରିଦେବା ଦ୍ୱାରା ଏହା ଦ୍ୱାରା ବଜାର ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରଭାବିତ ହେଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ଏହା ଦ୍ୱାରା କ୍ଷତି ସହିଲା। ଏମ୍‌ଏସ୍‌ଏମ୍‌ଇ ଗୁଡିକ କ୍ଷତିଗ୍ରସ୍ତ ହେବା ସହ ସେମାନଙ୍କ ଅଣ୍ଟା ଭାଙ୍ଗିଗଲା। ଡିଜିଟାଲ ଧାରା ସମୟାନୁଗତିକ। ସମୟ ଅନୁସାରେ ଏହାକୁ ନେଇ ବିଭିନ୍ନ ପରିବର୍ତ୍ତନ ହେଉଛି। ବିମୁଦ୍ରୀକରଣ ଦ୍ୱାରା ଡିଜିଟାଲ ଅର୍ଥନୀତିର ସ୍ୱପ୍ନର ବାସ୍ତବତା ଭିନ୍ନ। ଏହା ଦ୍ୱାରା ସିଂହଭାଗ ଲୋକ ପ୍ରଭାବିତ ହୋଇଛନ୍ତି।
- ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର, ନାଇଜର

## ପ୍ରକୃତ ଉଦ୍ଦେଶ୍ୟଠାରୁ ଦୂରରେ



"କଳାଟଙ୍କାର ମୂଳୋତ୍ପାଟନ କରିବାକୁ ସରକାର କହିଥିଲେ । ମାତ୍ର ମୋଟାମୋଟି ଭାବେ କହିବାକୁ ଗଲେ ବିମୁଦ୍ରୀକରଣର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇ ପାରିନି। ୨୦୧୭ରେ ଏମ୍‌ଏସ୍‌ଏମ୍‌ଇ ଓ ସାଧାରଣ ଲୋକ ଅନେକ ଅସୁବିଧା ସାମ୍ନା କରିଥିଲେ। ଚଳିତ ବର୍ଷ କ୍ଷୁଦ୍ର ଶିଳ୍ପଗୁଡିକର ଅବସ୍ଥାରେ ସୁଧାର ଆସିଛି। କ୍ୟାଶଫ୍ଲୋ ମଧ ଉନ୍ନତ ରହିଛି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଏକାବେଳେ ଲାଗୁ ହେବା ଯୋଗୁ ଶିଳ୍ପଗୁଡିକ ବିଭିନ୍ନ ଅସୁବିଧା ସାମ୍ନା କରିଥିଲେ।
-ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସମେ

---

# ହୋଣ୍ଡା ଟୁ-ହ୍ୱିଲର୍ସ ମ୍ୟାକ୍ ଲୁବ୍ରିକାଣ୍ଟ ଚୁକ୍ତି

ନୂଆଦିଲ୍ଲୀ ,୮-୧୧

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ଏବଂ ମ୍ୟାକ୍ ଲୁବ୍ରିକାଣ୍ଟର ମିଳିତ ଉଦ୍ୟମରେ ମ୍ୟାକ୍ ହୋଣ୍ଡା ପାୱାର ଇଞ୍ଜିନ ଅଏଲ୍‌ର ବଜାର ପ୍ରବେଶ ହୋଇଛି। ଏହା ଏକ କୋ-ବ୍ରାଣ୍ଡେଡ ଇଞ୍ଜିନ ଅଏଲ ହୋଇଥିବା ବେଳେ ହୋଣ୍ଡା ଦୁଇଚକିଆ ଯାନ ଲାଗି ବିଶେଷ ଭାବେ ଉପକାରୀ ସାବ୍ୟସ୍ତ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ହୋଣ୍ଡା ପାଇଁ ଗ୍ରାହକ ସନ୍ତୁଷ୍ଟି ଏକ ପ୍ରମୁଖ ଉପାଦାନ ବୋଲି କମ୍ପାନୀର ଗ୍ରାହକ ସେବା ବରିଷ୍ଠ ଉପସଭାପତି ପ୍ରଦୀପ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଏଭଳି ଏକ ସହଭାଗିତା ବିଶେଷ ଭାବେ ଲାଭକାରୀ ହେବ ବୋଲି ମ୍ୟାକ୍ ଲୁବ୍ରିକାଣ୍ଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭି.ଆନନ୍ଦ ସୂଚନା ଦେଇଛନ୍ତି।




### ଆନ୍ଧ୍ର ବ୍ୟାଙ୍କର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର, ୮-୧୧

ଆନ୍ଧ୍ର ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ମଣ୍ଡଳ ମହା ପ୍ରବନ୍ଧକ ଟି.ଶ୍ରୀବିବାସ ରାଓ, ଉପ ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଭି,ରାମକ୍ରିଷ୍ଣା, ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଏବଂ ସ୍ଥାନୀୟ ଶାଖା ଗୁଡିକର ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ବ୍ୟାଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳ ଶାଖାଗୁଡିକରେ ଗ୍ରାମ ସଭା ଏବଂ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସହରାଞ୍ଚଳ ଶାଖାଗୁଡିକ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟଗୁଡିକରେ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି।

No.: 53-N

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର – ୭୫୧୦୧୩
ଭୁବନେଶ୍ୱର, ତା୦୮।୧୧।୨୦୧୮

ବିଜ୍ଞପ୍ତି

ସଂଖ୍ୟା- ପରୀକ୍ଷା ବିଭାଗ-I/281/18/5779/ଉମାଶିପ/ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା ୨୦୧୯ ମାର୍ଚ୍ଚ ମାସରେ ହୋବକୁଥିବା ଉଚ୍ଚ ମାଧ୍ୟମିକ (+2) ବାର୍ଷିକ ପରୀକ୍ଷା ନିମନ୍ତେ ନିୟମିତ (Regular) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖ ଗୁଡ଼ିକ ଧାର୍ଯ୍ୟ କରାଯାଇଛି।

୧. ବିନା ଜୋରିମାନା – ତା16.11.2018ରୁ ତା26.11.2018 ପର୍ଯ୍ୟନ୍ତ
୨. 50 ଟଙ୍କା ଜୋରିମାନା – ତା27.11.2018ରୁ ତା30.11.2018 ପର୍ଯ୍ୟନ୍ତ
୩. 350 ଟଙ୍କା ଜୋରିମାନା – ତା01.12.2018ରୁ ତା04.12.2018 ପର୍ଯ୍ୟନ୍ତ

ଏହାର ସବିଶେଷ ବିବରଣୀ www.samsodisha.gov.in ୱେବସାଇଟରେ ଉପଲବ୍ଧ ଅଛି।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
11003/11/0017/1819 ସ୍ୱା./– ପରୀକ୍ଷା ନିୟନ୍ତ୍ରକ

"ବର୍ତ୍ତମାନର ଭାରତୀୟ ପୁରୁଷ କ୍ରିକେଟ ଦଳ କେତେଦୂର ଶକ୍ତିଶାଳୀ ତାହା ଲୋକେ ବିଚାର କରିବେ ।
—ରବି ଶାସ୍ତ୍ରୀ, କୋଚ୍



"କ୍ରିକେଟ ଅଷ୍ଟ୍ରେଲିଆରେ ଦେଖା ଦେଇଥିବା ଅନ୍ତଃ କନ୍ଦଳ ପ୍ରତି ଧ୍ୟାନ ନ ଦେଇ ଖେଳାଳିମାନେ ଖେଳରେ ମନୋନିବେଶ କରନ୍ତୁ ।
—ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲିଆ ଦିନିକିଆ ଅଧିନାୟକ



## ସଂକ୍ଷେପରେ

### ସୌରଭଙ୍କୁ ସ୍ୱର୍ଣ୍ଣ

କୁଏତ ସିଟି,୮।୧୧(ପି.ଟି.): ଭାରତର ଯୁବ ଶୁଟିଂ ସେନସେଶନ ସୌରଭ ଚୌଧାରୀ ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ ଜାରି ରଖି ୪ ମାସ ମଧ୍ୟରେ ୪ର୍ଥ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଠାରେ ଚାଲିଥିବା ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ଗୁରୁବାର ଅନୁଷ୍ଠିତ ୧୦ ମିଟର ପିସ୍ତଲ ଜୁନିୟର ପୁରୁଷ ଇଭେଣ୍ଟରେ ସୌରଭ ଶୀର୍ଷ ସଫଳତା ପାଇଛନ୍ତି। ୧୬ ବର୍ଷୀୟ ଅନ୍ୟ ଭାରତୀୟ ଶୁଟର ଅର୍ଜୁନ ସିଂ ଚିମା ଓ ଅନମୋଲ ଜୈନଙ୍କ ସହ ମିଶି ସର୍ବାଧିକ ୧୭୩୧ ପଏଣ୍ଟ ହାସଲ କରି ଦଳଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ବ୍ୟକ୍ତିଗତ ଇଭେଣ୍ଟରେ ୨୩୯.୮ ପଏଣ୍ଟ ସ୍କୋର କରିଥିଲେ। ଫଳରେ ଚଳିତ ପ୍ରତିଯୋଗିତାରେ ସେ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିପୂର୍ବରୁ କୃଷକଙ୍କ ପୁଅ ଏସିଆନ୍ ଗେମ୍ସ (ଅଗଷ୍ଟ), ବିଶ୍ୱ ଶୁଟିଂ ଚାମ୍ପିୟନଶିପ (ସେପ୍ଟେମ୍ବର) ଓ ୟୁଥ ଅଲିମ୍ପିକ୍ ଗେମ୍ସ (ଅକ୍ଟୋବର)ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବ୍ୟକ୍ତିଗତ ୧୦ ମି. ଏୟାରଗନ ଇଭେଣ୍ଟରେ ଅର୍ଜୁନ (୨୩୭.୭) ରୌପ୍ୟ ପଦକ ଅର୍ଜନ କରିଛନ୍ତି। ତାଙ୍କ ପଛକୁ ଚାଇନିଜ ତାଇପେ ହୁଆଙ୍ଗ ୱେଇ ତେ (୨୧୮.୦) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟ ଭାରତୀୟ ଶୁଟର ଅନମୋଲ ୧୯୫.୧ ସ୍କୋର ସହ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଛନ୍ତି।

### ଭାରତ ବିପକ୍ଷ ଟି୨୦ରୁ ଷ୍ଟାର୍କ, ଲିଓନ ବାଦ୍

ମେଲବର୍ନ,୮।୧୧: ଆଗାମୀ ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ଲାଗି ଗୁରୁବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ୧୩ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷିତ ହୋଇଯାଇଛି। ଏହି ଦଳରୁ ଘାତକ ପେସର ମିଚେଲ ଷ୍ଟାର୍କ, ଅଲରାଉଣ୍ଡର ମିଚେଲ ମାର୍ଶ ଓ ସ୍ପିନର ନାଥନ ଲିଓନ ବାଦ୍ ପଡ଼ିଛନ୍ତି। ଭେଟେରାନ ଦ୍ରୁତ ବୋଲର ପିଟର ସିଡ୍‌ଲ ମଧ୍ୟ ଦଳରେ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କୁ ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତ କରିବା ପାଇଁ ଦଳରୁ ବାଦ୍ ଦିଆଯାଇଛି। ସମସ୍ତ ଖେଳାଳି ଘରୋଇ ଟୁର୍ନାମେଣ୍ଟ ଶେଫିଲ୍ଡ ଶିଲ୍ଡରେ ଖେଳିବେ। ଷ୍ଟାର୍କଙ୍କ ବଦଳରେ ଜାସନ ବେହେନଡ୍ରଫ ଖେଳିବେ। ତାଙ୍କ ସହ ନାଥନ କୁଲ୍ଟରନାଇଲ, ବିଲି ଷ୍ଟାନଲେକ ଓ ମାର୍କସ ଷ୍ଟୋଇନିସ ଦଳର ପେସ ବିଭାଗ ସମ୍ଭାଳିବେ। ଦ. ଆଫ୍ରିକା ବିପକ୍ଷରେ ଏକ ମାତ୍ର ଟି୨୦ ମ୍ୟାଚ୍ ଚଳିତ ମାସ ୧୭ ତାରିଖରେ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ(ଅଧିନାୟକ), ଆଲେକ୍ସ କାରେ, ଆଷ୍ଟୋନ ଆଗର, ଜାସନ ବେହେନଡ୍ରଫ, ନାଥନ କୁଲ୍ଟନାଇଲ, କ୍ରିସ ଲିନ, ଗ୍ଲେନ ମ୍ୟାକ୍ସୱେଲ, ବେନ ମ୍ୟାକଡରମଟ, ଡାର୍ସି ଶର୍ଟ, ବିଲି ଷ୍ଟାନଲେକ, ମାର୍କସ ଷ୍ଟୋଇନିସ, ଆଣ୍ଡ୍ରୁ ଟାଏ ଓ ଆଡାମ ଜମ୍ପା।



ଇଣ୍ଡିଆନ୍ ସୁପରଲିଗରେ ଗୁରୁବାର ଏଫ୍‌ସି ଗୋଆ ଓ ଦିଲ୍ଲୀ ଡାଇନାମସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ରାଜ୍ୟ ସିପକଟାକ୍ର ସଂଘରେ ବିବାଦ

- ସହଦେବ-ମନୋଜଙ୍କ କଳିକୁ ନେଇ ଚର୍ଚ୍ଚା
- ୧୦ରେ ସଂଘ ବିରୋଧରେ ବୈଠକ
- ଗଠନ ହୋଇପାରେ ସମାନ୍ତରାଳ ସଂଘ

କଟକ ଅଫିସ,୮।୧୧

ରାଜ୍ୟ ସିପକଟାକ୍ର ଆସୋସିଏଶନରେ ପୁର୍ନବାର ବିବାଦ ଦେଖାଦେଇଛି। ପୂର୍ବରୁ ସଂଘରେ ବିଭିନ୍ନ କାରଣରୁ ଫାଟ ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏବେ ନେଇ ସଂଘର କିଛି ସଦସ୍ୟ ଏକଜୁଟ ହେବାକୁ ଯୋଜନା କରିଛନ୍ତି। ସମାନ୍ତରାଳ ଭାବେ ଅନ୍ୟ ଏକ ସଂଘ ଗଢ଼ି ଉଠିବ ବୋଲି ଚର୍ଚ୍ଚା ମଧ୍ୟ ହେଉଛି। ସଂଘର ପୂର୍ବତନ ସମ୍ପାଦକ ସହଦେବ ରାଉତଙ୍କ ନେତୃତ୍ୱରେ ଆସନ୍ତା ୧୦ ତାରିଖରେ କଟକର ଗଡ଼ଗଡେଶ୍ୱର ମନ୍ଦିର ସଭାଗୃହରେ ବୈଠକ ଡକାଯିବ। ସାମ୍ପ୍ରତିକ ପରିସ୍ଥିତିରେ ସଂଘର ବିଭିନ୍ନ ପଦପଦବୀରେ ଥିବା କର୍ମକର୍ତ୍ତା ମନୋମୁଖୀ କାର୍ଯ୍ୟ କରିବା ସହ ରାଜ୍ୟ ଦଳ ଚୟନରେ ଅନିୟମିତତା ହେଉଛି ବୋଲି ସହଦେବ ଅଭିଯୋଗ ଉଠାଇଛନ୍ତି। ଏହାର ପ୍ରତିବାଦରେ ଏହି ସଭା ଡକାଯିବ ବୋଲି ସହଦେବ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସଂଘ ସମ୍ପାଦକ ମନୋଜ ପଟ୍ଟନାୟକ ଏହାକୁ ମତିଭ୍ରମ ହୋଇଛି ବୋଲି ଆକ୍ଷେପ କରିବା ସହ ଅର୍ଥ ରୋଜଗାର ଲାଳସାରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆସୋସିଏଶନ ଉପରେ ଆଖି ପକାଉଛନ୍ତି ବୋଲି ମନୋଜ କହିଥିଲେ। ଆସନ୍ତା ବୈଠକ ପରେ ସଂଘର ଏହି ବିବାଦ ବଡ଼ ରୂପ ନେଇପାରେ ବୋଲି କିଛି ସଂଗଠକ ମତ ଦେଇଛନ୍ତି। ଏହାଛଡ଼ା ପୂର୍ବତନ ସମ୍ପାଦକ ସହଦେବ ଓ ବର୍ତ୍ତମାନର ସମ୍ପାଦକ ମନୋଜଙ୍କ ଏହି କଳି ବହୁ ପୁରୁଣା ହୋଇଥିବା ବେଳେ ଏହାକୁ ନେଇ ଅନେକ ସମୟରେ ବିଭିନ୍ନ ଚର୍ଚ୍ଚା ମଧ୍ୟ ଜୋର ଧରୁଛି ।

୧୯୯୯ ରେ ଓଡ଼ିଶାରେ ସିପକ୍‌ଟାକ୍ର ଖେଳ ପ୍ରବେଶ କରିଥିଲା। ମଣିପୁରରେ ଚାଲିଥିବା ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ରାଜ୍ୟ ଦଳ ଅଂଶ ଗ୍ରହଣ କରିବା ବେଳେ ଏହି ଖେଳ ସମ୍ପର୍କରେ ସେଠାରେ ସମ୍ୟକ ସୂଚନା ପାଇଥିଲା। ପରେ ବାରବାଟୀ ଷ୍ଟାଡିୟମ ପରିସରରେ ଏହି ଖେଳ ଆରମ୍ଭ ହୋଇଥିଲା। ଏବେ ଭାରତୀୟ ସିପ୍‌କଟାକ୍ର କ୍ରୀଡ଼ାରେ ଓଡ଼ିଶାର ସ୍ଥାନ ଉପରେ ରହିଛି। ଲଗାତାର କିଛି ବର୍ଷ ହେବ ଜାତୀୟ ଚାମ୍ପିୟନଶିପ ଗୁଡ଼ିକରେ ଓଡ଼ିଶା ନିଶ୍ଚିତ ଭାବେ ପଦକ ବିଜୟୀ ହେଉଛି। ହେଲେ ଓଡ଼ିଶାରେ ସିପକଟାକ୍ର ଖେଳ ଆରମ୍ଭ କରିବା କ୍ଷେତ୍ରରେ ପୂର୍ବତନ ସମ୍ପାଦକ ସହଦେବଙ୍କ ଭୂମିକା ବିଶେଷଭାବେ ରହିଛି ବୋଲି କୁହାଯାଏ। ଖେଳ ଆରମ୍ଭ କରିବାଠାରୁ ବିଭିନ୍ନ ଜିଲାରେ ସଂଘ ଗଢ଼ିବା, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ମାନଙ୍କରେ ଏହି ଖେଳ ପ୍ରଚଳନ କରିବା କ୍ଷେତ୍ରରେ ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ଉଦ୍ୟମ କରିଥିଲେ। ମାତ୍ର ଗତ ୨୦୧୬ରେ ସହଦେବ ସମ୍ପାଦକ ପଦବୀରୁ ବାଦ୍ ପଡ଼ି ଉପଦେଷ୍ଟା ଭାବେ ରହିଥିଲେ। ଏହି ସମୟରେ କିଛି ମହିଳା ଖେଳାଳିଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି ବୋଲି ଅଭିଯୋଗରେ ସହଦେବ ସଂଘରୁ ବିଦା ହୋଇଥିଲେ। ସେତେବେଳେ ମଧ୍ୟ ସହଦେବ-ମନୋଜଙ୍କ କଳିକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ସହଦେବଙ୍କ ଅଭିଯୋଗ ଅନୁଯାୟୀ, ମୋ ବିରୋଧରେ ଚକ୍ରାନ୍ତ କରି ସଂଘରୁ ବିଦା କରାଯାଇଛି। ଏବେ ପଦବୀରେ ରହିବା ପରେ ଜିଲା ସଂଘ ଗୁଡ଼ିକୁ ନଜର ଦିଆଯାଉନି। ଖେଳାଳି ଚୟନ ସଠିକ ଭାବେ କରାଯିବା ବଦଳରେ ବୟସ୍କ ଖେଳାଳିମାନଙ୍କୁ ପଇସା ନିଆଯାଇ ଦଳରେ ରଖାଯାଉଛି। ଯାହାକୁ ନେଇ ଆସନ୍ତା ୧୦ରେ ବୈଠକ ଡକାଯାଇଛି। ମନୋଜଙ୍କ କହିବା ଅନୁଯାୟୀ, ସଂଘର ନାମ ବ୍ୟବହାର କରି ଟଙ୍କା ଆଦାୟ କରିବା ମନୋବୃତ୍ତିରେ ରହୁଥିବା କିଛି ବ୍ୟକ୍ତି ଏପରି ଭିତ୍ତିହୀନ ଅଭିଯୋଗ ଉଠାଉଛନ୍ତି। ରାଜ୍ୟ ଭଲ ଏବେ ଖେଳୁଛି, ଆଗାମୀ ଦିନରେ କିପରି ଭଲ ଖେଳିବ ସେ ଦିଗରେ ଚିନ୍ତା କରାଯାଉ ।

## ଶ୍ରୀଲଙ୍କା ସମ୍ମୁଖରେ ୪୬୨ ବିଜୟ ଲକ୍ଷ୍ୟ

ଗାଲେ (ଶ୍ରୀଲଙ୍କା), ୮।୧୧ (ଏଏଫ୍‌ପି)

କିଟନ ଜେନିଙ୍ଗ୍ସଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ୪୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବିଶେଷ କରି ଗାଲେସ୍ଥିତ ଲୋ-ସ୍କୋରିଂ ପିଚ୍‌ରେ ଏହା ହାସଲ କରିବା କଷ୍ଟକର ବ୍ୟାପାର। ଶ୍ରୀଲଙ୍କାର କୌଶଳପୂର୍ଣ୍ଣ ସ୍ପିନ୍ ଆକ୍ରମଣ ବିରୋଧରେ ଜେନିଙ୍ଗ୍ସ ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ସେ ୧୪୬ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ୧୩୯ ରନ ଅଗ୍ରଣୀ ଲାଭ କରିଥିବା ଇଂଲଣ୍ଡ ତୃତୀୟ ଦିବସରେ ୬ ଉଇକେଟ ବିନିମୟରେ ୩୨୨ ରନ କରି ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଗୁରୁବାର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୭ ଓଭର ଖେଳି ବିନା କୌଣସି ଉଇକେଟରେ ୧୫ ରନ କରିଛି। ଦିମୁଥ କରୁଣାରତ୍ନେ ୭ ଏବଂ କୌଶଲ୍ ସିଲ୍‌ଭା ୮ରନ ସହ ଅପରାଜିତ ରହିଛନ୍ତି।

ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୪୨/ଅଲଆଉଟ।

**ଶ୍ରୀଲଙ୍କା ପ୍ରଥମ ଇନିଂସ :** ୨୦୩

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୨୨/୬, ଘୋଷଣା (କିଟନ ଜେନିଙ୍ଗ୍ସ-୧୪୬*, ବେନ୍ ଷ୍ଟୋକ୍ସ-୬୨, ବେନ୍ ଫୋକ୍ସ-୩୭, ରଙ୍ଗନା ହେରାଥ-୨/୫୯, ଦିଲରୁୱାନ ପେରେରା-୨/୯୪)।

## ଫାଷ୍ଟ ବୋଲରଙ୍କୁ ବିଶ୍ରାମ ପ୍ରସ୍ତାବକୁ ସମର୍ଥନ ମିଳି ନପାରେ

ଆଇପିଏଲ

ନୂଆଦିଲ୍ଲୀ, ୮।୧୧ (ପି.ଟି.)

ଆସନ୍ତା ବିଶ୍ୱକପ୍‌ରେ ଖେଳିବାକୁ ଥିବା ଫାଷ୍ଟ ବୋଲରମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ବିଶ୍ରାମ ଦେବା ଲାଗି ଭାରତୀୟ କ୍ରିକେଟ ଅଧିନାୟକ ଦେଇଥିବା ପ୍ରସ୍ତାବକୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସମ୍ଭବତଃ ଗ୍ରହଣ କରିବେ ନାହିଁ। ନିକଟରେ ପ୍ରଶାସକ କମିଟି (ସିଓଏ) ସହିତ ଭାରତୀୟ ଅଧିନାୟକଙ୍କ ଏକ ବୈଠକ ବସିଥିଲା। ବିଶ୍ୱକପ୍ ପାଇଁ ବିଶେଷ କରି ପେସ୍ ବୋଲର ଯଶପ୍ରୀତ ବୁମ୍ରା ଓ ଭୁବନେଶ୍ୱର କୁମାରଙ୍କୁ ତାଜା ରଖିବା ଲାଗି ସମଗ୍ର ଆଇପିଏଲରୁ ବିଶ୍ରାମ ଦେବା ଲାଗି କୋହଲି ପ୍ରସ୍ତାବ ଦେଇଥିଲେ। ହେଲେ ତାଙ୍କର ଏହି ପ୍ରସ୍ତାବ ପ୍ରତି ଯଥେଷ୍ଟ ବୋର୍ଡ ଅଫିସିଆଲମାନଙ୍କ ସମର୍ଥନ ନ ଥିଲା, ବରଂ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଏଥିରେ ରାଜି ହେବେ ନାହିଁ ବୋଲି ସେମାନେ ଦର୍ଶାଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ ଆସନ୍ତା ବର୍ଷ ମାର୍ଚ୍ଚ ୧୯ରୁ ମେ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ୧୫ ଦିନ ବ୍ୟବଧାନରେ ଭାରତ ଏହାର ପ୍ରଥମ ବିଶ୍ୱକପ୍ ମ୍ୟାଚ ଜୁନ୍ ୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏଣୁ ଭାରତୀୟ ପେସ୍ ବୋଲରମାନେ ଯଥେଷ୍ଟ ବିଶ୍ରାମ ପାଇବେ ନାହିଁ ବୋଲି ଜଣେ ସିନିୟର ଅଫିସିଆଲ ପ୍ରକାଶ କରିଛନ୍ତି। ଏହି ବୈଠକରେ ସୀମିତ ଓଭର ଫର୍ମାଟ ଉପଅଧିନାୟକ ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ସେ କିନ୍ତୁ ଭିନ୍ନ ମତ ପୋଷଣ କରିଥିଲେ। ସିଓଏ ମୁଖ୍ୟ ବିନୋଦ ରାୟ କୋହଲିଙ୍କ ପ୍ରସ୍ତାବ ସମ୍ପର୍କରେ ରୋହିତଙ୍କୁ ପଚାରିଲେ। ଜବାବରେ ସେ କହିଥିଲେ ଯଦି ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ-ଅଫ୍ କିମ୍ବା ଫାଇନାଲରେ ପ୍ରବେଶ କରେ ଏବଂ ବୁମ୍ରା ଯଦି ଫିଟ୍ ଥାଆନ୍ତି ତେବେ ତାଙ୍କୁ ଆମେ ବିଶ୍ରାମ ଦେଇ ପାରିବୁ ନାହିଁ।

## ବୋଲ୍ଟଙ୍କ ହ୍ୟାଟ୍ରିକ: ଜିତିଲା ନ୍ୟୁଜିଲାଣ୍ଡ

ଆବୁଧାବି,୮।୧୧(ଏଏଫ୍‌ପି)

ନ୍ୟୁଜିଲାଣ୍ଡର ୩ୟ ପେସର ଭାବେ ଟ୍ରେଣ୍ଟ ବୋଲ୍ଟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ତାଙ୍କ ଘାତକ ବୋଲିଂ ବଳରେ ପାକିସ୍ତାନ ବିପକ୍ଷ ଚଳିତ ସିରିଜରେ ନ୍ୟୁଜିଲାଣ୍ଡ ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଦିନିକିଆକୁ ନ୍ୟୁଜିଲାଣ୍ଡ ୪୭ ରନ୍ ବ୍ୟବଧାନରେ ଜିତି ନେଇଛି। ୨୬୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପାକ୍ ଦଳ ମାତ୍ର ୮ ରନ୍ ମଧ୍ୟରେ ଫଖର ଜାମନ, ବାବର ଆଜମ ଓ ମହମ୍ମଦ ହାଫିଜଙ୍କୁ ମ୍ୟାଚ୍‌ର ୩ୟ ଓଭରରେ ବୋଲ୍ଟ ଆଉଟ୍ କରିଥିଲେ। ଘରୋଇ ଦଳ ୨୧୯ ରନ୍‌ରେ ସୀମିତ ରହିଥିଲା। ପାକିସ୍ତାନ ବିପକ୍ଷରେ ଏହା ନ୍ୟୁଜିଲାଣ୍ଡର କ୍ରମାଗତ ୧୨ତମ ଦିନିକିଆ ବିଜୟ। ଗତ ୨୦୧୪ ଡିସେମ୍ବରଠାରୁ ନ୍ୟୁଜିଲାଣ୍ଡ କଦାପି ପାକିସ୍ତାନ ଠାରୁ ପରାସ୍ତ ହୋଇନାହିଁ। ଭେଟେରାନ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ୮୦ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ ଲାଥମଙ୍କ ୬୮ ରନ୍ ଯୋଗୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଦଳ ଧାର୍ଯ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୬୬ ରନ୍ କରିଥିଲା। ଜବାବରେ ପାକିସ୍ତାନ ୮୫ ରନ୍ ମଧ୍ୟରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଅଧିନାୟକ ସରଫାଜ ଅହମ୍ମଦ(୬୪) ଓ ଇମାଦ ୱାସିମ (୫୦)ଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ଯୋଗୁ ପାକିସ୍ତାନ ଦଳ ୨୦୦ ରନ୍ ଅତିକ୍ରମ କରିପାରିଥିଲା।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
LEFT CANAL DIVISION NO.I, SUKINDA
POST: SUKINDA, DIST: JAJPUR.
e-mail ld-roecfdv@rediffmail.com, Tel./Fax- 06726 -244743
No.726-A:- Quotation Call Notice No-19/2018-19

| Sl. No. | Name of work | Cost in Rs. | EMD (in Rs.) | Starting Date of Submission of Quotation Paper | Last Date of Submission of Quotation Paper | Date of Opening of the Quotation |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of Air Conditioners for GIS & MIS room at 1st floor in PMU Building at Rengali Irrigation Colony,Sukinda | 94800 | Rs. 1000/- | 12.11.2018 from 10.00 hrs | 22.11.2018 upto 16.00 hrs | Dt.24.11.2018 at 12.30 hrs |

Sd./- Executive Engineer
Left Canal Division No.I, Sukinda
32224/11/0009/1819

## ଅଂଶୁମାନ ମେମୋରିଆଲ୍ ମହିଳା କ୍ରିକେଟ୍: ଯାଜପୁର ଚାମ୍ପିୟନ




ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ଧର୍ମଶାଳା, ୮।୧୧(ଡି.ଏନ୍.ଏ)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ୍ ମେମୋରିଆଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଫାଇନାଲ ମ୍ୟାଚ୍‌ରେ କଟକ ଏକାଦଶକୁ ୯ ଉଇକେଟରେ ହରାଇ ମେରିନୋ ମହିଳା ଏକାଦଶ ଯାଜପୁର ଚାମ୍ପିୟନ ହୋଇଛି। କଟକ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ଉଇକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଧୁସ୍ମିତା ବେହେରା ୩୬ ବଲ୍‌ରେ ୨୮ ରନ୍ ଓ ସଙ୍ଗୀତା ଖଡ଼ିଆ ୩୨ ବଲ୍‌ରେ ୨୩ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଯାଜପୁର ଦଳ ପକ୍ଷରୁ କାଜଲ ଜେନା ୪ ଉଇକେଟ୍ ଓ ବର୍ଷା ସିଂ ୨ଟି ଉଇକେଟ ପାଇଥିଲେ। ଜବାବ୍‌ରେ ଯାଜପୁର ଦଳ ବ୍ୟାଟିଂ କରି ୨୨.୧ ଓଭର୍‌ରେ ୧ ଉଇକେଟ ହରାଇ ମ୍ୟଚ୍‌ର ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପୁନମ୍ ନାୟକ ୪୦ ବଲ୍‌ରୁ ୪୨ରନ୍, ଅଞ୍ଜଳି ସିଂ ୫୮ବଲ୍‌ରୁ ୪୦ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ କଟକ ଦଳର ତନ୍ମୟୀ ବେହେରା ୧ଟି ଉଇକେଟ ପାଇଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ପୁନମ ନାୟକଙ୍କୁ ଓମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ମହିଳା କମିଶନ୍ ଅଧକ୍ଷା ନମିତା ପଣ୍ଡା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କୋରେଇ ଥାନା ଅଧିକାରୀ ଚିନ୍ମୟୀ ସାହୁ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ।

## ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ: ପଏଣ୍ଟ ଭାଗ କଲା ଭାରତ

ୟାନଗୋନ(ମାଇନମାର),୮।୧୧(ପି.ଟି.)

ଏଠାରେ ଚାଲିଥିବା ୨୦୨୦ ଏଏଫ୍‌ସି ମହିଳା ଫୁଟ୍‌ବଲ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳ ଡ୍ର' ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ନେପାଳ ବିପକ୍ଷ ମ୍ୟାଚ୍‌କୁ ଭାରତ ୧-୧ ଗୋଲରେ ବରାବର ରଖି ପଏଣ୍ଟ ଭାଗ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ନେପାଳ ଅପେକ୍ଷା ଭାରତୀୟ ଦଳ ଅଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଡିଫେଣ୍ଡର ସ୍ୱିଟି ଦେବୀଙ୍କୁ ଆହତ ସମସ୍ୟା କାରଣରୁ ମ୍ୟାଚ୍‌ର ୮ମ ମିନିଟ୍‌ରେ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଏହାର ଫାଇଦା ଉଠାଇ ପ୍ରତିପକ୍ଷ ଦଳର ଅଧିନାୟିକା ନିରୁ ଥାପା ଗୋଲ ଦେଇଥିଲେ। ଏହାର ତୁରନ୍ତ ଜବାବ ଦେବା ଲାଗି ଭାରତୀୟ ଦଳ ପକ୍ଷରୁ ସଞ୍ଜୁ, ଅଞ୍ଜୁ ତାମାଙ୍ଗ ଓ ବାଲା ଦେବୀ ପ୍ରୟାସ କରିଥିଲେ। ମାତ୍ର କେହି ସଫଳ ହୋଇପାରି ନ ଥିଲେ। ୨୯ତମ ମିନିଟ୍‌ରେ ବାଲାଙ୍କ ସ୍ଥାନରେ ଆସିଥିବା କମଳା ଦେବୀ ମ୍ୟାଚ୍‌କୁ ସମାନ ସ୍ଥରକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ କମଳା ଅଳ୍ପକେ ନିଶ୍ଚିତ ଗୋଲ ହାତଛଡ଼ା କରିଥିଲେ। ତାଙ୍କ ବ୍ୟତୀତ ଗୋଲକିପର ଆଦିତି ଚୌହାନଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ଦଳ ପଏଣ୍ଟ ଭାଗ କରିପାରିଛି।

Office of the Medical Officer
I/C, CHC, Kaniha, Dist.- Angul
TENDER CALL NOTICE

Sealed tenders are invited from the registered suppliers / distributors / firms for supply of medical equipments to CHC, Kaniha. The tender papers in details along with term & condition of tender can be downloaded from district website i.e. **www.angul.nic.in**. The sealed tender should be reached to undersigned on or before **24.11.2018** by 12 **Noon** by Registered Post / Speed Post only. The technical bid will be opened on **01.12.2018** at **12 Noon** in the presence of tenderers or their authorized representatives by the Chairman of purchase committee. The undersigned reserve to right to cacel any or all tender without assigning any reason thereof. The undersigned is not reponsible for any postal of despatched delay.

**Sd./- S. K. Patel**
**Medical Officer I/C**
**CHC, Kaniha, Angul**

OFFICE OF THE DIRECTOR OF AGRICULTURE & FOOD PRODUCTION, ODISHA, BHUBANESWAR
NOTICE FOR EXPRESSION OF INTEREST (EoI)

No. 104-L: Sealed tenders are invited in two bid system i.e. Technical Bid & Financial Bid from reputed Manufacturers/MSME Units for supply of different Agricultural machinery as detailed in the following table:-

| Sl. No. | Name of the Machinery Implements | Approximate value (in Rs.) | Cost of tender documents (in Rs.) Bank draft No./Date |
|---|---|---|---|
| 1. | Ragi Thresher cum Pearler with Comprehensive Maintenance for another 2 years beyond 1 year warranty | Rs. 5.50 crore | Rs. 10000/- |
| 2. | Ragi Pre Cleaning Unit (cleaner cum grader with destoner / grader cum cleaner cum destoner Separator) | | |

The tender documents may be downloaded from the website of Government of Odisha (**www.odisha.gov.in**) from **09.11.2018 to 26.11.2018**. The appropriate tender paper cost of Rs.10000/- in shape of Bank Draft drawn in favour of "Development Engineer, OFMRDC, Bhubaneswar" payable at Bhubaneswar must be given while submitting the tender documents. The tender papers may be sent by Registered Post / Speed Post addressed to the Development Engineer OFMRDC, Satyanagar, Bhubaneswar. The last date of receipt of the tender is 26.11.2018 upto 5.00 PM. The tenders shall be opened on next working day i.e. on 27.11.2018 at 3.00 P.M. in presence of the tenderers or their authorized representatives. Any clarification may be obtained from the Office of the Development Engineer (Phone / Fax: 0674 - 2571860) on working days only from 09.11.2018 to 25.11.2018 during office hours between 11 AM to 5 PM. The undersigned reserves the right to cancel any or all tenders without assigning any reason and without incurring any liabilities thereof.

**Sd./- Director of Agriculture & Food Production**
**Odisha, Bhubaneswar**
01051/11/0001/1819

## ସଂକ୍ଷେପରେ

### ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ

କରାଚୀ, ୮।୧୧ (ପି.ଟି.)-ଆର୍ଥିକ ସଙ୍କଟ ଯୋଗୁ ଆଗାମି ହକି ବିଶ୍ୱକପ୍‌ରେ ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭୁବନେଶ୍ୱରରେ ଏହି ମେଗା ଇଭେଣ୍ଟ ନଭେମ୍ବର ୨୮ରୁ ଖେଳାଯିବ। ଏଥିଲାଗି ଦଳ ପଠାଇବା ଏବଂ ଖେଳାଳିମାନଙ୍କୁ ସେମାନଙ୍କ ବକେୟା ପାଉଣା ଦେବା ଉଦ୍ଦେଶ୍ୟରେ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ପାକିସ୍ତାନ କ୍ରିକେଟ ଆସୋସିଏଶନଠାରୁ ଋଣ ଆକାରରେ ଆର୍ଥିକ ସହାୟତା ଲୋଡିଥିଲା। ମାତ୍ର ପିସିବି ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଖବର ଅନୁସାରେ ପାକିସ୍ତାନ ହକି ଦଳର ନୂଆ ମୁଖ୍ୟ କୋଚ୍ ତୌକିର ଦର୍ ଓ ମ୍ୟାନେଜର ହସନ ସର୍ଦ୍ଦାର ପିସିବି ଚେୟାରମାନ ଏହେସାନ ମନିଙ୍କ ସହିତ ଆର୍ଥିକ ଋଣ ନେଇ କଥାବାର୍ତ୍ତା ହୋଇଥିଲେ। ମନି ସେମାନଙ୍କୁ କହିଥିଲେ ୨୦୦୦ ପ୍ରାରମ୍ଭରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ତୌକିର ଜିଆଙ୍କ କାର୍ଯ୍ୟକାଳ ସମୟରେ ପିଏଚ୍‌ଏଫ୍ କ୍ରିକେଟ ବୋର୍ଡଠାରୁ ନେଇଥିବା ଋଣ ଏପର୍ଯ୍ୟନ୍ତ ପରିଶୋଧ କରିପାରିନି। ଯଦି ପୁଣି ଋଣ ପ୍ରଦାନ କରାଯାଉଛି ତେବେ ଆମ୍ଭମାନଙ୍କୁ ଅଡିଟର ଓ ଆର୍ଥିକ ପରାମର୍ଶଦାତାମାନଙ୍କ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ। ମନି ଅନ୍ୟପକ୍ଷରେ ପ୍ରତିଶ୍ରୁତି ଦେଇ କହିଥିଲେ ସେ ସରକାରଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବେ ଏବଂ ପ୍ରାୟୋଜକ ଯୋଗାଡ଼ କରିବାରେ ସହାୟତା କରିବେ। ଆର୍ଥିକ ସଙ୍କଟ ଯୋଗୁ ବିଶ୍ୱକପ୍‌ରେ ଜାତୀୟ ଦଳର ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖା ଦେଇଛି ବୋଲି ପିଏଚ୍‌ଏଫ୍ ସମ୍ପାଦକ ଶାହବାଜ ଅହମ୍ମଦ ମଧ ପ୍ରକାଶ କରିଛନ୍ତି। ସେ କହିଛନ୍ତି ହକି ଫେଡେରେଶନକୁ ୮ ନିୟୁତ ପାକିସ୍ତାନୀ ଟଙ୍କା ମଞ୍ଜୁର କରିବା ଲାଗି ବାରମ୍ବାର ସରକାରଙ୍କୁ ଅନୁରୋଧ କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ପ୍ରତ୍ୟୁତ୍ତର ମିଳିନାହିଁ।

### ଅନ୍ ଲାଇନ୍ କ୍ରେତାଙ୍କୁ ଟିକେଟ ବଣ୍ଟନ ଆରମ୍ଭ

ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ): ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍‌ର ଟିକେଟ ବିକ୍ରି ଜୋରଦାର ଚାଲିଛି। ଷ୍ଟାଡିୟମର ବକ୍ସ ଅଫିସ୍ ଭୁବନେଶ୍ୱର ଓ କଟକର ବିଭିନ୍ନ ଆଉଟ୍‌ଲେଟ୍‌ରେ ଟିକେଟ କ୍ରୟ କରିବାକୁ ପ୍ରଶଂସକମାନଙ୍କ ମଧ ପ୍ରବଳ ଉତ୍ସାହ ଓ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଗତ ୫ ତାରିଖରୁ ଆଉଟଲେଟ୍‌ରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨୦ ଦିନ ବାକିଥିବା ବେଳେ ଟିକେଟ ବିକ୍ରିରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ବୋଲି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ତେବେ ଯେଉଁମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ଭାଉଚର ଦେଖାଇ ପ୍ରକୃତ ଟିକେଟ ସଂଗ୍ରହ କରିପାରିବେ। ଏହି ଅନ୍ ଲାଇନ୍ ଟିକେଟ ବିମୋଚନ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ୪ ନମ୍ବର ଗେଟ୍‌ରେ ପ୍ରଶଂସକମାନେ ପ୍ରତ୍ୟେକ ଦିନ ୧୦ଟାରୁ ୫ଟା ମଧରେ ଟିକେଟ ସଂଗ୍ରହ କରିପାରିବେ। ତେବେ ଯେଉଁ ପ୍ରଶଂସକମାନେ ଅନ୍ ଲାଇନ୍ ଟିକେଟ କ୍ରୟ କରିଥିଲେ ସେମାନେ ୪ ନମ୍ବର ଗେଟ୍ ସ୍ଥିତ ବକ୍ସ ଅଫିସ୍‌କୁ ସାଥିରେ ସେମାନଙ୍କର ଭାଉଚର ଆଣିବା ଆବଶ୍ୟକ ବୋଲି ହକି ଇଣ୍ଡିଆ ସଧାରଣ ସମ୍ପାଦକ ରାଜିନ୍ଦର ସିଂ କହିଛନ୍ତି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ଓ ୧୧ ନମ୍ବର ଦଳ କାନାଡ଼ା ପରସ୍ପରକୁ ଭେଟିବେ। ଉଦ୍‌ଘାଟନୀ ଦିବସରେ ଆୟୋଜକ ଭାରତ ମଧ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।


### କ୍ୱାର୍ଟରରେ ଶ୍ରୀକାନ୍ତ, ସିନ୍ଧୁ

ଫୁଝୁ(ଚାଇନା),୮।୧୧(ପି.ଟି.)- ଭାରତୀୟ ଶଟଲର କିଡାମ୍ବି ଶ୍ରୀକାନ୍ତ ଓ ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସିନ୍ଧୁ ୨୧-୧୨, ୨୧-୧୫ ଗେମ୍‌ରେ ଥାଇଲାଣ୍ଡ ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଖେଳାଳି ଶ୍ରୀକାନ୍ତ ଇଣ୍ଡୋନେସିଆର ଟମି ସୁଗିଆର୍ଟୋଙ୍କୁ ୩ ଗେମ୍ ବିଶିଷ୍ଟ ମୁକାବିଲାରେ ହରାଇ ଦେଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଭାରତୀୟ ଖେଳାଳି ୧୦-୨୧, ୨୧-୧୯, ୨୧-୯ ଗେମ୍‌ରେ ମ୍ୟାଚ୍‌କୁ ଜିତି ନେଇଛନ୍ତି।



“ମୋ ନାସା କର୍କଟ ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ମୁଁ ବର୍ତ୍ତମାନ ବ୍ୟାଡ୍‌ମିଣ୍ଟରୁ ଅବସର କଥା ଚିନ୍ତା କରୁନି ।

–ଲି' ଚୋଙ୍ଗ୍ ୱି, ମାଲେସିଆ ବ୍ୟାଡ୍‌ମିଣ୍ଟନ ଖେଳାଳି



“ଭାରତ ବିପକ୍ଷ ଟେଷ୍ଟ ସିରିଜ ବେଳକୁ ମୁଁ ଇଞ୍ଜୁରୀ ମୁକ୍ତ ହୋଇଯାଇଥିବି ବୋଲି ମୋର ଦୃଢ ବିଶ୍ୱାସ ।

–ଉସ୍‌ମାନ ଖ୍ୱାଜା, ଅଷ୍ଟ୍ରେଲୀୟ ଓପନର

# ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷିତ



ଅଧିନାୟକ ମନପ୍ରୀତ ସିଂ।

**ଭାରତୀୟ ଦଳ**

- ଗୋଲକିପର: ପି.ଆର. ଶ୍ରୀଜେଶ ଓ କ୍ରିଷନ ବାହାଦୁର ପାଠକ।
- ଡିଫେଣ୍ଡର: ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ବରୁନ କୁମାର, କୋଠାଜିତ ସିଂ ଖାଡାଙ୍ଗବାମ, ସୁରେନ୍ଦ୍ର କୁମାର ଓ ଅମିତ ରୋହିଦାସ।
- ମିଡ୍‌ଫିଲ୍ଡର: ମନପ୍ରୀତ ସିଂ (ଅଧିନାୟକ), ଚିଙ୍ଗଲେନସାନା ସିଂ କାଙ୍ଗୁଜାମ (ଉପଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ ଓ ସୁମିତ।
- ଫରୱାର୍ଡ: ଆକାଶଦୀପ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ ସିଂ।

**ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି), ରାଉରକେଲା ଅଫିସ,୮।୧୧**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଯାଉଥିବା ହକି ପୁରୁଷ ବିଶ୍ୱକପ୍ ଲାଗି ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳରେ ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ ଉପ ଅଧିନାୟକ ଭାର ତୁଲାଇବେ। ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ଓଡ଼ିଶାର ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଜାତୀୟ ଦଳକୁ ଫେରିଛନ୍ତି। ଯୁବ ଓଡ଼ିଆ ଖେଳାଳି ଅମିତ ରୋହିଦାସ, ସୁରେନ୍ଦ୍ର କୁମାର, କୋଠାଜିତ ସିଂ ଓ ୨୦୧୬ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହରମନପ୍ରୀତ ସିଂ ଓ ବରୁନ କୁମାରଙ୍କ ସହ ବୀରେନ୍ଦ୍ର ଦଳର ଡିଫେନ୍ସ ଭାଗ ସମ୍ଭାଳିବେ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ଭାରତୀୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନପ୍ରୀତ ସିଂ ମିଡ୍‌ଫିଲ୍ଡ ବିଭାଗର ନେତୃତ୍ୱ ନେବେ। ଏହି ବିଭାଗରେ ଅଭିଜ୍ଞ ଚିଙ୍ଗଲେନସାନାଙ୍କ ସମେତ ଯୁବ ଖେଳାଳି ସୁମିତ, ନୀଳକାନ୍ତ ଶର୍ମା ଓ ହାର୍ଦ୍ଦିକ ସିଂ ରହିଛନ୍ତି। ସେହିଭଳି ଭାରତୀୟ ଦଳର ଆକ୍ରମଣ ଦାୟିତ୍ୱରେ ଆକାଶଦୀପ ସିଂ, ଦିଲପ୍ରୀତ ସିଂ, ଲଳିତ ଉପାଧ୍ୟାୟ ଓ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ମନଦୀପ ସିଂ ଓ ସିମରନଜିତ ସିଂ ରହିବେ। ଭାରତୀୟ ଦଳ ଗ୍ରୁପ ସି'ରେ ବିଶ୍ୱର ୩ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ବେଲଜିୟମ ସମେତ କାନାଡା ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଘରୋଇ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଦ. ଆଫ୍ରିକାକୁ ଭେଟିବ। ଗ୍ରୁପର ଶୀର୍ଷ ସ୍ଥାନ ହାସଲ କରିଥିବା ଦଳ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବ। ଅନ୍ୟ ଦଳଗୁଡ଼ିକୁ କ୍ରସ ଓଭର ପର୍ଯ୍ୟାୟର ସମ୍ମୁଖୀନ ହେବାକୁ ପଡ଼ିବ। “ହକି ବିଶ୍ୱକପ୍ ପାଇଁ ଉପଲବ୍ଧ ଥିବା ଖେଳାଳିଙ୍କ ମଧ୍ୟରୁ ଆମେ ଶ୍ରେଷ୍ଠ କମ୍ବିନେଶନ ଦେଖି ଦଳ ଚୟନ କରିଛୁ। ୩୪ କୋର ଗ୍ରୁପ୍‌ରୁ ୧୮ ଜଣଙ୍କୁ ଚୟନ କରିବା ଲାଗି ଆମେ କେତେକ କଠିନ ନିଷ୍ପତ୍ତି ନେଇଛୁ। ଅନ୍ତିମ ୧୮ ଜଣିଆ ଦଳରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଛି। ଫର୍ମ ଓ ଫିଟ୍‌ନେସ୍‌କୁ ଦୃଷ୍ଟିରେ ରଖି ଏମାନଙ୍କୁ ଚୟନ କରାଯାଇଛି। ମୁଁ ନିଶ୍ଚିତ ଯେ, ଏହି ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିବ” ବୋଲି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି।

ବୀରେନ୍ଦ୍ର ସେଲ ହକି ଏକାଡେମି ଛାତ୍ର ହୋଇଥିବା ବେଳେ ଅମିତ ହେଉଛନ୍ତି ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଛାତ୍ର। ସେ ବିଭିନ୍ନ ସମୟରେ କୋଚ୍ ବିଜୟ ଲାକ୍ରା ଓ ଅମୂଲ୍ୟ ବିହାରୀଙ୍କ ଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବା ବେଳେ ତାଙ୍କ ଚୟନ ନେଇ ମିଲଟନ ବିଲୁଙ୍ଗ, ଅମୂଲ୍ୟ ବେହେରା, ପିଟର ସୋରେନ ଓ ଫ୍ଲୋରେସିଆ ଏକ୍କା ପ୍ରମୁଖ ସନ୍ତୋଷ ପ୍ରକାଶ କରିଛନ୍ତି। ଅଲିମ୍ପିଆନ ବୀରେନ୍ଦ୍ର ରାଜୁକାନ୍ତ ସାଇନି ଓ ପିଟର ତିର୍କୀଙ୍କ ଭଳି ଦକ୍ଷ କୋଚ୍‌ଙ୍କ ଠାରୁ ତାଲିମ ପାଇଥିବା ବେଳେ ତାଙ୍କ ସଫଳତା ନେଇ ରାଉରକେଲାରେ ଆଶା ସଞ୍ଚାର ହୋଇଛି। ଉଭୟ ଖେଳାଳିଙ୍କୁ ଭେଟେରାନ ହକି ଆସୋସିଏସନ ସମେତ ପାନପୋଷ କ୍ରୀଡା ସଂଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା ଓ ଅନ୍ୟମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଦିଲୀପ, ଲାଜରୁସ୍‌ଙ୍କ ପରେ ବୀରେନ୍ଦ୍ର ଲାକ୍ରା



ଦିଲୀପ ତିର୍କୀ

**ଭୁବନେଶ୍ୱର, ୮।୧୧(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପର ୧୪ତମ ସଂସ୍କରଣ ପାଇଁ ଗୁରୁବାର ଘୋଷିତ ୧୮ ଜଣିଆ ଖେଳାଳି ତାଲିକାରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଭାରତୀୟ ହକି ବିଶ୍ୱକପ ଦଳରେ ଏକାଧିକ ଖେଳାଳି ସାମିଲ ହେବାର ସୁଯୋଗ ପାଇଛନ୍ତି। ପୂର୍ବରୁ ୨୦୦୬ରେ ଏହା ହୋଇଥିଲା। ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲାଙ୍କ ପରେ ତୃତୀୟ ଓଡ଼ିଆ ଖେଳାଳି ଭାବେ ବୀରେନ୍ଦ୍ର ଏକାଧିକ ବିଶ୍ୱକପରେ ଖେଳିବାକୁ ଯାଉଛନ୍ତି।

ହକି ବିଶ୍ୱକପ ୧୯୭୧ ମସିହାରୁ ଆରମ୍ଭ ହୋଇଥିଲେ ହେଁ ଓଡ଼ିଶା ଖେଳାଳିଙ୍କ ପ୍ରତିନିଧିତ୍ୱ ୧୯୯୮ରେ ଆରମ୍ଭ ହୋଇଥିଲା। ଅର୍ଥାତ୍ ୮ଟି ସଂସ୍କରଣ ପରେ ଭାରତ ପକ୍ଷରୁ କୌଣସି ଓଡ଼ିଶା ଖେଳାଳି ପ୍ରତିନିଧିତ୍ୱ କରିବାର ଗୌରବ ପାଇଥିଲେ। ନେଦରଲାଣ୍ଡର ଉଟ୍ରେଚ୍‌ଠାରେ ଅନୁଷ୍ଠିତ ଏହି ବିଶ୍ୱକପରେ ୨ ଜଣ ଓଡ଼ିଆ ଖେଳାଳି ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲା ଭାରତ ପକ୍ଷରୁ ଖେଳିଥିଲେ। ଏହି ବିଶ୍ୱକପରେ ୧୨ ଦଳ ମଧ୍ୟରେ ଭାରତ ୯ମ ସ୍ଥାନରେ ରହିଥିଲା। ୨୦୦୨ କୁଆଲାଲମ୍ପୁର ବିଶ୍ୱକପରେ ମଧ ଖେଳିବାର ସୁଯୋଗ ପାଇଥିଲେ ଦିଲୀପ ଓ ଲାଜରୁସ। ଏଥିରେ ଭାରତ ୧୬ ଦଳ ମଧ୍ୟରେ ୧୦ମ ସ୍ଥାନ ପାଇଥିଲା। ୨୦୦୬ରେ ଜର୍ମାନୀର ମନଚେନ୍‌ଗ୍ଲାଡ୍‌ବ୍ୟାକ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ଜଣେ ଓଡ଼ିଆ ଖେଳାଳିଙ୍କ ଉପରେ ଅଧିନାୟକ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେ



ଲାଜରୁସ ବାର୍ଲା

### ଏକାଧିକ ବିଶ୍ୱକପ୍ ଖେଳିବାରେ ଓଡ଼ିଆ

ଥିଲେ ଦିଲୀପ ତିର୍କୀ। ଏହି ବିଶ୍ୱକପରେ ଦିଲୀପ, ଇଗ୍ନେସ ତିର୍କୀ ଓ ପ୍ରବୋଧ ତିର୍କୀ ଭାରତ ପକ୍ଷରୁ ଖେଳିଥିଲେ। ଏଥିରେ ଭାରତ ୧୨ ଦଳ ମଧ୍ୟରେ ୧୧ତମ ସ୍ଥାନ ପାଇଥିଲା। ୨୦୧୦ ବିଶ୍ୱକପ ନୂଆଦିଲ୍ଲୀରେ ହୋଇଥିବାବେଳେ ଜଣେ ହେଲେ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ଖେଳିବା ସୁଯୋଗ ପାଇ ନ ଥିଲେ। ୨୦୧୪ ନେଦରଲାଣ୍ଡର ଦି ହଗ୍‌ଠାରେ ଅନୁଷ୍ଠିତ ବିଶ୍ୱକପରେ ବୀରେନ୍ଦ୍ର ଲାକ୍ରା ଖେଳିଥିଲେ। ଏଥିରେ ଭାରତ ୯ମ ସ୍ଥାନ ଅଧିକାର କରିଥିଲା। ରେକର୍ଡ ଦେଖିଲେ ଏହା ପୂର୍ବରୁ ୨୦୦୬ରେ ଏକାଧିକ ଓଡ଼ିଆ ଖେଳାଳି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ ୧୨ ବର୍ଷ ପରେ ତାହାର ପୁନରାବୃତ୍ତି ଘଟାଇ ୨ ଜଣ ଖେଳାଳି ଏହି ସୁଯୋଗ ପାଇଛନ୍ତି। ହକି ମହାକୁମ୍ଭ ଏଥର ଘରୋଇ ପରିବେଶରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଭାରତ ପୂର୍ବ ୫ ସଂସ୍କରଣ ତୁଳନାରେ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ୨୦୧୪ରେ ବୀରେନ୍ଦ୍ର ବିଶ୍ୱକପ୍ ଖେଳିବାର ଅଭିଜ୍ଞତା ରଖିଥିବାରୁ ଏଥର ଦ୍ୱିତୀୟ ଥରପାଇଁ ଏହି ମହାକୁମ୍ଭରେ ନିଜ ଯାଦୁ ଦେଖାଇବାର ସୁଯୋଗ ପାଇଛନ୍ତି। ଅନ୍ୟ ପକ୍ଷରେ ନିଜ ଦକ୍ଷତା ଦ୍ୱାରା ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ପାରିଥିବା ଅମିତ ଏଥର ପ୍ରଥମଥର ପାଇଁ ବିଶ୍ୱକପର ଅନୁଭୂତି ଲାଭ କରିବେ। କଳିଙ୍ଗ ଷ୍ଟାଡିୟମ ଘରୋଇ ପଡ଼ିଆ ହୋଇଥିବାରୁ ଉଭୟ ବୀରେନ୍ଦ୍ର ଓ ଅମିତ ଦର୍ଶକଙ୍କ ସମର୍ଥନ ଲାଭ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ହକି ପ୍ରେମୀଙ୍କ ଆଶା ରହିଛି।

## ବୀରେନ୍ଦ୍ର ଲାକ୍ରା



**ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ବୀରେନ୍ଦ୍ରଙ୍କ ପାଇଁ ଏହା ଦ୍ୱିତୀୟ ବିଶ୍ୱକପ୍ ହୋଇଥିବାବେଳେ ଅମିତ ପ୍ରଥମଥର ପାଇଁ ଏହି ହକି ମହାକୁମ୍ଭରେ ନିଜ ପ୍ରତିଭା ଦେଖାଇବେ।**

ସୁନ୍ଦରଗଡ଼ ଜିଲା ଲାଚଡ଼ାରେ ଏକ ଆଦିବାସୀ ପରିବାରରେ ଜନ୍ମିତ ବୀରେନ୍ଦ୍ର ଜଣେ ଶ୍ରେଷ୍ଠ ଡିଫେଣ୍ଡର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ୨୮ ବର୍ଷୀୟ ବୀରେନ୍ଦ୍ର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବଡ଼ ଭାଇ ବିମଳ ଓ ଭଉଣୀ ଅସୁନ୍ତା ଭାରତ ପାଇଁ ଖେଳି ବେଶ୍ ସଫଳତା ହାସଲ କରିଥିଲେ। ଅସୁନ୍ତା ଭାରତୀୟ ମହିଳା ଦଳର ନେତୃତ୍ୱ ମଧ ନେଇଥିଲେ। ରାଉରକେଲ ଷ୍ଟିଲ ପ୍ଲାଣ୍ଟର ସେଲ ହକି ଏକାଡେମୀରୁ ବୀରେନ୍ଦ୍ର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୭ରେ ସେ ପ୍ରଥମଥର ପାଇଁ ଭାରତୀୟ ଜୁନିୟର ଦଳରେ ସାମିଲ ହୋଇଥିଲେ। ୨୦୧୧ରେ ସେ ଦକ୍ଷିଣ ଆଫ୍ରିକାରେ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫିରେ ଭାରତ ପାଇଁ ଖେଳିଥିଲେ। ପୁଣି ୨୦୧୨ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ତେବେ ସେ ଏହା ପୂର୍ବରୁ ୨୦୦୯ରେ ସିଙ୍ଗାପୁରରେ ଭାରତ ପାଇଁ ଜୁନିୟର ବିଶ୍ୱକପ୍ ଖେଳିଥିଲେ। ଏହି ବର୍ଷ ସେ ସିଡନୀରେ ଅନୁଷ୍ଠିତ ଯୁଥ ଅଲିମ୍ପିକ୍ସରେ ମଧ ଭାରତ ପାଇଁ ପଡିଆକୁ ଓହ୍ଲାଇଥିଲେ। ସେହିପରି ୨୦୧୦ରେ ଢାକାରେ ଖେଳାଯାଇଥିବା ସାଫ୍ ଗେମ୍ସରେ ମଧ ଭାରତ ପାଇଁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଥିଲେ।

ବୀରେନ୍ଦ୍ର ୨୦୧୪ ଏସିଆନ ଗେମ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ରେ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ସେ ରୌପ୍ୟ ପଦକ ଜିତିଥିଲେ। ସେହିପରି ୨୦୧୨ରେ ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକିରେ ସେ ଦେଶ ପାଇଁ ବ୍ରୋଞ୍ଜ୍ ପଦକ ଜିତିଥିଲେ।

୨୦୧୨ ଚାମ୍ପିୟନ୍ସ ଟ୍ରଫି ରେ ଭାରତକୁ ସେମିଫାଇନାଲରେ ପହଞ୍ଚାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବୀରେନ୍ଦ୍ରଙ୍କ ପାସ୍ ବଳରେ ଭାରତ ବେଲଜିୟମକୁ ଏକମାତ୍ର ଗୋଲରେ ପରାସ୍ତ କରି ଦୀର୍ଘ ୮ ବର୍ଷ ପରେ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଥିଲା। ସେ ମଧ ଫ୍ରାନ୍ସରେ ଅନୁଷ୍ଠିତ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ପ୍ରଥମ ଗୋଲ ଦେଇ ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ହାଇପ୍ରୋଫାଇଲ ହକି ଇଣ୍ଡିଆ ଲିଗ୍‌ରେ ମଧ ଅଂଶଗ୍ରହଣ କରି ସେ ବେଶ୍ ସଫଳ ହୋଇ ପାରିଥିଲେ। ଭାରତ ପାଇଁ ୭୧ଟି ମ୍ୟାଚ ଖେଳି ବୀରେନ୍ଦ୍ର ଏପର୍ଯ୍ୟନ୍ତ ୭ଟି ଗୋଲ ସ୍କୋର କରିଛନ୍ତି।

## ଅମିତ ରୋହିଦାସ




ଜଣେ ପ୍ରତିଭା ସମ୍ପନ୍ନ ଡିଫେଣ୍ଡର ଭାବେ ନିଜ ଦକ୍ଷତା ପ୍ରମାଣିତ କରିଥିବା ଅମିତ ରୋହିଦାସ ଜାତୀୟ ଦଳରେ ଜଣେ ନିୟମିତ ସଦସ୍ୟ ବନିଯାଇଛନ୍ତି। ୨୫ ବର୍ଷୀୟ ଅମିତ୍ ହକିର ଅନ୍ତୁଡିଶାଳା କୁହାଯାଉଥିବା ସୁନ୍ଦରଗଡ଼ ଜିଲାର ସଉନାମରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ନିଜ ଗାଁରୁ ସେ ହକି ଖେଳିବା ଆରମ୍ଭ କରିଥିଲେ। ସେ ୨୦୦୪ରେ ରାଉରକେଲାର ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗ ଦେଇଥିଲେ। ୨୦୦୯ରେ ସେ ଜାତୀୟ ଜୁନିୟର ଦଳରେ ସ୍ଥାନ ପାଇବା ପରେ ପଛକୁ ଫେରି ଚାହିଁ ନ ଥିଲେ। ଏହାପରେ ଦମ୍‌ଦାର ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଇପୋରେ ୨୦୧୩ରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ସିନିୟର ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏହି ଟୁର୍ନାମେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଏହା ପରେ ସେ ୨୦୧୭ରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏପର୍ଯ୍ୟନ୍ତ ସେ ଭାରତ ପାଇଁ ୪୧ଟି ମ୍ୟାଚରେ ପ୍ରତିନିଧିତ୍ୱ କରି ୨ଟି ଗୋଲ ସ୍କୋର କରିଛନ୍ତି।





ହକି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୯/୨୦୧୮ Bhubaneswar, Friday, November 9/ 2018

■ଓଏପିଏଫ୍‌ଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର ମାମଲା

# ସୋସିଆଲ ମିଡିଆରେ ଭାଇରାଲ ସୃଷ୍ଟିକାରୀଙ୍କୁ ଗିରଫ

କୋରେଇ,୮।୧୧(ଡି.ଏନ୍.ଏ.)

ଓଡ଼ିଶା ଅକ୍ଜିଲାରୀ ପୋଲିସ ଫୋର୍ସ(ଏପିଏଫ୍) ଯବାନ ରବୀନ୍ଦ୍ର ପୂର୍ତ୍ତିଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ ମାମଲା ଭିନ୍ନ ମୋଡ଼ ନେଇଛି। ଏହି ଘଟଣାକୁ ସୋସିଆଲ ମିଡିଆରେ ଭାଇରାଲ କରିଥିବା ସାମାଜିକ କର୍ମୀ ରବୀନ୍ଦ୍ର ଦାସଙ୍କୁ ପାଣିକୋଇଲି ଥାନା ପୋଲିସ ଗିରଫ କରି ଗୁରୁବାର ସକାଳେ କୋର୍ଟ ଚାଲାଣ କରିଛି। ଏନେଇ ପାଣିକୋଇଲି ଥାନାରେ ଆଇପିସି ଦଫା ୨୯୨, ୪୬୫, ୪୬୯, ୫୦୦ ଓ ଆଇଟି ଆକ୍ଟ ଧାରା ୬୬(ସି), ୬୭, ୬୭(ଏ)ରେ ଏକ ମାମଲା( ନଂ. ୧୭୨/୨୦୧୮) ରୁଜୁ ହୋଇଛି। ଏହି ଗିରଫଦାରୀକୁ ବିରୋଧ କରି କେତେକ ସାମାଜିକ କର୍ମୀ ଓ ସୂଚନା ଅଧିକାର କର୍ମୀ ଗୁରୁବାର ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ୨୪ତାରିଖ ସନ୍ଧ୍ୟା ୭ଟାରେ ପାଣିକୋଇଲି ଥାନା ପକ୍ଷରୁ ଓଏପିଏଫ ରବୀନ୍ଦ୍ରଙ୍କୁ ପାଣିକୋଇଲି ଟୋଲ ଗେଟ୍‌ରେ ନିୟୋଜିତ କରାଯାଇଥିଲା। ସେଠାରେ ଆମ୍ବୁଲାନ୍ସ ଗାଡ଼ି ପାଇଁ ଉଦ୍ଦିଷ୍ଟ ଲେନ୍‌ରେ ଯାଜପୁରରୋଡ ଥାନାଧିକାରୀ ମହାପାତ୍ର ସାଧା ପୋଷାକରେ ଏକ ଘରୋଇ ଗାଡ଼ିରେ ପଶି ଆସିବାରୁ ରବୀନ୍ଦ୍ର ତାଙ୍କୁ ବିରୋଧ କରିଥିଲେ। ଏଥିରେ ଥାନାଧିକାରୀ ଉତ୍‌କ୍ଷିପ୍ତ ହୋଇ ଜାତିଆଣ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ ବୋଲି ରବୀନ୍ଦ୍ର ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଥାନାରେ ଅଭିଯୋଗ ଗ୍ରହଣ ନ ହେବାରୁ ସେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଓଡ଼ିଶା ପୋଲିସ ଅନ୍‌ଲାଇନରେ ୨୪୫୦୩୦୭୩୦୭୧୮୦୦୦୦୬ ନମ୍ବରରେ ଅଭିଯୋଗ ପଞ୍ଜିକରଣ କରିଥିଲେ। ଆଉ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲାଯେ, ଏଯାବତ୍ ଉକ୍ତ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରିକି ଥାନାଧିକାରୀ ମହାପାତ୍ରଙ୍କ ନାମରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇ ନାହିଁ। ଅପରପକ୍ଷରେ ଗତ ୩୦ତାରିଖରେ ସୋସିଆଲ ମିଡିଆରେ ଏହି ଘଟଣା ଓ ଧର୍ମଶାଳାରେ ହାଜତ ମୃତ୍ୟୁ ଘଟଣାକୁ ନେଇ ଥାନାଧିକାରୀ ମହାପାତ୍ରଙ୍କ ବିରୋଧରେ ହୋଇଥିବା ଭାଇରାଲ ଭିଡିଓ ଉପରେ ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛି। ଯାହାକୁ ନେଇ ବିଭିନ୍ନ ସାମାଜିକ କର୍ମୀ ଓ ସୂଚନା କର୍ମୀଙ୍କ ମଧ୍ୟରେ ବିରୋଧ କରାଯାଇଛି। ଏହି ମାମଲାରେ ଯାଜପୁରରୋଡ ପୋଲିସ ରବୀନ୍ଦ୍ର ଦାସଙ୍କୁ ବୁଧବାର ଅପରାହ୍ନରେ ସ୍ଥାନୀୟ ଷ୍ଟାଡିୟମ ନିକଟରୁ ଗିରଫ କରିଥିଲା । ଏହାପରେ ଅପରାହ୍ନ ସାଢେ ୩ଟା ସମୟରେ ପାଣିକୋଇଲି ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଅଥଚ ରାତି ୮ଟାରେ ଗିରଫ ହୋଇଥିବା ଦର୍ଶାଯାଇଛି। କୋର୍ଟ ଚାଲାଣ ପୂର୍ବରୁ ଗୁରୁବାର ସକାଳେ କୋରେଇ ଥାନାକୁ ନେଇ ରବୀନ୍ଦ୍ର ଦାସଙ୍କୁ ପଚରାଉଚୁରା କରାଯାଇଥିଲା । ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ରବୀନ୍ଦ୍ରଙ୍କୁ ପୋଲିସର ଏହି ବେଆଇନ ଗିରଫଦାରୀକୁ ସମ୍ବିଧାନର ଅନୁଚ୍ଛେଦ-୧୪, ୧୯(୧)(ଏ), ୨୧ ଓ ୨୨କୁ ଉଲ୍ଲଂଘନ ହେଉଥିବା ସାମାଜିକ କର୍ମୀ ତପନ କୁମାର ପାଢୀ, ଜୟନ୍ତ କୁମାର ଦାସ ପ୍ରମୁଖ ମତ ଦେଇଛନ୍ତି । ଏସଂକ୍ରାନ୍ତରେ ଓଏପିଏଫ ରବୀନ୍ଦ୍ର ପୂର୍ତ୍ତି କୁହନ୍ତି ତାଙ୍କ ପ୍ରତି ଆଇଆଇସିଙ୍କ ଦୁର୍ବବ୍ୟହାର ଓ ଜାତିଆଣ ଆକ୍ଷେପ ଅସହ୍ୟ ହୋଇଛି । ଯାହାବି ହେଉଛି ତାହା ସମ୍ପୂର୍ଣ୍ଣ ଅନ୍ୟାୟ। ତେବେ ସେ ନ୍ୟାୟ ଉପରେ ଭରସା କରିଛନ୍ତି। ତଦନ୍ତ ଚାଲିଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କର୍ତ୍ତୃପକ୍ଷ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ସେ ନ୍ୟାୟକୁ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି।

■ସାମାଜିକ କର୍ମୀ, ସୂଚନା କର୍ମୀଙ୍କ ପ୍ରତିବାଦ

■ନ୍ୟାୟ ପାଇବା ଅପେକ୍ଷାରେ ରହିଛି: ରବୀନ୍ଦ୍ର ପୂର୍ତ୍ତି

## ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

ବିଞ୍ଝାରପୁର ୮।୧୧ (ଡି.ଏନ.ଏ.)

ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ସମଲପୁର ଗ୍ରାମରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟି ୩ ବଖରା ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଖବରମୁତାବକ ଗୁରୁବାର ସକାଳେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ସମଲପୁର ଗ୍ରାମର ରସାନନ୍ଦ ଦାସଙ୍କ ଘରେ କୌଣସି କାରଣବଶତଃ ନିଆଁ ଲାଗଯାଇଥିଲା। ସ୍ଥାନୀୟଲୋକେ ବହୁ ଉଦ୍ୟମ ସତ୍ତ୍ୱେ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ବିଞ୍ଝାରପୁର ଅଗ୍ନିଶମବାହିନୀ ଘଟାଣାସ୍ଥଳରେ ପହଞ୍ଚି ନିଆକୁ ଆୟତ୍ତ କରିଥିଲେ। ଅଗ୍ନୀବିପନ୍ନ ଜଣେ ଗରିବବର୍ଗର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗେଇ ଦେବାପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ରାଜପଥରେ ଯୁବତୀଙ୍କୁ ମାଡ଼ ଅଭିଯୋଗ

ରସୁଲପୁର,୮।୧୧(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ବଜାର ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ଉପରେ ଗୁରୁବାର ଅପରାହ୍ନରେ ଜଣେ ଯୁବତୀଙ୍କୁ ଜନୈକ ଯୁବକ ମାଡ଼ ମାରିଛନ୍ତି। ଯୁବକଙ୍କ ମାଡ଼ରେ ଯୁବତୀ ଜଣକ ଆହତ ହୋଇଛନ୍ତି। ଏନେଇ ଯୁବତୀ ଜଣକ ଧର୍ମଶାଳା ଥାନାରେ ଅଭିଯୋଗ କରିଥିବାବେଳେ ଯୁବକ ଜଣକ ଫେରାର ହୋଇଯାଇଛନ୍ତି। ପୋଲିସ ଯୁବତୀଙ୍କୁ ପଚରାଉଚରା କରୁଛି। ଧର୍ମଶାଳା ଥାନା ଅଞ୍ଚଳର ଜଣେ ଯୁବକ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ୍ ଦେଇଥିବା ଯୁବତୀଜଣକ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ୯ ଫୁଟର ଅଜଗର ଉଦ୍ଧାର



ଯାଜପୁରରୋଡ,୮।୧୧(ନି.ପ୍ର.): ଯାଜପୁର ବନ ବିଭାଗ ଓ ସ୍ନେକ୍ ହେଲ୍ପ ଲାଇନ୍ ଉଦ୍ୟମରେ ଗୁରୁବାର କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୁଳ ନିକଟସ୍ଥ ତରୁଆଁ ଗ୍ରାମର ପୋଖରୀ ନିକଟରୁ ଏକ ୯ ଫୁଟର ଅଜଗର ଉଦ୍ଧାର କରାଯାଇଛି। ଯାଜପୁରରୋଡ ଓ ଆନନ୍ଦପୁର ବନ ବିଭାଗ ଉପସ୍ଥିତିରେ ବରଙ୍ଗ ଜଙ୍ଗଲରେ ଛାଡ଼ିଦିଆଯିବ ବୋଲି ଯାଜପୁରରୋଡ ବନବିଭାଗ ରେଞ୍ଜର ଦେବେନ୍ଦ୍ର କୁମାର ପଟ୍ଟନାୟକ ଗଣମାଧମକୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୁରୁବାର ତରୁଆଁ ଗାଁ ପୋଖରୀ ନିକଟରେ ଅଜଗର ବୁଲୁଥିଲା। ସ୍ଥାନୀୟ ଲୋକେ ଦେଖି ଯାଜପୁରରୋଡ ବନ ବିଭାଗ ରେଞ୍ଜରଙ୍କୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପ ଲାଇନର ରମାକାନ୍ତ ମହନ୍ତ, ମଣିଭଦ୍ର ମଲିକ ଉପସ୍ଥିତ ଥିଲେ।

# ଖରସ୍ରୋତା ବଞ୍ଚାଅ ଅଭିଯାନ

ବିଞ୍ଝାରପୁର,୮।୧୧(ଡି.ଏନ.ଏ)



ଖରସ୍ରୋତା ନଦୀକୂଳରେ କଳସ ପୂଜନ କରାଯାଉଛି।

ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତ କଣ୍ଟିପୁରଠାରେ ଖରସ୍ରୋତା ବଞ୍ଚାଅ କମିଟି ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଜନସଚେତନତା ସୃଷ୍ଟି କରିବା ସହ ଜନଜାଗରଣ ଓ ସଚେତନତା ଉଦ୍ଦେଶ୍ୟରେ ଖରସ୍ରୋତା ବଞ୍ଚାଅ ଅଭିଯାନକୁ ଜୋରଦାର କରାଯାଇଛି। ଏହି ଅବସରରେ ରଣପୁର ସରପଞ୍ଚ ଅଟଳବିହାରୀ ନାୟକଙ୍କ ତତ୍ତ୍ୱାବଧାନରେ କଣ୍ଟିପୁରସ୍ଥିତ କାଳୀଛକ ଠାରୁ ଶତାଧିକ ସଚେତନ ନାଗରିକ ଓ ଖରସ୍ରୋତା ବଞ୍ଚାଅ କମିଟିର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଖରସ୍ରୋତା ନଦୀ କୂଳରେ ପହଞ୍ଚି ଥିଲେ। ନଦୀ କୂଳରେ କଳସ ପୂଜନ କରାଯିବା ସହ ଏହି ଖରସ୍ରୋତା ବଞ୍ଚାଅ ଅଭିଯାନରେ ସାମିଲ ଥିବା ସଚେତନ ନାଗରିକ ଖରସ୍ରୋତା ନଦୀର ସୁରକ୍ଷା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ଏହି ଅବସରରେ ଖରସ୍ରୋତାକୁ ପୂନରୁଦ୍ଧାର କରିବା ସହ ଖରସ୍ରୋତାର ଶାଖା ନଦୀ କାଣି ନଦୀକୁ ଚିରସ୍ରୋତା କରିବାକୁ ଉପସ୍ଥିତ ସଦସ୍ୟମାନେ ଦାବି କରିଛନ୍ତି। ଏହି ସୋଭାଯାତ୍ରାରେ ଗୋବିନ୍ଦ ଚନ୍ଦ୍ର ସାମଲ, ଆନନ୍ଦ ସାମଲ, ବିନୋଦ ଦାସ, ଦୁର୍ଗାଚରଣ ମହି, ପ୍ରଫୁଲ୍ଲ ସାମଲ, ବାଉରିବନ୍ଧୁ ବରାଳ, ଶିବପ୍ରସାଦ ନାୟକ, କୈଳାସ ସାମଲ, ଅକ୍ଷୟ ଦାସ, ହରେକୃଷ୍ଣ ପଣ୍ଡା, ଅଦ୍ୱୈତ ସାମଲ, ସୁଭେନ୍ଦୁ ଜେନା, କିଶୋର ଯେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ଟ୍ରାକ୍ଟର-ବାଇକ ମୁହାଁମୁହିଁ, ଦୁଇ ଗୁରୁତର

ବିଞ୍ଝାରପୁର,୮।୧୧ (ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ମୁଖ୍ୟ ରାସ୍ତାର ଗୌଡଡିହ ବାଣିଶ୍ରୀ ଗ୍ୟାରେଜ ନିକଟରେ ଗୁରୁବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର ସହିତ ବାଇକର ମୁହାମୁହିଁ ଦୁର୍ଘଟଣାରେ ବାଇକରେ ଯାଉଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ ପୋଲିସ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଗୁହାଳୀ ଗ୍ରାମର ବ୍ରହ୍ମାନନ୍ଦ ମଲ୍ଲିକ (୪୫) ଓ ଟିଣା ପଞ୍ଚାୟତର ତାପସ ଯେନା (୨୨) ବାଇକ ଯୋଗେ ସିଁହପୁର ଆଡୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଗୌଡଡିହ ବାଣିଶ୍ରୀ ଗ୍ୟାରେଜ ନିକଟରେ ସମ୍ମୁଖ ଦିଗରୁ ଆସୁଥିବା ଏକ ଟ୍ରାକ୍ଟର ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଜଣେ କୋର୍ଟ ଚାଲାଣ

କୋରେଇ,୮।୧୧(ସ୍ୱ.ପ୍ର.): ନାବାଳିକା ଅପହରଣ ଅଭିଯୋଗରେ ଅପହରଣକାରୀଙ୍କୁ ସହଯୋଗ କରିଥିବା ଜଣେ ଯୁବକଙ୍କୁ ଗୁରୁବାର ପାଣିକୋଇଲି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମର ପପୁ ଓରଫ ପ୍ରଭାତ ଜେନା(୧୮)। ପ୍ରକାଶ ଯେ, ଗତ କିଛିଦିନ ତଳେ ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(୧୭୪/୧୮) ରୁଜୁକରି ମାର୍କଣ୍ଡପୁର ଗ୍ରାମର ଶିବ ଓ ଶିବାନନ୍ଦ ଜେନାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# ୨ ବିଫଳ ପ୍ରେମିକଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୮/୧୧(ଡ଼ି.ଏନ.ଏ)

ପ୍ରେମରେ ଅସଫଳ ହୋଇ ୨ଜଣ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏଭଳି ଘଟଣା ୨ଟି ପୃଥକ୍ ପୃଥକ୍ ସ୍ଥାନରେ ଗୁରୁବାର ଦେଖିବାକୁ ମିଳିଛି। ବଡ଼ଚଣା ଥାନା ଅନ୍ତର୍ଗତ ନୂଆସୁଙ୍ଗୁଡ଼ା ଗ୍ରାମର ରାକେଶ କୁମାର ସାହୁ (୨୮) ପ୍ରେମରେ ଅସଫଳ ହେବାରୁ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ଦୀର୍ଘ ଦିନ ହେବ ଜଣେ ଯୁବତୀକୁ ଭଲ ପାଉଥିଲେ। ଯୁବତୀ ଜଣଙ୍କ ଅନ୍ୟତ୍ର ବିବାହ କରିବାରୁ ରାକେଶ ବିବାହ ପରେ ମଧ ପ୍ରେମ ନିବେଦନ କରିଥିଲେ। ଏଥିରେ ବିଫଳ ହେବାରୁ ମାନସିକ ଭାରସାମ୍ୟ ହରାଇ ଦୁଇ ଦିନ ତଳେ ବିଷ ପିଇ ଦେଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡ଼ାକ୍ତରଖାନା ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିଭଳି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଦମପାଳ ଗ୍ରାମର ସନ୍ତୋଷ ଜେନା (୨୪) ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ତାଙ୍କୁ ବିବାହ କରିବାକୁ କହିବାରୁ ଯୁବତୀ ଜଣଙ୍କ ମନା କରିଦେଇଥିଲେ। ଫଳରେ ନିରାଶ ହୋଇ ସେ ଗ୍ରାମର ଶେଷ ମୁଣ୍ଡରେ ଏକ ଗଛରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ବାଲିଚନ୍ଦ୍ରପୁର ପୋଲିସ ଖବର ପାଇ ଏକ ଅପମୃତ୍ୟୁ ମାମଲା (ନଂ. ୧୮/୧୮) ରୁଜୁ କରି ମୃତଦେହ ଜବତ କରିବା ସହ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଥିଲେ। ଗୋଟିଏ ଦିନରେ ବଡ଼ଚଣା ଅଞ୍ଚଳରେ ଦୁଇ ଜଣ ପ୍ରେମିକ ପ୍ରେମରେ ଅସଫଳ ହୋଇ ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

### ବାଣ ନିଆଁରେ ଘର ପୋଡ଼ିଗଲା

ବିରଜାକ୍ଷେତ୍ର,୮।୧୧(ଡି.ଏନ୍.ଏ): ଯାଜପୁର ପୌରାଞ୍ଚଳରେ ଗୁରୁବାର ବାଣ ନିଆଁରେ ଏକ ଘର ପୋଡ଼ିଯାଇଥିବା ଦେଖିବାକୁ ମିଳିଛି। ଯାଜପୁର ପୌରାଞ୍ଚଳ ୮ନମ୍ବର ୱାର୍ଡ ଯଯାତିନଗର ଅଞ୍ଚଳ ସଂଖ୍ୟାଲଘୁ ସମ୍ପ୍ରଦାୟର ସେକ୍ ଫାଜିଲ ହକ୍‌ଙ୍କ ଘରେ ବାଣରୁ ନିଆଁ ବାହାରି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଘରର କିଛି ଅଂଶ ପୋଡ଼ିଯାଇଥିଲା। ନିଆଁ ଲାଗିବା ସମୟରେ ସେକ୍ ଇଲାଇ ବକସ୍ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

# ଫ୍ୟାନ୍ ଗୋଦାମରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଚଣ୍ଡିଖୋଲ,୮।୧୧(ଡ଼ି.ଏନ.ଏ)

ଚଣ୍ଡିଖୋଲ ଛକ ନିକଟସ୍ଥ ଗ୍ରାମ୍ୟ ଉନ୍ନୟନ ଅଫିସ ନିକଟରେ ରହିଥିବା ଏକ ଇଲେକ୍ଟ୍ରିକ୍ ସିଲିଂ ଫ୍ୟାନ ଗୋଦାମରେ ବୁଧବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଦୀପାବଳି ଥିବାରୁ ବୁଧବାର ସନ୍ଧ୍ୟାରେ ଗୋଦାମ ମାଲିକ ଗୋଦାମ ଦ୍ୱାରରେ ଦୀପ ଲଗାଇଥିଲେ। ଅସାବଧାନତା ଯୋଗୁ ଦୀପରୁ ଅଚାନକ ନିଆଁ ଲାଗି ଗୋଦାମ ଗୃହ ଭସ୍ମ ହେଇଯାଇଥିଲା। ଫଳରେ ଗୋଦାମରେ ଥିବା ଫ୍ୟାନଗୁଡିକ ସମ୍ପୂର୍ଣ୍ଣ ପୋଡି ଯାଇଛି। ଯାହାକି ୨ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ଦେଢଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ କରିଥିବା ଜଣାପଡିଛି।

### ଇଚ୍ଛାପୁରଠାରେ ୧୨ତମ ହନୁମାନ ପ୍ରତିଷ୍ଠା ଦିବସ

ରସୁଲପୁର,୮।୧୧(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁରଠାରେ ପ୍ରଭୁ ହନୁମାନଙ୍କ ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଦୀପାବଳି ଅମାବାସ୍ୟାରେ ହନୁମାନ ବିଗ୍ରହଙ୍କୁ ବଡ଼ସିଂହାର ବେଶରେ ଭୂଷିତ କରାଯାଇ ହୋମକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂର୍ବତନ ସରପଞ୍ଚ ବିଜୟ ସାହୁ ଓ ପତ୍ନୀ ଅନୀତା ସାହୁ କର୍ତ୍ତା ଭାବରେ ଯୋଗଦେଇ ହୋମ ପରିଚାଳନା କରିଥିଲେ। ବ୍ରାହ୍ମଣ ଗୋପିନାଥ ପଣ୍ଡା, କୁନା ପଣ୍ଡା, ସନା ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିଲେ। ଉକ୍ତ ଯଜ୍ଞୋତ୍ସବରେ ଭକ୍ତଙ୍କ ସକାଶେ ପ୍ରସାଦ ସେବନବର ବନ୍ଦୋବସ୍ତ କରାଯାଇଥିଲା।

# ରାମ ବଜାରରେ ମା' କାଳୀଙ୍କ ୪୮ତମ ପୂଜା ଉତ୍ସବ

ରସୁଲପୁର,୮।୧୧(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗୋପାଳପୁର ଗାଁର ରାମବଜାର ଛକରେ ମା' କାଳୀଙ୍କ ୪୮ତମ ପୂଜା ଉତ୍ସବ ଖୁବ୍ ଯାକଜମକରେ ପାଳିତ ହେଉଛି। ପୂଜାକାର୍ଯ୍ୟରେ କୈଳାସ ଚନ୍ଦ୍ର ପ୍ରଧାନ ମୁଖ୍ୟ କର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରୁଛନ୍ତି। ଉକ୍ତ ପୂଜା ସକାଶେ ମଙ୍ଗଳବାର ରାତିରେ କଳସ ଯାତ୍ରା ଓ ଘଟସ୍ଥାପନ କରାଯାଇଥିଲା । ବୁଧବାର ମା'ଙ୍କ ନିକଟରେ ସନ୍ଧିପୂଜା, ବଳିଦାନ, ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞକୁଣ୍ଡରେ ଆହୂତି ପ୍ରଦାନ କରାଯାଇଥିଲା। ତିନି ଦିନ ବ୍ୟାପି ଅନୁଷ୍ଠିତ ଏହି ପୂଜାରେ ଆଜି ରାତିରେ ମା'ଙ୍କ ନିକଟରେ ନାମ ସଂକୀର୍ତ୍ତନ ସହ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଏହାଛଡ଼ା ଉକ୍ତ କାର୍ଯ୍ୟକ୍ରମରେ ମେଲୋଡି, ଭଜନ ସନ୍ଧ୍ୟା, ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆସନ୍ତା ୧୧ ଓ ୧୨ତାରିଖରେ ପୂଜା ମଣ୍ଡପ ନିକଟରେ ଅପେରା ପାର୍ଟି ପକ୍ଷରୁ ଯାତ୍ରା ପରିବେଶଣ କରାଯିବ ବୋଲି କମିଟି ପକ୍ଷରୁ ଜଣାଯାଇଛି।



ରାମବଜାର ଛକରେ ପୂଜା ପାଉଛନ୍ତି ମା' କାଳୀ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

ଧର୍ମଶାଳା, ୮।୧୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜାରକାଠାରେ ଯାଜପୁର ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ବୁଧବାର ରବି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ୧୦ଟି ବ୍ଲକ ଏବଂ ୨ଟି ପୌର ପରିଷଦର ୬୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ରାଜ୍ୟ ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ଏବଂ ଉପଦେଷ୍ଟା ନିର୍ମଳ ଚନ୍ଦ୍ର ଦାସ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ସମୂହ ଦାବି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଦିବଂଗତ ସଭ୍ୟ ବିଜୟ କୁମାର ସିଂ, ନନ୍ଦ କିଶୋର ଜେନା, ଗଜେନ୍ଦ୍ର ସାମଲ, ଶଙ୍କର୍ଷଣ ପଣ୍ଡା ଏବଂ ପର୍ଶୁରାମ କରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ବିବେକା ନନ୍ଦ ନାୟକ ବିବରଣୀ ପାଠ କରିଥିଲେ। ସୁରେନ୍ଦ୍ର କୁମାର ରାୟ, ଅଶୋକ କୁମାର ଦାଶ, ମହେନ୍ଦ୍ର କୁମାର ଦାସ, ଯୁଧିଷ୍ଠିର ସ୍ୱାଇଁ, କୃତ୍ତିବାସ ମହାରଣା, ବୈକୁଣ୍ଠ ନାଥ ପାଣି, ଦିଗମ୍ବର ସାହୁ, ଭାସ୍କର ନାରାୟଣ ସେଠୀ, ଅଭିମନ୍ୟୁ ରାଉତ, ଭାସ୍କର ମିଶ୍ର, ବଟକୃଷ୍ଣ ପ୍ରଧାନ, ବିଜୟ କୁମାର ନାୟକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ଡିସେମ୍ବର ୫ରେ କଟକରେ ହେବାକୁଥିବା ରାଜ୍ୟସ୍ତରୀୟ କନଭେନଶନ୍‌କୁ ସଫଳ କରିବା ପାଇଁ ରାଜ୍ୟ ସଭାପତି ଓ ସମ୍ପାଦକ ନିବେଦନ କରିଥିଲେ। କରୁଣା କର ବରାଳ, ଭିକାରୀ ମଲ୍ଲିକ ପରିଚାଳନା କରିଥିଲେ। ସୁଦର୍ଶନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଣ୍ଡା ଗୋଦାମରେ ଅଗ୍ନିକାଣ୍ଡ

ଡୁବୁରୀ, ୮।୧୧(ଡି.ଏନ୍.ଏ.)- ବୁଧବାର ବିଳମ୍ବିତ ରାତିରେ ଡୁବୁରୀଛକରେ ଥିବା ଏକ ଅଣ୍ଡା ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଗୋଦାମ ଘରେ ଥିବା ୧୮୫ ଅଣ୍ଡା ପେଟି ସହ କ୍ୟାଶ୍ ବାକ୍ସରେ ଥିବା ନଗଦ ୧ଲକ୍ଷ ଟଙ୍କା ପୋଡି ହୋଇଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ତେବେ ଦୀପାବଳୀଥିବାରୁ ଗୋଦାମ ଘରେ ଲଗାଯାଇଥିବା ମହମବତି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ ଦାନଗଦୀ ଦମକଳ ବାହିନୀ ପହଞ୍ଚିଥିଲେ ମଧ ନିଆଁକୁ ଆୟତ୍ତ କରିପାରି ନ ଥିଲା। ପ୍ରକାଶ, କୋରେଇ ଥାନା ମଞ୍ଜୁରରୋଡ ଅଞ୍ଚଳର ରମାକାନ୍ତ ସାହୁ ଦୀର୍ଘଦିନ ହେବ ବାରଗାଡିଆ ଗ୍ରାମରେ ରହି ବ୍ୟବସାୟ କରୁଥିଲେ। ଦୀପାବଳି ହେତୁ ସେ ଗୋଦାମ ଘରେ ମହମବତି ଲଗାଇଥିଲେ। ଗୋଦାମ କର୍ମଚାରୀ ସେହି ନିକଟରେ ଥିବା ଅନ୍ୟ ଏକ ଘରେ ଶୋଇଥିଲେ। ରାତିରେ କର୍ମଚାରୀମାନେ ଗୋଦାମଘରୁ ପ୍ରବଳ ଧୂଆଁ ବାହାରୁଥିବାର ଦେଖି ଦାନଗଦୀ ଦମକଳ ବାହିନୀକୁ ଖବର ଦେଇଥିଲେ।

# ସଂସ୍କୃତ ଶିକ୍ଷକ ପଦୋନ୍ନତିରେ ଚଞ୍ଚଳତା

- ଓରିଜିନାଲ ବଦଳରେ ପ୍ରୋଭିଜନାଲ ସାର୍ଟିଫିକେଟରେ ଦିଆଯାଇଛି ପଦୋନ୍ନତି
- ଜଣେ କିରାଣିଙ୍କ ଦ୍ୱାରା ଦୁର୍ନୀତି ହୋଇଥିବା ଅଭିଯୋଗ
- ହରଡ଼ଘଣାରେ ଜିଲା ଶିକ୍ଷା ବିଭାଗ

ବିରଜାକ୍ଷେତ୍ର,୮।୧୧(ଡି.ଏନ୍.ଏ)

ବିଭିନ୍ନ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ପଦୋନ୍ନତିରେ ଚଞ୍ଚଳତା ହୋଇଥିବା ଚର୍ଚ୍ଚା ହେଉଛି। ସଂସ୍କୃତ ଶିକ୍ଷକ ପଦୋନ୍ନତି ସମୟରେ ଓରିଜିନାଲ ସାର୍ଟିଫିକେଟ୍ ବଦଳରେ ପ୍ରୋଭିଜନାଲ ସାର୍ଟିଫିକେଟ୍ ଦେଖି ପଦୋନ୍ନତି ଦିଆଯାଇଛି। ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟର ଜନୈକ କିରାଣିଙ୍କ ଦ୍ୱାରା ଏସବୁ ଅନିୟମିତତା କରାଯାଇଥିବା କୁହାଯାଉଛି।
ପ୍ରକାଶଯୋଗ୍ୟ, ୧୯୯୦ରେ ଯାଜପୁର ଜିଲାର ବିଭିନ୍ନ ହାଇସ୍କୁଲରେ ସଂସ୍କୃତ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ ସଂସ୍କୃତ ଶିକ୍ଷକମାନେ ଏମ୍.ଏ. ପାଶ୍ କରିଥିବେ, ସେମାନଙ୍କୁ ପଦୋନ୍ନତି ଦିଆଯିବା ସହିତ ଉଚ୍ଚ ଦରମାରେ ଅନ୍ତର୍ଭୁକ୍ତ କରାଯିବ। ନିୟମ ଅନୁଯାୟୀ, ୨୦୧୮ ମାର୍ଚ୍ଚରେ ଯାଜପୁର ଜିଲାର ଏମ୍.ଏ. ପାଶ୍ କରିଥିବା ସଂସ୍କୃତ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥିଲା। ମାତ୍ର ପଦୋନ୍ନତି ସମୟରେ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଜନୈକ କିରାଣି ରାଜ୍ୟ ସରକାରଙ୍କ ସମସ୍ତ ନିୟମକୁ ଅମାନ୍ୟ କରି ବେନିୟମ ଭାବେ କେତେଜଣ ସଂସ୍କୃତ ଶିକ୍ଷକଙ୍କୁ ପଦୋନ୍ନତି ଦେଇଥିବା କୁହାଯାଉଛି। ପଦୋନ୍ନତି ସମୟରେ ଏମ୍.ଏ. ପାଶ୍ କରିଥିବା ଶିକ୍ଷକମାନେ ଓରିଜିନାଲ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ରାଜ୍ୟ ଶିକ୍ଷା ବିଭାଗର କଡ଼ା ନିର୍ଦ୍ଦେଶ ରହିଛି। କିନ୍ତୁ ପଦୋନ୍ନତି ପାଇଥିବା କିଛି ସଂସ୍କୃତ ଶିକ୍ଷକ ଓରିଜିନାଲ ସାର୍ଟିଫିକେଟ୍ ବଦଳରେ ପ୍ରୋଭିଜନାଲ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। କେଉଁ ମସିହାରେ ଏମ୍.ଏ. ପାଶ୍ କଲେ ତାହା ମଧ ଦର୍ଶାଇ ନାହାନ୍ତି। ବେଆଇନ ଭାବେ ଯେଉଁ ସଂସ୍କୃତ ଶିକ୍ଷକମାନେ ପଦୋନ୍ନତି ପାଇଛନ୍ତି, ସେମାନେ ପଦୋନ୍ନତି ସମୟରେ କର୍ନାଟକ ରାଜ୍ୟକୁ ଏମ୍.ଏ. ପଢ଼ିବା ପାଇଁ ଯାଇଥିଲେ। ସମ୍ପୃକ୍ତ ଶିକ୍ଷକମାନେ ଏମ୍.ଏ. ପଢ଼ିବା ପାଇଁ ସ୍କୁଲ ପରିଚାଳନା କମିଟିର ରିଜୋଲ୍ୟୁସନ୍ କପି ପ୍ରଦାନ କରିନାହାନ୍ତି। ବାହାର ରାଜ୍ୟରେ ଏମ୍.ଏ. ପଢ଼ିବାକୁ ହେଲେ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ଅନୁମତି ଦରକାର। ସେମାନେ ତାହା ମଧ ପ୍ରଦାନ କରିନାହାନ୍ତି। ଏସବୁ ଅନିୟମିତତା ସତ୍ତ୍ୱେ ଜିଲା ଶିକ୍ଷା ବିଭାଗର ଜନୈକ କିରାଣି ବହୁ ଅର୍ଥ ଉତ୍କୋଚ ନେଇ ପଦୋନ୍ନତି ଦେଇଥିବା ଅଭିଯୋଗ ହୋଇଛି। ୨୦୧୮ ଗ୍ରୀଷ୍ମ ଛୁଟି ଅବସରରେ ଏହି ପଦୋନ୍ନତି ଦିଆଯାଇଛି। ବିଞ୍ଝାରପୁର ବ୍ଲକର ଶାସନ୍ଦା, ବାଲିକିରିପଦା ଓ ଦଶରଥପୁର ବ୍ଲକର କନିକାପଡ଼ା, ଦାମୋଦରପୁରଠାରେ ଥିବା ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ପଦୋନ୍ନତିରେ ଅନିୟମିତତା ହୋଇଥିବା ଜାଣିବାକୁ ମିଳିଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରୁ, ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଏମ୍‌ପିଙ୍କ ଶ୍ୱଶୁର ବିୟୋଗ

ଧର୍ମଶାଳା, ୮।୧୧(ଡି.ଏନ୍.ଏ.)
ଯାଜପୁର ଏମ୍‌ପି ରୀତା ତରାଇଙ୍କ ଶ୍ୱଶୁର ରଘୁନାଥ ତରାଇ (୯୬)ଙ୍କ ଗୁରୁବାର ଧର୍ମଶାଳା ବ୍ଲକ ମଙ୍ଗଳପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ତରାଇ ଧର୍ମଶାଳା ମୋହରୀର ଲେଖକ ସଙ୍ଘର ସମ୍ପାଦକ ଓ ହରେକୃଷ୍ଣ ମହତାବ ପାଠାଗାରର ସମ୍ପାଦକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇଥିଲେ। ସେ ଜଣେ ଧର୍ମପରାୟଣ, ଅମାୟିକ ବ୍ୟକ୍ତି ଥିଲେ। ପରଲୋକ ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, କଂଗ୍ରେସ ନେତା କିଶାନ ପଣ୍ଡା, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପ୍ରେସକ୍ଲବ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରିୟନାଥ ମହାପାତ୍ର, ଶଶିଭୂଷଣ ପାଢୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

■ଅନାଥ ଭଉଣୀଭାଇଙ୍କୁ ସହାୟତା

# ସମସ୍ତ ଖର୍ଚ୍ଚ ବହନ କରିବ ପ୍ରଶାସନ

ଡୁବୁରୀ, ୮।୧୧(ଡି.ଏନ୍.ଏ.)


ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଭଉଣୀଭାଇ ଓ ଅନ୍ୟମାନେ।

କଳିଙ୍ଗନଗରସ୍ଥିତ ଚାନ୍ଦିଆ ପଞ୍ଚାୟତ ଅଙ୍କୁରାପାଳ ଗ୍ରାମରେ ରହୁଥିବା ଅନାଥ ଭଉଣୀଭାଇଙ୍କୁ ପ୍ରଶାସନ ସହଯୋଗର ହାତ ବଢାଇଛି। ଗୁରୁବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଶିଶୁ ସୁରକ୍ଷା କମିଟି ସଭ୍ୟ ସୁବାଶ ଚନ୍ଦ୍ର ଦେବତା ସମ୍ପୃକ୍ତ ଭଉଣୀଭାଇଙ୍କ ନିକଟରେ ପହଞ୍ଚି ସେମାନଙ୍କ ପାଠପଢାର ସମସ୍ତ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ସେମାନେ ଚାହିଁଲେ ଜିଲା ଶିଶୁ ସୁରକ୍ଷା ସେଲ୍‌ରେ ରହି ମଧ ପାଢ ପଢିପାରିବେ ଓ ଏଥିପାଇଁ ସମସ୍ତ ଖର୍ଚ୍ଚ ଶିଶୁ ସୁରକ୍ଷା କମିଟି ବହନ କରିବ। ଗ୍ରାମରେ ରହି ପାଠପଢିବା ପାଇଁ ମାସିକ ଦୁଇ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ଜଣାଇବେ ବୋଲି ସମ୍ପୃକ୍ତ ଭଉଣୀଭାଇ ଜଣାଇଛନ୍ତି। ଭଉଣୀ ବତୀପୂର୍ତ୍ତି ଗୋଲାଗାଁ ସ୍କୁଲରେ ପାଠ ପଢୁଥିବାବେଳେ ଭାଇ ମଧୁ ଗ୍ରାମ ସ୍କୁଲରେ ୭ମ ଶ୍ରେଣୀରେ ପାଠ ପଢୁଛନ୍ତି। ପ୍ରକାଶ ଯେ, ଅଙ୍କୁରାପାଳ ଗ୍ରାମରେ କିଛି ବର୍ଷ ହେବ ବତୀ ପୂର୍ତ୍ତି (୧୪) ଓ ମଧୁ ପୂର୍ତ୍ତି(୭) ଦୁଇ ଭାଇ ଭଉଣୀ ଅନାଥ ଜୀବନ ବିତାଉଛନ୍ତି। ବାପା ଗଣେଷ ପୂର୍ତ୍ତୀ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୨୦ ବର୍ଷ ତଳୁ ମୃତ୍ୟୁବରଣ କରିଥିବାବେଳ ମା ରେବତୀ ଦୁଇବର୍ଷ ହେବ କିଡନୀରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ବାପ ମାଙ୍କୁ ହରାଇବା ପରେ ଦୁହେଁ ଏକ ଚାଳଛପର ଘରେ ସାହି ପଡିଶାଙ୍କ ଦୟାରେ ଜୀବନ କାଟୁଥିଲେ। ଏ ନେଇ ଗୋବରଘାଟି ସରପଞ୍ଚ ସ୍ୱର୍ଣ୍ଣଲତା ବାନରା ଓ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ସହାୟତା ପାଇଁ ଜଣାଇଥିଲେ। ଗଣେଶ ଓ ରେବତୀଙ୍କର ୪ ଟି ସନ୍ତାନି ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଝିଅ ଓ ଜଣେ ପୁଅ। ବତୀ ଓ ମଧୁ ସମସ୍ତଙ୍କଠୁ ସାନ ହୋଇଥିବା ବେଳେ ୨ ବଡ଼ ଭଉଣୀ ୩ ବର୍ଷ ପୂର୍ବେ ବିବାହ କରିଛନ୍ତି।

■କୁଡୁମି ସମାଜର ଗୋଠପୂଜା

# ଗୋ ମାତା, ମଇଁଷିଙ୍କୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା

କାଳିଆପାଣି, ୮।୧୧(ଡି.ଏନ୍.ଏ.)
କଡୁମି ସମ୍ପ୍ରଦାୟଙ୍କ ଗଣପର୍ବ ଗୋଠପୂଜା ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଗୋ ମାତା, ମଇଁଷିଙ୍କୁ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯିବା ସହ ଖାଇବାକୁ ଦିଆଯାଇଥାଏ। ପବିତ୍ର ଦୀପାବଳି ଦିନକୁ କୁଡୁମି ସମାଜର ସ୍ୱତନ୍ତ୍ର ଗୋଠପୂଜା ପାଳନ କରାଯାଏ। ଗୋଠପୂଜାରେ ଗାଈଗୋଠରେ ଗୋ-ମାତାଙ୍କ ପାଇଁ କୁଡୁମି ସାମଜ ପକ୍ଷରୁ ସ୍ୱତନ୍ତ୍ରଭାବେ ପୂଜାପାଠ କରାଯାଇଥାଏ। ଗୋଠପୂଜା ଦ୍ୱାରା ଦେବାଦେବୀମାନେ ଗୋରୁଙ୍କୁ ରୋଗଦାଉରୁ ରକ୍ଷା କରିଥାନ୍ତି ବୋଲି ସମ୍ପ୍ରଦାୟର ଲୋକେ ବିଶ୍ୱାସ କରନ୍ତି। ଦୀପାବଳି ସନ୍ଧ୍ୟାରେ ସମସ୍ତେ ନିଜ ନିଜ ଗାରୁଙ୍କୁ ନେଇ ଗ୍ରାମମୁଣ୍ଡ ଗାଈଗୋଠରେ ପହଞ୍ଚାଇବା ପରେ ଗ୍ରାମର ଦେଶପ୍ରଧାନ (ପୂଜକ) ପୂଜାବିଧି ଅନୁସାରେ ଅଣ୍ଡାମଡ଼ା ପର୍ବ ପାଳନ କରିଥାନ୍ତି। ପୂଜାସ୍ଥଳରେ ଏକ କୁକୁଡ଼ା ଅଣ୍ଡା ରଖି ଗୋରୁଙ୍କୁ ପଶ୍ଚିମ ଦିଗରୁ ପୂର୍ବ ଦିଗକୁ ଘଉଡ଼ାଇ ଦିଆଯାଇଥାଏ। ଫଳରେ ଯେଉଁ ପରିବାରର ଗାଇ ପୂଜାସ୍ଥାନରେ ଥିବା ଅଣ୍ଡାକୁ ଗୋଇଠା ମାରିଥାଏ ସେ ଗାଇକୁ ଧରିବା ସହ ଗାଈ ମୁଣ୍ଡରେ ସିନ୍ଦୂର ମରାଯାଏ। ପରେ ଗ୍ରାମବାସୀମାନେ ଗାଈର ପରିବାର ମୁଖ୍ୟଙ୍କୁ ଜଣାଇବା ସହ ସନ୍ଧ୍ୟାରେ ସମ୍ପୃକ୍ତ ମାଲିକଙ୍କ ଘରେ ସାମୁହିକ ଭୋଜନ ଆୟୋଜନ କରିଥାନ୍ତି। ଭାଇଚାରା ପର୍ବ ପାଳନ ଅବସରରେ ରାତି ତମାମ (ଧିଙ୍ଗୁଆନ) ଭେଟଘାଟ ହୋଇଥାଏ। ପରିବାର ଓ ଗ୍ରାମ ଗ୍ରାମ ମଧ୍ୟରେ ତିକ୍ତତା ଥିଲେ ଏହି ଅବସରରେ ପୁରୁଷମାନେ ଉକ୍ତ ଗ୍ରାମକୁ ଯାଇ ଭାଇଚାରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଧିଙ୍ଗୁଆନ(ଭେଟଘାଟ) କରିଥାନ୍ତି। ମାଦଳର ତାଳେତାଳେ ନାଚଗୀତ କରିବା ସହ ପ୍ରତି ଘରକୁ ଯାଇ ନିଜକୁ ସମର୍ପିତ କରି ମନରେ ମନ ମିଶାଇ ଫେରିଥାନ୍ତି। ସକାଳ ହେବାକ୍ଷଣି ଗ୍ରାମରାସ୍ତାରେ ଗୀତଗାଇ ନାଚ କରିବା ସହ ଗ୍ରାମଦେବୀଙ୍କୁ ଏକ ବର୍ଷର ଶେଷ ନମସ୍କାର କରି ଗ୍ରାମଦେବୀଙ୍କ ଆଶିଷ ଲୋଡିଥାନ୍ତି।


ଆମ ଗାଁ ଆମ ବିକାଶ
ପ୍ରଗତିପଥେ, ଦଶରଥପୁର ବ୍ଲକ୍, ଯାଜପୁର





ପ୍ରଣବ ପ୍ରକାଶ ଦାଶ
ବିଧାୟକ, ଯାଜପୁର


ରୀତା ତରାଇ
ସାଂସଦ, ଯାଜପୁର


ନାରାୟଣ ଚନ୍ଦ୍ର ନାଏକ,
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର ବ୍ଲକ୍


ସୁଜାତା ସାହୁ, ଅଧ୍ୟକ୍ଷା
ଦଶରଥପୁର ବ୍ଲକ୍


ରଞ୍ଜନ ପୃଷ୍ଟି, ଉପାଧ୍ୟକ୍ଷ
ଦଶରଥପୁର ବ୍ଲକ୍


ପ୍ରମିଳା ମଲ୍ଲିକ
ବିଧାୟିକା, ବିଞ୍ଝାରପୁର


# ଟ୍ରେନ୍‌ରୁ ପଡ଼ି ଜଣେ ମୃତ

କଳିଙ୍ଗନଗର, ୮।୧୧(ଡି.ଏନ୍.ଏ.)

ଜେନାପୁର ବ୍ରହ୍ମଣୀ ପାସେଞ୍ଜର ହଲ୍ଟ ନିକଟରେ ଗୁରୁବାର ଟ୍ରେନ୍‌ରୁ ଖସିପଡି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଭଦ୍ରକ ଜିଲା ଅନ୍ତର୍ଗତ ଭଦ୍ରକ ପୌରାଞ୍ଚଳ ଅଧୀନ ବାଘୁରାଇ ଗ୍ରାମର ଅକ୍ଷୟ କୁମାର ସେଠୀ(୫୫)। ଭଦ୍ରକ ରେଳବାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୫୭/୧୮) ରଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅକ୍ଷୟ ପୁରି ସାନ୍ତରାଗାଛି ଏକ୍ସପ୍ରେସ୍‌ରେ ନିଜ ଶଶୁ ଘର ଚକୁଆ ଯାଉଥିଲେ। ବ୍ରାହ୍ମଣୀ ପେସେଞ୍ଜର ହଲ୍ଟ ନିକଟରେ ଗାଡିରୁ ଓହ୍ଲାଇବାକୁ ଚେଷ୍ଟା କରୁଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଫଳରେ ଟ୍ରେନ୍‌ରେ ତାଙ୍କ ବାମ ଗୋଡ କଟିଯାଇଥିଲା। ଅକ୍ଷୟଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କୁମାରୀ ଗ୍ରାମରେ ଅଗ୍ନିକାଣ୍ଡ

ଧର୍ମଶାଳା, ୮।୧୧(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ କୁମାରୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ମନୋଜ ମଲିକଙ୍କ ଅଗ୍ନିକାଣ୍ଡ ଘଟି ଏକ ବଖରା ଘର ପୋଡିଯାଇଛି। ସ୍ଥାନୀୟଲୋକେ ନିଆଁକୁ ଆୟତ୍ତ କରିଥିଲେ ମଧ ଘରର ସମସ୍ତ ଆସବାବପତ୍ର ପୋଡି ଯାଇଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। କେହି ଦୁର୍ବୃତ୍ତ ଯୋଜନା ବଦ୍ଧ ଭାବେ ଘରେ ନିଆଁ ଲଗାଇ ଦେଇଥିବା ନେଇ ମନୋଜ ଥାନାରେ ଅଭିଯୋଗ କରିଥିବା ଜଣାପଡଛି।

# ଗିରିଗୋବର୍ଦ୍ଧନ ପୂଜା

ଧର୍ମଶାଳା, ୮।୧୧(ଡି.ଏନ୍.ଏ)
ଧର୍ମଶାଳା ଯାଦବ ମହାସଭା ପକ୍ଷରୁ ପାଟପୁର ପଞ୍ଚାୟତ ଲାଙ୍ଗୁଡି ପାହାଡଠାରେ ପ୍ରଥମଥର ପାଇଁ ଗିରିଗୋବର୍ଦ୍ଧନ ପୂଜା ଗୁରୁବାର ପାଳିତ ହୋଇଯାଇଛି। ଯାଦବ ମହିଳାମାନେ କେଲୁଅ ନଦୀରୁ କଳଶ ଶୋଭାଯାତ୍ରାରେ ଜଳଆଣି ପୂଜା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଧର୍ମଶାଳା ଯାଦବ ସଭାର ସଭାପତି କୀର୍ତ୍ତନ ବେହେରା, ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ, ସରପଞ୍ଚ ଗାୟତ୍ରୀ ପରିଡା, ଅନୁପମା ଦାସ, ନଗେନ ଦାସ, ଚକ୍ରଧର ବେହେରା, ଯାଦବ ମହାସଭା ଉପଦେଷ୍ଟା ବଟକୃଷ୍ଣ ପରିଡା, ସଚିତା ନନ୍ଦ ଗୁରୁ, ଧରଣୀଧର ନାୟକ, ନିର୍ମଳ ଜତି, ଜୀବନାନନ୍ଦ ପରିଡା, ଯଦୁମଣି ଦାସ, ଅଶୋକ ଦାସ ପ୍ରମୁଖଙ୍କୁ ସ୍ୱାଗତ ଜଣାଇଥିଲେ। ସରପଞ୍ଚ ଅନୁପମା ଦାସ ଓ ଉତ୍ତମ ଦାସ କର୍ତ୍ତାଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୁବାସ ବେହେରା, ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ଆଲେକ୍‌ଜାଣ୍ଡର ଦାସ ପ୍ରମୁଖ ଯାଦବମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବାବା ବିଦ୍ୟାଭୂଷଣ ଗୌର ଶ୍ୟାମାନନ୍ଦ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ପୂଜା କାର୍ଯ୍ୟରେ ରମେଶ ଚନ୍ଦ୍ର ବେହେରା, ବିଜୟ ଦାସ, ଭାଗ୍ୟଧର ନାୟକ, ସନ୍ତୋଷ କୁମାର ନାୟକ, ଜୀବନାନନ୍ଦ ଦାସ, ନେତ୍ରାନନ୍ଦ ଦାସ ପ୍ରମୁଖ ସହାୟତା କରିଥିଲେ।

# ୪ ଜୁଆଡ଼ି କୋର୍ଟ ଚାଲାଣ

ସୁକିନ୍ଦା, ୮।୧୧(ଡି.ଏନ୍.ଏ.)
ସୁକିନ୍ଦା ପୋଲିସ ଗୁରୁବାର ୪ଜୁଆଡିଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୁଆଡି ସୁକିନ୍ଦା ଥାନା ଅନ୍ତର୍ଗତ କେନ୍ଦୁଡିପି ଗ୍ରାମର ପ୍ରହ୍ଲାଦ ସାହୁ, ବୋତଲଣ୍ଡା ଗ୍ରାମର ସୁଧାକର ଦେହୁରୀ, ସିଙ୍ଗାଡିଆ ଗ୍ରାମର ରଞ୍ଜନ ବାରିକ ଓ କଳିଙ୍ଗନଗର ଥାନା ରଣାଗୁଣ୍ଡି ଗ୍ରାମର ମୋହନ ମହାନ୍ତି। ବୁଧବାର ବିଳମ୍ବିତ ରାତିରେ ମଙ୍ଗଳପୁର ଛକ ନିକଟରେ ଜୁଆଖେଳ ହେଉଥିବା ଖବର ପାଇ ପୋଲିସ ଚଢାଉ ୪ ଜଣଙ୍କୁ ଗିରଫ କରିଥିଲା। ଚଢାଉବେଳେ ପୋଲିସ ଗେଟପିଲି ସହ ୬୫୬୦ ଟଙ୍କା ଜବତ କରିଥି ଥାନାଅଧିକାରୀ ସୌମ୍ୟଚିତ୍ ମିଶ୍ର କହିଛନ୍ତି।


GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER

TENDER NOTICE NO. : HWP/Tal/Admn/Welfare/2018/01

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO. : Vikrampur, Dist. : Angul, Odisha - 759106, on behalf of the President of India from eligible ontractors for the work and details given below : **NIT No. : HWP/Tal/Admn/Welfare/2018/01, Name of the Work :** Annual Medical Examination of the employees of Heavy Water Plant, Talcher.. **Estimated Cost :** Rs. 4,93,000/-. **Earnest Money Deposit :** Rs.9,860/-. **Period of Completion :** 15 (Fifteen) Days. **Last Date and Time for receipt / opening of request for issue of Tender Documents:** 12.11.2018 (14:30 Hrs.). **Date of Sale of Tender :** 13.11.2018. **Last Date and Time of Submission of Tender :** 17.11.2018 (14:30Hrs). The detailed NIT can be obtained from the website **www.hwb.gov.in.**



INDIAN RAILWAYS

**ପୂର୍ବ ତଟ ରେଳପଥ**

**ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା**

**ସଂ. SDCM/KUR/STBA/Phase-VII** — **ତା. 29.10.2018ରିଖ**

ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଚଉଦ (14) ଗୋଟି 'E' ବର୍ଗର ଷ୍ଟେସନଗୁଡ଼ିକ ଠାରେ କମ୍ପ୍ୟୁଟରୀକୃତ **ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS)** ମାଧ୍ୟମରେ କମିଶନ ଭିତ୍ତିରେ **ଅସଂରକ୍ଷିତ ଟିକଟ** ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କ (STBA) ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍** ନିକଟକୁ ଆବେଦନ କରିପାରିବେ।

**ଷ୍ଟେସନଗୁଡ଼ିକର ନାମ :**

**(1) ଚାରବାଟିଆ, (2) କାଇପଦର ରୋଡ୍, (3) ଝାଡୁପୁଡ଼ି, (4) ବରଣ୍ଡୁ, (5) ସୁମ୍ବାଦେବୀ, (6) ବୀରପୁରୁଷୋତ୍ତମପୁର, (7) ଖୋର୍ଦ୍ଧା ଟାଉନ୍, (8) ବେଗୁନିଆ, (9) ବସନ୍ତପୁର, (10) ଶଗଡ଼ପଟା, (11) ଚିଲିକିଦରା, (12) ନିରାକାରପୁର, (13) ମାଳତୀପାଟପୁର ଏବଂ (14) ଭୁଷଣ୍ଡପୁର।**

ଉପରୋକ୍ତ ଷ୍ଟେସନଗୁଡ଼ିକ ନିମନ୍ତେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.**10.12.2018** ରିଖ **1100** ଘଟିକା ମଧ୍ୟରେ କିମ୍ବା ଏହା ପୂର୍ବରୁ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍‌**ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.10.12.2018 ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ।

**ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା. 10.12.2018 ରିଖ 1100 ଘଟିକା**

**ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ : ତା. 10.12.2018 ରିଖ 1130 ଘଟିକା**

__କିପରି ଆବେଦନ କରିବେ :__ ଉପରୋକ୍ତ ଯେକୌଣସି ଚଉଦ (14) ଗୋଟି "E" ବର୍ଗର ଷ୍ଟେସନଗୁଡ଼ିକ ନିମନ୍ତେ ବାସସ୍ଥାନକୁ ଦୃଷ୍ଟିରେ ରଖି ଯେଉଁ ଷ୍ଟେସନ ପାଇଁ ଯୋଗ୍ୟ, ପ୍ରାର୍ଥୀମାନେ ପୃଥକ ଭାବେ ଏକ ସାଧା କାଗଜରେ ନିମ୍ନଲିଖିତ ବିବରଣୀଗୁଡ଼ିକୁ ଉଲ୍ଲେଖ କରି **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ-752050**ଙ୍କୁ ଆବେଦନ କରିପାରିବେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ-ଜଟଣୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ବନ୍ଦ ହେବା ତାରିଖ ଦିନ କିମ୍ବା ଏହା ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ପକାଇ ପାରିବେ। ଡାକ ସେବା କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଆସିଥିବା ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତଟି ପ୍ରଦତ୍ତ ଫର୍ମାଟ ଅନୁଯାୟୀ ହେବା ଉଚିତ :

__ଆବଶ୍ୟକୀୟ ତଥ୍ୟାବଳୀ ଏବଂ ନଥିପତ୍ର__ (ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବା/ସଂଲଗ୍ନ କରାଯିବ) :

(1) ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଦରଖାସ୍ତ (2) STBA ନିଯୁକ୍ତି ନିମନ୍ତେ ଷ୍ଟେସନର ନାମ (3) ବଡ଼ ଅକ୍ଷରରେ ନାମ, ଫଟୋଗ୍ରାଫ୍ (ଅଠା ଲଗାଯିବ), ପିତାଙ୍କ ନାମ ଏବଂ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ଡାକ ଠିକଣା (4) ଶିକ୍ଷାଗତ ଯୋଗ୍ୟତା (ନକଲ ସଂଲଗ୍ନ କରିବାକୁ ହେବ) (5) ଯେଉଁଠାରେ STBA ନିଯୁକ୍ତି ନିମନ୍ତେ ପ୍ରସ୍ତାବ ଅଛି, ସେହି ଷ୍ଟେସନର ସ୍ଥାନୀୟ ବ୍ଲକ/ତହସିଲ/ମଣ୍ଡଳ ନିକଟରୁ ଆବାସିକ ପ୍ରମାଣପତ୍ର (6) ପ୍ରାର୍ଥୀଙ୍କ ନିକଟସ୍ଥ ପୋଲିସ୍ ଷ୍ଟେସନର ନାମ ଓ ଠିକଣା। ପୋଲିସ୍ ଯାଞ୍ଚ ପ୍ରମାଣପତ୍ର (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା 05 କୁ ଅନୁଧ୍ୟାନ କରନ୍ତୁ) (7) ଟ. 2,000/- ଦୁଇ ହଜାରର ଅମାନତ ରାଶି (EMD)ର ସବିଶେଷ ବିବରଣୀ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା 06 କୁ ଅନୁଧ୍ୟାନ କରନ୍ତୁ) (8) ଘୋଷଣାନାମା ପ୍ରମାଣ ପତ୍ର ଦାଖଲ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା 08 କୁ ଅନୁଧ୍ୟାନ କରନ୍ତୁ) (9) ଦରଖାସ୍ତ ଫର୍ମରେ ଉପଲବ୍ଧ ଥିବା ଖାଲି ସ୍ଥାନରେ ଗୋଟିଏ ପାସପୋର୍ଟ ଆକାର ବିଶିଷ୍ଟ ଫଟୋଗ୍ରାଫ୍ ସଂଲଗ୍ନ କରାଯିବା ଆବଶ୍ୟକ (10) ପ୍ରାର୍ଥୀଙ୍କ ସ୍ୱାକ୍ଷର ଏବଂ ତାରିଖ (11) ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଦ୍ୱାରା ବିଧିବଦ୍ଧ ଭାବେ ପ୍ରମାଣିତ ହୋଇଥିବା ମାଣ୍ଡେଟ୍ ଫର୍ମ (Mandate form)।

__ଅମାନତ ରାଶି (EMD) :__ ଅମାନତ ରାଶି ବାବଦକୁ "Principal Financial Advisor (PFA), ପୂର୍ବ ତଟ ରେଳପଥ, ଭୁବନେଶ୍ୱର"ଙ୍କ ନାମରେ "ଭୁବନେଶ୍ୱର" ଠାରେ ପରିଶୋଧନୀୟ ଟ. 2000/- (ଦୁଇ ହଜାର ଟଙ୍କା ମାତ୍ର)ର ଡିମାଣ୍ଡ ଡ୍ରାଫ୍ଟ ଦରଖାସ୍ତ ସହିତ ସଂଲଗ୍ନ କରିବା ଉଚିତ। EMD ବିନା ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ନାକଚ କରିଦିଆଯିବ।

ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବ ନାହିଁ। ଦରଖାସ୍ତଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ପରେ ଯଦି ଆବଶ୍ୟକ ହୁଏ ପ୍ରାର୍ଥୀମାନଙ୍କୁ ଚୟନ ତାରିଖ ସମ୍ବନ୍ଧରେ ଚୟନ କମିଟି ନିକଟରେ ଉପସ୍ଥିତ ହେବାପାଇଁ ଜଣାଇ ଦିଆଯିବ। କୌଣସି କାରଣ ନଦର୍ଶାଇ ଯେକୌଣସି ଦରଖାସ୍ତକୁ ଗ୍ରହଣ ବା ନାକଚ କରିବାର ଅଧିକାର ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ଅଟେ।

ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଏବଂ **http://tenders.gov.in** ଅବଲୋକନ କରନ୍ତୁ କିମ୍ବା **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍ ମଣ୍ଡଳ, ପୋଷ୍ଟ : ଜଟଣୀ, ପିନ୍ : 752050** ଙ୍କ ସହିତ ଯୋଗାଯୋଗ କରନ୍ତୁ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ୍

PR-379/J/18-19



SBI

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା, ପ୍ଲଟ୍ ନଂ: ୬୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୬୧୩
ଶାଖା ଇ-ମେଲ : sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି ରୁଲ୍ ୮ (୬) ଦ୍ରଷ୍ଟବ୍ୟ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ର ସର୍ତ୍ତ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ଯାହା କିଛି ସେଠାରେ ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ **ତା୧୦.୧୨.୨୦୧୮ରିଖରେ** ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାକି ନିମ୍ନରେ ପ୍ରଦତ୍ତ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୫.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ ଅମାନତ ଜମା ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲ, ପ୍ଲଟ ନଂ.: ଏ/୬୦, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦, **ବିକଳ୍ପ ଠିକଣା:** ପ୍ଲଟ୍ ନଂ.: ଏ/୫୬, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦। | **ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲଙ୍କ ନାମରେ ଥିବା ଏକ ୩ ବିଏଚ୍‌କେ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଜିଲ୍ଲା ସବ୍-ରେଜିଷ୍ଟ୍ରାର୍: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି ଏବଂ ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୧.୫୮ ଡିସିମିଲି ସହିତ **"ତ୍ରିଷ୍ଟା ଅରଚିଡ୍"** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ଦ୍ୱିତୀୟ ମହଲା, ୩ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ହସ୍ତାନ୍ତର କରାଯାଇଅଛି। | ୧୯.୧୧.୨୦୧୬ ସୁଦ୍ଧା ଟ.୪୭,୬୩,୭୩୭/- + ୨୦.୧୧.୨୦୧୬ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୧.୨୦୧୬ | ଟ.୪୧,୩୫,୦୦୦/- / ଟ.୪,୧୩,୫୦୦/- / ଟ.୧୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ,** ଉଭୟଙ୍କ ଠିକଣା : ସା : ବି-୧୯୩/୧୧, ସେକ୍ଟର-୦୨, ନାଲକୋ ମାଇନ୍ସ, ଦାମନଜୋଡି, କୋରାପୁଟ - ୭୬୩୦୦୮ | **ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ**ଙ୍କ ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଡିଏସଆରଓ : ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ସ୍ଥିତି-ସ୍ଥିତିବାନ, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୨.୭୧ ଡିସିମିଲି ସହିତ **"ତ୍ରିଷ୍ଟା ଅରଚିଡ୍"** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୧୧୦, ଟାଇପ୍-ଜେ, ପ୍ରଥମ ମହଲା, ୧୩୧୩ ବର୍ଗଫୁଟ ସ୍ଥାନରେ ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ଘର ଏବଂ କାର ପାର୍କିଂ ନିମନ୍ତେ ଛାତ ତଳ ୧୪ ନମ୍ବର ସ୍ଥାନ ହସ୍ତାନ୍ତର କରାଯାଇଅଛି। | ୦୫.୦୬.୨୦୧୭ ସୁଦ୍ଧା ଟ.୩୭,୯୯,୭୧୯/- + ୦୬.୦୬.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୦୬.୦୬.୨୦୧୭ | ଟ.୪୧,୭୫,୦୦୦/- / ଟ.୪,୧୭,୫୦୦/- / ଟ.୧୦,୦୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ଏସ୍.ଏସ୍. ଫୁଡ୍ସ, ସ୍ୱତ୍ତ୍ୱାଧିକାରୀ : ଶ୍ରୀମତୀ ରଶ୍ମୀ ପ୍ରଧାନ,** ସ୍ୱାମୀ : ଶ୍ରୀ ସତ୍ୟ ଗୋପାଳ ଧିର୍‌ବିଶୋଇ, ସା : ନୂଆପାଟଣା, ବୀରହରେକୃଷ୍ଣପୁର, ପୁରୀ, ଜିଲ୍ଲା : ପୁରୀ, **ବାସସ୍ଥାନ ଠିକଣା :** ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ, ଜିଲ୍ଲା : ପୁରୀ / **ଜାମିନଦାରମାନେ : ୧) ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ,** ସ୍ୱାମୀ : ଶ୍ୟାମଗୋପାଳ ଧିର୍‌ବିଶୋଇ, ସା : ସର୍ବୋଦୟ ନଗର, ପୁରୀ, ଓଡିଶା, ୨) ଶ୍ରୀ ରବିନାରାୟଣ ପ୍ରଧାନ | **ଶ୍ରୀମତୀ ରଶ୍ମୀ ପ୍ରଧାନ ଏବଂ ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବାଲୁଖଣ୍ଡ-୧୫୧, ତହସିଲ : ପୁରୀ, ଥାନା : ପୁରୀ ସଦର, ଜିଲ୍ଲା : ପୁରୀ, ମ୍ୟୁଟେଟେଡ଼ ଖାତା ନଂ.: ୫୨୧/୩୧୩୧, ମ୍ୟୁଟେଟେଡ ପ୍ଲଟ୍ ନଂ.: ୧୭୨/୮୦୧୮, କ୍ଷେତ୍ର : ଏକର୦.୦୫୮ ଡିସିମିଲି, କିସମ : ଘରବାରୀ | ୧୩.୧୨.୨୦୧୭ ସୁଦ୍ଧା ଟ.୪୩,୨୯,୦୫୯/- + ୧୪.୧୨.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୨.୨୦୧୭ | ଟ.୨୦,୩୮,୦୦୦/- / ଟ.୨,୦୩,୮୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ : ୦୩.୧୨.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା**

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର **website i.e https://sbi.auctiontiger.net** ରେ ଦେଖିପାରିବେ।

ତାରିଖ :୦୮.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ନଭେମ୍ବର, ୨୦୧୮



ପର ବୁଦ୍ଧିରେ ନିଜ ବ୍ୟକ୍ତିତ୍ୱକୁ ବଳିଦେବା କେବେହେଲେ ବୁଦ୍ଧିମାନର କାର୍ଯ୍ୟ ନୁହେଁ। ଯେଉଁଲୋକ ପ୍ରସନ୍ନ ଚିତ୍ତରେ କଥା କହେ ବା କାମ କରେ, ସୁଖ ତା' ପଛରେ ଛାଇ ପରି ଲାଗି ରହିଥାଏ।
-ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ମାରପିଟ ମାମଲାରେ ୪ କୋର୍ଟ ଚାଲାଣ

**ଛତିଆ,୮।୧୧(ଡି.ଏନ୍.ଏ):** ମାରପିଟ ମାମଲାରେ ବୈରୀ ପୋଲିସ ବୁଧବାର ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୈରୀ ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ବିଭୂତି ତ୍ରିପାଠୀ, ବୈକୁଣ୍ଠ ତ୍ରିପାଠୀ, ପ୍ରଦୀପ୍ତ ତ୍ରିପାଠୀ ଓ ପ୍ରସନ୍ନ ତ୍ରିପାଠୀ। ପ୍ରକାଶ ଯେ, ଗତ ମଙ୍ଗଳବାର କୌଣସି କାରଣରୁ ଦମୟନ୍ତୀ ତ୍ରିପାଠୀ ଏବଂ ତାଙ୍କର ୩ ପୁଅ ପ୍ରଦୀପ୍ତ, ପ୍ରମୋଦ ଓ ପ୍ରସନ୍ନଙ୍କ ସହ ବୈକୁଣ୍ଠଙ୍କ ପରିବାରର ବଚସା ହୋଇଥିଲା। ପରେ ଉଭୟ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ପ୍ରସନ୍ନ ଏକ ଧାରୁଆ ଅସ୍ତ୍ରରେ ବୈକୁଣ୍ଠଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ବୈକୁଣ୍ଠ ପାଲଟା ଆକ୍ରମଣ କରିବାରୁ ପ୍ରସନ୍ନ ଓ ତାଙ୍କ ମା'ଙ୍କ ମୁଣ୍ଡ ଫାଟିଯାଇଥିଲା। ବିଭୂତି ଓ ବୈକୁଣ୍ଠ ମଧ୍ୟ ଆହତ ହୋଇଥିଲେ। ବୈରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

### ଗଣ୍ଡଗୋଳ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

**କୋରେଇ,୮।୧୧(ସ୍ୱ.ପ୍ର.):** ଗଣ୍ଡଗୋଳ ଅଭିଯୋଗରେ ପାଣିକୋଇଲି ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମର ଗୋପାଳକୃଷ୍ଣ ପାଢ଼ୀ ଓରଫ କୁଲୁ(୩୫)। କୁଲୁ ସବୁବେଳେ ଗ୍ରାମରେ ଗଣ୍ଡଗୋଳ କରିଥାନ୍ତି। ବୁଧବାର କୁଲୁ ଛୋଟରାୟପୁର ଛକରେ ଉକ୍ତ ଗ୍ରାମର ସଦାଶିବଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସଦାଶିବ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ସଦାଶିବ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(୧୮୦/୧୮) ରୁଜୁ କରିଥିଲା।

### ଓଲଟିଲା ପିକ୍‌ଅପ୍

**ଚଣ୍ଡିଖୋଲ,୮।୧୧(ଡି.ଏନ.ଏ):** ୧୬ନମ୍ବର ଜାତୀୟ ରାଜପଥର ବଡଚଣା ଛକ ନିକଟରେ ଗୁରୁବାର ସକାଳେ ଏକ ଅଖା ବୋଝେଇ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଯାଜପୁରରୁ କଟକ ଅଭିମୁଖେ ଅଖା ବୋଝେଇ କରି ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି ୩୪ଏଫ ୨୧୪୦)ର ଷ୍ଟିୟରିଂ ଫେଲ୍ ହୋଇଯିବା କାରଣରୁ ରାସ୍ତାର ବାମପାର୍ଶ୍ୱରେ ଥିବା କଲଭର୍ଟ ବାଡରେ ଧକ୍କା ଦେଇ ଓଲଟି ପଡିଥିଲା।

# ସ୍ଥାନୀୟ ନିଯୁକ୍ତିରେ ପକ୍ଷପାତିତା

**ଯାଜପୁର ଅଫିସ, ୮।୧୧**

**ଯାଜପୁର ଶିଳ୍ପାଞ୍ଚଳ**

- ଯେଉଁ ରାଜ୍ୟର ଶିଳ୍ପ ସେହି ରାଜ୍ୟର ଲୋକଙ୍କୁ ଦିଆଯାଉଛି ପ୍ରାଧାନ୍ୟ
- ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଶିଳ୍ପରେ ନିଯୁକ୍ତି ନୈରାଶ୍ୟଜନକ

ରାଜ୍ୟରେ ପୁଞ୍ଜି ନିବେଶ ବଢ଼ିବା ସହିତ ସେହି ଅନୁସାରେ କର୍ମ ନିଯୁକ୍ତି ସୃଷ୍ଟି କରିବାକୁ ସରକାର ଲାଗି ପଡ଼ିଛନ୍ତି। ଏପରି କି ମେକ ଇନ୍ ଓଡିଶା କନ୍‌କ୍ଲେଭ ଜରିଆରେ ଶିଳ୍ପସଂସ୍ଥାକୁ ଆହ୍ୱାନ କରାଯାଉଛି। ଇତିମଧ୍ୟରେ ଶିଳ୍ପରେ ୨୮ହଜାର କୋଟି ଟଙ୍କାର ନିବେଶ ହୋଇଛି। ଏଥିରେ ପ୍ରାୟ ୨୩ ହଜାର କର୍ମ ନିଯୁକ୍ତି ସୃଷ୍ଟି ହେବ ବୋଲି ରାଜ୍ୟ ସରକାର ଦୃଢୋକ୍ତି ପ୍ରକାଶ କରିଛନ୍ତି। ହେଲେ ଯାଜପୁର ଜିଲାରେ ସ୍ଥାନୀୟ କର୍ମ ନିଯୁକ୍ତି କ୍ଷେତ୍ରରେ ବାସ୍ତବ ଚିତ୍ର ଓଲଟା। କଳିଙ୍ଗନଗର ବୃହତ୍ ଶିଳ୍ପ କମ୍ପାନୀଗୁଡ଼ିକ ଅଭିଜ୍ଞତା ଆଳ କରି ବାହାର ରାଜ୍ୟର ଯୁବତୀଯୁବକଙ୍କୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଏଠାରେ ବିଶେଷ କରି ଯେଉଁ ରାଜ୍ୟର ଶିଳ୍ପ କମ୍ପାନୀ ସେହି ରାଜ୍ୟର ଲୋକଙ୍କୁ ନିଯୁକ୍ତିରେ ଅଧିକ ସୁଯୋଗ ମିଳୁଛି। ଏପରିକି ବିଭିନ୍ନ ଜାଲ ପ୍ରମାଣପତ୍ର ଦେଇ ବାହାର ରାଜ୍ୟର ଲୋକ ଏଠାରେ ଚାକିରି କରୁଥିବା ଅଭିଯୋଗ ଉଠିଛି। ଏଠାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଏକ ପ୍ରକାର ପକ୍ଷପାତିତା ନୀତି ଅବଲମ୍ବନ କରାଯାଉଥିବା କୁହାଯାଉଛି। ସିଙ୍ଗିଲ ୱିଣ୍ଡୋ ଜରିଆରେ ସର୍ବାଧିକ ୧୦କୋଟି ଟଙ୍କା ନିବେଶ କରିଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ମଧ୍ୟ ନିଯୁକ୍ତି ନୈରାଶ୍ୟଜନକ ରହିଛି । ଏନେଇ ଏକ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ମତପ୍ରକାଶ ପାଇଛି।

କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଟାଟା ଷ୍ଟିଲ୍ କାରଖାନାରେ ୩,୫୨୬ଜଣ ସ୍ଥାନୀୟ ନିଯୁକ୍ତି ପାଇଛନ୍ତି। ଏଥିରେ ୪୮.୫୩ ପ୍ରତିଶତ ରାଜ୍ୟର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଜାଲ ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ଅଭିଯୋଗ କରି ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟାଟା ଷ୍ଟିଲ୍ ନୋଟିସ ଦେଇଥିବା ସୂଚନା ମିଳିଛି । ଏଥିରେ ପ୍ରାୟ ୯୦ ପ୍ରତିଶତ ଅଣଓଡ଼ି। ସେଥିରୁ ପୁଣି ପ୍ରାୟ ୬୦ପ୍ରତିଶତ ଟାଟା ଷ୍ଟିଲର ଜନ୍ମସ୍ଥଳୀ ଜାମସେଦପୁର ଅଞ୍ଚଳର ବୋଲି ଚର୍ଚ୍ଚା ହେଉଛି। ଏହି ବୃହତ୍ କମ୍ପାନୀରେ ସମୁଦାୟ ସ୍ଥାୟୀ ନିଯୁକ୍ତି ମଧ୍ୟରୁ ପ୍ରାୟ ୬୦ପ୍ରତିଶତ ବିହାର ରାଜ୍ୟର। ସେହିପରି ଏଠାରେ ୧୬,୦୫୨ ଜଣ ଅସ୍ଥାୟୀ ଠିକାଶ୍ରମିକ ଭାବେ କାର୍ଯ୍ୟରତ। ଏଥିରେ ବି ପ୍ରାୟ ୮୦ପ୍ରତିଶତ ବିହାର ରାଜ୍ୟର ଠିକାସଂସ୍ଥା ନିୟୋଜିତ ହୋଇଛନ୍ତି। ଏହି କମ୍ପାନୀରେ କେତେକ ସିନିୟର ଏକ୍‌ଜିକ୍ୟୁଟିଭଙ୍କୁ ବାଦ ଦେଲେ ବୈଷୟିକ କ୍ଷେତ୍ରରେ ପ୍ରାୟ ଅଣଓଡିଆ ଅଧିକାରୀ ନିଯୁକ୍ତି ପାଇଛନ୍ତି। ଏଥିନେଇ କେତେକ ଶ୍ରମିକ ସଂଗଠନ ଓ ରାଜନୈତିକ ଦଳ ଆନ୍ଦୋଳନ କରିବାକୁ ଆଗେଇ ଆସିଛନ୍ତି । ଆଉ ନିଜର ବଳ ଦେଖାଇ ସାରିବା ପରେ ରାତାରାତି କମ୍ପାନୀ ସହିତ ହାତ ମିଳାଇ ନିଜର ବୟାନ ବଦଳାଇବାକୁ ସମୟ ମଧ୍ୟ ଲାଗୁ ନାହିଁ। ଏଥିରେ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଉଛି। କେତେକ ଓଡ଼ିଆ ଠିକାସଂସ୍ଥା ମଧ୍ୟ ଏଥିରେ ନିରାଶ ହେଉଛନ୍ତି। ରିପୋର୍ଟ ଅନୁସାରେ ସ୍ଥାନୀୟ ନିଯୁକ୍ତି କ୍ଷେତ୍ରରେ ଟାଟା ଷ୍ଟିଲ ସବୁଠୁ କମ୍ ପ୍ରତିଶତରେ ରହିଥିବାବେଳେ ଭିସା ଷ୍ଟିଲରେ ୫୫.୬୨ ପ୍ରତିଶତ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲରେ ୫୬.୭୯ ପ୍ରତିଶତ, ନୀଳାଚଳ ଇସ୍ପାତ ନିଗମରେ ୮୭.୨୪ ପ୍ରତିଶତ, ମେସ୍କୋ ଷ୍ଟିଲରେ ୯୫ ପ୍ରତିଶତ, କେଜେ ଇସ୍ପାତରେ ୮୮.୭୩ ପ୍ରତିଶତ, ରୋହିତ ଫେରୋଟେକରେ ୮୫.୮୨ ପ୍ରତିଶତ ଓ ଯାଜଦାନୀ ଷ୍ଟିଲରେ ୯୭.୧୫ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ପାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଭିସା ଷ୍ଟିଲରେ ତାର ଜନ୍ମସ୍ଥଳୀ ପଶ୍ଚିମବଙ୍ଗ ଏବଂ ଜିନ୍ଦଲ ଷ୍ଟେନଲେସ ଷ୍ଟିଲରେ ହରିୟାଣା ସମେତ ଦିଲ୍ଲୀ, ପଞ୍ଜାବ ଆଦି ରାଜ୍ୟର ଅଧିକାଂଶ ନିଯୁକ୍ତି ପାଇଥିବା ଚର୍ଚ୍ଚା ହେଉଛି। ସିଙ୍ଗିଲ ୱିଣ୍ଡୋ ଜରିଆରେ ଆସିଥିବା ୧୬ଟି କାରଖାନାରେ ଏଯାଏ ୧୩୬୮ଜଣ ନିଯୁକ୍ତି ପାଇଛନ୍ତି। ଏଥିରେ ସରକାରଙ୍କ ଦୃଢୋକ୍ତି କେତେ ସଫଳ ହେଉଛି ତାହା ସ୍ପଷ୍ଟ ଅନୁମେୟ। ଏସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କୁହନ୍ତି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦେବାକୁ ଜିଲା ପ୍ରଶାସନ ସଦାସର୍ବଦା ଗୁରୁତ୍ୱ ଦେଇ ଆସୁଛି । ବିଭିନ୍ନ ସମୟରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ପରାମର୍ଶ ଦିଆଯାଉଛି ବୋଲି ମିଶ୍ର କହିଛନ୍ତି। ଜିଲା ଶିଳ୍ପ କେନ୍ଦ୍ରର ଆଞ୍ଚଳିକ ଅଧିକାରୀ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ସର୍ବାଧିକ ୧୦ କୋଟି ଟଙ୍କା ନିବେଶରେ ସିଙ୍ଗିଲ ୱିଣ୍ଡୋ ଜରିଆରେ ଶିଳ୍ପ ପ୍ରତିଷ୍ଠା ହେଉଛି। ତଦନୁସାରେ ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ଦିଆଯାଉଛି । ଏହାବାଦ ଅନ୍ୟାନ୍ୟ ସ୍ୱାବଲମ୍ବୀ କାର୍ଯ୍ୟକ୍ରମ ପାଇଁ ବିଭିନ୍ନସ୍ତରରେ ସଚେତନତା ଶିବିରମାନ ଆୟୋଜନ ହେଉଛି ବୋଲି ବେହେରା କହିଛନ୍ତି।

## ବିଞ୍ଝାରପୁରରେ ଶ୍ୟାମାକାଳୀ ପୂଜା

**ବିଞ୍ଝାରପୁର,୮।୧୧(ଡି.ଏନ୍.ଏ.)**

ବିଞ୍ଝାରପୁର ଅଞ୍ଚଳରେ ବିଭିନ୍ନ ପୂଜାମଣ୍ଡପରେ ମା' ଶ୍ୟାମାକାଳୀ ପୂଜା ମଙ୍ଗଳବାର ବିଳମ୍ବିତ ରାତ୍ରିରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ସବୁ ବର୍ଷପରି ଚଳିତ ବର୍ଷ ଗୌଡ଼ସାହି ବ୍ଲକ ଛକରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଖରସ୍ରୋତା ନଦୀରୁ କଳସପୂଜା କରାଯିବା ସହ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ଶୋଡଷ ଉପଚାର ପୂଜାବିଧି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ କରାଯାଇଛି। ସପ୍ତାହବ୍ୟାପୀ ଏହି ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସଭାପତି ଶ୍ୟାମସୁନ୍ଦର ବେହେରା ସୂଚନା ଦେଇଛନ୍ତି। ଏହି ପୂଜାକାର୍ଯ୍ୟକୁ ଗୌଡ଼ସାହି ଶ୍ୟାମପୂଜା କମିଟିର ସଦସ୍ୟ ଅକ୍ଷୟ କୁମାର ବେହେରା, ଶିବ ପ୍ରସାଦ ବେହେରା, ଗଣେଶ ମିଶ୍ର, ପ୍ରମୋଦ ମିଶ୍ର, ବରୁଣ ସ୍ୱାଇଁ, ଶ୍ରୀବତ୍ସ ବେହେରା, ସୁନାକର ସାହୁ, ବାବାଜୀ ମିଶ୍ର, ଭରତ ସାହୁ ,କାହ୍ନୁ ଚରଣ ସାହୁ, ମାନବ କାଣ୍ଡି, ପ୍ରଶାନ୍ତ ମିଶ୍ର, ଅତୁଲ ଦାଶ, ରାଜକୃଷ୍ଣ ମିଶ୍ର,ଉତ୍କଳ ଦାଶ,ବ୍ରଜ ବେହେରା, ଚଗିନ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି। ସିଂହପୁର, ମଧୁସୂଦନପୁର, ମଙ୍ଗୁନ୍ଦା, ଶାଶନ୍ଦାଠାରେ ବହୁ ଜାକଜମକରେ ପୂଜାମଣ୍ଡପରେ ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଛି।

## ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କ ଘେରିବନ୍ଧ ପରିଦର୍ଶନ

**ବରୀ,୮।୧୧(ସ୍ୱ.ପ୍ର.)**

ଜାରକା ଜଳସମ୍ପଦ ଡିଭିଜନ ଅଧୀନରେ ୨୦୧୧ରୁ ଚାଲିଥିବା ଘେରିବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାରକା ଡିଭିଜନର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବାମଦେବ ବିଶ୍ୱାଳ, ବରୀ ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀ, ଚଣ୍ଡିଖୋଲ ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ନାୟକ ଓ ରତ୍ନଗିରି, ବାଲିକୁଦା ସେକ୍ସନର କନିଷ୍ଠ ଯନ୍ତ୍ରୀ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟିମ୍ ସହ ନିର୍ମାଣାଧୀନ ବନ୍ଧବାଡ, ସ୍ଲୁଇସ୍‌ଗେଟ୍ ପରିଦର୍ଶନ କରିଥିଲେ। ପରେ ଗଣ ପରିଷଦର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବ୍ରାହ୍ମଣୀ, ବିରୂପା, କେଲୁଅ ନଦୀବନ୍ଧର ୫ ସ୍ଥାନରେ ଜଳ ନିଷ୍କାସନ ପାଇଁ ସ୍ଲୁଇସ୍ ଗେଟ୍ ନିର୍ମାଣ ହୋଇଛି। ଶ୍ରୀରାମପୁର, ଗମ୍ଭୁ, ମହାକାଳପଡା ସ୍ଲୁଇସ୍ ଗେଟ୍ ସମ୍ପୂର୍ଣ୍ଣ ହୋଇଥିଲା ବେଳେ ନିର୍ମାଣଗତ ତ୍ରୁଟି ଯୋଗୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ଜଣାପଡିଛି। ଜଳ ନିଷ୍କାସନ ହୋଇ ନ ପାରିବାରୁ ବରୀ, ଧର୍ମଶାଳା, ଯାଜପୁର, ରସୁଲପୁର, ବଡଚଣା ବ୍ଲକର ୧୪ ହଜାର ହେକ୍ଟର ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବନ୍ଧକୁ ସୁରକ୍ଷା ଦେବାପାଇଁ ରାମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀ ପାର୍ଶ୍ୱରେ ପାଚେରି ୱାଲ ନିର୍ମାଣ ଚାଲିଛି। ୮୪ କି.ମି. ଘେରିବନ୍ଧ ନିର୍ମାଣ ପାଇଁ ୭୨ କୋଟି ଟଙ୍କା ବ୍ୟୟ ବରାଦରେ ଠିକାଦାର ମାଧ୍ୟମରେ କାର୍ଯ୍ୟ କରାଯାଉଥିଲା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଳିମିଶି ଲୁଟ୍ କରୁଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବହୁବାର ଅଭିଯୋଗ ହୋଇଛି। ଏପରି କି ଭିଜିଲାନ୍ସ ତଦନ୍ତ କରାଯାଇଥିବା ଜଣାଯାଇଛି। ରାମପୁର, ମିର୍ଜାପୁର ନିକଟରେ ବ୍ରାହ୍ମଣୀର ଡାହାଣ ପାର୍ଶ୍ୱରେ ବାଲିରେ ବନ୍ଧ ନିର୍ମାଣ ହେଉଥିବାରୁ ଅଦିନିଆ ବର୍ଷାରେ ବାଲି ଧୋଇଯାଇ ନଦୀ ଗର୍ଭକୁ ଚାଲିଯାଇଛି। ତେବେ ପୁନର୍ବାର ଘେରିବନ୍ଧ ଯୋଜନାରେ ଆହୁରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସି ସାରିଲାଣି। କିନ୍ତୁ କାମ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି। ଏସବୁ ବିଷୟରେ ପରିଷଦର କର୍ମକର୍ତ୍ତାଙ୍କ ସହ ଖୋଲା ଆଲୋଚନା ହୋଇଥିଲା। ଜଳ ନିଷ୍କାସନ ପାଇଁ ଖୁବ୍‌ଶୀଘ୍ର ସ୍ଲୁଇସ୍ ଗେଟ୍ ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଗଣ ପରିଷଦର ନେତା ଲୋକନାଥ ଦାସ, କିଶୋର ଚନ୍ଦ୍ର ଦାସ, ଭଜହରି ମହାପାତ୍ର, ବିଷ୍ଣୁ ଚରଣ ମହାନ୍ତି, ବୃନ୍ଦାବନ ସାମଲ, କରୁଣାକର ମହାରଣା, ଆଇନଜୀବୀ ରାଜ କିଶୋର ସାମଲ ପ୍ରମୁଖ ଉପସ୍ଥିତ ରହି ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବାମଦେବ ବିଶ୍ୱାଳଙ୍କୁ ପଚାରିବାରେ, ମଙ୍ଗଳବାର ପରିଦର୍ଶନରେ ଯାଇଥିଲେ। ଘେରିବନ୍ଧ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଲୁଇସ୍‌ଗେଟ୍ ନିର୍ମାଣରେ ଯାହା ତ୍ରୁଟି ରହିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।

## ଶାନ୍ତି କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ

**ଯାଜପୁରରୋଡ, ୮।୧୧(ନି.ପ୍ର.)**


କାଳୀପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଗୁରୁବାର ଶାନ୍ତି କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ଆନୁଷ୍ଠାନିକଭାବେ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। କଳିଙ୍ଗନଗର ଅତରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁ, ଥାନାଧିକାରୀ ଅମିତାଭ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି କମିଟି ଆବାହକ ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ କୁମାର ବୋଇତେଇ, ବସଷ୍ଟାଣ୍ଡ ଶ୍ୟାମା କାଳୀପୂଜା କମିଟି ସଭାପତି ହୃଷୀକେଶ ସାହୁ, ହେମନ୍ତ କୁମାର ମହାନ୍ତି, ଚୋରଦା କାଳୀ ପୂଜା କମିଟିର ପ୍ରମୋଦ କୁମାର ରାଉତ, ଶିଶିର କୁମାର ରାଉତ, ଧବଳଗିରି ପୂଜା କମିଟିର ରବୀନ୍ଦ୍ର କୁମାର ସିଂ, ପ୍ରିୟଦର୍ଶୀ ମହାରଣା, ଦେବେନ୍ଦ୍ର ସାମଲ, ଦିନେଶ କୁମାର ସାହୁ, ଅସିତାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଶାନ୍ତିଶୃଙ୍ଖଳାର ସହ ମେଳଣ ଉତ୍ସବ ପାଳନ କରିବା ଶାନ୍ତି କମିଟିର ମୁଖ୍ୟ ଉଦ୍ଦେଶ୍ୟ।

## ମା' ବିରଜାଙ୍କ ପୁନଃ ପ୍ରତିଷ୍ଠା ଦିବସ ପ୍ରସ୍ତୁତି

**ବିରଜାକ୍ଷେତ୍ର,୮।୧୧(ଡି.ଏନ୍.ଏ)**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ୧୪ତମ ବାର୍ଷିକ ପୁନଃ ପ୍ରତିଷ୍ଠା ଦିବସ ଉପଲକ୍ଷେ ସୋମବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମହାବୀର ଜିମ୍ନାସିୟମ ପରିସରରେ ଥିବା ପ୍ରସିଦ୍ଧ ଶୈବପୀଠ ହଂସେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିରଜାମଣ୍ଡଳ ବିଦ୍ୱତ ପରିଷଦ ସଭାପତି ବୈକୁଣ୍ଠନାଥ ପତି ଓ ଉପସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ପାଦକ ପ୍ରମୋଦ କୁମାର ଦାଶ, ସହସମ୍ପାଦକ ପ୍ରଦୀପ୍ତ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରବିନାରାୟଣ ମିଶ୍ର, ସଭ୍ୟ ହୃଷିକେଶ ପାଣିଗ୍ରାହୀ, ଅଦ୍ୱୈତ ପ୍ରସାଦ ମିଶ୍ର, ଗୌରୀଶଙ୍କର ମିଶ୍ର, ପ୍ରଶାନ୍ତ କୁମାର ସନ୍ଧିବିଗ୍ରହ, ବସନ୍ତ କୁମାର ପତି, ଶରତ ଚନ୍ଦ୍ର ଶତପଥି, ନୃସିଂହ ପ୍ରସାଦ ସାମନ୍ତ, ବିଶ୍ୱନାଥ ତ୍ରିପାଠୀ, ପ୍ରଭଞ୍ଜନ ପତି, ପଦ୍ମଲୋଚନ ମିଶ୍ର, ରମେଶ ଚନ୍ଦ୍ର ପଣ୍ଡା, ହୃଷିକେଶ ମିଶ୍ର, କାଳନ୍ଦୀ ମିଶ୍ର, ଅନିରୁଦ୍ଧ ପଣ୍ଡା, ନୀଳକଣ୍ଠ ମିଶ୍ର, ଗିରିଶ ଚନ୍ଦ୍ର ଦାଶ, ସନ୍ତୋଷ ବେହେରା, ଅମର କୁମାର ଦାସ, ଗିରିଜା ଶଙ୍କର ସନ୍ଧିବିଗ୍ରହ ପ୍ରମୁଖଙ୍କ ମିଳିତ ସହଯୋଗରେ ପ୍ରସ୍ତୁତି ବୈଠକ ହୋଇଥିଲା। ଆସନ୍ତା ୨୮ ତାରିଖ ମା' ବିରଜାଙ୍କର ୧୪ତମ ବାର୍ଷିକ ପୁନଃ ପ୍ରତିଷ୍ଠା ଦିବସକୁ କିପରି ପାଳନ କରାଯିବ ତାହା ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା । ଏହିଦିନ ପ୍ରାତଃରୁ ଚଣ୍ଡୀପାଠ, ଜପ, ନାମ, ସଂକୀର୍ତ୍ତନ ଓ ଯଜ୍ଞାନୁଷ୍ଠାନ କାର୍ଯ୍ୟ ହେବା ସହିତ ସନ୍ଧ୍ୟା ୫.୩୦ରେ ସହସ୍ର ପରିମିତ ଘୃତ, ଦୀପ ମା'ଙ୍କୁ ଦାନ ଓ ମହାମନ୍ତ୍ର କୀର୍ତ୍ତନ ହେବ ବୋଲି ସ୍ଥିର ହୋଇଛି । ଇତିମଧ୍ୟରେ ମା' ବିରଜାଙ୍କ ମୂର୍ତ୍ତିବଦଳ ଘଟଣାକୁ ୧୩ ବର୍ଷ ପୂରି ୧୪ତମ ବର୍ଷରେ ପଦାର୍ପଣ କରୁଛି । ବିରଜା ମୂର୍ତ୍ତି ବଦଳ ଘଟଣାରେ ଯେଉଁମାନଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଥିଲା ସେମାନଙ୍କୁ ନ୍ୟାୟପାଳିକା ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାତ୍ର ବିରଜା ମୂର୍ତ୍ତି ବଦଳରେ ସଂଶ୍ଳିଷ୍ଟ ଥିବା ପ୍ରକୃତ ଅଭିଯୁକ୍ତଙ୍କୁ ଆଜିପର୍ଯ୍ୟନ୍ତ ଗିରଫ କରାଯାଇ ପାରି ନାହିଁ। ମା'ଙ୍କ ମୂଳ ମୂର୍ତ୍ତିକୁ ଯେଉଁଦିନ ରତ୍ନ ସିଂହାସନରେ ସ୍ଥାପନ କରାଯାଇଥିଲା, ସେହିଦିନକୁ ଲୋକଲୋଚନରେ ଉଜ୍ଜୀବୀତ କରି ରଖିବାକୁ ଏହି ପୁନଃ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି ।

## ଯାଜପୁରରେ ଜମୁଛି କାଳୀପୂଜା



ଷ୍ଟିଲ୍‌ସିଟିରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।




କଚେରି ବଜାର




ଯାଜପୁର ରୋଡ୍ ବସ୍‌ଷ୍ଟାଣ୍ଡ



ବଡ଼ବଜାର




ମାଣ୍ଡୁଗୌର ସାହି



ହରପାର୍ବତୀ ଛକ



ପାଣିକୋଇଲି



ସିଂହପୁର



ପବିତ୍ର ବାରି କହିଲେ ତୀର୍ଥଜଳ ବା ଗଙ୍ଗାଜଳ ନୁହେଁ, ନୟନର ବାରି ହିଁ ପବିତ୍ର। ଯେ ନେତ୍ର ଜଳରେ ପ୍ରଭୁଙ୍କର ପଦଧୌତ କରେ ତା'ର ଜନ୍ମ ଜନ୍ମର ପାପ ଧୋଇ ହୋଇଯାଏ।
- ଠାକୁର ଅଭିରାମ ପରମହଂସ



## ସଂକ୍ଷେପରେ

### କାଠଗଣ୍ଡି ଜବତ, ୨ ଗିରଫ



**ଦଶପଲ୍ଲା,୮।୧୧(ଡି.ଏନ.ଏ.):** ଦଶପଲ୍ଲା ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରୁ କାଠଗଣ୍ଡି ଚୋରା ଚାଲାଣ ବେଳେ ବନବିଭାଗ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ପୋଇବାଡି ଡିହସାହି ଗ୍ରାମର ପ୍ରଫୁଲ୍ଲ କୁମାର ମୁଦୁଲି(୪୭) ଓ ବୃନ୍ଦାବନ ନାୟକ(୫୮)। ମଙ୍ଗଳବାର ରାତି ପ୍ରାୟ ସାଢେ ୧ଟାରେ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରୁ ଏମାନେ ୨ଟି ଶାଳଲଗ୍ ଚୋରା ଚାଲାଣ କରୁଥିଲେ। ଖବରପାଇ ସାକେଣି ସେକ୍ସନ ବନପାଳ ଓ ବନରକ୍ଷୀଙ୍କ ସମେତ ସ୍କ୍ୱାଡ୍ ମିଳିତ ଚଢ଼ାଉ କରିଥିଲେ। ଜବତ କାଠ ୧୪ଘନଫୁଟ ହେବା ସହ ଏହାର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ଜଣାପଡିଛି।

### ସବ୍‌ଜେଲ୍‌ରେ ମୋବାଇଲ କୋର୍ଟ: ୯ ଅଭିଯୁକ୍ତଙ୍କୁ ଜାମିନ

**ଦଶପଲ୍ଲା,୮।୧୧(ଡି.ଏନ.ଏ.):** ଦଶପଲ୍ଲା ସବ୍‌ଜେଲ ମଧ୍ୟରେ ଗୁରୁବାର ମୋବାଇଲ୍ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଜେଏମ୍‌ଏଫ୍‌ସି ଶରତ କୁମାର ସାହୁ ଏହି ମୋବାଇଲ କୋର୍ଟରେ ୭ଟି ମକଦମା ଉପରେ ବିଚାର କରି ୯ଜଣ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକା(ପିଆର୍ ବଣ୍ଡ)ରେ ଛାଡିଛନ୍ତି। ୭ଗୋଟି ମକଦମା ମଧ୍ୟରେ ବନବିଭାଗ ପକ୍ଷରୁ ଗୋଟିଏ କରାଯାଇଥିବାବେଳେ ଅବକାରୀ ବିଭାଗର ୩ଟି ଓ ପୋଲିସ ପକ୍ଷରୁ କରାଯାଇଥିବା ୩ଟି ମକଦ୍ଦମାର ବିଚାର କରାଯାଇଛି। ଅନ୍ୟପକ୍ଷେ ଦଶପଲ୍ଲା ସବ୍‌ଜେଲରେ ୩୭ଜଣ ଅଭିଯୁକ୍ତଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଏବେ ୪୯ ଜଣ ରହିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଗୁରୁବାର ଛଡାଯାଇଛି। ରାଜ୍ୟରେ ଆଇନଜୀବୀ ମାନେ ଆନ୍ଦୋଳନ ଚଳାଇଥିବାରୁ ସବ୍‌ଜେଲରେ ମୋବାଇଲ କୋର୍ଟ ଅନୁଷ୍ଠିତ ହୋଇଥିବା ଜଣାଯାଇଛି।

# ଦହିବରା ଖାଇ ୧୮ ଛାତ୍ରୀଛାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ନୟାଗଡ଼ ଅଫିସ୍,୮।୧୧**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କେଶପାନିଆ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦହିବରା ଖାଇ ୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ଜଣ ଛାତ୍ରୀଛାତ୍ର ଥିବା ବେଳେ ଅବଶିଷ୍ଟ ମହିଳା ଓ ପୁରୁଷ ଅଛନ୍ତି। ୨୫ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ ଗୋଡ଼ିପଡ଼ା,ଶରଣକୁଳ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ଦହିବରା ବେପାରୀ ଓ ତାଙ୍କ ବାପା ମଧ୍ୟ ଅସୁସ୍ଥ ହୋଇଛନ୍ତି ।

ପ୍ରକାଶ ଯେ, ପଞ୍ଚରିଡ଼ା ମାନପୁର ଗ୍ରାମର ମାନସ ସାହୁ ଏକ ଲୁନାରେ ବୁଲି ବୁଲି ଦହିବରା ଆଳୁଦମ୍ ବିକ୍ରି କରନ୍ତି। ସୋମବାର ଅପରାହ୍ନ ୧ଟାରେ କେଶପାନିଆସ୍ଥିତ ଏକ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମାନସଙ୍କ ଠାରୁ ଦହିବରା ଖାଇଥିଲେ। ପରେ ସେ ଡମସାହି, ଭାଲିଆହିଡ଼ି, ଜାମୁସାହି, ତୋଡ଼ିସାହି, ପାରୁଳିହିଡ଼ି ଗ୍ରାମରେ ବିଭିନ୍ନ ଲୋକଙ୍କୁ ଦହିବରା ବିକ୍ରି କରିଥିଲେ। ମାନସଙ୍କଠାରୁ ଦହିବରା ଖାଇଥିବା ପିଲା ଓ ଲୋକଙ୍କର ସୋମବାର ରାତିରେ ପେଟ ବ୍ୟଥା ହେବା ସହ ଝାଡ଼ାବାନ୍ତି ହୋଇଥିଲା। କେତେଜଣ ଅସୁସ୍ଥଙ୍କୁ ସନ୍ଧ୍ୟାରେ ଗୋଡ଼ିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଥିବା ଫାର୍ମାସିଷ୍ଟ ସମସ୍ତଙ୍କୁ ଔଷଧ ଦେଇଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରିବର୍ତ୍ତେ ମଙ୍ଗଳବାର ରାତିରୁ ଗୁରୁତର ହେବାରୁ ସେମାନଙ୍କୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ସୌମ୍ୟରଞ୍ଜନ ପ୍ରଧାନ (୪), ଆଦିତ୍ୟ ପ୍ରଧାନ (୭), ଓମ୍‌ପ୍ରକାଶ ପରିଡ଼ା (୯)ଙ୍କ ସମେତ ୧୮ ଜଣ ଛାତ୍ରୀଛାତ୍ର ଚିକିତ୍ସିତ ହେଉଛନ୍ତି। ସେହିଭଳି ମାଳତି ପରିଡ଼ା(୫୦), ରୁନା ମୁଦୁଲି(୩୦), ଗୁଣ୍ଡିଚା ନାୟକ(୬୦) ପ୍ରମୁଖ ୭ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏଏସ୍‌ପି ଦିଲୀପ କୁମାର ସାହାଣୀ ଓ ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ମେଡ଼ିକାଲରେ ପହଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଭେଟିବା ସହ ଏହାର ତଦନ୍ତ କରିଥିଲେ। ଏ ନେଇ ଶରଣକୁଳ ଥାନା ଅଧିକାରୀ ମନୋଜ କୁମାର ସାହୁ କୁହନ୍ତି, ଦହିବରା ବେପାରୀ ମାନସ ଓ ତାଙ୍କ ବାପା ନବୀନ ଉଭୟ ଉକ୍ତ ଦହିବରା ଖାଇ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ଖାଦ୍ୟରେ କିଛି ପ୍ରତିକ୍ରିୟା ଯୋଗୁ ଏଭଳି ଘଟିଥିବା ଜଣାପଡୁଛି। ଏ ନେଇ ଜିଲା ସହକାରୀ ଚିକିତ୍ସା ଅଧିକାରୀ (ଏଡିଏମ୍‌ଓ) ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ଦହିବରା ଆଳୁଦମ୍ ଖାଇ ଏଭଳି ଘଟିଛି। ମେଡ଼ିକାଲରୁ ଏକ ଟିମ୍ ଦହିବରା ବିକ୍ରି କରୁଥିବା ବ୍ୟକ୍ତିଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି। ୧୮ ଜଣ ଶିଶୁ ଚିକିତ୍ସାଳୟ ଓ ୭ ଜଣ ମେଡିସିନ ୱାର୍ଡରେ ଚିକିତ୍ସିତ ହେଉଥିବା ବେଳେ ସମସ୍ତେ ବର୍ତ୍ତମାନ ସୁସ୍ଥ ଥିବା ମହାପାତ୍ର ପ୍ରକାଶ କରିଥିଲେ।



ଚିକିତ୍ସିତ ହେଉଥିବା ଜଣେ ଛାତ୍ରୀ ଓ ଛାତ୍ର।



ମେଡ଼ିକାଲରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

■ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ
■ ଦହିବରା ବେପାରୀ ଓ ତାଙ୍କ ବାପା ମଧ୍ୟ ଅସୁସ୍ଥ

■ ବୋହୂଙ୍କୁ ବିଷ ପିଆଇ ହତ୍ୟା ଉଦ୍ୟମ

# ଶାଶୁ, ଶ୍ୱଶୁର ଓ ସ୍ୱାମୀ ଗିରଫ

**ଓଡ଼ଗାଁ, ୮।୧୧(ସ୍ୱ.ପ୍ର.)**

ଜଣେ ବୋହୂଙ୍କୁ ଯୌତୁକଜନିତ ନିର୍ଯାତନା ଦେବା ସହିତ ବିଷ ପିଆଇ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ତାଙ୍କ ଶାଶୁ ଶ୍ୱଶୁର ଓ ସ୍ୱାମୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସ୍ଥାନୀୟ ଥାନା କୁରାଳ ପଞ୍ଚାୟତ ନବରତ୍ନପୁର ଗ୍ରାମର ମାନସ କୁମାର ନାଇକ, ବାପା ଦେବ ନାଇକ ଓ ମା ବିଳାସ ନାଇକ । ଏହି ମାମଲାରେ ସେହି ଗ୍ରାମର ମହିଳାଙ୍କ ନଣନ୍ଦେଇ ଅଶ୍ୱିନୀ ନାଇକ ଫେରାର ଅଛନ୍ତି । ସୂଚନା ଅନୁସାରେ ଭାଡିକିଲା ଗ୍ରାମର ଶ୍ୟାମ ନାଇକଙ୍କ ଝିଅ କବିତା ନାଇକ(୨୩) ଗତବର୍ଷ ଜୁଲାଇ ୧୯ ତାରିଖରେ ମାନସଙ୍କୁ ବିବାହ କରିଥିଲେ । କିଛିଦିନ ସେମାନଙ୍କ ଦାମ୍ପତ୍ୟ ଜୀବନ ଭଲରେ କଟିଥିଲା। ହେଲେ ପରବର୍ତ୍ତୀ ସମୟରେ ମାନସଙ୍କ ପରିବାର ଅଧିକ ଯୌତୁକ ଦାବିକରି କବିତାଙ୍କୁ ମାରପିଟ କରିବା କାରଣରୁ ମାମଲା ଥାନାକୁ ଆସିବାପରେ ଏକାଧିକ ଥର ସ୍ଥାନୀୟ ଥାନାରେ ଏହାର ଆପୋସ ମିଳାମିଶା ହୋଇଥିବା ଜଣାଯାଇଛି। ଏପରିସ୍ଥଳେ ମଙ୍ଗଳବାର ଭୋର ୫ଟାରେ କବିତାଙ୍କୁ ମାନସ ମାରପିଟ କରିବାପରେ ଘରର ଅନ୍ୟମାନେ ତାଙ୍କୁ ମିଳିମିଶି ବିଷ ପିଆଇଥିବା ନେଇ ଥାନାରେ କବିତାଙ୍କ ବାପା ଅଭିଯୋଗ କରିଥିଲେ । ତୁରନ୍ତ ପୋଲିସ ପହଞ୍ଚି କବିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ କବିତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସ୍ଥାନୀୟ ଥାନାରେ ମଙ୍ଗଳବାର ୨୧୫।୧୮ରେ ଏକ ମାମଲା ରୁଜୁ ହେବା ସହିତ ପୋଲିସ ମହିଳାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗୁରୁବାର ଗିରଫକରି କୋର୍ଟ ଚାଲାଣ କରିଥିଲା । ଅନ୍ୟପକ୍ଷେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ନଣନ୍ଦେଇ ଫେରାରଥିବାରୁ ପୋଲିସ ଗିରଫ କରିବାକୁ ଉଦ୍ୟମ କରୁଥିବା ଥାନା ଆଇଆଇସି ବୈଦ୍ୟନାରାୟଣ ଭୋଇ ସୂଚନା ଦେଇଛନ୍ତି।

# ସରପଞ୍ଚଙ୍କ ଶାଶୁଙ୍କ ନାମରେ ଅନ୍ତ୍ୟୋଦୟ କାର୍ଡ ଅଭିଯୋଗ

**ଖଣ୍ଡପଡା,୮।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ସିଂଘାପଡା ପଞ୍ଚାୟତର ସରପଞ୍ଚ ତାଙ୍କ ଶାଶୁ ପାଲିଆ ପଣ୍ଡାଙ୍କ ନାମରେ ଅନ୍ତ୍ୟୋଦୟ କାର୍ଡ ହାତେଇଥିବା ଅଭିଯୋଗ ହେଉଛି। ସିଂଘାପଡା ପଞ୍ଚାୟତବାସୀ ପ୍ରଥମେ ଏ ସମ୍ପର୍କରେ ଖଣ୍ଡପଡା ବିଡିଓ, ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁଫଳ ନ ମିଳିବାରୁ ସେମାନେ ନୟାଗଡ଼ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନାଯୋଗ୍ୟ ଆଦିବାସୀ ଅଧ୍ୟୁଷିତ ସିଂଘାପଡା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଅନେକ ଯୋଗ୍ୟ ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିଲେ ହେଁ ସେମାନଙ୍କ ନିକଟରେ ରାଶନକାର୍ଡ ଖଣ୍ଡେ ନାହିଁ। ଏ ସମ୍ପର୍କରେ ସରପଞ୍ଚ ନମିତା ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ତାଙ୍କ ଦିଅରଙ୍କ ପାଖରେ ରହୁଥିବା ବିଧବା ଶାଶୁଙ୍କ ନାମରେ ୧୯୯୯ ମସିହାରେ ଏକ ଅନ୍ତ୍ୟୋଦୟ କାର୍ଡ ରହିଥିଲା। ପରବର୍ତ୍ତୀ ସମୟରେ ୨୦୧୫ ମସିହାରେ ତାଙ୍କୁ ରାଶନ କାର୍ଡ ମିଳିଛି । ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ ପ୍ରକାଶ କରିଥିଲେ। ବିଡିଓ ଶିବାନନ୍ଦ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଦୀର୍ଘବର୍ଷ ପୂର୍ବରୁ ହୋଇଥିବା ଉକ୍ତ କାର୍ଡ ସମ୍ପର୍କରେ ଅଭିଯୋଗ ମିଳିଛି ଓ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ପାରମ୍ପରିକ ରୀତିରେ ବଡ଼ବଡୁଆଙ୍କୁ ବିଦାୟ



କାଉଁରିଆ କାଠି ଜଳାଇ ବଡବଡୁଆଙ୍କୁ ବିଦାୟ ଦିଆଯାଉଛି।

**ଖଣ୍ଡପଡା,୮।୧୧(ସ୍ୱ.ପ୍ର.)**

ଆଲୋକର ପର୍ବ ଦୀପାବଳିରେ ବଡବଡୁଆ (ପିତୃ ପୁରୁଷ)ଙ୍କୁ ଡାକିବାର ପରମ୍ପରା ରହିଛି। ବୁଧବାର ଖଣ୍ଡପଡା, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଦୀପାବଳି ପାଳନ ସହ ବଡବଡୁଆଙ୍କୁ ବିଦାୟ ଦିଆଯାଇଥିଲା। ବ୍ରହ୍ମପୁରାଣ ଅନୁଯାୟୀ ଆଶ୍ୱିନ ମାସର ପ୍ରଥମ ଦିବସରେ ପିତୃ ପୁରୁଷମାନେ ମର୍ତ୍ତ୍ୟଲୋକରେ ଅବତରଣ କରିଥାନ୍ତି। ତେଣୁ ଆଶ୍ୱିନ କୃଷ୍ଣ ପକ୍ଷର ୧୫ଦିନକୁ ପିତୃପକ୍ଷ ଭାବେ ପାଳନ କରାଯାଏ। ବିଶ୍ୱାସ ରହିଛି ଯେ, କୁମାର ପୂର୍ଣ୍ଣିମାଠାରୁ ଦୀପାବଳି ଅମାବାସ୍ୟା ପର୍ଯ୍ୟନ୍ତ ପିତୃପୁରୁଷମାନେ ପୃଥିବୀ ପୃଷ୍ଠରେ ରହି ସେମାନଙ୍କ ବଂଶଧରଙ୍କ ଅର୍ପିତ ଜଳ ଓ ପିଣ୍ଡ ଗ୍ରହଣ କରି ତୃପ୍ତ ହୁଅନ୍ତି। ସେମାନେ ବଂଶଧରଙ୍କ ସୁଖ ସମୃଦ୍ଧି ନିମନ୍ତେ ଆଶୀର୍ବାଦ କରିଥାନ୍ତି । ପରେ ପିତୃ ପୁରୁଷଗଣ କାର୍ତ୍ତିକ ମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ପୁନଶ୍ଚ ପିତୃଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ସେହି ବଡବଡୁଆଙ୍କୁ ବିଦାୟ ଜଣାଇ ଗୃହସ୍ଥମାନେ ନିଜ ଗୃହରେ ପୟା ଶ୍ରାଦ୍ଧର ଆୟୋଜନ କରିଥାନ୍ତି । ପିତୃପୁରୁଷଙ୍କୁ ଦୀପ ଦାନକରି କାଉଁରିଆ କାଠି ଜଳାଇ ବଡ ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ ବୋଲି ସମ୍ବୋଧନ କରିଥାନ୍ତି । ସେହିପରି ଏହି ଉତ୍ସବ ପାଳନ ଦ୍ୱାରା ଅନେକ କୀଟ ପତଙ୍ଗ, ଜୀବାଣୁ ବିନାଶ ହେବା ସହ ଧାନ ଫସଲରେ ଲାଗିଥିବା ପୋକ ମରିଥାନ୍ତି ବୋଲି ବିଶ୍ୱାସ ରହିଛି।


ଆମ ଗାଁ ଆମ ବିକାଶ

ପ୍ରଗତିପଥେ, ଦଶରଥପୁର ବ୍ଲକ୍, ଯାଜପୁର






ପ୍ରଣବ ପ୍ରକାଶ ଦାଶ
ବିଧାୟକ, ଯାଜପୁର



ରୀତା ତରାଇ
ସାଂସଦ, ଯାଜପୁର



ନାରାୟଣ ଚନ୍ଦ୍ର ନାଏକ,
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର ବ୍ଲକ୍



ସୁଜାତା ସାହୁ, ଅଧକ୍ଷା
ଦଶରଥପୁର ବ୍ଲକ୍



ରଞ୍ଜନ ପୃଷ୍ଟି, ଉପାଧକ୍ଷ
ଦଶରଥପୁର ବ୍ଲକ୍



ପ୍ରମିଳା ମଲ୍ଲିକ
ବିଧାୟିକା, ବିଞ୍ଝାରପୁର


# ଗିରିଗୋବର୍ଦ୍ଧନ ପୂଜା



ଗୋପାଳପ୍ରସାଦ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା।

**ଭାପୁର,୮।୧୧(ଡି.ଏନ.ଏ.):** ଭାପୁର ବ୍ଲକରେ ଗୋପାଳପ୍ରସାଦ, ପିଠାଖାଇ, ଭୋଗଡ଼ା, ତଳମାରଡ଼ା ଗ୍ରାମରେ ଗୁରୁବାର ଗିରିଗୋବର୍ଦ୍ଧନ ପୂଜା ଆୟୋଜିତ ହୋଇଛି। ବଡ଼ସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମଠାରେ ରାଧାମାଧବ ମଠ ତରଫରୁ କମିଟି ସଭ୍ୟମାନେ ଏହି ପୂଜାନୀତି ଦୀର୍ଘ ୨୦ବର୍ଷ ହେଲା ଚାଲୁ ରଖିଛନ୍ତି। ଗ୍ରାମର ମହିଳାପୁରୁଷମାନେ କଳସ ଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା କରି ଯାତ୍ରା ପଡ଼ିଆରେ ମିଳିତ ହୋଇ କଳସ ସ୍ଥାପନ କରିଥିଲେ। ପୂଜାନୀତି ପରେ ଯଜ୍ଞ ଆରମ୍ଭ ହୋଇ ଅପରାହ୍ନରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ସେହିପରି ଫତେଗଡ଼ ପଞ୍ଚାୟତ ପିଠାଖାଇ ଗ୍ରାମ ପାହାଡ଼ ଉପରେ, ପଦ୍ମାବତୀ ପଞ୍ଚାୟତ ତଳମାରଡ଼ା ଗ୍ରାମରେ ଓ ଧାନଚାଙ୍ଗଡ଼ା ପଞ୍ଚାୟତ ଭୋଗଡ଼ା ଗ୍ରାମଠାରେ ଗିରିଗୋବର୍ଦ୍ଧନ ପୂଜା ଆୟୋଜିତ ହୋଇଛି। ଶ୍ରଦ୍ଧାଳୁମାନେ ଶ୍ରୀକୃଷ୍ଣଙ୍କୁ ପୂଜା କରି ନିଜର ମାନସିକ ପୂରଣ କରିବା ପାଇଁ ଉପବାସ ରହି ଠାକୁରଙ୍କୁ ଦର୍ଶନ କରି ବ୍ରତ ଭାଙ୍ଗିଥାନ୍ତି।


GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER

TENDER NOTICE NO. : HWP/Tal/Admn/Welfare/2018/01

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO. : Vikrampur, Dist. : Angul, Odisha - 759106, on behalf of the President of India from eligible ontractors for the work and details given below : **NIT No. : HWP/Tal/Admn/Welfare/2018/01, Name of the Work :** Annual Medical Examination of the employees of Heavy Water Plant, Talcher.. **Estimated Cost :** Rs. 4,93,000/-. **Earnest Money Deposit :** Rs.9,860/-. **Period of Completion :** 15 (Fifteen) Days. **Last Date and Time for receipt / opening of request for issue of Tender Documents:** 12.11.2018 (14:30 Hrs.). **Date of Sale of Tender :** 13.11.2018. **Last Date and Time of Submission of Tender :** 17.11.2018 (14:30Hrs).The detailed NIT can be obtained from the website **www.hwb.gov.in.**

ପୂର୍ବ ତଟ ରେଳପଥ

ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା

ସଂ. SDCM/KUR/STBA/Phase-VII — ତା. 29.10.2018ରିଖ

ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଚଉଦ (14) ଗୋଟି 'E' ବର୍ଗର ଷ୍ଟେସନଗୁଡ଼ିକ ଠାରେ କମ୍ପ୍ୟୁଟରୀକୃତ **ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS)** ମାଧ୍ୟମରେ କମିଶନ ଭିତ୍ତିରେ **ଅସଂରକ୍ଷିତ ଟିକଟ** ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କ (STBA) ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼** ନିକଟକୁ ଆବେଦନ କରିପାରିବେ।

**ଷ୍ଟେସନଗୁଡ଼ିକର ନାମ :**

**(1) ଟାରବାଟିଆ, (2) କାଇପଦର ରୋଡ଼, (3) ଝାଡୁପୁଡ଼ି, (4) ବରଙ୍ଗା, (5) ସୁମ୍ଭାଦେବୀ, (6) ବୀରପୁରୁଷୋତ୍ତମପୁର, (7) ଖୋର୍ଦ୍ଧା ଟାଉନ୍, (8) ବେଗୁନିଆ, (9) ବସନ୍ତପୁର, (10) ଶଗଡ଼ପଟା, (11) ଚିଲିକିଦରା, (12) ନିରାକାରପୁର, (13) ମାଳତୀପାଟପୁର ଏବଂ (14) ଭୁଷଣ୍ଡପୁର।**

ଉପରୋକ୍ତ ଷ୍ଟେସନଗୁଡ଼ିକ ନିମନ୍ତେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.**10.12.2018** ରିଖ **1100** ଘଟିକା ମଧ୍ୟରେ କିମ୍ବା ଏହା ପୂର୍ବରୁ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼**ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.10.12.2018 ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ।

**ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ :** ତା. 10.12.2018 ରିଖ 1100 ଘଟିକା

**ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ :** ତା. 10.12.2018 ରିଖ 1130 ଘଟିକା

**କିପରି ଆବେଦନ କରିବେ :** ଉପରୋକ୍ତ ଯେକୌଣସି **ଚଉଦ (14)** ଗୋଟି **"E"** ବର୍ଗର ଷ୍ଟେସନଗୁଡ଼ିକ ନିମନ୍ତେ ବାସସ୍ଥାନକୁ ଦୃଷ୍ଟିରେ ରଖି ଯେଉଁ ଷ୍ଟେସନ ପାଇଁ ଯୋଗ୍ୟ, ପ୍ରାର୍ଥୀମାନେ ପୃଥକ ଭାବେ ଏକ ସାଧା କାଗଜରେ ନିମ୍ନଲିଖିତ ବିବରଣୀଗୁଡ଼ିକୁ ଉଲ୍ଲେଖ କରି **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ-752050**ଙ୍କୁ ଆବେଦନ କରିପାରିବେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ବନ୍ଦ ହେବା ତାରିଖ ଦିନ କିମ୍ବା ଏହା ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ପକାଇ ପାରିବେ। ଡାକ ସେବା କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଆସିଥିବା ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତଟି ପ୍ରଦତ୍ତ ଫର୍ମାଟ ଅନୁଯାୟୀ ହେବା ଉଚିତ :

**ଆବଶ୍ୟକୀୟ ତଥ୍ୟାବଳୀ ଏବଂ ନଥିପତ୍ର** (ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ/ସଂଲଗ୍ନ କରାଯିବ) :

**(1)** ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଦରଖାସ୍ତ **(2)** STBA ନିଯୁକ୍ତି ନିମନ୍ତେ ଷ୍ଟେସନର ନାମ **(3)** ବଡ଼ ଅକ୍ଷରରେ ନାମ, ଫଟୋଗ୍ରାଫ୍ (ଅଠା ଲଗାଯିବ), ପିତାଙ୍କ ନାମ ଏବଂ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ଡାକ ଠିକଣା **(4)** ଶିକ୍ଷାଗତ ଯୋଗ୍ୟତା (ନକଲ ସଂଲଗ୍ନ କରିବାକୁ ହେବ) **(5)** ଯେଉଁଠାରେ STBA ନିଯୁକ୍ତି ନିମନ୍ତେ ପ୍ରସ୍ତାବ ଅଛି, ସେହି ଷ୍ଟେସନର ସ୍ଥାନୀୟ ବ୍ଲକ/ତହସିଲ/ମଣ୍ଡଳ ନିକଟରୁ ଆବାସିକ ପ୍ରମାଣପତ୍ର **(6)** ପ୍ରାର୍ଥୀଙ୍କ ନିକଟସ୍ଥ ପୋଲିସ୍ ଷ୍ଟେସନର ନାମ ଓ ଠିକଣା। ପୋଲିସ୍ ଯାଞ୍ଚ ପ୍ରମାଣପତ୍ର (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା **05** କୁ ଅନୁଧ୍ୟାନ କରନ୍ତୁ) **(7)** ଟ. 2,000/- ଦୁଇ ହଜାରର ଅମାନତ ରାଶି (**EMD**)ର ସବିଶେଷ ବିବରଣୀ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା **06** କୁ ଅନୁଧ୍ୟାନ କରନ୍ତୁ) **(8)** ଘୋଷଣାନାମା ପ୍ରମାଣ ପତ୍ର ଦାଖଲ (ସାଧାରଣ ସର୍ତ୍ତ ଓ ନିୟମାବଳୀର ପାରା ସଂଖ୍ୟା **08** କୁ ଅନୁଧ୍ୟାନ କରନ୍ତୁ) **(9)** ଦରଖାସ୍ତ ଫର୍ମରେ ଉପଲବ୍ଧ ଥିବା ଖାଲି ସ୍ଥାନରେ ଗୋଟିଏ ପାସପୋର୍ଟ ଆକାର ବିଶିଷ୍ଟ ଫଟୋଗ୍ରାଫ୍ ସଂଲଗ୍ନ କରାଯିବା ଆବଶ୍ୟକ **(10)** ପ୍ରାର୍ଥୀଙ୍କ ସ୍ୱାକ୍ଷର ଏବଂ ତାରିଖ **(11)** ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଦ୍ୱାରା ବିଧିବଦ୍ଧ ଭାବେ ପ୍ରମାଣିତ ହୋଇଥିବା ମାଣ୍ଡେଟ୍ ଫର୍ମ (Mandate form) ।

**ଅମାନତ ରାଶି (EMD) :** ଅମାନତ ରାଶି ବାବଦକୁ ''Principal Financial Advisor (PFA), ପୂର୍ବ ତଟ ରେଳପଥ, ଭୁବନେଶ୍ୱର''ଙ୍କ ନାମରେ ''ଭୁବନେଶ୍ୱର'' ଠାରେ ପରିଶୋଧନୀୟ ଟ. 2000/- (ଦୁଇ ହଜାର ଟଙ୍କା ମାତ୍ର)ର ଡ଼ିମାଣ୍ଡ ଡ୍ରାଫ୍ଟ ଦରଖାସ୍ତ ସହିତ ସଂଲଗ୍ନ କରିବା ଉଚିତ। EMD ବିନା ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ନାକଚ କରିଦିଆଯିବ।

ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡ଼ିକୁ କୌଣସି ପରିସ୍ଥିତିରେ ବିଚାରକୁ ନିଆଯିବ ନାହିଁ। ଦରଖାସ୍ତଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ପରେ ଯଦି ଆବଶ୍ୟକ ହୁଏ ପ୍ରାର୍ଥୀମାନଙ୍କୁ ଚୟନ ତାରିଖ ସମ୍ବନ୍ଧରେ ଚୟନ କମିଟି ନିକଟରେ ଉପସ୍ଥିତ ହେବାପାଇଁ ଜଣାଇ ଦିଆଯିବ। କୌଣସି କାରଣ ନଦର୍ଶାଇ ଯେକୌଣସି ଦରଖାସ୍ତକୁ ଗ୍ରହଣ ବା ନାକଚ କରିବାର ଅଧିକାର ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ଅଟେ।

ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଏବଂ **http://tenders.gov.in** ଅବଲୋକନ କରନ୍ତୁ କିମ୍ବା **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୋଷ୍ଟ : ଜଟଣୀ, ପିନ୍ : 752050** ଙ୍କ ସହିତ ଯୋଗାଯୋଗ କରନ୍ତୁ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ଼

PR-379/J/18-19

SBI — ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟ୍ସ୍ ରିକଭରି ଶାଖା, ପ୍ଲଟ୍ ନଂ: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩
ଶାଖା ଇ-ମେଲ : sbi.05174@sbi.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି ରୁଲ୍ ୮ (୬) ଦ୍ରଷ୍ଟବ୍ୟ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ର ସର୍ତ୍ତ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି'' ''ଯାହା ଯେପରି ଅଛି" ଏବଂ '' ଯାହା କିଛି ସେଠାରେ ଅଛି''** ଭିତ୍ତିରେ ଇ-ନିଲାମ ମାଧ୍ୟମରେ **ତା୧୦.୧୨.୨୦୧୮** ରିଖରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯାହାକି ନିମ୍ନରେ ପ୍ରଦତ୍ତ ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୫.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ ଅମାନତ ଜମା ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲ, ପ୍ଲଟ ନଂ.: ଏ/୬୦, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦, **ବିକଳ୍ପ ଠିକଣା:** ପ୍ଲଟ୍ ନଂ.: ଏ/୫୬, ପଳାସପଲ୍ଲୀ ଡୁପ୍ଲେକ୍ସ, ପୋ.: ଏରୋଡ୍ରମ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୨୦ । | **ଶ୍ରୀ ପ୍ରୟାସ କାନ୍ତି ସାମଲ,** ପିତା: ଶ୍ରୀ ପ୍ରଦୀପ ସାମଲଙ୍କ ନାମରେ ଥିବା ଏକ ୩ ବିଏଚ୍‌କେ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଜିଲ୍ଲା ସବ୍-ରେଜିଷ୍ଟ୍ରାର୍: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି ଏବଂ ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୧.୫୮ ଡିସିମିଲି ସହିତ **''ତ୍ରିଷ୍ଟା ଅରଚିଡ୍''** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୨୧୦, ଟାଇପ୍-ଜେ, ଦ୍ୱିତୀୟ ମହଲା, ୩ ବିଏଚ୍‌କେ, ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ହସ୍ତାନ୍ତର କରାଯାଇଅଛି । | ୧୯.୧୧.୨୦୧୬ ସୁଦ୍ଧା ଟ.୪୭,୬୩,୭୩୭/- + ୨୦.୧୧.୨୦୧୬ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୧.୨୦୧୬ | ଟ.୪୧,୩୫,୦୦୦/- / ଟ.୪,୧୩,୫୦୦/- / ଟ.୧୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ,** ଉଭୟଙ୍କ ଠିକଣା : ସା : ବି-୧୯୩/୧୧, ସେକ୍ଟର-୦୨, ନାଲକୋ ମାଇନ୍ସ, ଦାମନଜୋଡି, କୋରାପୁଟ - ୭୬୩୦୦୮ | **ଶ୍ରୀ ବ୍ରଜହରି ଦାସ ଏବଂ ଶ୍ରୀମତୀ ଆଲୋକ ରେଖା ଦାସ**ଙ୍କ ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପଟିଆ, ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, ହାଲ୍ ଥାନା: ଚନ୍ଦ୍ରଶେଖରପୁର, ଥାନା ନଂ.: ୨୨, ଡିଏସଆରଓ : ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୭, ପ୍ଲଟ ନଂ.: ୫୭୭, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, ଖାତା ନଂ.: ୧୩୫, ପ୍ଲଟ ନଂ.: ୫୭୬, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଖାତା ନଂ.: ୫୬, ପ୍ଲଟ ନଂ.: ୫୭୫, କ୍ଷେତ୍ର: ଏକର ୦.୧୮୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୫୯୦ ଡିସିମିଲି,** କିସମ: ଘରବାଡି, ସ୍ଥିତି-ସ୍ଥିତିବାନ, ଯେଉଁଥିରୁ ଆନୁପାତିକ ଅବିଭକ୍ତ ଅବିଭାଜ୍ୟ ଜମିର ଅଂଶ ଏକର ୦.୦୦୨.୭୧ ଡିସିମିଲି ସହିତ **''ତ୍ରିଷ୍ଟା ଅରଚିଡ୍''** ପଟିଆରେ ଥିବା ଗୃହ ଯାହାର ଫ୍ଲାଟ୍ ନଂ.: ୧୧୦, ଟାଇପ୍-ଜେ, ପ୍ରଥମ ମହଲା, ୧୩୯୩ ବର୍ଗଫୁଟ ସ୍ଥାନରେ ସୁପର ବିଲ୍ଟ ଅପ୍ ଏରିଆ: ୧୬୭୦ ବର୍ଗଫୁଟ ଘର ଏବଂ କାର ପାର୍କିଂ ନିମନ୍ତେ ଛାତ ତଳ ୧୪ ନମ୍ବର ସ୍ଥାନ ହସ୍ତାନ୍ତର କରାଯାଇଅଛି । | ୦୫.୦୬.୨୦୧୭ ସୁଦ୍ଧା ଟ.୩୭,୯୯,୭୧୯/- + ୦୬.୦୬.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୦୬.୦୬.୨୦୧୭ | ଟ.୪୧,୭୫,୦୦୦/- / ଟ.୪,୧୭,୫୦୦/- / ଟ.୧୦,୦୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ଏସ୍.ଏସ୍. ଫୁଡ୍ସ, ସ୍ୱତ୍ତ୍ୱାଧିକାରୀ : ଶ୍ରୀମତୀ ରଶ୍ମୀ ପ୍ରଧାନ,** ସ୍ୱାମୀ : ଶ୍ରୀ ସତ୍ୟ ଗୋପାଳ ଧିର୍‌ବିଶୋଇ, ସା : ନୂଆପାଟଣା, ବୀରହରେକୃଷ୍ଣପୁର, ପୁରୀ, ଜିଲ୍ଲା : ପୁରୀ, **ବାସସ୍ଥାନ ଠିକଣା :** ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ, ଜିଲ୍ଲା : ପୁରୀ / **ଜାମିନଦାରମାନେ : ୧) ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ,** ସ୍ୱାମୀ : ଶ୍ୟାମଗୋପାଳ ଧିର୍‌ବିଶୋଇ, ସା : ସର୍ବୋଦୟ ନଗର, ପୁରୀ, ଓଡିଶା, ୨) ଶ୍ରୀ ରବିନାରାୟଣ ପ୍ରଧାନ | **ଶ୍ରୀମତୀ ରଶ୍ମୀ ପ୍ରଧାନ ଏବଂ ଶ୍ରୀମତୀ ସନ୍ଧ୍ୟା ଧିର୍‌ବିଶୋଇ**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବାଲୁଖଣ୍ଡ-୧୫୧, ତହସିଲ : ପୁରୀ, ଥାନା : ପୁରୀ ସଦର, ଜିଲ୍ଲା : ପୁରୀ, ମ୍ୟୁଟେଟେଡ଼ ଖାତା ନଂ.: ୫୨୧/୩୧୩୧, ମ୍ୟୁଟେଟେଡ ପ୍ଲଟ୍ ନଂ.: ୯୭୨/୮୦୧୮, କ୍ଷେତ୍ର : ଏକର୦.୦୫୮ଡିସିମିଲି, କିସମ : ଘରବାରୀ | ୧୩.୧୨.୨୦୧୭ ସୁଦ୍ଧା ଟ.୪୩,୨୯,୦୫୯/- + ୧୪.୧୨.୨୦୧୭ ଠାରୁ ସେବାବଦ ସୁଧ +ଆଇନଗତ ଖର୍ଚ୍ଚ / ୧୯.୧୨.୨୦୧୭ | ଟ.୨୦,୩୮,୦୦୦/- / ଟ.୨,୦୩,୮୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ : ୦୩.୧୨.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା**

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର **website i.e https://sbi.auctiontiger.net** ରେ ଦେଖିପାରିବେ ।

ତାରିଖ :୦୮.୧୧.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ନବଜାତ ଶିଶୁକନ୍ୟା ମୃତଦେହ ଉଦ୍ଧାର

ଆସିକା,୮।୧୧ (ଡି.ଏନ୍.ଏ.): ଆସିକା-କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର ବାଘୁଆ ପୋଲ ନିକଟ ଏକ ବୁଦାରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଗୁରୁବାର ସକାଳେ ଉଦ୍ଧାର କରାଯାଇଛି।ମୃତଦେହଟି କିଭଳି ଏଠାରେ ପଡିଲା ତାହା ଜଣା ପଡିନାହିଁ।ଏ ସମ୍ପର୍କରେ ସନ୍ଧାନ ଚାଲିଥିବା କୋଟିନଡ଼ା ଫାଣ୍ଡି ଅଧିକାରୀ ଯୁଧିଷ୍ଠିର ମାଝି କହିଛନ୍ତି।

### କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଆସିକା,୮।୧୧ (ଡି.ଏନ୍.ଏ.): ନାଗପୁରଠାରେ ଅନୁଷ୍ଠିତ ୩୨ତମ ଜାତୀୟ ସବ ଜୁନିୟର ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟରେ ଓଡିଶା ଦଳ ଉତ୍ତର ପ୍ରଦେଶକୁ ପଛରେ ପକାଇ ବିଜୟୀ ହୋଇଥିଲା।ବିଜୟୀ ଓଡ଼ିଶା ଦଳରେ ପ୍ରତିନିଧିତ୍ୱ କରିଥିବା ଆସିକା ପାନାସୋନିକ କ୍ରିକେଟ କ୍ଲବର ୩ ଖେଳାଳି କୁମାର ହଂସରାଜ, ଦୀପକ ଦାଶ ଓ ଏମ. ସତୀଶ ରାଓଙ୍କୁ ବୁଧବାର ଆସିକାରେ ସମ୍ବର୍ଦ୍ଧିତ କରାଯାଇଛି। କ୍ଲବ ପକ୍ଷରୁ ଏହି ଖେଳାଳିମାନଙ୍କୁ ଏକ ଖୋଲା ଗାଡିରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା।ଆସିକା ବିଧାୟକ ଦେବରାଜ ମହାନ୍ତି ସେମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସହରର ବିଭିନ୍ନ ଛକରେ ଜନସାଧାରଣଙ୍କ ପକ୍ଷରୁ ମଧ ସେମାନଙ୍କୁ ଫୁଲତୋଡା ଦେଇ ସମ୍ମାନିତ କରାଯାଇଥିଲା ।

### ବାଣ ନିଆଁ ପଡ଼ି ଅଗ୍ନିକାଣ୍ଡ

ଭଞ୍ଜନଗର,୮।୧୧(ଡି.ଏନ.ଏ)-ବାଣ ଫୁଟାଇବା ସମୟରେ ନିଆଁ ଛିଟିକି ପଡ଼ି ବୁଧବାର ରାତିରେ ପୃଥକ ଦୁଇଟି ଅଗ୍ନିକାଣ୍ଡ ଘଟିଛି। ଭଞ୍ଜନଗର ଖ୍ରୀଷ୍ଟିଆନ ସାହିରେ ହୋଇଥିବା ଅଗ୍ନିକାଣ୍ଡରେ କାଲୁ ନାୟକଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ଅଗ୍ନିକାଣ୍ଡ ବେଳେ କାଲୁ ଘରେ ନ ଥିଲେ। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହପରି ବାଣ ନିଆଁ ପଡି ସୁତାଙ୍ଗି ଗ୍ରାମର ୩ ପରିବାରର ୬ବଖରା ପୋଡ଼ିଯାଇଛି । ଏଥିସହ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ିଯାଇଛି । ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ।

■ ୧୦ରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ

# ଉଦ୍‌ଘାଟନ ହେବ ଜିଲା ପରିଷଦ ଭବନ

ଛତ୍ରପୁର,୮।୧୧(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୦ ତାରିଖରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ।ଉକ୍ତ ଦିନ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ସନ୍ଧ୍ୟାରେ ଛତ୍ରପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ଓ ଶେରଗଡରେ ଉଦ୍‌ଘାଟନୀ, ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ସାରି ଉଭୟ ସ୍ଥାନରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବେ। ଅପରାହ୍ନ ସାଢ଼େ ୨ଟାରେ ମୁଖ୍ୟମନ୍ତ୍ରୀ ଛତ୍ରପୁର ଆସି ୧୦ କୋଟି ଟଙ୍କାରେ ନିର୍ମିତ ଜିଲାପରିଷଦ ଭବନକୁ ଉଦ୍‌ଘାଟନ କରିବେ।ପରେ ସର୍କିଟ ହାଉସ ପରିସରରେ ନିର୍ମିତ ସୁଇମିଂ ପୁଲ୍ ଏବଂ ଅଗସ୍ତିନୂଆଗାଁ ନିକଟ ଜାତୀୟ



ନବନିର୍ମିତ ଜିଲାପରିଷଦ ଭବନ ।

■ ହିଞ୍ଜିଳି, ଶେରଗଡ ସାଧାରଣ ସଭାରେ ଯୋଗଦେବେ

■ ସୁଇମିଂ ପୁଲ ପାଇଁ ଅନୁମତି

ରାଜପଥ ପାର୍ଶ୍ୱରେ ୩ କୋଟି ୬୨ ଲକ୍ଷ ୯୫ ହଜାର ଟଙ୍କାରେ ନିର୍ମିତ ଆରଟିଓ ଅଫିସ ଓ ଡ୍ରାଇଭିଂ ଟ୍ରାକ୍ କମ୍ପ୍ଲେକ୍ସ, ଜିଲା ପଞ୍ଚାୟତ ରିସୋର୍ସ ସେଣ୍ଟରର ପ୍ରଶାସନିକ ବିଲ୍ଡିଂ, ୧୦୦ ଶଯ୍ୟା ବିଶିଷ୍ଟ ଲେଡିଜ୍ ହଷ୍ଟେଲ ବିଲ୍ଡିଂ ଓ ୧୦୦ ଶଯ୍ୟା ବିଶିଷ୍ଟ ପୁରୁଷ ହଷ୍ଟେଲ ଉଦଘାଟନ କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ନ ଯାଇ ଛତ୍ରପୁରଠାରେ ବ୍ରହ୍ମପୁର-ଗୋପାଳପୁର ଜଙ୍କଶନ ଓଭର ବ୍ରିଜ୍ ଓ ଟୁରିଷ୍ଟ ଅଫିସ ବିଲ୍ଡିଂ ଉଦଘାଟନ କରିବା କାର୍ଯ୍ୟକ୍ରମ ମଧ ରହିଛି।ସେହିପରି ଛତ୍ରପୁରଠାରେ ମୁଖ୍ୟମନ୍ତ୍ରୀ ପୁରୁଷୋତ୍ତମପୁର ଥାନା ବିଲ୍ଡିଂର ଫଳକ ଉଦଘାଟନ କରିବେ। ହିଞ୍ଜିଳି ଓ ଶେରଗଡଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ପଞ୍ଚାୟତିରାଜ ପ୍ରତିନିଧି ଏବଂ ସାଧାରଣ ଜନତା ଯୋଗଦେଇ ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବେ।ପରେ ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଅର୍ଥ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିବେ। ପୂର୍ବରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ଛତ୍ରପୁର ସର୍କିଟ ହାଉସଠାରେ ନିର୍ମିତ ସୁଇମିଂ ପୁଲ୍‌କୁ ଯିବାକୁ ସାଧାରଣ ଜନତାଙ୍କୁ ସୁଯୋଗ ଦିଆଯିବ। ଏଥିପାଇଁ ନିର୍ଦ୍ଧାରିତ ଦେୟ ଦେଇ ମେମ୍ବର ହେବାକୁ ପଡିବ। ଏଥିପାଇଁ ଏକ କମିଟି ଗଠନ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଟା ମୃଦଙ୍ଗକୁ ଜଡ଼ା ଗାୟକ,**
**ତହିଁ କାଣୀ ଦାରୀ ନାଚୁଛି;**
**ଅବୁଝା ରାଜାକୁ କେମ୍ପେଇ ପାତର,**
**ଯାହା ଇଚ୍ଛା ତାହା ସବୁ ବୁଝୁଛି ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ମନଇଚ୍ଛା କାର୍ଯ୍ୟ କରିବସିବା ଫଳରେ ନାନା ବିଶୃଙ୍ଖଳା ଜାତ ହୋଇଥାଏ। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଫଟା ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

ରସିକପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୁନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗାୟଗଣ୍ଡାରେ ଚୋରି ଆତଙ୍କ: ୩ ଅଟକ

ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୮।୧୧(ଡି.ଏନ.ଏ.)

ତାରସିଂ ଥାନା ଗାୟଗଣ୍ଡାରେ ବିଗତ କିଛିଦିନ ହେବ ଚୋରି, ଦାଦାବଟି ଓ ଗ୍ୟାଙ୍ଗଷ୍ଟାର ଆତଙ୍କ ଦେଖାଦେଇଛି। ଏହିଭଳି ପରିସ୍ଥିତିରେ ବୁଧବାର ରାତିରେ ଚୋର ସନ୍ଦେହରେ ସମ୍ପୃକ୍ତ ଅଞ୍ଚଳବାସୀ ଜଣେ ନାବାଳକଙ୍କ ସମେତ ୨ଜଣଙ୍କୁ କାବୁ କରି ନିସ୍ଥୁକ ମାଡ଼ ମାରିଥିଲେ। ଏହାପରେ ପୋଲିସଙ୍କୁ ଜିମା ଦେଇଥିଲେ। ଏଥିସହ ବୁଧବାର ରାତିରେ କୌଣସି ବ୍ୟକ୍ତି ଏକ ଦୋକାନ ସମ୍ମୁଖରେ ଗ୍ୟାଙ୍ଗଷ୍ଟାର ଗ୍ରୁପ୍ ବୋଲି ପରିଚୟ ଦେଇ ପୋଷ୍ଟର ମାରିଛନ୍ତି। ଏନେଇ ପୋଲିସ ପୋଷ୍ଟର ମାରିବା ସନ୍ଦେହରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହାପୂର୍ବରୁ ସୋମବାର ଜଣେ ଯୁବକ ବିଭିନ୍ନ ଦୋକାନରେ ଦାଦାବଟି ମାଗିଥିବା ଅଭିଯୋଗ ହୋଇଥିଲା। ଲୋକେ ଉକ୍ତ ଯୁବକଙ୍କୁ କାବୁ କରି ନିସ୍ଥୁକ ମାଡ଼ ମାରିଥି ପୋଲିସକୁ ଜିମା ଦେଇଥିଲେ। ପରେ ଯୁବକ ଜଣଙ୍କ ନିଶାଶକ୍ତ ଅବସ୍ଥାରେ ଏଭଳି କରିଥିବା ସ୍ୱୀକାର କରିବା ସହ ଭୁଲ ମାଗିବା ପରେ ସମସ୍ୟାର ସମାଧାନ ହୋଇଥିଲା।

### ଜୁଆ ଆଡ୍ଡାରୁ ୮ ଗିରଫ, ୪ ବାଇକ ଜବତ

ଗଞ୍ଜାମ,୮।୧୧(ଡି.ଏନ.ଏ.)

ଗଞ୍ଜାମ ରାଉଳ ସାହିଠାରେ ବୁଧବାର ରାତିରେ ଜୁଆଖେଳ ଚାଲିଥିବା ବେଳେ ଥାନା ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ୪ ବାଇକ୍ ଓ ଅଭିଯୁକ୍ତମାନଠାରୁ ୧୦,୮୧୦ ଟଙ୍କା ଜବତ କରିଛି। ଏ ନେଇ ନଂ.୯୧/୧୮ରେ ମାମଲା ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଆତ୍ମସୁରକ୍ଷା ତାଲିମ୍ ଶିବିର

କୋଦଳା,୮।୧୧

କୋଦଳା ଲକ୍ଷ୍ମୀନାରାୟଣ କଲେଜରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖରୁ କଲେଜ ଅଧକ୍ଷ ଇଂ. ରାମଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ୧୧ ଦିନ ଧରି ଏହି ଶିବିର ଚାଲିଥିଲା। ତାଲିମପ୍ରାପ୍ତ ୩ ଶିକ୍ଷୟିତ୍ରୀ ସୁଜ୍ଞାନୀ ପ୍ରଧାନ, ସୁଚିତ୍ରା ବେହେରା ଓ ସୁଚିତ୍ରା ମହାରଣା ତାଲିମ ଦେଇଥିଲେ। ୧୦୫ ଛାତ୍ରୀ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳ ତାଲିମ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ନୋଡାଲ କୋ- ଅର୍ଡିନେଟର ଅମ୍ରିତ୍ ଚରଣ ସେଠୀ ମୁଖ୍ୟ ଅତିଥି, ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କୋ-ଅର୍ଡିନେଟର ଦଉାରାମ ବିଶୋୟୀ, ସହାୟକ କୋ- ଅର୍ଡିନେଟର ସୁଦର୍ଷ୍ଣା ପ୍ରଧାନ, ଡ. ଅଧାପକ ଡ. ସୀମାଞ୍ଚଳ ମୁନି ଓ ଚୈତନ୍ୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଝିଅାରୀଙ୍କୁ ବଳାତ୍କାର ଅଭିଯୋଗ, ମଉସା ଗିରଫ

ଭଞ୍ଜନଗର,୮।୧୧(ଡି.ଏନ.ଏ.)

ଭଞ୍ଜନଗର ଥାନା ଅଞ୍ଚଳରେ ବୁଧବାର ଜଣେ ନାବାଳିକାଙ୍କୁ ତାଙ୍କର ଜଣେ ଦୂର ସମ୍ପର୍କୀୟ ମଉସା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଗୁରୁବାର ନଂ.୨୮୯/୧୮ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାଙ୍କ ଡ଼ାକ୍ତରୀ ମାଇନା କରାଯିବା ସହ ଘଟଣାର ଅଧିକ ତଦନ୍ତ ଚାଲିଛି। ପ୍ରକାଶ ଯେ, ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କ ଗ୍ରାମକୁ ବୁଧବାର ବୁଲିବାକୁ ଯାଇଥିଲେ। ନାବାଳିକାଙ୍କୁ ବାଇକ୍‌ରେ ବସାଇ ବୁଲାଇବା ବାହାନାରେ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଘରକୁ ଫେରି ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ବିଜେଡିରେ ମିଶିଲେ ଭାଜପା କର୍ମୀ



ବିଜେଡିରେ ସାମିଲ ହୋଇଥିବା ଭାଜପା କର୍ମୀ।

ଗୋପାଳପୁର,୮।୧୧

ଗତ ଏକ ସପ୍ତାହ ହେଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଭାଜପା କର୍ମୀମାନେ ବିଜେଡିରେ ଯୋଗ ଦେବାନେଇ ରାଜନୀତି ସରଗରମ ହୋଇଛି। ଗୁରୁବାର ଗୋଳାବନ୍ଧର ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିବା ଜଣାପଡ଼ିଛି। ପୂର୍ବାହ୍ନରେ ଜନ ସମ୍ପର୍କ ପଦଯାତ୍ରାରେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଗ୍ରାମ ପରିକ୍ରମା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଧବଳେଶ୍ୱର ଶୈବପୀଠରେ ଆୟୋଜିତ ସଭାରେ ଶତାଧିକ ଭାଜପା କର୍ମୀ ବିଧାୟକ ଓ ବ୍ଲକ ଅଧକ୍ଷା ସି.ଏଚ୍. ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ ଓ ବ୍ଲକ ସଭାପତି ସି.ଏଚ. ଭରତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। କେ. ରାମେୟା, କେ. କୃଷ୍ଣମୂର୍ତ୍ତି, ଏସ. ଜଗନ୍ନାଥ, ଡିଲେଶ୍ୱର, ଧର୍ମରାଜ, ପ୍ରଦୀପ ବେହେରା, ୱାର୍ଡମେମ୍ବର ୟୁ. ଦମୟନ୍ତୀ, ଡବ୍ଲ୍ୟୁ. ଚନ୍ଦ୍ରାମା, ପି. ପୁଷ୍ପା, କେ. ସାତିଆମ୍ମାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ରୋଗୀଙ୍କୁ ଫଳ ବାଣ୍ଟି ପାଳିଲେ ଦୀପାବଳି

ଛତ୍ରପୁର,୮।୧୧(ଡି.ଏନ.ଏ)

ଛତ୍ରପୁରର କେତେକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ବୁଧବାର ନିଆରା ଢଙ୍ଗରେ ଦୀପାବଳି ପାଳିତ ହୋଇଛି।ଛତ୍ରପୁର ହସ୍ପିଟାଲରେ ରୋଗୀ ଓ ସମର୍ଥ ଅନୁଷ୍ଠାନର ଦିବ୍ୟାଙ୍ଗଙ୍କ ସହ ଦୀପାବଳି ପାଳନ କରାଯାଇଛି।ସାମାଜିକ କର୍ମୀ ସୁଧୀର ପଟ୍ଟନାୟକ, ସମାପ୍ତି ପଟ୍ଟନାୟକ, ଡା. ନିକୁଞ୍ଜ ବିହାରୀ ଦାଶ, ନର୍ସ ସୁଷମା ମହାନ୍ତି, ପ୍ରତିଭା ପଣ୍ଡା, ରମା ପଟ୍ଟନାୟକ, ଭାସ୍କର ପଟ୍ଟନାୟକ ପ୍ରମୁଖ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ବ୍ରହ୍ମପୁର ଦୃଷ୍ଟି ବାଧିତ ସ୍କୁଲର ଛାତ୍ରୀ ଛାତ୍ରମାନଙ୍କୁ ମଧ ଫଳ ବଣ୍ଟାଯାଇଥିଲା।ଛତ୍ରପୁର ସ୍ଥିତ ପବ୍ଲିକ ସ୍କୁଲ ସମ୍ମିଳନୀ ଗୃହରେ ସମର୍ଥ ସ୍କୁଲର ଦିବ୍ୟାଙ୍ଗ ପିଲା ମାନଙ୍କୁ ନେଇ ଦୀପାବଳି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା।ସମର୍ଥର ମୁଖ୍ୟ ତଥା ଜିଲା ଶାରୀରିକ ଅକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ କେ. ଆନନ୍ଦ ରାଓ, ପ୍ରଫୁଲ୍ଲ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ଭୁବନେଶ୍ୱରର ଅତିରିକ୍ତ ଡିସିପି ତପସ୍ୱିନୀ ଆରୁଖ, ପ୍ରଭାକର ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ।ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।



ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

# କନ୍ଧୁଣୀ ଦେବୀ ଯୁବକ ସଂଘର ନିଆରା ଦୀପାବଳି

ସୋରଡା,୮।୧୧(ଡି.ଏନ୍.ଏ.)

ସ୍ଥାନୀୟ କନ୍ଧୁଣୀ ଦେବୀ ଯୁବକ ସଂଘର ସଭ୍ୟମାନେ ବାଣ ନ ଫୁଟାଇ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛି। ମା' କନ୍ଧୁଣୀ ଦେବୀଙ୍କ ମନ୍ଦିର ସମ୍ମୁଖକୁ ଆଲୋକମାଳାରେ ସଜାଯାଇଥିଲା। ପରେ ସଭ୍ୟମାନେ ସହରର ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ସ୍ନେହ, ଶ୍ରଦ୍ଧା ଓ ଭାଇଚାରା ବଜାୟ ରଖିବାକୁ ବାର୍ତ୍ତା ଦେଇଥିଲେ। ପିଣ୍ଟୁ କର, ରାଜା ଦାଶ, ଅମିତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ବାବା ରହ୍ମେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ନ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

# ଯୁବଶକ୍ତି ଦେଶର ଜାଗ୍ରତ ପ୍ରହରି

ଖଣ୍ଡପଡା,୮।୧୧(ସ୍ୱ.ପ୍ର.)

## ଖଣ୍ଡପଡ଼ା ମହିଳା କଲେଜରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଖଣ୍ଡପଡା ମହିଳା ମହାବିଦ୍ୟାଳୟରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବବାହିନୀ ଖଣ୍ଡପଡା ଶାଖା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥି ଓ ବିଶିଷ୍ଟ ଅତିଥି ରୂପେ ନୟାଗଡ ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶେଷକରି ରାଜ୍ୟର ଯୁବଗୋଷ୍ଠୀଙ୍କୁ ଠିକ୍ ବାଟରେ ନେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ଦେଇଥିଲେ। ଏହାଛଡା ଯୁବଶକ୍ତି ଦେଶର ଜାଗ୍ରତ ପ୍ରହରି, ସେମାନେ ଜାଗ୍ରତ ହେଲେ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିବା ସହ ସୁସ୍ଥ ଓଡିଶା ଗଠନ ପାଇଁ ସମସ୍ତ ଯୁବଶକ୍ତି ଭାଗିଦାର ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ବିଶେଷକରି ସରକାର ସମସ୍ତଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ଲାଗୁ କରିଛନ୍ତି। ଏହାର ସଫଳ ରୂପାୟନ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାସହ ସମାଜରେ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବିଶେଷକରି ଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗିରିଜାଶଙ୍କର ତରାସିଆ, ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ, ମହିଳା ମହାବିଦ୍ୟାଳୟ ଯୁକ୍ତ ୨ର ଅଧ୍ୟକ୍ଷା ସ୍ମିତାଶେଫାଳି ମହାପାତ୍ର, ଯୁକ୍ତ ୩ ଅଧ୍ୟକ୍ଷା ଲିପିକା ମହାନ୍ତି ପ୍ରମୁଖ ଯୋଗଦେଇ ଯୁବପିଢି ଦେଶର ହିତ ପାଇଁ କାର୍ଯ୍ୟ କରନ୍ତୁ ବୋଲି ମତ ରଖିଥିଲେ। ଦୀନେଶ କୁମାର ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜୁ ଯୁବବାହିନୀର ସଭାପତି ନିହାର ଖୁଣ୍ଟିଆ, ସମ୍ପାଦିକା ବର୍ଷାରାଣୀ ନାୟକ ଓ ଅଭିଜିତ ବେହେରା ଓ ଆବାହକ ବିନାୟକ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ଯୁବ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହିଳା ମହାବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କ ସମେତ ଖଣ୍ଡପଡା ସହରରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


କାର୍ଯ୍ୟକ୍ରମରେ ୨ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

## ସଂକ୍ଷେପରେ

### ୧୭୩ ନୂତନ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ

**ଖଣ୍ଡପଡା,୮।୧୧(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ଖଣ୍ଡପଡା ସହରାଞ୍ଚଳର ୧୭୩ ଜଣ ନୂତନ ହିତାଧିକାରୀଙ୍କୁ ଗୁରୁବାର ରାଶନକାର୍ଡ ବଣ୍ଟନ କରାଯାଇଛି। ଏନ୍‌ଏସି କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଧାୟକ ଅନୁଭବ ପଟ୍ଟନାୟକ, ଜିଲାପାଳ ଡ. ଏନ୍ ତିରୁମାଲା ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ ଓ ଗୋଷ୍ଠୀ ସଂଗଠିକା ଇନ୍ଦୁମତୀ ପରିଡାଙ୍କ ଉପସ୍ଥିତିରେ ନୂତନ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଥିଲା। ଏନ୍‌ଏସିର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ବାଲୁଗାଁରେ ମା'ଶ୍ୟାମାକାଳୀଙ୍କ ପୂଜା

**ବାଲୁଗାଁ,୮।୧୧(ଡି.ଏନ.ଏ.):** ବାଲୁଗାଁରେ ମା'ଶ୍ୟାମାକାଳୀଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ କୁମ୍ଭାଭିଷେକ ପରେ ବୁଧବାର ମା'ଙ୍କୁ ଆବାହନ କରାଯାଇଥିଲା। ଦୀପାବଳି ଅମାବାସ୍ୟା ପୂର୍ବାହ୍ନରେ ମା'ଙ୍କ ପାରମ୍ପରିକ ପୂଜାନୀତି ଅନୁଷ୍ଠିତ ହୋଇଥିଲା।

# ଦେଉଳୀ ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପକୁ ନେଇ ଚର୍ଚ୍ଚା

ବେଗୁନିଆ,୮।୧୧(ଡି.ଏନ୍.ଏ.)

## ମାଓବାଦୀ ସହଯୋଗୀ ସନ୍ଦେହରେ ଯୁବକ ଅଟକ

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳୀ ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିବାବେଳେ ଗୁରୁବାର ଦେଉଳୀ ବଜାରରେ ରାଶନ କିଣୁଥିବା ଜଣେ ଅଚିହ୍ନା ଯୁବକଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ମାଓବାଦୀଙ୍କୁ ସହଯୋଗ କରୁଥିବା ସନ୍ଦେହ କରାଯାଉଥିବାବେଳେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ସେ ନିଜ ନାଁ ସୁନିଲ ବୋଲି କହୁଛନ୍ତି। ମାତ୍ର ବାରମ୍ବାର ଠିକଣା ବଦଳାଉଥିବାରୁ ତାଙ୍କ ଉପରେ ଅଧିକ ସନ୍ଦେହ ଦୃଢ଼ୀଭୂତ ହୋଇଛି। କେତେବେଳେ ରାୟଗଡ଼ ତ ଆଉ କେତେବେଳେ ବରଗଡ଼ ଜିଲାର ଭେଡେନ ଅଞ୍ଚଳରେ ତାଙ୍କ ଘର ବୋଲି କହୁଛନ୍ତି। ତାଙ୍କର ପ୍ରକୃତ ପରିଚୟ ଜାଣିବା ସହ କାହିଁକି ଏଠାକୁ ଆସି ଜଙ୍ଗଲରେ ରହୁଛନ୍ତି ତାହାର ଖୋଳତାଡ଼ ଆରମ୍ଭ କରିଛି ବେଗୁନିଆ ପୋଲିସ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଦୁଇ ଜିଲାର ଏସ୍‌ପିଙ୍କ ସହ ଯୋଗାଯୋଗ କରିଥିବା ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ଗତ ୨ ମାସ ହେଲା ଦେଉଳୀ ଗ୍ରାମ ନିକଟ ଜଙ୍ଗଲରେ କେତେଜଣ ଅଚିହ୍ନା ଯୁବକ ଟେଣ୍ଟ ମାରି ରହୁଛନ୍ତି। ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ ବୁଲାବୁଲି କରିବା ସହ ସ୍ଥାନୀୟ ବଜାରକୁ ଆସି ବିଭିନ୍ନ ସାମଗ୍ରୀ କିଣି ନେଇଥାନ୍ତି। ଏମାନଙ୍କୁ ଦେଖି ଲୋକେ ମାଓବାଦୀ ବୋଲି ସନ୍ଦେହ କରୁଛନ୍ତି। ଏପରିସ୍ଥଳେ ଗୁରୁବାର ଅପରାହ୍ନ ୨ଟାରେ ଦେଉଳୀ ବଜାରକୁ ଜଣେ ଅଚିହ୍ନା ଯୁବକ ଆସିଥିବା ଜିନିଷପତ୍ର କିଣାକିଣି କରୁଥିବା ଦେଖିବାକୁ ପାଇଥିଲେ। ଏକ ରାଶନ ଦୋକାନରୁ କିଣୁଥିବାବେଳେ କେତେଜଣ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ତାଙ୍କୁ ପଚରାଉଚରା କରିଥିଲେ। ସେ ନିଜ ନାଁ ସୁନିଲ ବୋଲି କହିଥିଲେ। ହେଲେ ତାଙ୍କ କଥାବାର୍ତ୍ତାରେ ସନ୍ଦେହ ହେବାରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ତାଙ୍କୁ ସେଠାରୁ ସିଧା ଥାନାକୁ ନେଇ ପଚରାଉଚରା ଜାରି ରଖିଥିବା ଜଣାପଡିଛି। ତେବେ ଜଙ୍ଗଲରେ ଅଚିହ୍ନା ଲୋକଙ୍କ କ୍ୟାମ୍ପ ସଂକ୍ରାନ୍ତରେ ଥାନା ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। କିନ୍ତୁ ଏ ସମ୍ପର୍କରେ ଖୋର୍ଦ୍ଧା ଏସ୍‌ପି ଦିପ୍ତିରଞ୍ଜନ ରାୟ କୁହନ୍ତି, ଯୁବକଙ୍କୁ ସନ୍ଦିଗ୍ଧ ଭାବେ ଅଟକ ରଖି ପଚରାଉଚରା କରାଯାଉଛି। ମାଓବାଦୀ ସହଯୋଗୀ କି ନୁହେଁ ତାହା ଜାଣିବାକୁ ଉଦ୍ୟମ ଚାଲିଛି। ସମ୍ପୂର୍ଣ୍ଣ ତଥ୍ୟ ହସ୍ତଗତ ହେଲେ ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି।

# ଦୀପାବଳିକୁ କଳା ଦିବସ ଭାବେ ପାଳନ

ପୁରୀ ଅଫିସ, ୮।୧୧

ବିଭିନ୍ନ ପ୍ରସଙ୍ଗକୁ ନେଇ ଦୀପାବଳିକୁ କଳା ଦିବସ ଭାବେ ପାଳନ କରିଛି ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ। ବୁଧବାର ସ୍ଥାନୀୟ ଗାନ୍ଧୀଘାଟ ପରିସରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ମୁଣ୍ଡ ଓ ହାତରେ କଳା ପଟି ବାନ୍ଧି ନୀରବ ପ୍ରତିବାଦ କରିଥିଲେ।

ବାହିନୀର ଆବାହକ ସ୍ୱାଧୀନ ପଣ୍ଡା କହିଲେ ଯେ, ରାଜ୍ୟ ସରକାର ବିକାଶ ଆଳରେ ରାଜ୍ୟବାସୀଙ୍କୁ ପ୍ରତାରଣା କରୁଛନ୍ତି। ଧାର୍ମିକ ଓ ଆଧ୍ୟାତ୍ମିକ ସ୍ଥାନ ଭାବେ ପରିଚିତ ଶ୍ରୀକ୍ଷେତ୍ର ମାଟି ଆଜି ଅଶାନ୍ତ ହୋଇପଡିଛି। ଭକ୍ତ ଓ ପର୍ଯ୍ୟଟକ ଅସୁରକ୍ଷିତ। ପୁରୀରେ ଅବଢ଼ା, ହୃଦୟ, ପ୍ରସାଦ ଓ ଅମୃତ ଯୋଜନା କାର୍ଯ୍ୟକାରୀ ହେଉଛି। ସମସ୍ତ ଯୋଜନା ଅଧାପନ୍ତରିଆ ଭାବେ ପଡିରହିଛି। ଏକ ତୃତୀୟାଂଶ କାମ ବର୍ତ୍ତମାନ ସୁଦ୍ଧା ସମାପ୍ତ ହୋଇନାହିଁ। ନବକଳେବର ସମୟର ମହାଦୁର୍ନୀତି ପ୍ରଶ୍ନବାଚୀ ହୋଇ ରହିଛି। ସହରରେ ପରିମଳ ଓ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ବଡ଼ଦାଣ୍ଡରେ କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। ମୂଷାନଈର ପୁନରୁଦ୍ଧାର ଯୋଜନା ପଛରେ ପଡିଛି। ପାନୀୟଜଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି।

ଅନ୍ୟତମ ସଦସ୍ୟ ବିଶ୍ୱନାଥ ଦାଶ କହିଲେ, ସିଦ୍ଧ ମହାବୀର ରେଳ ଫାଟକରେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ପ୍ରତି ଗୁରୁତ୍ୱ ଦିଆଯାଉନି। ପୁରୀ-କୋଣାର୍କ ଜାତୀୟ ରାଜପଥ ଦେଇ ଦୈନିକ ଶହଶହ ଯାତ୍ରୀବାହୀ ବସ ଯାତାୟାତ କରୁଛି। ସ୍କୁଲ କଲେଜ ଛାତ୍ରୀଛାତ୍ର ସେହି ରାସ୍ତା ଦେଇ ଯାଉଛନ୍ତି। ଅନେକ ସମୟରେ ରେଳ ଫାଟକ ବନ୍ଦ ରହୁଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଆମ୍ବୁଲାନ୍ସ ମଧ୍ୟ ଦୀର୍ଘ ସମୟ ଧରି ଅଟକି ରହୁଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଶ୍ରୀକ୍ଷେତ୍ରର ବିକାଶ ପଛେଇ ଯାଇଛି। ଯୋଜନା ପରେ ଯୋଜନା ହେଉଛି। ବିକାଶ କେବଳ କାଗଜ କଲମରେ ସୀମିତ ବୋଲି ସେ କହିଥିଲେ। ଶ୍ରୀମନ୍ଦିର ପରିଚାଳନା ଏକ ପ୍ରୟୋଗଶାଳାରେ ପରିଣତ ହୋଇଛି। ଧାଡ଼ିଦର୍ଶନକୁ କେନ୍ଦ୍ର କରି ଗତ ଅକ୍ଟୋବର ୩ତାରିଖରେ ପୁରୀରେ ହିଂସାକାଣ୍ଡ ଘଟିଲା। ତଥାପି ଏହି ବିବାଦର ସମାଧାନ ହୋଇପାରୁନାହିଁ। ଶ୍ରୀମନ୍ଦିର ପରିଚାଳନାରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ବିଫଳ ହୋଇଛନ୍ତି। ସମନ୍ୱୟ ଅଭାବରୁ ଶ୍ରୀମନ୍ଦିରରେ ବାତାବରଣ ଅଶାନ୍ତ ରହୁଛି ବୋଲି ଦାଶ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୁରୀ ବାର୍ ଆସୋସିଏଶନ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ବିଷ୍ଣୁ ପ୍ରସାଦ ମିଶ୍ର, ସୁଜିତ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ସ୍ମୃତିରଞ୍ଜନ ପତି, ଦିଗମ୍ବର ବେହେରାଙ୍କ ସମେତ ଶତାଧିକ କର୍ମୀ ଯୋଗଦାନ କରିଥିଲେ।



ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ପକ୍ଷରୁ କଳା ଦୀପାବଳି ପାଳନ।

- ଶ୍ରୀକ୍ଷେତ୍ରର ବିକାଶ ସରକାରୀ କାଗଜ କଲମରେ ସୀମିତ
- ଶ୍ରୀମନ୍ଦିର ବିଶୃଙ୍ଖଳା ପଛରେ ସମନ୍ୱୟର ଅଭାବ ଦାୟୀ
- ୪ଯୋଜନାର ସରିନି ଏକ ତୃତୀୟାଂଶ କାର୍ଯ୍ୟ

## ଶ୍ରୀକ୍ଷେତ୍ରରେ ଜମିଲା ଦୀପାବଳି

# ସିଂହଦ୍ୱାର ସମ୍ମୁଖରେ ବଡ଼ବଡୁଆ ଡାକ

ପୁରୀ ଅଫିସ,୮।୧୧

ବୁଧବାର ପୁରପଲ୍ଲୀରେ ପାଳିତ ହୋଇଯାଇଛି ଆଲୋକର ପର୍ବ ଦୀପାବଳି। ପୁରୀରେ ମଧ୍ୟ ଖୁବ୍ ଧୁମ୍‌ଧାମରେ ଦୀପାବଳିକୁ ମନାଇଛନ୍ତି ସହରବାସୀ। ରାତି ୮ଟାରୁ ୧୦ଟା ୨ ଘଣ୍ଟା ବାଣ ଫୁଟାଇବା ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ କେହି ମାନି ନ ଥିଲେ। ସଞ୍ଜ ନଇଁବା ପୂର୍ବରୁ ଆତସବାଜିରେ କମ୍ପିଥିଲା ଶ୍ରୀକ୍ଷେତ୍ର। ଏପରି କି ରାତି ସାଢେ ୧୧ଟା ପର୍ଯ୍ୟନ୍ତ ବାଣ ଫୁଟିବାର ଶବ୍ଦ ଶୁଣିବାକୁ ମିଳିଥିଲା। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟା ଅବସରରେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରି ଶ୍ରୀମନ୍ଦିର ବାଇଶପାହାଚରେ ପୟାଶ୍ରାଦ୍ଧ କରିବା ପରେ ସିଂହଦ୍ୱାରରେ କାଉଁରିଆ କାଠି ଜାଳି ବଡ଼ବଡୁଆଙ୍କୁ ଡାକିଥିଲେ। ସକାଳୁ ସିଂହଦ୍ୱାରରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିବା ଆରମ୍ଭ ହୋଇଯାଇଥିଲା। କିନ୍ତୁ ସନ୍ଧ୍ୟାରେ ସିଂହଦ୍ୱାର ସମ୍ମୁଖରେ ପ୍ରବଳ ଗହଳି ହୋଇଥିଲା। ବଡ଼ବଡୁଆ ଡାକିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ ଶ୍ରଦ୍ଧାଳୁ। ଦୀପାବଳିକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ଅନୁଯାୟୀ ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ।

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: **ତା୦୭.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମ ତାରିଖ ଏବଂ ସମୟ : ତା୧୦.୧୨.୨୦୧୮ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୩.୩୦ଘଟିକା ମଧ୍ୟରେ**

**କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ବିଦ୍ୟାଧରପୁର ଏଡିବି / ଋଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ, ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / ଆକାଉଣ୍ଟ ନଂ.: ୩୦୦୧୭୨୯୯୩୩୮ | ଜାମିନ୍‌ଦାର: ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ: ୰ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାଫ୍ଲା, ଚାନ୍ଦନୀ ଚୌକ, କଟକ-୭୫୩୦୦୨ | ଶ୍ରୀ ଅରୁଣ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୧୭/୮୦, ପ୍ଲଟ୍ ନଂ.: ୩୫୭(ଅଂଶ), ଅନୁରୂପ ମ୍ୟୁଟେଟେଡ଼ ପ୍ଲଟ୍ ନଂ.: ୩୫୭/୧୪୪୯, କ୍ଷେତ୍ର: ଏକର ୦.୦୫୬ଡିସିମିଲି (ଏକର୦.୦୮୦ଡିସିମିଲିରୁ), କିସମ: ଘରବାରି | ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮ | ଟ.୮୦,୩୩,୦୦୦/- / ଟ.୮,୦୩,୩୦୦/- / ଟ.୧,୦୦,୦୦୦/- |
| ୨. | ନୂଆପାଟଣା ଶାଖା / ଋଣଗ୍ରହୀତା: ମେସର୍ସ ଧବଳେଶ୍ୱର ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସତୀଶ କୁମାର ସାହୁ, ପିତା: ଶ୍ରୀ ବିଜୟ କୃଷ୍ଣ ସାହୁ, ଗଡ଼ିଝରିଆ, ପୋ: ଭିରୁଡ଼ା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୪୬୦୩୭୧୪୨୮, ୩୨୪୫୮୪୦୯୨୩୨ | ଜାମିନ୍‌ଦାର: ଶ୍ରୀ ବିଜୟ କୃଷ୍ଣ ସାହୁ, ପିତା: ୰ ନିତ୍ୟାନନ୍ଦ ସାହୁ, ସା: ବଡ଼ହାଟ, ପୋ/ଜିଲ୍ଲା: କେନ୍ଦ୍ରାପଡ଼ା | କ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର ମୌଜା: ଭିରୁଡ଼ା, ତହସିଲ: ତିଗିରିଆ, ଜିଲ୍ଲା: କଟକ, ଖାତା ନଂ.: ୧୨୮୯/୭୭୮, ପ୍ଲଟ୍ ନଂ.: ୬୭୭୬, କ୍ଷେତ୍ର: ଏକର୦.୩୨ଡିସିମିଲି, ପ୍ଲଟ୍ ନଂ.: ୬୭୭୭/୯୮୩୧, କ୍ଷେତ୍ର: ଏକର୧.୨୦ଡିସିମିଲି, କିସମ: ଘରବାରି<br>ଖ) ଶ୍ରୀ ସତୀଶ କୁମାର ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ବରାଇଲୋ, ତହସିଲ: ଡେରାବିଶ, ଜିଲ୍ଲା: କେନ୍ଦ୍ରାପଡ଼ା, ଖାତା ନଂ.: ୧୦୧ (ନୂଆ ଖାତା ନଂ.: ୨୪୪/୯୧), ପ୍ଲଟ୍ ନଂ.: ୫୭୨, କ୍ଷେତ୍ର: ଏକର୦.୫୫୦ଡିସିମିଲି, ଖାତା ନଂ.: ୨୪ (ନୂଆ ଖାତା ନଂ.: ୨୪୪/୯୦), ପ୍ଲଟ୍ ନଂ.: ୫୭୩, କ୍ଷେତ୍ର: ଏକର୦.୬୪୦ଡିସିମିଲି, ଖାତା ନଂ.: ୩ (ନୂଆ ଖାତା ନଂ.: ୨୪୪/୮୨), ପ୍ଲଟ୍ ନଂ.: ୫୭୫, କ୍ଷେତ୍ର: ଏକର୦.୯୬୬ଡିସିମିଲି, କିସମ: ଘରବାରି | ଟ.୧,୧୮,୧୫,୦୬୦/- + ୨୫.୦୨.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୨୫.୦୨.୨୦୧୪ | କ) ଟ.୭୯,୧୦,୦୦୦/- ଟ.୭,୯୧,୦୦୦/- ଟ.୧,୦୦,୦୦୦/-<br>ଖ) ଟ.୨୬,୬୩,୦୦୦/- ଟ.୨,୬୬,୩୦୦/- ଟ.୫୦,୦୦୦/- |
| ୩. | ବାଣିଜ୍ୟିକ ଶାଖା, କଟକ / ଋଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ | (କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ ଡିସିମିଲି, କିସମ: ଘରବାରି, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର୩.୧୫୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୪.୨୭୦ଡିସିମିଲି, କିସମ: ଘରବାରି, (୨) ମୌଜା: ସମପୁର, ତହସିଲ: କିସାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲ, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି<br>(ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରି | ଟ.୨,୩୬,୦୫,୨୯୪/- + ୦୫.୦୫.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪ | (କ) ଟ.୨,୫୯,୨୫,୦୦୦/- ଟ.୨୫,୯୨,୫୦୦/- ଟ.୧,୦୦,୦୦୦/-<br>(ଖ) ଟ.୧୮,୦୨,୦୦୦/- ଟ.୧,୮୦,୨୦୦/- ଟ.୫୦,୦୦୦/- |
| ୪. | ମାଲଗୋଦାମ ଶାଖା / ଋଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଜେନେରାଲ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରେଖା ଅଗ୍ରୱାଲ, ସ୍ୱାମୀ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୦୨୪୫୪୦୭୯୧୨ | ଜାମିନ୍‌ଦାରମାନେ: ୧) ଶ୍ରୀ ମନୋରଞ୍ଜନ ନାୟକ, ପିତା: ୰ ପ୍ରାଣକୃଷ୍ଣ ନାୟକ, ଠିକଣା-୧: ସା/ପୋ: ପାଇକବାରବାଟି, ଥାନା: କାନପୁର, ଭାୟା: ନରସିଂହପୁର, ଜିଲ୍ଲା: କଟକ, ଠିକଣା-୨: ସା: ଷ୍ଟିୱାର୍ଟ ପାଟଣା, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ସେଲୁର ଛକ, ପୋ/ଥାନା: ବିଡାନାସୀ, କଟକ, ୨) ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ ନଂ.: ବି/୧୫୦୩, ସେକ୍ଟର-୬, ସିଡିଏ, ମର୍କତ ନଗର, କଟକ-୭୫୩୦୧୪ | ଶ୍ରୀ ମନୋରଞ୍ଜନ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଇକପଡ଼ା ପାଟଣା, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଖାତା ନଂ.: ୫୭୪/୧୫, ଅନୁରୂପ ପରିବର୍ତ୍ତିତ ଖାତା ନଂ.: ୫୭୪/୪୬୨, ପ୍ଲଟ୍ ନଂ.: ୧୪୦୭/୨୮୮୬, କ୍ଷେତ୍ର: ଏକର୦.୧୯୫ଡିସିମିଲି, କିସମ: ଘରବାରି | ଟ.୨୭,୯୮,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୪.୦୧.୨୦୧୭ | ଟ.୩୪,୪୩,୦୦୦/- / ଟ.୩,୪୪,୩୦୦/- / ଟ.୫୦,୦୦୦/- |
| ୫. | ଇଫ୍‌କୋ ଛକ ଶାଖା, ପାରାଦୀପ (ବର୍ତ୍ତମାନ- ପାରାଦୀପ ବଜାର ଶାଖା)/ ଋଣଗ୍ରହୀତାମାନେ: ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲ, ପିତା: ଶ୍ରୀ ଇନ୍ଦ୍ରମଣି ସାମଲ, ସା: ଫତେପୁର, ପୋ: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର / ଆକାଉଣ୍ଟ ନଂ.: ୬୨୨୧୫୧୫୨୦୫୨ | | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରି | ଟ.୨୧,୨୨,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୩.୦୨.୨୦୧୮ | ଟ.୩୫,୫୨,୦୦୦/- / ଟ.୩,୫୫,୨୦୦/- / ଟ.୫୦,୦୦୦/- |
| **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୁଧୀର କୁମାର ଲାକ୍ରା, ଇ-ମେଲ: sudhir.lakra@sbi.co.in, ମୋ: ୮୫୯୯୦୦୨୭୦୨** | | | | | |
| ୬. | ପିବିବି ମଙ୍ଗଳାବାଗ ଶାଖା / ଋଣଗ୍ରହୀତାମାନେ: ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ା, ଉଭୟଙ୍କ ପିତା: ୰ ବିଦ୍ୟାଧର ପରିଡ଼ା, ସା: ଶଙ୍କରପୁର (ଡିହସାହି), ପୋ: ଅରୁଣୋଦୟ ମାର୍କେଟ, ଥାନା: ମଧୁପାଟଣା, କଟକ / ଆକାଉଣ୍ଟ ନଂ.: ୩୦୦୦୩୧୧୪୦୮୧ | ଜାମିନ୍‌ଦାର: ଶ୍ରୀ ଅମରେନ୍ଦ୍ର ସାମଲ, ପିତା: ଶ୍ରୀ ଚିତ୍ତରଞ୍ଜନ ସାମଲ, ସା: ସୂତାହାଟ, ପୋ: ବକ୍ସିବଜାର, ଜିଲ୍ଲା: କଟକ | ଶ୍ରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ଶ୍ରୀ ବାବଜୀ ଚରଣ ପରିଡ଼ାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ.- ୩୩ (ବିଶିନବର), ତହସିଲ/ଏସ୍‌ଆରଓ: କଟକ ସଦର, ଥାନା: ମଧୁପାଟଣା (ନଂ.-୩), ଜିଲ୍ଲା: କଟକ, ଖାତା ନଂ.: ୧୨୦୫/୭୫, ପ୍ଲଟ୍ ନଂ.: ୧୨୬୯/୩୨୦୭, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି | ଟ.୨୧,୫୮,୯୬୫/- + ୦୧.୦୬.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୭.୦୬.୨୦୧୪ | ଟ.୩୫,୦୦,୦୦୦/- / ଟ.୩,୫୦,୦୦୦/- / ଟ.୫୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୦୩.୧୨.୨୦୧୮ ଏବଂ ୦୪.୧୨.୨୦୧୮ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ **ତା୧୦.୧୨.୨୦୧୮ରିଖରେ** ଅସିମୀତ ପ୍ରତ୍ୟେକ ବର୍ଦ୍ଧିତ ୫ ମିନିଟ ସମୟ ସହିତ **ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା** ମଧ୍ୟରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 33401288726, Name of the A/C.: AGM, SARB, NO LIEN Account, Name of the Beneficiary: State Bank of India A/c., IFSC Code No.: SBIN0009029** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ତାଲିକାଭୁକ୍ତ ବ୍ୟାଙ୍କରୁ **"Asst. General Manager, State Bank of India, SARB, Cuttack"**ଙ୍କ ସପକ୍ଷରେ କଟକ ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକଙ୍କ** ଠାରେ **ତା.୦୭.୧୨.୨୦୧୮ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, କଟକଙ୍କ** ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର. ନଂ.: ୧ ରୁ ୫ ନିମନ୍ତେ: Mob.: 8599002703** ଏବଂ **ସମ୍ପତ୍ତି କ୍ର. ନଂ.: ୬ ନିମନ୍ତେ: Mob.: 8599002702** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ବାତିଲ/ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୫) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୬) ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ ୨୦୦୨ର ୮(୬) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ତାରିଖ : ୦୮.୧୧.୨୦୧୮, ସ୍ଥାନ : କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପବିତ୍ରତା ହିଁ ସମସ୍ତ ସୁଖ ଶାନ୍ତିର ଜନକ।
- ପ୍ରଜାପିତା ବ୍ରହ୍ମାକୁମାରୀ

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ୬୧ ଲକ୍ଷ ଲୁଟ୍ ଅଭିଯୋଗ

**ବେଗୁନିଆ,୮।୧୧(ଡି.ଏନ୍.ଏ.):** ବେଗୁନିଆ ଥାନା ଅଞ୍ଚଳରେ ଗୁରୁବାର ଦିନ ଦ୍ୱିପ୍ରହରରେ ଲୁଟ୍ ହୋଇଛି। ଲୁଟେରାମାନେ ୬୧ ଲକ୍ଷ ଟଙ୍କା ଲୁଟ୍ କରି ଚମ୍ପଟ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଅଭିଯୋଗକାରୀ ଶ୍ରୀକାନ୍ତ କୁମାର ସାହୁଙ୍କୁ ପଚରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଏଲ୍ ଆଣ୍ଡ ଟି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା କଟକ ଜିଲା ବୈଦେଶ୍ୱର ଗ୍ରାମର ଶ୍ରୀକାନ୍ତ ଏବଂ ତାଙ୍କ ସହକର୍ମୀ ଲକ୍ଷ୍ମୀନାରାୟଣ ଖଟୁଆ ଖଣ୍ଡପଡ଼ା ଓ କଳାପଥର ଅଞ୍ଚଳରୁ ୬୧ ଲକ୍ଷ ୪୭ ହଜାର ୨୪୭ ଟଙ୍କା ସଂଗ୍ରହ କରି ତାହାକୁ ଜମା କରିବା ପାଇଁ ଏକ କାର (ଓଡି ୦୨ ଏଏନ ୧୬୮୧)ରେ ଖୋର୍ଦ୍ଧାସ୍ଥିତ ଏକ ବ୍ୟାଙ୍କକୁ ଯାଉଥିଲେ। ବାଘମାରୀ-କଳାପଥର ରାସ୍ତାର ବୋଲଗଡ଼ ବ୍ଲକ ଗୋଡିଆପଲ୍ଲୀ ଗ୍ରାମ ନିକଟରେ ଅପରାହ୍ଣ ପ୍ରାୟ ୧ଟା ୩୦ରେ ୩ଟି ବାଇକ୍‌ରେ ମୁଖାପିନ୍ଧିଥିବା କେତେଜଣ ଦୁର୍ବୃତ୍ତ ଆସି ତାଙ୍କ କାର୍‌କୁ ଅଟକାଇଥିଲେ। ପରେ ବନ୍ଧୁକ ଦେଖାଇ ଶ୍ରୀକାନ୍ତଙ୍କଠାରୁ ସବୁ ଟଙ୍କା ଛଡ଼ାଇନେଇ ଖୋର୍ଦ୍ଧା ଅଭିମୁଖେ ପଳାଇଥିଲେ। ଖବରପାଇ ଧଳାପଥର ଫାଣ୍ଡି ଓ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରିଛି। ଏ ନେଇ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ କୁହନ୍ତି, ଅଭିଯୋଗକୁ ଭିତ୍ତିକରି ମାମଲା ନଂ.୧୮୩/୧୮ ରୁଜୁ କରାଯାଇ ତଦନ୍ତ ଚାଲିଛି।

■ ଉଦ୍ୟାନ ବିଭାଗର ଖାମଖିଆଲ ନୀତି

# ମୁଖ୍ୟ ଫାଟକରେ ତାଲା ପକାଇଲେ ଚାଷୀ

**ନୟାଗଡ଼ ଅଫିସ,୮।୧୧**

ନୟାଗଡ଼ ଜିଲା ଉଦ୍ୟାନ ବିଭାଗର ଖାମଖିଆଲ ନୀତି ଯୋଗୁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇଁ ବାରମ୍ବାର ଦୌଡ଼ିବା ସତ୍ତ୍ୱେ ସେମାନଙ୍କୁ ମିଳୁନାହିଁ। ଫଳରେ ଅନନ୍ୟୋପାୟ ହୋଇ ଚାଷୀମାନେ ଗୁରୁବାର ନୟାଗଡ଼ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଫାଟକରେ ତାଲା ପକାଇଛନ୍ତି।

ଚାଷୀଙ୍କ ଅଭିଯୋଗ ଅନୁସାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ସେମାନେ ୨୦୧୬ ମସିହାରେ କାଜୁ, ପାମ୍ ଅଏଲ ଗଛ ଲଗାଇଥିଲେ। ହେକ୍ଟର ପିଛା ୩ ବର୍ଷ ପାଇଁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ହେଲେ ଉଦ୍ୟାନ ବିଭାଗ ଏହାକୁ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନାରେ ନ କରି ଏମ୍‌ଆଇଟି ଯୋଜନାରେ କରିଥିବା ଅଧିକାରୀମାନେ ଚାଷୀଙ୍କୁ ଜଣାଇଥିଲେ। ଏହାଦ୍ୱାରା ସେମାନଙ୍କୁ ୩ ବର୍ଷରେ ମାତ୍ର ୨୦ ହଜାର ଟଙ୍କା ମିଳିବ। ଏହା ଜାଣିବା ପରେ ଚାଷୀମାନେ ଏ ନେଇ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ସେମାନେ କିଛି କରିପାରିବେ ନାହିଁ, ସରକାରଙ୍କ ତରଫରୁ ଯାହା ନୀତିନିୟମ ଅଛି ବୋଲି ସଫେଇ ଦେଇଥିଲେ। ଚାଷୀମାନେ ଜୁନ୍‌ରେ ଗଛ ଲଗାଇ ବଢ଼ାଇ ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ (ଡିଡିଏଚ୍) ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ (ଡିଆର୍‌ଡିଏ)କୁ ପ୍ରକଳ୍ପ ମଞ୍ଜୁର କରିବା ପାଇଁ ଆବଶ୍ୟକ କାଗଜପତ୍ର ପଠାଉନାହାନ୍ତି। ଏହାଦ୍ୱାରା ସେମାନଙ୍କ ଜମି ଜିଓ ଟାଗିଂ ହୋଇପାରି ନାହିଁ। ଫଳରେ ଏ ପର୍ଯ୍ୟନ୍ତ କୌଣସି ଟଙ୍କା ମିଳିନାହିଁ। ସେହିଭଳି ସେମାନେ ହାତରୁ ଟଙ୍କା ଖର୍ଚ୍ଚକରି ଚାଷ କରିଥିବା ବେଳେ ସେମାନଙ୍କ ଟଙ୍କା ମିଳିବ କି ନାହିଁ ସେ ନେଇ ଚିନ୍ତିତ ଥିବା କେତେଜଣ ଚାଷୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏତେ କମ୍ ଟଙ୍କା ମିଳିବା ନେଇ ଜାଣିବା ପରେ ବହୁ ଚାଷୀ ଏ ନେଇ ବାରମ୍ବାର ବିଭାଗକୁ ଜଣାଇଥିଲେ। ହେଲେ ଏହାର ସମାଧାନ ହୋଇପାରି ନ ଥିଲା। ତେଣୁ ଚଳିତ ବର୍ଷ ଅକ୍ଟୋବର ୩ ତାରିଖରେ ଚାଷୀମାନେ ଏହାର ସମାଧାନ ପାଇଁ ଡିଡିଏଚ୍ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଦୁଇ ସପ୍ତାହ ଭିତରେ ଏହାର ସମାଧାନ ହେବ ବୋଲି ଡିଡିଏଚ୍ କହିଥିଲେ। ତେବେ ଏହାର ସମାଧାନ ନ ହେବାରୁ ଚାଷୀମାନେ ବାଧହୋଇ ଗୁରୁବାର କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଅନ୍ୟପକ୍ଷେ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଚାଷୀମାନେ ତାଲା ପକାଇଥିବା ବେଳେ ଭିତରେ ଏକ ବୈଠକ ଚାଲିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଫାଟକରେ ୨ ଘଣ୍ଟା ତାଲା ପଡ଼ିବା ଯୋଗୁ ପ୍ରାୟ ୩୦ ଜଣ କର୍ମଚାରୀ ଗୃହରେ ଅଟକି ରହିଥିଲେ। ଏ ନେଇ ଡିଡିଏଚ୍ ଭାଗୀରଥି ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ଚାଷୀମାନେ ସେମାନଙ୍କ ଜମିର ସ୍କେଚ୍ ମ୍ୟାପ ଦାଖଲକରି ନ ଥିବାରୁ ଅନୁଦାନ ଦେବାରେ ବିଳମ୍ବ ହେଉଛି। ଉଦ୍ୟାନ ବିଭାଗର ଏହିଭଳି ଖାମଖିଆଲ ନୀତିକୁ ଚାଷୀମାନେ ଘୋର ବିରୋଧ କରିଛନ୍ତି। ଆଗାମୀ ଦିନରେ ଯଦି ଚାଷୀଙ୍କର ସମସ୍ୟା ସମାଧାନ ନ ହୁଏ, ତା'ହେଲେ ଆଇନକୁ ହାତକୁ ନେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**୨ ସପ୍ତାହ ଭିତରେ ସମାଧାନ ହେବା କୁହାଯାଇଥିଲା**



ଚାଷୀମାନେ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି ।

ଭତ୍ତା ବଣ୍ଟନ ବେଳେ ଟଙ୍କା ଆଦାୟ ଘଟଣା

# ମିଥ୍ୟା ଅଭିଯୋଗ ଆଣିଲେ ହିତାଧିକାରୀ

**ନୂଆଗାଁ,୮।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତରେ ଭତ୍ତା ବଣ୍ଟନ ବେଳେ ପଞ୍ଚାୟତ ପିଅନ ଟଙ୍କା ଆଦାୟ କରିଥିବା ନେଇ କିଛି ହିତାଧିକାରୀ ନୂଆଗାଁ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଡିଓ ଏହାର ସତ୍ୟାସତ୍ୟ ତଦନ୍ତ ଚଳାଇଥିଲେ। ଏପରି ସମୟରେ ଅଭିଯୋଗକାରୀଙ୍କ ମଧ୍ୟରୁ କିଛି ହିତାଧିକାରୀ ଓ ଗ୍ରାମବାସୀ ପୂର୍ବ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଦୁର୍ଦ୍ଧୁରା ପଞ୍ଚାୟତ ସମିତିସଭ୍ୟା ସ୍ୱାମୀଙ୍କ ପ୍ରରୋଚନାରେ ସେମାନେ ଅଭିଯୋଗ କରିଥିବା ନେଇ ଗୁରୁବାର ନୂଆଗାଁ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଦୁର୍ଦ୍ଧୁରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗତ ୩ତାରିଖରେ ଭତ୍ତା ବଣ୍ଟନ କରାଯାଉଥିଲା। ଏହି ସମୟରେ ବାହାରେ ସରପଞ୍ଚଙ୍କ ସ୍ୱାମୀ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟ କରିଥିବା ନେଇ ପଞ୍ଚାୟତ ସମିତିସଭ୍ୟାଙ୍କ ସ୍ୱାମୀ କିଛି ହିତାଧିକାରୀଙ୍କୁ ଭତ୍ତା କାଟିଦେବା କହି ଭୟଭୀତ କରି ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଭତ୍ତା ପାଇଥିବା ହିତାଧିକାରୀଙ୍କଠାରୁ ଜାଲ ଦସ୍ତଖତ କରି ସେ ସରପଞ୍ଚ ଓ ପଞ୍ଚାୟତ ପିଅନଙ୍କ ବିରୋଧରେ ବିଡିଓଙ୍କ ପାଖରେ ଅଭିଯୋଗ କରିଥିଲେ। ଗୁରୁବାର ଏହାର ପାଲଟା ଅଭିଯୋଗ ଆଣିଛନ୍ତି ଦୁର୍ଦ୍ଧୁରା ସରପଞ୍ଚ ପ୍ରତିମା ସ୍ୱାଇଁ । ପଞ୍ଚାୟତର ଶତାଧିକ ଲୋକ ବ୍ଲକରେ ପହଞ୍ଚି ଭତ୍ତାରୁ ଅର୍ଥ ଆଦାୟ କରୁଥିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ ଏହା ସମିତିସଭ୍ୟ ସ୍ୱାମୀଙ୍କ ଏକ ଚାଲ ବୋଲି କହିଥିଲେ । ହିତାଧିକାରୀ ଗୌରାଙ୍ଗ ବିଶ୍ୱାଳ କହିଛନ୍ତି, ସମିତିସଭ୍ୟଙ୍କ ସ୍ୱାମୀ ପହଞ୍ଚି ମୋ ଠାରୁ ଜାଲ ଦସ୍ତଖତ ଆଣିଥିଲେ । ଅନ୍ୟ ହିତାଧିକାରୀଙ୍କଠାରୁ ଦସ୍ତଖତ ନ କଲେ ଭତ୍ତା ଖାତାରେ ନାଲି ଗାର ପଡିଯିବ ଓ ତୁମକୁ ଆଉ ଭତ୍ତା ମିଳିବନି କହି ଭୟ ଦେଖାଇଥିଲେ। ଆମେ ଭୟଭୀତ ହୋଇ ଦସ୍ତଖତ ଦେଇଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲ କହିଛନ୍ତି, ଉଭୟଙ୍କ ଅଭିଯୋଗ ଆମେ ପାଇଛୁ। ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ପରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।


ବିଡିଓଙ୍କୁ ଅଭିଯୋଗ କରୁଛନ୍ତି ହିତାଧିକାରୀ।

# ଆଲୋକର ପର୍ବ ଦୀପାବଳି ପାଳିତ

**ଗଣିଆ,୮।୧୧(ଡି.ଏନ୍.ଏ.)**

ବୁଧବାର ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। ମହାଳୟା ଅମାବାସ୍ୟାରେ ପିଣ୍ଡଶ୍ରାଦ୍ଧ ଦେଇ ନ ଥିବା ବ୍ୟକ୍ତିମାନେ ସକାଳୁ ପିତୃପୁରୁଷଙ୍କୁ ପୟାଶ୍ରାଦ୍ଧ ଦେଇଥିଲେ । ପରେ ସନ୍ଧ୍ୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବନ୍ଧୁବାନ୍ଧବଙ୍କୁ ଡାକି ପୂର୍ବରୁ କାଉଁରିଆ କାଠି, ବାସଙ୍ଗ ଫୁଲ ଓ ବାଲୁଙ୍ଗାଧାନରେ ପ୍ରସ୍ତୁତ କରାଯାଇଥିବା କାଉଁରିଆ କାଠିବିଡ଼ା ଜଳାଇ ବଡବଡୁଆ ଡାକଦେଇ ପିତୃପୁରୁଷଙ୍କୁ ବିଦାୟ ଦେଇଥିଲେ। ସନ୍ଧ୍ୟାରୁ ଦୀପାବଳି ଉପଲକ୍ଷେ ରଙ୍ଗବେରଙ୍ଗର ଦୀପ ଓ ଆଲୋକମାଳାରେ ପୁରପଲ୍ଲୀ ଆଲୋକିତ ହୋଇଉଠିଥିଲା। ଛୋଟ ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିବିଳମ୍ବିତ ରାତ୍ରିପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଆତସବାଜିର ମଜା ଉଠାଇଥିଲେ।

**ଖଣ୍ଡପଡା,(ସ୍ୱ.ପ୍ର.):** ପବିତ୍ର ଦୀପାବଳି ଅବସରରେ ଖଣ୍ଡପଡା ସହର ସମେତ ଆଖପାଖ ଅଞ୍ଚଳର ପୂଜାମଣ୍ଡପରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଖଣ୍ଡପଡା ରଥଗଡା ଛକରେ ବଣିକ ସଂଘ ପକ୍ଷରୁ ମା' କାଳୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି। ଅନୁରୂପ ଭାବେ ପାଢୀସାହି ପୂଜା ମଣ୍ଡପ, ଚାଉପଲ୍ଲୀ ଗ୍ରାମରେ ମା'ଙ୍କ ପୂଜା ଧୁମଧାମରେ ଆରମ୍ଭ ହୋଇଛି। ବିଭିନ୍ନ ଶକ୍ତିପୀଠରେ ମଧ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କୁ ପୂଜା କରାଯାଉଛି। ଏହି ଅବସରରେ ବିଭିନ୍ନ ଦେବୀ ପୀଠରେ ହୋମଯଜ୍ଞ, ଚଣ୍ଡୀପାଠ ଓ ଗୁପ୍ତ ପୂଜାନୀତି ମଧ୍ୟ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଆରାଧନା ନିମନ୍ତେ ଖଣ୍ଡପଡା ସହରରେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପାର୍ଶ୍ୱଦେବତା ରୂପେ ବିରାଜିତ ମା' ବେଢାକାଳୀଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ରଣପୁର,(ସ୍ୱ.ପ୍ର.):** ରଣପୁର ଏନ୍‌ଏସି ଓ ବ୍ଲକର ପୁରପଲ୍ଲୀରେ ବୁଧବାର କାଳୀପୂଜା ଓ ଦୀପାବଳି ଧୁମଧାମରେ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଘର ଅଗଣାରେ ପୂଜାର୍ଚ୍ଚନା ସହ କାଉଁରିଆ ଜଳାଇ ପରିବାରର ସମସ୍ତେ ମିଶି ପିତୃପୁରୁଷଙ୍କୁ ଡାକିଥିଲେ। ଦୀର୍ଘ ୪୯ବର୍ଷ ହେବ ଗୋପାଳପୁର ବଣିକ ସଂଘ ଅନୁକୂଲ୍ୟରେ ମା'ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ଜୀବନ୍ୟାସ ପାଇବା ପରେ ପୂଜାର୍ଚ୍ଚନା କରାଯାଇଛି। ପୂଜାମଣ୍ଡପ ନିକଟରେ ପାଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି।

**ବୋଲଗଡ଼,(ଡି.ଏନ.ଏ.):** କାଳୀପୂଜା ଓ ଦୀପାବଳି ଅବସରରେ ବୋଲଗଡ଼ ବ୍ଲକ୍ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ବୋଲଗଡ଼ ଗଣେଶ ବଜାର, ରାଜସୁନାଖଳା ତ୍ରିନାଥ ବଜାର, ପିଚୁକୁଳି ବଜାର ଏବଂ ହଳଦୀପଦା ଚଣ୍ଡୀ ମନ୍ଦିର ଛକ ସମେତ ବିଭିନ୍ନ ସ୍ଥାନରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଛି। ପୂଜାମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଭାବେ ସଜ୍ଜିତ କରିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ବୋଲଗଡ଼ଠାରେ ୨୬ ବର୍ଷ ଧରି ସାର୍ବଜନୀନ କାଳୀପୂଜା ଅନୁଷ୍ଠିତ ହେଉଛି।

**ଭାପୁର,(ଡି.ଏନ୍.ଏ.):** ଭାପୁର ବଜାରସ୍ଥିତ ଜୟବଜରଙ୍ଗୀ ଅଟୋ ଆସୋସିଏଶନ ଆନୁକୂଲ୍ୟରେ କାଳୀପୂଜା ଆୟୋଜିତ ହୋଇଛି। ବଜାର ଉପକଣ୍ଠସ୍ଥିତ ଜଗନ୍ନାଥମନ୍ଦିର ସମ୍ମୁଖ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ। ସେହିପରି ରଗଡ଼ିପଡ଼ା, ମାଳିବେରେଣୀ, ବାହାଡ଼ାରେ କାଳୀ ପୂଜା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଛି। ଭାପୁର ବଜାରରେ ୨ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି।


ଭାପୁର


ଗଣିଆ


ଖଣ୍ଡପଡ଼ା


ରଣପୁର


ବୋଲଗଡ଼

# ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୮।୧୧**

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଯୁବ ଉତ୍ସବ ୨୦୧୮ ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଉତ୍ସବ ଜିଲାର ୧୩ରୁ ୩୫ ବର୍ଷର ଯୁବତୀଯୁବକଙ୍କ ପାଇଁ ଏକ ପ୍ଲାଟ୍‌ଫର୍ମ ବୋଲି କହିଥିଲେ। ନିଜର ପ୍ରତିଭା ଦେଖାଇ ଜଣେ ପ୍ରତିଯୋଗୀ ରାଜ୍ୟସ୍ତରକୁ ଉନ୍ନୀତ ହୋଇପାରିବ ବୋଲି ଜିଲାପାଳ ନାୟକ ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ , ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ୬ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ସେଗୁଡ଼ିକ ହେଲା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ, ହାରମୋନିୟମ, ଫୋଲ୍‌କ ସଙ୍ଗ, ତବଲା, ଓଡ଼ିଶୀ ଓ ଇଲୋକୋସେନ୍ ପ୍ରତିଯୋଗିତା । ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ଓଡ଼ଗାଁର ମେଘନା ନାୟକ ପ୍ରଥମ ହୋଇଥିବାବେଳେ ଦଶପଲ୍ଲାର କ୍ଷେତ୍ରମୋହନ ପ୍ରଧାନ ଦ୍ୱିତୀୟ, ନୟାଗଡ଼ର ବିଷ୍ଣୁପ୍ରିୟା ବେହେରା ତୃତୀୟ ହୋଇଛନ୍ତି। ହାରମୋନିୟମରେ ଦଶପଲ୍ଲାର କ୍ଷେତ୍ରମୋହନ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସାଂସ୍କୃତିକ (ଫୋଲକ୍) ସଙ୍ଗୀତରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପ୍ରଥମ, ଓଡ଼ଗାଁ ବୈଦେହୀ ସଙ୍ଗୀତାୟନ ଦ୍ୱିତୀୟ , ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ତୃତୀୟ ହୋଇଛନ୍ତି। ତବଲାରେ ଓଡ଼ଗାଁର ଧରମା ପାତ୍ର ପ୍ରଥମ, ନୟାଗଡ଼ର ଚିରଞ୍ଜୀବୀ ଦାଶ ଦ୍ୱିତୀୟ, ନୟାଗଡ଼ର ଫାରାହ୍ ଖାନ୍ ତୃତୀୟ। ଓଡ଼ିଶୀରେ ରଣପୁରର ମୀରାବାଳା ସାମନ୍ତରାୟ ପ୍ରଥମ, ନୟାଗଡ଼ର ଶିବାନୀ ପରମଗୁରୁ ଦ୍ୱିତୀୟ ଓ ଓଡ଼ଗାଁର ଐଶ୍ୱର୍ଯ୍ୟା ଷଡ଼ଙ୍ଗୀ ତୃତୀୟ ଏବଂ ଇଲୋକୋସେନ୍‌ରେ ନୟାଗଡ଼ର ଶର୍ମିଷ୍ଠା ବେହେରା ପ୍ରଥମ, ନୟାଗଡ଼ର ଇମିତିହାନ୍ ପରୱିନ୍ ଦ୍ୱିତୀୟ ଓ ଭାପୁରର ମୋନାଲି ସାହୁ ତୃତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ଶନିବାର ଉଦ୍‌ଯାପନ ଉତ୍ସବରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ଜିଲାର ୭୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# କଂଗ୍ରେସର ସଂକଳ୍ପ ସମାବେଶ

**ରଣପୁର, ୮।୧୧ (ସ୍ୱ.ପ୍ର.)**

ନୟାଗଡ଼ ଜିଲାର ରଣପୁର ନିର୍ବାଚନମଣ୍ଡଳୀଟି ବହୁବର୍ଷ ଧରି କଂଗ୍ରେସ ହାତରେ ରହିଥିଲା। କିନ୍ତୁ ଏବେ ଦୀର୍ଘ ୧୫ବର୍ଷ ଧରି ଏହି ଆସନଟି କଂଗ୍ରେସ ହାତରୁ ଖସିଯାଇ ଭାଜପା ଓ ବିଜେଡି ହାତରେ ରହିଆସିଛି। ଦଳର ସଙ୍ଗଠନ ଦୁର୍ବଳ ଥିବାରୁ ଏଠାରେ ୧୨ବର୍ଷ ହେବ କଂଗ୍ରେସ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ଶୋଭାଯାତ୍ରା କିମ୍ବା ସଭା କରାଯାଇପାରି ନାହିଁ। ଏଥିନେଇ ଦଳୀୟ ନେତା ଓ କର୍ମୀମାନେ ନିରାଶ ହୋଇ ରହିଥିଲେ। ହେଲେ ଗୁରୁବାର ଅନୁଷ୍ଠିତ ସମାବେଶ ସେମାନଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିବା ଦେଖିବାକୁ ମିଳିଥିଲା।

ସମାବେଶ ପୂର୍ବରୁ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଓ କର୍ମୀମାନେ ରଣପୁର ପଞ୍ଚୁଦୋଳ ପଡିଆଠାରେ ଏକତ୍ରିତ ହୋଇଥିଲେ। ଚାନ୍ଦପୁର ଜୋନରୁ ୪ଶହରୁ ଊର୍ଦ୍ଧ୍ୱ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ସେଠାରେ ଥିବା ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ନେତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ୩ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ମା' ମଣିନାଗଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ଜିଲା କାର୍ଯ୍ୟକାରୀ ସଭାପତି ହୁସେନ୍ ଖାଁଙ୍କ ସଭାପତିତ୍ୱରେ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଯୋଗଦେଇ କର୍ମୀ ଓ ନେତାଙ୍କ ମନୋବଳ ଦୃଢ଼ କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘ ୧୮ବର୍ଷ ଧରି ଏକ ପଙ୍ଗୁ ସରକାର ଓଡିଶାକୁ ସବୁକ୍ଷେତ୍ରରେ ଅବହେଳିତ କରିଥିବା ସେ ପ୍ରକାଶ କରିବା ସହ କେନ୍ଦ୍ରର ମୋଦି ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ବ୍ଲକରେ ବିଭିନ୍ନ କାର୍ଯ୍ୟରେ ପିସି କାରବାର ସହିତ ସାଧାରଣ ଲୋକମାନଙ୍କୁ ଜନହିତକର କାର୍ଯ୍ୟକ୍ରମରେ ହଇରାଣ କରାଯାଉଥିବା ପ୍ରକାଶ କରିଥିଲେ। ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସତ୍ୟବ୍ରତ ନାୟକ, ଜିଲା କଂଗ୍ରେସ କମିଟି ସଭାପତି ରଣଜିତ୍ ଦାସ, ଜିଲା କାର୍ଯ୍ୟକାରୀ ସଭାପତି ମନୋଜ ସାହୁ, କମଳ ଚରଣ ସାହୁ, ବରିଷ୍ଠ ନେତା ସନ୍ତୋଷ ଲେଙ୍କା, ବିପିନ ବିହାରୀ ନାୟକ, ଯୁବ କଂଗ୍ରେସ ସଭାପତି ଦିଲୀପ କୁମାର ଜେନା, ଛାତ୍ର ନେତା ପ୍ରକାଶ ନାୟକ, ମିର୍ ଆବୁବକର ସିଦ୍ଦିକ୍, ରଣପୁର ଏନ୍‌ଏସି କାଉନସିଲର ସତ୍ୟରଞ୍ଜନ ମଓ୍ୱା, ପ୍ରଭାତ ଦଳେଇ, ମହିଳା ନେତ୍ରୀ ଶୁଭଶ୍ରୀ ପଣ୍ଡା, ପ୍ରତିମା ଜେନା, ରଣପୁର ଜୋନ୍ ସଭାପତି ଆଚାର୍ଯ୍ୟ ବିଶ୍ୱରଞ୍ଜନ ପ୍ରମୁଖ ଯୋଗଦେଇ ବିଜେଡି ଓ ଭାଜପା ସରକାରଙ୍କ ବିଭିନ୍ନ ଦୁର୍ନୀତି ବିଷୟରେ ଘରକୁ ଘର ବୁଲି ଜଣାଇବେ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଦଳର ବରିଷ୍ଠ କର୍ମୀ ଓ ନେତାମାନଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଦୀର୍ଘ ୧୨ବର୍ଷ ପରେ ଦଳର ଏଭଳି ଶୋଭାଯାତ୍ରା ଓ ସଭା ଦେଖି କର୍ମୀମାନେ ବେଶ୍ ଉତ୍ସାହିତ ହୋଇପଡିଥିଲେ। ଆଗାମୀ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀକୁ କିଭଳି ଦଳ ଅକ୍ତିଆର କରିବ ସେ ନେଇ ରଣନୀତି କରିବାକୁ ବରିଷ୍ଠ ନେତାମାନେ କର୍ମୀମାନଙ୍କୁ କହିଥିଲେ।



ସମାବେଶରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

**ରଣପୁର ନିର୍ବାଚନମଣ୍ଡଳୀ**

■ ୧୨ବର୍ଷ ପରେ ଶୋଭାଯାତ୍ରା ଓ ସଭା

■ କର୍ମୀମାନଙ୍କ ମନରେ ଉତ୍ସାହ